

ନୂଆଦିଲ୍ଲୀରୁ ଲଢିବେ କେଜ୍ରିୱାଲ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




'ଅପୂର୍ବା'ର ରିଲିଜ୍ ସମୟର କଥାକୁ ମନ ପକାଇଲେ ତାରା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୫୭ Vol. 21 No-257 16 DECEMBER 2024 MONDAY BHUBANESWAR ସୋମବାର, ୧୬ ଡିସେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ପ୍ରସିଦ୍ଧ ତବଲା ବାଦକ ଜାକିର ହୁସେନଙ୍କ ପରଲୋକ



ନୂଆଦିଲ୍ଲୀ,୧୫।୧୨: ପ୍ରସିଦ୍ଧ ତବଲା ବାଦକ ଜାକିର ହୁସେନଙ୍କ ରବିବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ସେ ହୃଦ୍ ଓ ରକ୍ତଚାପଜନିତ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଆମେରିକାର ସାନ୍‌ଫ୍ରାନସିସ୍‌କୋର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୧୯୫୧ ମସିହା ମାର୍ଚ୍ଚ ୯ ତାରିଖରେ ମୁମ୍ବାଇରେ ଜନ୍ମଗ୍ରହଣ କରିଥିବା ଜାକିରଙ୍କୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ତବଲା ବାଦକ ଭାବେ ବିବେଚନା କରାଯାଏ। ନିଜର ଅସାଧାରଣ ପ୍ରତିଭା ପାଇଁ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ, ପଦ୍ମଭୂଷଣ ଏବଂ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରିଥିଲେ।


### ଆଜି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନ ଶୁଣାଣି

ଭୁବନେଶ୍ୱର,୧୫।୧୨(ଭାସ୍କର ନ୍ୟୁଜ): ସୋମବାର ୟୁନିଟ୍-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଗତ ଅକ୍ଟୋବର ୨୮ ତାରିଖ ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ ନିମନ୍ତେ ପଞ୍ଜୀକରଣ କରିଥିବା ଆବେଦନକାରୀମାନେ ଆସନ୍ତା କାଲି ଏହି ଜଣାଶୁଣାଣିରେ ଉପସ୍ଥିତ ରହିବାକୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ଦିଆଯାଇଛି ।

ସେନ୍‌ସେକ୍ସ: ୮୨,୧୩୩.୧୨
ସର୍ବାଧିକ: ୨୬.୦ ଡିଗ୍ରୀ
ସର୍ବନିମ୍ନ: ୧୨.୬ ଡିଗ୍ରୀ

**୧୫।୧୨।୨୦୨୪ର ମତାମତ**

ବେଲଗାମ୍ ଦରବୃଦ୍ଧି ରୋକିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେବା ଉଚିତ୍ ନୁହେଁ କି ?




**ଆଜିର ପ୍ରସଙ୍ଗ**

ନୂତନ ଶିକ୍ଷାନୀତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢିବାରେ ସହାୟକ ହେବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଏକ ଦେଶ ଏକ ନିର୍ବାଚନ କଥା
ଭଲ ହେଉ ଅବା ଖରାପ,
ଏଇ ବିଲ୍ ଯଦି ପାରିତ ହୋଇବ
ଯିବ ନାହିଁ କାହା ଖିଲାପ ।
ପଦ୍ମ ହେଉ କି ଗୋଲାପ,
ଗନ୍ଧ କି ବାସନା କିଛି ନ ବାରିଲେ
ପ୍ରତି ଫୁଲେ ଅଛି ମହକ !!

## ଜୟପୁରରେ ମୁଖ୍ୟମନ୍ତ୍ରୀ

# ବିକାଶର ଶୀର୍ଷରେ ପହଞ୍ଚିବ କୋରାପୁଟ



- ବିକାଶମୂଳକ କାର୍ଯ୍ୟର ଲୋକାର୍ପଣ, ଭିତ୍ତିପ୍ରସ୍ତର ସ୍ଥାପନ
- ଉପଖଣ୍ଡ ଚିକିତ୍ସାଳୟରେ ହେବ ଆଇସିୟୁ ବ୍ୟବସ୍ଥା
- ୧୦କୋଟି ବ୍ୟୟରେ ହେବ ମହାବିଦ୍ୟାଳୟ ନିର୍ମାଣ

ଜୟପୁର,୧୫।୧୨(ଓଡ଼ିଶା ଭାସ୍କର): ବିକାଶର ଶୀର୍ଷରେ ପହଞ୍ଚିବ କୋରାପୁଟ। ରବିବାର କୋରାପୁଟ ଜିଲ୍ଲା ଜୟପୁରର ଫୁଲବାଡ଼ଠାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ପରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜୟପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନୂତନ କୋଠା, ସରକାରୀ ଆବାସିକ ଗୃହ, ଏୟାରପୋର୍ଟର ନବନିର୍ମିତ ଟର୍ମିନାଲ ବିଲଡିଂକୁ ଲୋକାର୍ପଣ କରିବା ସହ ସରକାରୀ ସେବିକା ମହାବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ୧୪୨ କୋଟି ଟଙ୍କା ବିନିମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଲଡିଂ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ଚିକିତ୍ସାଳୟର କର୍ମଚାରୀଙ୍କ ପାଇଁ ୩୫ କୋଟି ଟଙ୍କା ବ୍ୟୟରେ ୯୬ଟି ନବନିର୍ମିତ ଆବାସିକ ଗୃହର ନିର୍ମାଣ କରାଯାଇଛି। ୩୦୦ ଶଯ୍ୟା ବିଶିଷ୍ଟ ୭ ମହଲା ନୂତନ କୋଠାରେ ସଂପୂର୍ଣ୍ଣ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ଥିବାବେଳେ ଗୋଟିଏ ଛାତତଳେ ଅଲଟ୍ରା ସାଉଣ୍ଡ, ଅସ୍ଥିଶଲ୍ୟଭଳି ସମସ୍ତ ବିଭାଗ ରହିଛି। ପୁରୁଣା ଉପଖଣ୍ଡ ଚିକିତ୍ସାଳୟରେ ଥିବା ରକ୍ତଭଣ୍ଡାରକୁ ମଧ୍ୟ ଏଠାକୁ ସ୍ଥାନାନ୍ତର କରାଯାଇଛି। ଖୁବ୍‌ଶୀଘ୍ର ଆଇସିୟୁର ବ୍ୟବସ୍ଥା କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ। ଏହାସହ ୫୨ କୋଟି ଟଙ୍କା ବିନିମୟରେ ନବନିର୍ମିତ ଜୟପୁର ଏୟାରପୋର୍ଟର ଟର୍ମିନାଲ କୋଠା ମଧ୍ୟ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଥିଲେ। ଏଠାରୁ ସମ୍ବଲପୁର, ରାଉରକେଲା ତଥା ଅନ୍ୟାନ୍ୟ ସ୍ଥାନକୁ ବିମାନସେବା ଯୋଗାଇବା ପାଇଁ ସରକାର ଉଦ୍ୟମ କରୁଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ସେହିପରି ୧୦ଲକ୍ଷ ୨୩ଲକ୍ଷ ଟଙ୍କା ବିନିମୟରେ ଏକ ମହାବିଦ୍ୟାଳୟ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେବା ସହ ଏଠାରୁ ତାଲିମନେଇ ବାହାରୁଥିବା ଛାତ୍ରୀମାନଙ୍କୁ ସରକାରୀ ନିଯୁକ୍ତି ଦେବାପାଇଁ ସରକାର ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୂପୁ ଭତ୍ରା, ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଆନ୍ତା, କୋରାପୁଟ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ, ଏସ୍‌ପି ରୋହିତ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏଥିପୂର୍ବରୁ କୋରାପୁଟର ଲୋକ ମହୋତ୍ସବ 'ପରବ'ର ଉଦ୍‌ଘାଟନ କରିଥିଲେ ମୁଖ୍ୟମନ୍ତ୍ରୀ। ଏହି ସଭାରେ ଜଗନ୍ନାଥ ସାଗରର ପୁନରୁଦ୍ଧାର ସହ ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ।

# ଜଙ୍ଗଲ ହେଉଛି ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ: ଧର୍ମେନ୍ଦ୍ର




ବୁର୍ଲା/ସମ୍ବଲପୁର,୧୫।୧୨(ଭାସ୍କର ନ୍ୟୁଜ): ଜଙ୍ଗଲ ହେଉଛି ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ। ଜଙ୍ଗଲରୁ ହିଁ ଦେଶ ସ୍ୱାଧୀନତାର ନେତୃତ୍ୱ ବିକଶିତ ହୋଇଛି। ଜଙ୍ଗଲ ଆମକୁ ସନ୍ତୁଳିତ ଜୀବନ ପ୍ରଦାନ କରେ। ଫରେଷ୍ଟ କଭରେଜ କ୍ଷେତ୍ରରେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ରାଜ୍ୟର ସର୍ବାଧିକ ଜଙ୍ଗଲ ସମ୍ପଦ ରହିଥିବା ଅଞ୍ଚଳଗୁଡ଼ିକ ମଧ୍ୟରେ ସମ୍ବଲପୁର ହେଉଛି ଅନ୍ୟତମ। ୨୦୨୫ରୁ ୨୦୭୦ ଅର୍ଥାତ୍ ଆସନ୍ତା ୪୫ ବର୍ଷ ମଧ୍ୟରେ ଆମର ଜଙ୍ଗଲ ପରିସୀମାକୁ ବୃଦ୍ଧି କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ଓଡ଼ିଶା ଅଣଗେଜେଟେଡ୍ ବନସେବା ସଂଘ ସମ୍ବଲପୁର ଜୋନ୍ ସାଧାରଣ ପରିଷଦ ବୈଠକରେ ଯୋଗ ଦେଇ ଏହା କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାର ୧୯ଟି ଅଭୟାରଣ୍ୟ ଭିତରୁ ୪ଟି ସମ୍ବଲପୁରରେ ରହିଛି। ତେଣୁ ଏ ଅଞ୍ଚଳର ଜନଜୀବନ, ବନ୍ୟଜନ୍ତୁ, ବନଜାତ ଦ୍ରବ୍ୟ, ଅର୍ଥନୀତି ଓ ସମାଜ ଏସବୁ ମଧ୍ୟରେ ସମନ୍ୱୟ ରକ୍ଷାକରି ଏକ ସନ୍ତୁଳିତ ବ୍ୟବସ୍ଥାର ବିକାଶ କରାଯିବା ଆବଶ୍ୟକ। ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି କେବଳ ପରିବେଶ ପାଇଁ ଅନୁକୂଳ ନୁହେଁ, ଏହା ମଧ୍ୟ ଏକ ରୋଜଗାରର ମାଧ୍ୟମ ବୋଲି ସେ କହିଥିଲେ। ଜଙ୍ଗଲ ଓ ଜୀବଜନ୍ତୁ ସୁରକ୍ଷିତ ରହିଲେ ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ସୁଦୃଢ କରାଯାଇପାରିବ ବୋଲି ଶ୍ରୀ ପ୍ରଧାନ କହିଥିଲେ। ଜଙ୍ଗଲ ଭିତରେ ରହିଥିବା ଜଳାଶ୍ରୟଗୁଡ଼ିକର ବିକାଶ, ଜଙ୍ଗଲ ଜମିର ଅଧିକାର, ପେଷା ଆଇନ • ପୃଷ୍ଠା ୫ ଦେଖନ୍ତୁ

## ମହାୟୁତି ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ

# ଶପଥ ନେଲେ ୩୯ ମନ୍ତ୍ରୀ



ମୁମ୍ବାଇ,୧୫।୧୨: ବହୁ ଚର୍ଚ୍ଚା ଆଲୋଚନା ପରେ ଛିଣ୍ଡିଲା ଭାଗ। ରବିବାର ମହାରାଷ୍ଟ୍ରରେ ମହାୟୁତି ସରକାରଙ୍କ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କରାଯାଇଛି। ଦେବେନ୍ଦ୍ର ଫଡନବୀଶଙ୍କ ନେତୃତ୍ୱରେ ବିଜେପି, ଶିବସେନା ଓ ଏନସିପିର ମନ୍ତ୍ରୀମାନେ ଶପଥ ଗ୍ରହଣ କରିଛନ୍ତି । ନାଗପୁରରେ ଆୟୋଜିତ ଏହି ଶପଥଗ୍ରହଣ ସମାରୋହରେ ମୋଟ ୩୯ଜଣ ବିଧାୟକ ମନ୍ତ୍ରୀଭାବେ ଶପଥ ଗ୍ରହଣ କରିଥିବା ସୂଚନା ମିଳିଛି। ବିଜେପିର ୨୦ଜଣ ଶପଥ ନେଇଥିବାବେଳେ ଶିବସେନା ଓ ଏନସିପିରୁ ଆଉ ୧୯ଜଣ ଶପଥ ନେଇଛନ୍ତି । ଶିବସେନା ନିଜ ପାଖରେ ଗୃହବିଭାଗ ସହ ରାଜସ୍ୱ, ଜଳସେଚନ ଓ ଶିକ୍ଷା ବିଭାଗକୁ ରଖିଛି। • ପୃଷ୍ଠା ୫ ଦେଖନ୍ତୁ

## ଓଡ଼ିଶା ଭିଜନ-୨୦୩୬, ୨୦୪୭ ପାଇଁ ଐତିହାସିକ ଜନ ଅଂଶଗ୍ରହଣ

# ୩ଲକ୍ଷରୁ ଅଧିକ ନାଗରିକଙ୍କ ମତାମତ ଗ୍ରହଣ



ଭୁବନେଶ୍ୱର,୧୫।୧୨(ଭାସ୍କର ନ୍ୟୁଜ): ଓଡ଼ିଶା ସରକାର ଓଡ଼ିଶା ଭିଜନ-୨୦୩୬ ଏବଂ ୨୦୪୭ ପାଇଁ ଏକ ଯୁଗାନ୍ତକାରୀ ମାଇଲ ଖୁଣ୍ଟ ସୃଷ୍ଟି କରିଛନ୍ତି । ଏଥିପାଇଁ ଦେଶ ଏବଂ ବିଦେଶରୁ ଇ-ମେଲ, ହ୍ୱାଟ୍ସଆପ୍ ଓ ସମର୍ପିତ ଓଡ଼ିଶା ଦୃଷ୍ଟିକୋଣ ୱେବସାଇଟ୍ ମାଧ୍ୟମରେ ୩ ଲକ୍ଷରୁ ଅଧିକ ନାଗରିକ ସେମାନଙ୍କ ମତାମତ ପ୍ରଦାନ କରିଛନ୍ତି। ଏହି ଉଲ୍ଲେଖନୀୟ ଜନଜାଗରଣ ଅଂଶଗ୍ରହଣକାରୀ ଶାସନରେ ଓଡ଼ିଶାର ସ୍ଥିତିକୁ ସୁଦୃଢ କରିବ । ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ଗଠନ କରିବାର ଏହି ମିଳିତ ଲକ୍ଷ୍ୟ ବୋଲି କୁହାଯାଇପାରେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତଙ୍କ ଅବଦାନକାରୀଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି ଯେ ଓଡ଼ିଶାର ଭବିଷ୍ୟତ ଗଠନ ପାଇଁ ମୂଲ୍ୟବାନ ମତାମତ ସହିତ ଆଗକୁ ଆସିଥିବାରୁ ଆପଣମାନଙ୍କୁ ଧନ୍ୟବାଦ । ଭାରତରେ ପ୍ରଥମ ଥରପାଇଁ ଓଡ଼ିଶା ନାଗରିକଙ୍କୁ ପରାମର୍ଶଗୁଡ଼ିକୁ ସମୀକ୍ଷା ଓ ବିଶ୍ଳେଷଣ କରିବା ପାଇଁ କୃତିମ ବୁଦ୍ଧିମତ୍ତା (ଏଆଇ) ପ୍ରଯୁକ୍ତି ବିଦ୍ୟାକୁ ବ୍ୟବହାର କରିଛି। ଏହାଦ୍ୱାରା ପ୍ରତିଟି ସ୍ୱରକୁ ବିଚାରକୁ ନଆଯାଇପାରିବ ଓ ରାଜ୍ୟର

**ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ**

ରଣନୀତି ରୋଡମ୍ୟାପରେ ସର୍ବୋତ୍ତମ ଚିନ୍ତାଧାରାକୁ ସାମିଲ କରାଯାଇପାରିବ। ଏହି ଅଭିନବ ପଦକ୍ଷେପ ନାରିକଙ୍କ ଚାଳିତ ନୀତି ନିର୍ଦ୍ଧାରଣକୁ ବୃଦ୍ଧି କରିବା ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର ନିମନ୍ତେ ଓଡ଼ିଶାର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି ବୋଲି କୁହାଯାଇପାରେ। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା ମଧ୍ୟ ଏକ ସମୃଦ୍ଧ ଓଡିଶାର ସ୍ୱପ୍ନକୁ ସାକାର କରିବାରେ ସାମୂହିକ ପ୍ରୟାସର ଶକ୍ତି ଉପରେ ଗୁରୁତ୍ୱାରୋପ କରିବା ସହ ଆନ୍ତରିକ ପ୍ରଶଂସା ମଧ୍ୟ କରିଛନ୍ତି । ଏପ ଉଜ୍ୱଳ ଭବିଷ୍ୟତ ପାଇଁ ଏକ ଐତିହାସିକ ସହଯୋଗ ଓଡ଼ିଶା ଭିଜନ ନାଗରିକ ଏନଗେଜମେଣ୍ଟ ପ୍ଲାଟ୍‌ଫର୍ମ, ଛାତ୍ର ବୃତ୍ତିଗତ କ୍ଷେତ୍ରରେ କାର୍ଯ୍ୟରତ, ସରକାରୀ ଅଧିକାରୀ, ସଂଗଠନ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସମେତ ବିଭିନ୍ନ ଅଂଶୀଦାରଙ୍କଠାରୁ ପରାମର୍ଶ ଗ୍ରହଣ କରିଛନ୍ତି । ଏହି ଅବଦାନଗୁଡ଼ିକ ୧୭ଟି ପରିବର୍ତ୍ତନକାରୀ ବିଷୟବସ୍ତୁ କ୍ଷେତ୍ରକୁ ବିସ୍ତାର କରିଛି। ଯାହା ଓଡ଼ିଶାର ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତ ଅଭିବୃଦ୍ଧିର ମୂଳଦୁଆ ଭାବେ କାର୍ଯ୍ୟ କରିବ ।

# ନୂତନ ଶିକ୍ଷାନୀତିକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରି

ନୂଆଦିଲ୍ଲୀ,୧୫।୧୨: ଭାରତ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ନୂତନ ଶିକ୍ଷାନୀତିକୁ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ ମିଳିଛି। ଦୀର୍ଘ ୩୬ବର୍ଷ ପରେ ଦେଶରେ ନୂତନ ଶିକ୍ଷାନୀତି କାର୍ଯ୍ୟକାରୀ ହେବାକୁ ଯାଉଛି। ନୂତନ ଶିକ୍ଷାନୀତି ଅନୁଯାୟୀ ଏଣିକି ୧୦ମରେ ଆଉ ବୋର୍ଡ ପରୀକ୍ଷା କରାଯିବ ନାହିଁ। କେବଳ ଦ୍ୱାଦଶ ଶ୍ରେଣୀରେ ବୋର୍ଡ ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ଷ୍ଟାଣ୍ଡାର୍ଡ ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରମାନଙ୍କୁ କେବଳ ମାତୃଭାଷା, ସ୍ଥାନୀୟ ଭାଷା ଏବଂ ଜାତୀୟ ଭାଷାରେ ଶିକ୍ଷା ଦିଆଯିବ। ଅବଶିଷ୍ଟ ଶ୍ରେଣୀରେ ସଂପୂର୍ଣ୍ଣ ଇଂରାଜୀ କିମ୍ବା ଆଞ୍ଚଳିକ ଭାଷା ସହିତ ଇଂରାଜୀକୁ ଗୋଟିଏ ବିଷୟ ଭାବରେ ଶିକ୍ଷା ଦିଆଯିବ ବୋଲି ସୂଚନା ମିଳିଛି। କଲେଜଗୁଡ଼ିକରେ ୩ ବର୍ଷର ଡିଗ୍ରୀ କୋର୍ସକୁ ୪ ବର୍ଷ କରାଯାଇଛି। କିନ୍ତୁ ଯେଉଁମାନେ ଉଚ୍ଚଶିକ୍ଷା ନେବାକୁ ଚାହାନ୍ତି ନାହିଁ, ସେମାନଙ୍କୁ ୩ ବର୍ଷରେ ଡିଗ୍ରୀ ସାର୍ଟିଫିକେଟ ପ୍ରଦାନ କରାଯିବ। ଯେଉଁମାନେ ଗୋଟିଏ ବର୍ଷ ଡିଗ୍ରୀ କୋର୍ସ କରିବେ ସେମାନଙ୍କୁ ସ୍ନାତକ ପ୍ରଥମ ବର୍ଷରେ ସାର୍ଟିଫିକେଟ, ଦ୍ୱିତୀୟ ବର୍ଷରେ ଡିପ୍ଲୋମା ଏବଂ ତୃତୀୟ ବର୍ଷରେ ଡିଗ୍ରୀ ସାର୍ଟିଫିକେଟ ପ୍ରଦାନ କରାଯିବ। ୪ ବର୍ଷ ଡିଗ୍ରୀ କୋର୍ସ କରିଥିବା ଛାତ୍ରଛାତ୍ରୀମାନେ ଗୋଟିଏ ବର୍ଷରେ ଏମ୍‌ଏ କରିବାକୁ ସକ୍ଷମ ହେବେ। ଅର୍ଥାତ ଏମ୍‌ଏର ଗୋଟିଏ ବର୍ଷ ଡିଗ୍ରୀରେ ମିଶାଇ ଦିଆଯାଇଛି। ଏମ୍‌ଏ ଛାତ୍ରମାନେ ଆଉ ଏମ୍‌ଫିଲ୍ ନ କରି ସିଧାସଳଖ ପିଏଚ୍‌ଡି କରିବାକୁ ସକ୍ଷମ ହେବେ। ସେହିପରି ଛାତ୍ରଛାତ୍ରୀମାନେ ବିଜ୍ଞାନରୁ କଳା, କଳାରୁ ବାଣିଜ୍ୟ, ଏପରି ଯେତେବେଳେ ଯେଉଁ କୋର୍ସକୁ ପରିବର୍ତ୍ତନ କରିବାକୁ ଚାହିଁବେ କରିପାରିବେ। ସେମାନେ ଅନ୍ୟ ପାଠ୍ୟକ୍ରମ କରିବାକୁ ମଧ୍ୟ ସକ୍ଷମ ହେବେ। ନୂତନ ଶିକ୍ଷାନୀତି ଅନୁଯାୟୀ ଯଦି ଜଣେ ଛାତ୍ର ଗୋଟିଏ ପାଠ୍ୟକ୍ରମ ମଧ୍ୟରେ ଅନ୍ୟ ଏକ ପାଠ୍ୟକ୍ରମ କରିବାକୁ ଚାହାନ୍ତି, ତେବେ ସେ ସୀମିତ ସମୟ ପାଇଁ ପ୍ରଥମ ପାଠ୍ୟକ୍ରମରୁ ବିରତି ନେଇ ଦ୍ୱିତୀୟ ପାଠ୍ୟକ୍ରମ କରିପାରିବେ।

## ମଣିପୁରରେ ପୁଣି ହିଂସା

# ଦୁଇ ପ୍ରବାସୀ ଶ୍ରମିକଙ୍କୁ ଗୁଳିକରି ହତ୍ୟା



ଇମ୍ଫାଲ,୧୫।୧୨: ମଣିପୁରରେ ହିଂସା ଥମିବାର ନାଁ ନେଉନାହିଁ । ଉଗ୍ରବାଦୀମାନେ ପୁଣି ଏକ ବର୍ବରକାଣ୍ଡ ଘଟାଇଛନ୍ତି । କାମଛାଡ଼ି ଘରକୁ ଫେରୁଥିବାବେଳେ ଉଗ୍ରବାଦୀମାନେ ଦୁଇଜଣ ପ୍ରବାସୀ ଶ୍ରମିକଙ୍କୁ ଗୁଳିକରି ହତ୍ୟା କରିଥିବା ସୂଚନା ମିଳିଛି। ମଣିପୁରର କାକଚିଙ୍ଗା ଜିଲ୍ଲାରେ ଏହି ଅଘଟଣ ଘଟିଛି। ଏହାକୁ ନେଇ ସାରା ଅଞ୍ଚଳରେ ଆତଙ୍କ ଖେଳିଯାଇଛି। କାକଚିଙ୍ଗା ଜିଲ୍ଲାର କେଇରାକରେ ନିର୍ମାଣ କାର୍ଯ୍ୟସାରି ଘରକୁ ଫେରୁଥିବାବେଳେ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଉଗ୍ରବାଦୀମାନେ ସେମାନଙ୍କୁ ଗୁଳି କରିଥିଲେ। ମୃତକମାନେ ହେଲେ ସୁନାଲାଲ କୁମାର ଓ ଦାଶରଥ କୁମାର। ଉଭୟ ବିହାରର ଯାଦବପୁର ଥାନା ଅନ୍ତର୍ଗତ ଗୋପାଳଗଞ୍ଜ ଜିଲ୍ଲାର ରାଜୱାହି ଗାଁର ବାସିନ୍ଦା। ପୋଲିସ କହିଛି ଯେ ଉଭୟ ଶ୍ରମିକ ସାଇକେଲ ଯୋଗେ ଭଡ଼ାଘରକୁ ଆସୁଥିଲେ। ଉଗ୍ରବାଦୀମାନେ ତାଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କରିଥିଲେ। ଏଥିରେ ଉଭୟ ଟଳି ପଡ଼ିଥିଲେ। ପୋଲିସ ଉଭୟଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ତେବେ ହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ । ସୂଚନାଯୋଗ୍ୟ ଯେ ଗତ ୧୯ ମାସ ହେବ ମଣିପୁରରେ ହିଂସା ଲାଗି ରହିଛି। ଏପର୍ଯ୍ୟନ୍ତ ଶହଶହ ଲୋକଙ୍କ ମୃତ୍ୟୁ ଘଟିଲାଣି। ହଜାର ହଜାର ଲୋକ ଘରଛାଡ଼ି ରିଲିଫ କ୍ୟାମ୍ପରେ ରହୁଛନ୍ତି। ତେବେ ମଣିପୁରରେ କେବେ ହିଂସାର ଅବସାନ ଘଟିବ ସେ ନେଇ ସମସ୍ତଙ୍କ ନଜର।

## ବ୍ୟବସାୟୀ, ଚାଷୀଙ୍କ ବିଜୟ

# ୧୧ ମାସ ପରେ ପୁରୁଣା ସ୍ଥାନରେ ବିରଜା ହାଟ




ଯାଜପୁର,୧୫।୧୨(ଭାସ୍କର ନ୍ୟୁଜ): ଖୋଲିଲା ବିରଜା ଆଗ୍ନେଶ୍ୱର ହାଟ। ଜିଲ୍ଲା ପ୍ରଶାସନର ନିଷ୍ପତ୍ତିକ୍ରମେ ୧୧ ମାସ ପରେ ସନ୍ଥ ମାଧବକୁ ସ୍ଥାନାନ୍ତର ହୋଇଥିଲା ହାଟ, ଯାହାକୁ ବାରମ୍ବାର ବିରୋଧକରି ଆସୁଥିଲେ ଚାଷୀ ଓ ବ୍ୟବସାୟୀ। ଦାବି, ରାଲି ଓ ଧାରଣା ପରେ ପୁରୁଣା ହାଟକୁ ଫେରିଛନ୍ତି ବ୍ୟବସାୟୀ। ବ୍ୟବସାୟୀମାନେ କହିଛନ୍ତି ଯେ ମା ବିରଜାଙ୍କ ଆଶୀର୍ବାଦରେ ଏହି ହାଟ ଚାଲି ଆସୁଥିଲା। ବଳପୂର୍ବକ ଏହି ହାଟକୁ ଦୁଇ କିଲୋମିଟର ଦୂର ସନ୍ଥମାଧବକୁ ସ୍ଥାନାନ୍ତର କରିଥିଲା ପ୍ରଶାସନ । ଚାଷୀ ଓ ବ୍ୟବସାୟୀଙ୍କୁ ଜୋର ଜବରଦସ୍ତ ସେଠାକୁ ନିଆଯାଇଥିଲା। ହେଲେ ଏପରି ପରିବର୍ତ୍ତନକୁ ବ୍ୟବସାୟୀ ଓ ଚାଷୀ ଗ୍ରହଣ କରିନଥିଲେ। ପୂର୍ବ ସରକାର ବଦଳିବା ପରେ ଚାଷୀଙ୍କ ମନରେ ଯେଉଁ ଆଶାର ସଞ୍ଚାର ହୋଇଥିଲା ତାହା ଫଳବତୀ ହୋଇଛି। ପୁରୁଣା ସ୍ଥାନକୁ ଚାଷୀ ଓ ବ୍ୟବସାୟୀ ଫେରି ଆସିଛନ୍ତି। ରବିବାର ସକାଳୁ ଶହଶହ ପରିବା ଚାଷୀ ଓ ବ୍ୟବସାୟୀ ବିରଜା ହାଟରେ ଭିଡ଼ ଲଗାଇଛନ୍ତି ଓ କହିଛନ୍ତି ଯେ ଏହି ହାଟ ମା ବିରଜାଙ୍କ ଆଶୀର୍ବାଦରୁ ଚାଲିଛି। ଏଠାକୁ ଯିଏ ଆସେ ଖାଲି • ପୃଷ୍ଠା ୫ ଦେଖନ୍ତୁ

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ରେଙ୍ଗାଳି ବାମ ପାର୍ଶ୍ୱ କେନାଲର କନ୍ତୋର ଗାଁ ସ୍ଥିତ ମେଗା ଉଠା ଜଳସେଚନ ପ୍ରକଳ୍ପର ସମୀକ୍ଷା କରିଛନ୍ତି ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ। ଏ ନେଇ ଚାଷୀଙ୍କ ସମସ୍ୟାକୁ ପାଇଁ ପ୍ରଥମେ ବିଧାନସଭାରେ ଦାବି ଉପସ୍ଥାପନ କରିବା ସହ ଆଜି ତାହାର ସମୀକ୍ଷା କରିଛନ୍ତି। କନ୍ତୋର ଠାରେ ନିର୍ମାଣ କରାଯାଉଥିବା ମେଗା ଉଠା ଜଳସେଚନ ପ୍ରକଳ୍ପ ଅଂଚଳର ୧୬୭୩ ହେକ୍ଟର ଚାଷ ଜମିରେ ଜଳ ମାଡିବାର ବ୍ୟବସ୍ଥା ରହିଛି। ଯେଉଁଥିରେ କନ୍ତୋର, କଙ୍କଡାସୋଡ଼ା, ଆମ୍ବପଳାସ,କୁଆଳୋ ଓ କଳଦା ଗ୍ରାମ ପଂଚାୟତର ଅଧିକାଂଶ ଚାଷୀ ଉପକୃତ ହୋଇପାରିବେ। ତେବେ ପୂର୍ବରୁ ଉଠା ଜଳସେଚନ ପ୍ରକଳ୍ପର ସମସ୍ତ ସାମଗ୍ରୀ ଚୋରି ସହିତ ରକ୍ଷଣାବେକ୍ଷଣ ଅଭାବରୁ ସେଗୁଡିକ ଏବେ କୋମାରେ ରହିଥିବା ଦେଖିବାକୁ ମିଳିଛି । ତେବେ ଚାନ୍ଦପୁର ଓ କନ୍ତୋରର ଉଠା ଜଳସେଚନର ୭ ଟି ପ୍ରକଳ୍ପ ଅଚଳ ଯୋଗୁଁ ଚାଷୀ ହନ୍ତସନ୍ତ ହେଉଛନ୍ତି। ସେଥିମଧ୍ୟରୁ ୫ ଗୋଟି ପ୍ରୋଜେକ୍ଟ ସହ ବଡ଼ଝରା ଓ ବାହିହାପୁରକୁ ଜଳ ଯୋଗାଣ, ମଗରମୁହାଁଣ ଓ ନୃସିଂହସାଗର ପ୍ରୋଜେକ୍ଟକୁ ନେଇ ନୂତନ ଯୋଜନା କରାଯିବ ବୋଲି ବିଧାୟକ ବିଭୂତି ଭୂଷଣ ପ୍ରଧାନ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିବା ସହ ପ୍ରୋଜେକ୍ଟ ଗୁଡିକ ବୋଲି ଦେଖିଥିଲେ। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ଶତାଧିକ ଚାଷୀଙ୍କ ସହିତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।



# ରାସ୍ତା ପ୍ରଶସ୍ତିକରଣ ସହ ଗୋଲେଇ ନଥିବାରୁ ବଢୁଛି ଦୁର୍ଘଟଣା




ବାରିପଦା (ଭାସ୍କର ନ୍ୟୁଜ): ରାସ୍ତାର ପ୍ରଶସ୍ତିକରଣ ସହିତ ଟ୍ରାଫିକ ଗୋଲେଇ ଅଭାବରୁ ବଢୁଛି ଦୁର୍ଘଟଣା, ସଂକଟରେ ଜନଜୀବନ । ତେବେ ବିଭିନ୍ନ ସମୟରେ ମୋରଡା ବଜାର ରାସ୍ତା ପ୍ରଶସ୍ତିକରଣ ସାଙ୍ଗକୁ ଟ୍ରାଫିକ ଗୋଲେଇ ନିର୍ମାଣ ଦାବି ହୋଇ ଆସୁଥିବା ସତ୍ତ୍ୱେ କୌଣସି କାରଣରୁ ଏଡ଼ାଇ ଚାଲିଛି ପୂର୍ତ୍ତବିଭାଗ । ମାତ୍ର ଏବେ ସଚେତନ ହୋଇଛନ୍ତି ଅଞ୍ଚଳବାସୀ, ଧନଜୀବନର ସୁରକ୍ଷା ପ୍ରତି ଗୁରୁତ୍ୱ ପ୍ରଦାନ କରି ରାସ୍ତା ପ୍ରଶସ୍ତିକରଣ ସାଙ୍ଗକୁ ଟ୍ରାଫିକ ଗୋଲେଇ ନିର୍ମାଣ ଦାବିରେ ସାମ୍ନାକୁ ଆସିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ । ହେଲେ କୌଣସି ଗୋଷ୍ଠୀ ପକ୍ଷରୁ ଏହାର ବିରୋଧ କରାଯାଉଥିବା ଶୁଣିବାକୁ ମିଳୁଛି। ଯାହାର ମୁକାବିଲା କରିବା ପାଇଁ ଅଞ୍ଚଳବାସୀ ଆଗଭର ହେଉଥିବାନେଇ ଚାପା ଗୁଞ୍ଜରଣରୁ ଶୁଣିବାକୁ ମିଳୁଛି । ଉଲ୍ଲେଖଯୋଗ୍ୟ ବର୍ତ୍ତମାନର ପରିସ୍ଥିତିକୁ ବିଚାରକୁ ନେଲେ ରାସ୍ତାର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ରହିଥିବା ସତ୍ତ୍ୱେ ବିଭାଗ ପକ୍ଷରୁ କାହାକୁ ଅନୁକମ୍ପା ଦେଖାଇବାକୁ ଯାଇ ନିର୍ଦ୍ଧାରିତ ଠାରୁ ସଂକୁଚିତ କରିବା ପ୍ରତି ଆଗ୍ରହୀ ହୋଇ ପଦକ୍ଷେପ ନେଉଥିବା ଭଳି ଅଭିଯୋଗକୁନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଯେତିକି ଜୋର ଧରିଛି ତାଠାରୁ ଅଧିକ ଅସନ୍ତୋଷ ସୃଷ୍ଟି କରୁଥିବା ବାରି ହେଇଯାଉଛି । ଯାହା ଆଗାମୀଦିନରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦେଇ ହେବନାହିଁ। ତେବେ ଏହାର ପ୍ରତିବାଦରେ ଅଞ୍ଚଳବାସୀଙ୍କ ତରଫରୁ ନିୟମ ଅନୁଯାୟୀ ରାସ୍ତାର ପ୍ରଶସ୍ତିକରଣ ସହ ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ସାଙ୍ଗକୁ ଟ୍ରାଫିକ ଗୋଲେଇ ନିର୍ମାଣ ଦାବିରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଏବଂ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଜଣାଇ ଅଞ୍ଚଳବାସୀଙ୍କୁ ଏନେଇ ନ୍ୟାୟ ଦେବାକୁ ଅନୁରୋଧ ଜଣାଇଛନ୍ତି ବୋଲି ଜଣାପଡିଛି । ଉଲ୍ଲେଖଯୋଗ୍ୟ ଯେ ମୋରଡା ନିର୍ବାଚନ ମଣ୍ଡଳୀର ହେଡକ୍ୱାର୍ଟର ମୋରଡା ବଜାରର ମୁଖ୍ୟରାସ୍ତାର ପ୍ରଶସ୍ତିକରଣ, ଟ୍ରାଫିକ ଗୋଲେଇ ସହିତ ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ କରାଯିବା ଉଚିତ ବୋଲି ମତପ୍ରକାଶ ପାଉଛି । ସେହିପରି ମୋରଡ଼ା ବଜାରରେ ଦୋକାନ କରି ବ୍ୟବସାୟରୁ ରୋଜଗାର ଅର୍ଥରେ ପରିବାର ଚଳାଉଥିବା କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଉପଯୁକ୍ତ ଥଇଥାନ କରିବା ଦିଗରେ ଆନ୍ତରିକତା ପ୍ରଦର୍ଶନ ସହ ସହଯୋଗପୂର୍ଣ୍ଣ ପଦକ୍ଷେପ ନେବାକୁ ମୋରଡା ପ୍ରେସକ୍ଲବର ସଭାପତି ଘାସିରାମ ବେହେରା, ସମ୍ପାଦକ ଅବିନାଶ ମହାନ୍ତି, ଉପସଭାପତି ସୁଧାଂଶୁ ରାଉତ, ସହସମ୍ପାଦକ ତୁଷାରକାନ୍ତ ବେହେରା ପ୍ରମୁଖ ଜିଲ୍ଲା ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି । ସୂଚନାଯୋଗ୍ୟ ବର୍ତ୍ତମାନ ଗାଁ ଗହଳିରେ ଗାଡ଼ି ମଟର ସଂଖ୍ୟା ବୃଦ୍ଧି ପାଇବା ସହିତ ଦୁଇ ଚକିଆଯାନର ସଂଖ୍ୟା ବୃଦ୍ଧି ଯୋଗୁଁ ସଂକୁଚିତ ରାସ୍ତାରେ ପ୍ରାୟତଃ ଆକସ୍ମିକ ସଡ଼କ ଦୁର୍ଘଟଣା ଘଟି ବ୍ୟାପକ ଧନଜୀବନର କ୍ଷୟକ୍ଷତି ହେଉଥିବା ଘଟଣା କାହାକୁ ଅଛପା ନାହିଁ । ଏଥିରେ ସୁଧାରପାଇଁ ସରକାର ତଥା ବିଭାଗର ସମୟ ଉପଯୋଗୀ ପଦକ୍ଷେପ ପ୍ରଶଂସନୀୟ, ମାତ୍ର କାହାକୁ ଅନୁକମ୍ପା ଦେଖାଇ ଏଥିରେ ବ୍ୟତିକ୍ରମକୁ ଅଞ୍ଚଳବାସୀ ବିରୋଧ କରୁଥିବା ସ୍ପଷ୍ଟ ହେଉଥିବା ବେଳେ ବିଭାଗ ପକ୍ଷରୁ ନିରପେକ୍ଷତା ପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତାର ସମୟ ଉପନୀତ । ବର୍ତ୍ତମାନର ସମୟର ଆହ୍ୱାନକୁ ବିଭାଗ ସମ୍ମାନ ଦେଇ ନିର୍ମାଣ କାର୍ଯ୍ୟ ଆଗକୁ ନେଲେ ସମସ୍ତଙ୍କ ପାଇଁ ମଙ୍ଗଳକର ହେବା ସହିତ ଏହି ରାସ୍ତାରେ ହେଉଥିବା ଆକସ୍ମିକ ଦୁର୍ଘଟଣା ଉପରେ ଅଙ୍କୁଶ ଲଗାଇବା ସମ୍ଭବ ହେବ ବୋଲି କୁହାଯାଉଛି ।

# ଶିକ୍ଷକ ପଦବୀ ପୂରଣ ନେଇ ରାଜରାସ୍ତାରେ ଛାତ୍ରଛାତ୍ରୀ

- ସ୍କୁଲରେ ତାଲାପକାଇଲେ ଛାତ୍ରଛାତ୍ରୀ
- ବିନା ଶିକ୍ଷକରେ ପାଠ ପଢ଼ା



ବୋଲଗଡ (ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଶିକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଶିକ୍ଷାର ବିକାଶ ପାଇଁ ପ୍ରୟାସ କରୁଛନ୍ତି ବୋଲି ଡିଣ୍ଡିମ ପିଟୁଥିବାବେଳେ ତାହା ବୋଲଗଡ ବ୍ଲକ ରେ ଅସଫଳ ହୋଇଛି। ଛାତ୍ରଛାତ୍ରୀଙ୍କ ଶିକ୍ଷାର ଉର୍ନ୍ନତି ପାଇଁ ସରକାର ଶିକ୍ଷକ ନିଯୁକ୍ତି କରି ଉନ୍ନତମାନର ଶିକ୍ଷା ଦେଉଛନ୍ତି ବୋଲି ସରକାର କହୁଛନ୍ତି । କିନ୍ତୁ ଛାତ୍ରଛାତ୍ରୀଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ପାଇଁ ପ୍ରୟାସ କରୁଥିବା ବେଳେ ଏହା ବିଫଳ ଦେଖାଯାଇଛି ବୋଲଗଡ ବ୍ଲକରେ । ବିନା ଶିକ୍ଷକରେ ପାଠ ପଢୁଛନ୍ତି ବିଦ୍ୟାଳୟର ପିଲା । ବୋଲଗଡ ଶିକ୍ଷା ବ୍ଲକ ଅଧୀନସ୍ଥ ସରକାରୀ ଉଚ୍ଚ ବିଦ୍ୟାଳୟ ଆରିକମା ଠାରେ । ବିଦ୍ୟାଳୟରେ ନାହାନ୍ତି ସଂସ୍କୃତ ଶିକ୍ଷକ କି କ୍ରୀଡା ଶିକ୍ଷକ । ବହୁ ଦିନ ତଳୁ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ସ୍କୁଲର ପ୍ରଧାନ ଶିକ୍ଷକ ଏହି ସମସ୍ୟାକୁ ଉପରିସ୍ଥ ଉଚ୍ଚ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ । କିନ୍ତୁ ତାହାର କୌଣସି ସୁଫଳ ମିଳିପାରିନାହିଁ ଏଯାବତ । ପ୍ରଧାନ ଶିକ୍ଷକ ବନମାଳୀ ସାହୁଙ୍କ ସୂଚନାଅନୁଯାୟୀ ୨୦୨୧ ମସିହା ଠାରୁ ସଂସ୍କୃତ ଶିକ୍ଷକ ଏବଂ କ୍ରୀଡା ଶିକ୍ଷକ ବିଦ୍ୟାଳୟରେ ନାହାନ୍ତି । ଯାହାଫଳରେ ଛାତ୍ରଛାତ୍ରୀମାନେ ପାଠପଢା ସହିତ କ୍ରୀଡା ଜନିତ ସମସ୍ୟାର ସମ୍ମୁଖୀନ ହେଉଅଛନ୍ତି । ଚଳିତ ବର୍ଷ ମାଟ୍ରିକ ପରୀକ୍ଷାକୁ ନେଇ ମାଟ୍ରିକ ଛାତ୍ରଛାତ୍ରୀମାନେ ସଂସ୍କୃତ ଶିକ୍ଷାର ଅଭାବ ଯୋଗୁଁ ପରୀକ୍ଷାରେ କେମିତି ସେମାନେ ସଂସ୍କୃତ ବିଷୟକୁ ସାମ୍ନା କରିବେ ବୋଲି ମାନସିକ ଚିନ୍ତିତ ହୋଇ ବିଦ୍ୟାଳୟ ସମ୍ମୁଖରେ ଆଜି ରାଜସୁନାଖଳା - ଧଳାପଥର ରାଜରାସ୍ତାରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀମାନେ ରାଜରାସ୍ତାକୁ ଅବରୋଧ କରି ଆନ୍ଦୋଳନ କରିଥିଲେ। ଏହି ଆନ୍ଦୋଳନ ଦୀର୍ଘ ସକାଳ ୯:୩୦ ରୁ ୧୧:୩୦ ପର୍ଯ୍ୟନ୍ତ ପ୍ରାୟ ଦୁଇ ଘଣ୍ଟା ଧରି ଚାଲିଥିଲା । ଏହି ଘଟଣାକୁ ନେଇ ମଧ ସ୍କୁଲ ସମ୍ମୁଖରେ ଅଭିଭାବକମାନଙ୍କର ହୋହାଲ୍ଲା ହୋଇଥିବା ଦେଖିବାକୁ ମିଳିଛି । ଏହି ଘଟଣାର ଖବର ପାଇ ବୋଲଗଡ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ପହଂଚି ଛାତ୍ରଛାତ୍ରୀ ଅଭିଭାବକମାନଙ୍କୁ କହିଥିଲେ ଯେ ସେ ଜିଲ୍ଲା ସହକାରୀ ଶିକ୍ଷା ଅଧିକାରୀଙ୍କ ସହ କଥା ହୋଇ ଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ ସାତ ଦିନ ମଧ୍ୟରେ ପଞ୍ଚପଲ୍ଲୀ ହାଇସ୍କୁଲ ମାଣିବନ୍ଧ ରୁ ଜଣେ ସଂସ୍କୃତ ଶିକ୍ଷକଙ୍କୁ ଡେପୁଟେସନରେ ଆଣିବେ ବୋଲି କହିଛନ୍ତି । ଯାହାଫଳରେ ସମସ୍ୟାର ସମାଧାନ ହୋଇପାରିବ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରଛାତ୍ରୀମାନେ ରାଜରାସ୍ତାରୁ ହଟିଥିଲେ । ଏହି ସରକାରୀ ଉଚ୍ଚ ବିଦ୍ୟାଳୟ ଆରିକମାରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଏବଂ ନବମ ଶ୍ରେଣୀ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନେ ପାଠ ପଢୁଛନ୍ତି ଏହି ବିଦ୍ୟାଳୟରେ। ପ୍ରଥମରୁ ପଞ୍ଚମ ଶ୍ରେଣୀରେ ୩ ଜଣ ଶିକ୍ଷକ ଥିବାବେଳେ ନବମ ଓ ଦଶମ ଶ୍ରେଣୀରେ ୬ ଜଣ ଶିକ୍ଷକ ଅଛନ୍ତି । ପ୍ରଥମ ରୁ ପଞ୍ଚମ ଶ୍ରେଣୀରେ ମୋଟ ୨୬ ଜଣ ଛାତ୍ରଛାତ୍ରୀ ଥିବା ବେଳେ ନବମ ଶ୍ରେଣୀରେ ୫୮ ଓ ଦଶମ ଶ୍ରେଣୀରେ ୪୧ ଜଣ ଛାତ୍ରଛାତ୍ରୀ ଏହି ସରକାରୀ ଉଚ୍ଚ ବିଦ୍ୟାଳୟ ଆରିକମାରେ ପାଠ ପଢୁଛନ୍ତି । ଆଜି ଏହି ଆନ୍ଦୋଳନ ଛାତ୍ରଛାତ୍ରୀମାନେ କରିଥିବାବେଳେ ଗ୍ରାମବାସୀମାନଙ୍କ ସହିତ ଅଭିଭାବକମାନେ ବ୍ଲକ ଶିକ୍ଷାଧିକାରୀ ଙ୍କୁ ଶୀଘ୍ର ଶିକ୍ଷକ ପଦ ପୂରଣ ପାଇଁ ଅନୁରୋଧ କରିଥିଲେ । ବୋଲଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ବୋଲଗଡ଼ ଥାନା ପୋଲିସ ଅଧିକାରିଣୀ ସ୍ନିଗ୍ଧାମୟୀ ବରାଳ ଏଏସଆଇ ଲିଲି ପାଢ଼ୀ ଓ ବାଙ୍କୋଇ ଫାଣ୍ଡି ପୋଲିସ ଅଧିକାରୀ ଦିଲ୍ଲୀପ କୁମାର ସାହୁ ଏବଂ ତୁଷାର କାନ୍ତ ନାୟକ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀ ସ୍ଥାନୀୟ ଲୋକମାନଙ୍କୁ ଓ ଅଭିଭାବକମାନଙ୍କୁ ବୁଝାସୁଝା କରିଥିଲେ । ବିନା ଶିକ୍ଷକରେ ଛାତ୍ରଛାତ୍ରୀମାନେ ଶିକ୍ଷାଦାନ କରୁଥିବାରୁ ସେମାନଙ୍କ ଜୀବନ ପ୍ରତି ଶିକ୍ଷାର ମାନ ଅତି ଅସହ୍ୟ ହୋଇପଡିଛି । ଏହି ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ ଦେବାପାଇଁ ଆବଶ୍ୟକୀୟ ଶିକ୍ଷକ / ଶିକ୍ଷୟିତ୍ରୀ ନ ଥିବାରୁ ଦିନକୁ। ତେଣୁ ବିଦ୍ୟାଳୟର ସୁରକ୍ଷା ଓ ଛାତ୍ରଛାତ୍ରୀମାନଙ୍କର ଶିକ୍ଷାର ବିକାଶ ପାଇଁ ଖୋର୍ଦ୍ଧା ଜିଲ୍ଲା ପାଳ ଚଞ୍ଚଳ ରଣା, ଜିଲ୍ଲା ଶିକ୍ଷା ଅଧିକାରୀ,ବୋଲଗଡ ବିଡ଼ିଓ ଶରତ କୁମାର ମଲ୍ଲିକ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ଏଥିପ୍ରତି ଶୀଘ୍ର ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନେ ଅନୁରୋଧ କରିଅଛନ୍ତି ।

# ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆବିର୍ଭାବ ମହୋତ୍ସବ ଅନୁଷ୍ଠିତ

ରଘୁନାଥପୁର (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ସ୍ଥାନୀୟ ମଦନମୋହନ ମଠ ପରିସରରେ ଶନିବାର ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଆବିର୍ଭାବ ମହୋତ୍ସବ ଓ ସତସଙ୍ଗ କେନ୍ଦ୍ରର ପଞ୍ଚଦଶ ବାର୍ଷିକ ଉଦବୋଧନୀ ସ୍ମୃତି ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ସତସଙ୍ଗ କେନ୍ଦ୍ରରେ ପ୍ରତ୍ୟୁଷରୁ ଉଷାକୀର୍ତ୍ତନ, ସକାଳ ପ୍ରାର୍ଥନା,ଭଜନ କୀର୍ତ୍ତନ ଓ ନଗରକୀର୍ତ୍ତନ ପରେ ମଦନମୋହନ ମଠ ପରିସରରେ ଓଡିଶାର ବରିଷ୍ଠ ସହପ୍ରତି ରତିକ ନଗେନ୍ଦ୍ର ନାଥ ସ୍ୱାଇଁଙ୍କ ପୌରହିତ୍ୟରେ ଧର୍ମଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ରତିକ



ହୃଷିକେଶ ଆଚାର୍ଯ୍ୟ,ଗୋବିନ୍ଦ ଭୂୟାଁ,ରାମ ଚନ୍ଦ୍ର ଭୂୟାଁ,ବିଜୟ କୁମାର ମାଦେଳି,ନିରଞ୍ଜନ ଜେନା,ଗୋପାଳ ଦାସ,ନରସିଂହ ବେହୁରା,ଭୁବନ ମୋହନ ସ୍ୱାଇଁ,ପ୍ରମୁଖ ଧର୍ମଚର୍ଚ୍ଚା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉତ୍ସବରେ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ କହିଥିଲେଯେ ଆମସମସ୍ତଙ୍କର ଜୀବନ୍ତ ଠାକୁର ହେଉଛନ୍ତି ପିତା ମାତା। ତାଙ୍କୁ ପାଇଁ ଜୀବନ ଉତ୍ସର୍ଗୀକୃତ ହେବା ଆବଶ୍ୟକ। ଏଥିରେ ରତିକ ବିରେନ ରାଉତ ପ୍ରାରମ୍ଭିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ରଘୁନାଥପୁର ସତସଙ୍ଗ କେନ୍ଦ୍ରର ଇନଚାର୍ଜ ନିର୍ମଳ କୁମାର ଜେନା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା ଓ ଶରତ ଚନ୍ଦ୍ର ସ୍ୱାଇଁ ଧ୍ୱନୀ ଦେଇଥିଲେ। ଅପରାହ୍ନରେ ମାତୃ ସମ୍ମିଳନୀ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଓ ବାବା ସଦାନନ୍ଦ ଯୋଗ ଦେଇ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ବିଷୟରେ ଉଦବୋଧ ଦେଇଥିଲେ। ଏହି ମାତୃ ସମ୍ମିଳନୀକୁ ବିଜୟନ୍ତୀ ସ୍ୱାଇଁ ଏବଂ ଜୁଲି ମା' ପରିଚାଳନା କରିଥିଲେ।

# ମାସିକ ପ୍ରଧାନ ଶିକ୍ଷକ ସମ୍ମିଳନୀ




ବୋଲଗଡ(ଭାସ୍କର ନ୍ୟୁଜ): ବୋଲଗଡ଼ ଗୋଷ୍ଠୀଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ସମସ୍ତ ମାଧ୍ୟମିକ ବିଦ୍ୟାଳୟର ଦ୍ୱାଦଶ ପ୍ରଧାନ ଶିକ୍ଷକ ସମ୍ମିଳନୀ ଗୋଷ୍ଠୀ ଶିକ୍ଷାଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟଙ୍କ ଅଧ୍ୟକ୍ଷତାରେ କଡବ ସ୍ଥିତ ଗିରିଧାରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁ ଏବଂ ତାଙ୍କ ସହକର୍ମୀମାନଙ୍କ ପୂର୍ଣ୍ଣ ସହଯୋଗରେ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ବୈଠକରେ ସ୍ଥାନୀୟ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ଅମିତା ମିଶ୍ର ଯୋଗ ଦେଇଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ବଳବନ୍ତରାୟ ଏବଂ ଶ୍ରୀମତୀ ମିଶ୍ର ଆଲୋଚିତ ହେବାକୁ ଥିବା କାର୍ଯ୍ୟସୂଚୀର ସମସ୍ତ ପ୍ରସଙ୍ଗ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ତାହାପରେ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ବେହେରା, ନୀଳମଣୀ ପଣ୍ଡା, ଶ୍ରୀଧର ସାହୁ, ଅମର କୁମାର ବେହେରା, ଧ୍ରୁବ ଚରଣ ତ୍ରିପାଠୀ, ବିଦ୍ୟାଧର ମହାରଣା, ସନ୍ତୋଷ କୁମାଇ ସାହୁ, କ୍ଷେତ୍ର ମୋହନ ରଣା, ପୀତାବାସ ଲେଙ୍କା, ଜୋଚିନ୍ଦ୍ର ଦାସ, ବନମାଳି ସାହୁ ଆସ୍ପିରେସନାଲ କମ୍ପୋନେଣ୍ଟ, ଉତ୍କର୍ଷ ପାଠ୍ୟକ୍ରମ, ଖାନ ଏକାଡେମୀର ଗଣିତ ପାଠ୍ୟକ୍ରମ ଏବଂ ଆପାର ଆଇଡି ସମ୍ବନ୍ଧରେ ଶ୍ରୀଯୁକ୍ତ ବଳବନ୍ତରାୟଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ ।ଶ୍ରୀମତୀ ମିଶ୍ରଙ୍କର କମ୍ପୋଜିଟ, କ୍ରୀଡା, ୟୁନିଫର୍ମ, ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା କୌଶଳ, କମ୍ୟୁନିଟି ମୋବିଲାଇଜେସନ ନିମିତ୍ତ ମଞ୍ଜୁରପ୍ରାପ୍ତ ସରକାରୀ ଅର୍ଥର ବିନିଯୋଗ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧା ମହାପାତ୍ର, ଶୁକାନ୍ତି ଦେଇ, ଜ୍ୟୋସ୍ନାରାଣୀ ବେହେରା, ପ୍ରଣତି ସିଂହ ଓ ସଂଯୁକ୍ତା ଦାଶ । ବିଦ୍ୟାର୍ଥୀମାନଙ୍କୁ ପାଠାଗାର ପୁସ୍ତକ ବଣ୍ଟନ, ବିଜ୍ଞାନାଗାରରେ ପରୀକ୍ଷା ପ୍ରଦର୍ଶନ ବିଷୟରେ ଶିକ୍ଷୟିତ୍ରୀ ମଞ୍ଜୁବାଳା ଷଡ଼ଙ୍ଗୀ, ପ୍ରଣତି ଚୌଧୁରୀ ଏବଂ ଶିକ୍ଷକ ସତ୍ୟନାରାୟଣ ସ୍ୱାଇଁ ଆଲୋକପାତ କରିଥିଲେ । ଏସ ଆଇଓଏସରେ ଆଧାରୁ ପାଠ ଛାଡିଥିବା ଛାତ୍ର ଛାତ୍ରୀମାନଙ୍କ ନାମଲେଖା ପାଇଁ ପଦକ୍ଷେପ ଗ୍ରହଣ କରିବା ଓ ଅଗ୍ନି ଉପରେ ମକଡ୍ରିଲ ତାଲିମର ବ୍ୟବସ୍ଥା କରିବା ଓ ବିଦ୍ୟାର୍ଥୀଙ୍କ ଚକ୍ଷୁ ପରୀକ୍ଷା କରାଇ ତୁରନ୍ତ ତଥ୍ୟ ପ୍ରଦାନ କରିବାକୁ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରିଶେଷରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

# ଗୋମାଂସ ବେପାରୀଙ୍କୁ ପୋଲିସକୁ ଜିମା ଦେଲେ ଗୋ ରକ୍ଷକ



ଶୁଳିଆପଦା(ଭାସ୍କର ନ୍ୟୁଜ): ଶୁଳିଆପଦା ଥାନା ଅଞ୍ଚଳରେ ବେଧଡ଼କ ଗୋ-ଚୋରା ଚାଲାଣ ହେଉଥିବାବେଳେ ଏବେ ଗୋ ମାଂସ ବେପାରୀ ସକ୍ରିୟ । ତେବେ ସୂଚନା ମୁତାବକ ଆଜି ସକାଳ ସମୟରେ ପଶ୍ଚିମବଙ୍ଗ ରାଜ୍ୟରୁ ମୟୁରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଂଚଳକୁ ଏକ ବାଇକ ଯୋଗେ ୧୨ ରୁ ୧୫ କେଜି ଗୋ ମାଂସ ନେଇ ଆସୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଗୋ ରକ୍ଷକ ମାନେ ବଣକାଟି ଛକରେ ଅଟକାଇ ଥିଲେ ଏବଂ ଅଟକ ରଖି ପଚରାଉଚୁରା କରିବାରୁ ଗୋପି ଥାନା,ଧନ୍ କାମଡା ଗ୍ରାମର ବ୍ୟବସାୟୀ ଖଲିଲ୍ ଖାନ୍ ଜବତ ମାଂସ ଗୋ ମାଂସ ବୋଲି ସ୍ୱୀକାର କରିଥିଲା ଏବଂ ଏହି ଭଳି ଅନେକ ଥର ଆଣିଛି ବୋଲି ବେପାରୀ କହିଥିଲା। ପରେ ଶୁଳିଆପଦା ଥାନାକୁ ସ୍ଥାନୀୟ ଲୋକେ ଖବର ଦେଇଥିଲେ । ପୋଲିସ ଟିମ ପହଁଚିଲା ପରେ ଲୋକେ ଉକ୍ତ ଗୋ ମାଂସ ବେପାରୀକୁ ପୋଲିସ ହାତରେ ଜିମା ଦେଇଥିଲେ। ଶୁଳିଆପଦା ପୋଲିସ ଉକ୍ତ ବ୍ୟକ୍ତିକୁ ଗିରଫ କରିକେଶ ନମ୍ବର ୧୭୪/୨୪ ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଡାକ୍ତର ମାଇନା କରି କୋର୍ଟ ଚାଲାଣ କରାଯାଇଛି ବୋଲି ସୂଚନା ଦେଇଛନ୍ତି ଶୁଳିଆପଦା ଆଇ ଆଇ ସି ଆଦିତ୍ୟ ପ୍ରସାଦ ଜେନା ଓ ଏଏସଆଇ ନରେନ୍ଦ୍ର ନାଥ ସେଠୀ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

# ସ୍ୱଳ୍ପ ଦୃଷ୍ଟିସମ୍ପନ୍ନ ପିଲାଙ୍କୁ ଚିହ୍ନଟ ପାଇଁ ତାଲିମ ଶିବିର

ବାରିପଦା(ଭାସ୍କର ନ୍ୟୁଜ): ବାରିପଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସଂଯୋଜନାରେ ଏମକେସି ହାଇସ୍କୁଲ ପରିସରରେ ୧୭୪ ଟି ବିଦ୍ୟାଳୟରୁ ୧୯୨ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଓ ୧୩ ଜଣ ଆଞ୍ଚଳିକ ସାଧନ ସଂଯୋଜକଙ୍କୁ ନେଇ ପୃଥକ ପୃଥକ ଭାବେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଶିବିରକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ନଳିନୀକାନ୍ତ ପ୍ରଧାନ ଓ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଟୁଡୁ ପ୍ରମୁଖ ଉଦ୍ଘାଟନ କରିଥିଲେ । ଚକ୍ଷୁ ଏକ ଅମୂଲ୍ୟ ସମ୍ପଦ ଅଟେ, ଏହାର ଯତ୍ନ କିପରି କାରାଯାଇ ପାରିବ ଓ ବିଦ୍ୟଳୟରେ ପାଠ ପଢୁଥିବା ସମସ୍ତ ଛାତ୍ର ଛାତ୍ରୀ ମାନଙ୍କର ଆଖି କିପରି ସଠିକ ଭାବେ ଚିହ୍ନଟ କରାଯାଇପାରିବ ସେ ବିଷୟରେ ଅତିଥି ଦ୍ୱୟ ପରାମର୍ଶ ଦେଇଥିଲେ । ପଣ୍ଡିତ ରଘୁନାଥ ମୁର୍ମୁ ହସ୍ପିଟାଲ ଓ




ସମଗ୍ର ଶିକ୍ଷା, ମୟୂରଭଞ୍ଜ ତରଫରୁ ଜିଲ୍ଲାରେ ପାଠ ପଢୁଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଚକ୍ଷୁ ପରୀକ୍ଷା କରାଯାଇ, ଦୃଷ୍ଟିଦୋଷ ଥିବା ପିଲାମାନଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯିବା ସହିତ ଆବଶ୍ୟକତା ଅନୁଯାଇ ଅପରେସନର ବ୍ୟବସ୍ଥା, ବୀର ସୁରେନ୍ଦ୍ର ସାଇ ଦିବ୍ୟ ଦୃଷ୍ଟି ଯୋଜନା ମାଧ୍ୟମରେ କରାଯିବ । ବାରିପଦା ହସ୍ପିଟାଲର ଚକ୍ଷୁ ପରୀକ୍ଷକ ଜ୍ୟୋସ୍ନା ସ୍ୱାଇଁ ଓ କେସିପୁର ହସ୍ପିଟଲର ଆୟୁଷ ଡାକ୍ତର ଅଭିଜିତ ରାଉତ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ । ବିଦ୍ୟାଳୟରେ ପିଲାଙ୍କ ଚକ୍ଷୁ ପରୀକ୍ଷା ପାଇଁ ଆବଶ୍ୟକ ଉପକରଣ ମାନ ପ୍ରଦାନ କରଯାଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ, ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ରେଖାରଣୀ ଦାଶ ଓ ଦିଲୀପ କୁମାର ଦାଶ ଶିବିର ପରିଚାଳନା କରିଥିଲେ ।

# କୁକୁଡ଼ା ହାଚେରୀରୁ କର୍ମଚାରୀଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର

ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ମହୁଲପଡା ସ୍ଥିତ ଜଗନ୍ନାଥ ଲେୟର ନାମକ ଏକ କୁକୁଡ଼ା ହାଚେରୀ ପରିସରରେ ଜଣେ କର୍ମଚାରୀଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର କରାଯାଇଛି । ମୃତ ଯୁବକ ଶିବପ୍ରସାଦ କର ଓ ସେ ଏହି ହାଚେରୀରେ ଲାଇଭ ନିରୀକ୍ଷକ ଭାବେ କାମ କରୁଥିଲେ ବୋଲି ଜଣାପଡିଛି । ତାଙ୍କ ଘର ଖୋର୍ଦ୍ଧା ଗୌଡ଼ କାଶୀପୁର ଗ୍ରାମରେ । ରକ୍ତ ଜୁଡୁବୁଡୁ

## ହତ୍ୟା ଅଭିଯୋଗ ଆଣିଲେ ପରିବାର

ଅବସ୍ଥାରେ ତାଙ୍କ ମୃତଦେହ ପାଇଖାନାରେ ପଡିଥିବା କର୍ମଚାରୀ ମାନେ ଦେଖିଥିଲେ । ପରେ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତି କରାଯାଇଥିଲା । ତାଙ୍କ ମୁଣ୍ଡ ପଛ ପଟରେ ଗଭୀର କ୍ଷତ ଥିବାବେଳେ ପ୍ରଚୁର ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳିଥିଲା । ଫଳରେ ମୃତ୍ୟୁର କାରଣକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଖବର ପାଇ ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ତେବେ ମୃତକ ପରିବାର ଓ ସମ୍ପର୍କୀୟ ମାନେ ଶିବ ପ୍ରସାଦଙ୍କ ଏପରି ଆକସ୍ମିକ ମୃତ ଓ ଶରୀରରେ କ୍ଷତ ଯୋଗୁଁ ହତ୍ୟା ସନ୍ଦେହ କରି ତଦନ୍ତ ଦାବି କରିଛନ୍ତି । ଏପଟେ ମୃତ୍ୟୁର କାରଣ କ'ଣ ଜାଣିନଥିବା ସାଙ୍ଗକୁ ଶବ ବ୍ୟବଚ୍ଛେଦ ଓ ପୋଲିସ ତଦନ୍ତରୁ ଜଣାପଡିବ ବୋଲି ହାଚେରୀ ମାଲିକ ପ୍ରକାଶ କରିଛନ୍ତି ।

# ମାଗଣା ସ୍ୱାସ୍ଥ୍ୟସେବା ଶିବିର




ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ବଦାଲୋ ପଂଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନବ ଲିମିଟେଡ୍ ଦ୍ୱାରା ସ୍ୱେଚ୍ଛାସେବୀ ସଂସ୍ଥା ଶୋଭା ଆନୁକୂଲ୍ୟରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଂଚଳରେ ବହୁ ସଂଖ୍ୟାରେ ଲୋକ କିଡ୍ନି ସମସ୍ୟାରେ ସଂକ୍ରମିତ ହୋଇପଡୁ ଥିବାବେଳେ ଚିକିତ୍ସା ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଓଡାପଡା ବ୍ଲକ୍ର ପରାମର୍ଶ କ୍ରମେ ଏହି ଶିବିରଟି କରାଯାଇଥିଲା । ଏଣୁ ଏହି କାର୍ଯ୍ୟକ୍ରମଟି ଅନ୍ୟ ସ୍ୱାସ୍ଥ୍ୟ ଚିକିତ୍ସା ସହିତ ମୁଖ୍ୟତଃ କିଡ୍ନି ସମସ୍ୟା ଉପରେ ପରୀକ୍ଷା କରାଯାଇଥିଲା । ଉଦ୍ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଦାଲୋ ସରପଂଚ ଶ୍ରୀମତୀ କ୍ରିଷ୍ଣା ମହାନ୍ତି, ସମ୍ମାନିତ ଅତିଥି ଭାବେ ବି. ଲକ୍ଷ୍ମୀ ପ୍ରସାଦ, ଜି.ଏମ୍, ନବ ଲିମିଟେଡ୍, ସିଏସ୍ଆର୍ ମୁଖ୍ୟ ରାଧେଶ୍ୟାମ ସିଂ, ହେମନ୍ତ କୁମାର ପଟେଲ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଷଡଙ୍ଗୀ, ଶୋଭାର ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର ଓ ଅନ୍ୟ ପ୍ରମୁଖ ଅଧିକାରୀ ମାନେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିମାନେ ଲୋକ ମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ବୁଝିବା ସହ ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ଉପଦେଶ ଦେଇଥିଲେ ଏବଂ ଏଥିସହ ଉପସ୍ଥିତ ସମସ୍ତ ସ୍ୱାସ୍ଥ୍ୟ ବିଭାଗର ପରିଦର୍ଶନ କରି ମାଗଣା ଶିବିରର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଏହି ଶିବିରରେ ପଂଚାୟତର ୩୭୪ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ବଂଟନ କରାଯାଇଥିଲା। ଶିବିରରେ ୫୮ ଜଣଙ୍କର କିଡ୍ନୀ ପରୀକ୍ଷା ସାଥିରେ ୭୭ ଜଣଙ୍କର ରକ୍ତ ଶର୍କରା, ରକ୍ତଚାପ ହିମୋଗ୍ଲୋବିନ୍, ବ୍ଲଡ୍ ଗ୍ରୁପିଂ, ମ୍ୟାଲେରିଆ ଆଦିର ଟେଷ୍ଟ କରାଯାଇଥିଲା। କିଡ୍ନୀ ସମସ୍ୟା, ସ୍ତ୍ରୀ ରୋଗ, ଶିଶୁ ଚିକିତ୍ସା, ଭେଷଜ, ହୋମିଓପ୍ୟାଥିକ୍ ତଥା ଚକ୍ଷୁ ବିଭାଗରେ ସ୍ୱାସ୍ଥ୍ୟ ବିଶେଷଜ୍ଞ, ଫାର୍ମାସିଷ୍ଟ ଏବଂ ଲ୍ୟାବ୍ ଟେକ୍ନିସିଆନ ଦ୍ୱାରା ସେବା ପ୍ରଦାନ କରା ଯାଇଥିଲା । ସେମାନଙ୍କ ଦ୍ୱାରା ୫୮ ଜଣ କିଡ୍ନି ସମସ୍ୟା, ୪୪ ଜଣ ସ୍ତ୍ରୀ ରୋଗ, ୩୩ ଜଣ ଶିଶୁ, ୯୧ ଜଣ ଭେଷଜ, ୫୦ ଜଣ ହୋମିଓପ୍ୟାଥିକ୍ ଓ ୯୮ ଜଣଙ୍କୁ ଆଖି ପରୀକ୍ଷା କରାଯାଇ ୩୪ ଜଣଙ୍କୁ ଚଷମା ମାଗଣାରେ ବଂଟନ କରାଯାଇଥିଲା । ଏହି ମାଗଣା ସ୍ୱାସ୍ଥ୍ୟସେବା ଶିବିର ପାଇଁ ଗ୍ରାମବାସୀ ବୃନ୍ଦ ଉପକୃତ ହେବାରୁ ସେମାନେ ତାଙ୍କର କୃତଜ୍ଞତା ନବ ଲିମିଟେଡ ପ୍ରତି ଜଣାଇ ଥିଲେ ଏବଂ ଭବିଷ୍ୟତରେ ଏପରି କାର୍ଯ୍ୟକ୍ରମ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ।

# ରାସ୍ତା ନିର୍ମାଣରେ ମହାଦୁର୍ନୀତି



ଓଡାପଡା(ଭାସ୍କର ନ୍ୟୁଜ୍): ସଦାଶିବପୁର ଗ୍ରାମ ପଂଚାୟତ ସଦାଶିବପୁର ଷ୍ଟେସନ ପାଖ ସୁଧାଡ଼ିହକାଟେଣୀ ଗ୍ରାମ ନିକଟରେ ପୂର୍ବତଟ ରେଳପଥ ସଂପ୍ରସାରଣ ପରେ ନିର୍ମାଣ ହେଉଥିବା କଂକ୍ରିଟ ରାସ୍ତା କାର୍ଯ୍ୟରେ ମହାଦୁର୍ନୀତି ହୋଇଥିବାର ଅଭିଯୋଗ କରିଛନ୍ତି ସରପଂଚ ଓ ସ୍ଥାନୀୟ ଗ୍ରାମବାସୀ। ଆଜିକୁ ପ୍ରାୟ ଚାରି ବର୍ଷ ଧରି ପୂର୍ବତଟ ରେଳପଥର ସଂପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ପଂଚାୟତ ଆର.ଡି ରାସ୍ତାଟି ରେଲ୍ୱେର ଭାରି ଯାନ ଚଳପ୍ରଚଳ କରି ନଷ୍ଟ ହୋଇଯାଇଥିଲା । ଯାହାଫଳରେ ରେଲୱେ ଟ୍ରାକର ଦୁଇ ପାର୍ଶ୍ୱରେ ୬ ମିଟର ରାସ୍ତା ନିର୍ମାଣ କରିବା ପାଇଁ ରେଳ ବିଭାଗ ସ୍ଥିର କରିଥଲେ ମଧ୍ୟ ରାସ୍ତା ନିର୍ମାଣ କାରି ଠିକା ସଂସ୍ଥା ଲୋକଙ୍କୁ ଭୁଁଆ ବୁଲାଇ ରାତି ଅଧିଆ ରାସ୍ତା ନିର୍ମାଣ କରୁଥିବାର କଥା ସରପଂଚ ପ୍ରକାଶ କରିଛନ୍ତି। ବିଭାଗୀୟ ଯନ୍ତ୍ରୀ ଓ ସୁପର ଭାଇଜରଙ୍କ ଅନୁପସ୍ଥିତି ରାସ୍ତା କାର୍ଯ୍ୟ ଚାଲୁଥିବା ବେଳେ, କେତେ ବାଲି, ଗୋଡ଼ି ଓ ସିମେଣ୍ଟ ବ୍ୟବହାର କରାଯିବ ସେ ବିଷୟରେ କେହିବି ଜାଣି ନାହାନ୍ତି । ରାସ୍ତା ଢ଼ଳେଇରେ ବ୍ୟବହାର କରାଯାଉଥିବା ବାଲି ସିମେଣ୍ଟର ଭାଗ ମାପ କରିବାକୁ ବିଭାଗୀୟ ଅଧିକାରୀଙ୍କ ଦେଖା ନଥିବାବେଳେ ଠିକାଦାର ରାତି ଅଧିଆ ରାସ୍ତା ଢ଼ଳେଇ କରିଥିବାରୁ ଏଥିରେ ଦୁର୍ନୀତିର ଗନ୍ଧ ବାରିହେବା କଥା ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି। ସରକାର ଗ୍ରାମାଞ୍ଚଳରେ ଗମନା ଗମନ ସୁବିଧା ପାଇଁ ଅନେକ ଯୋଜନା ଓ କୋଟି କୋଟି ଟଙ୍କାର ଅଟକଳ ବ୍ୟୟ କରୁଥିଲେ ମଧ୍ୟ, ତଳ ସ୍ତରରେ କାର୍ଯ୍ୟ କେମିତି ଚାଲୁଛି କାର୍ଯ୍ୟରେ ବ୍ୟବହାର ହେଉଥିବା ସାମଗ୍ରୀର ମାନ ପରଖିବାକୁ ବିଭାଗୀୟ ଅଧିକାରୀଙ୍କ ଦେଖା ମିଳୁନାହିଁ । ଏପରିକି ନିର୍ମାଣ ହେଉଥିବା ପ୍ରକଳ୍ପଟି ଜନହିତରେ ଦୀର୍ଘ ଦିନ ପଯ୍ୟନ୍ତ ବ୍ୟବହାର ଉପଯୋଗୀ ପାଇଁ ନିର୍ମାଣ ହୋଇଥିଲ ମଧ୍ୟ ଅଳ୍ପ କେତେ ମାସ ଭିତରେ ଭାଙ୍ଗି ରୁଜି ନଷ୍ଟ ହେଇ ଯାଉଛି ।ଆଗାମୀ ଦିନରେ ଏହିପରି ରାତି ଅଧିଆ ରାସ୍ତା ନିର୍ମାଣ କରିଥିବା ଠିକା ସଂସ୍ଥା ଉପରେ ଯଦି ସରକାର କିଛି କର୍ଯ୍ୟାନୁଷ୍ଠାନ ଗ୍ରହଣ ନକରନ୍ତି, ସରକାର ନିଜେ ବଦନାମ ହେବାସହ ସ୍ଥାନୀୟ ଲୋକମାନେ ରାସ୍ତାକୁ ଓହ୍ଲାଇବେ ବୋଲି ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି।



କଟକ(ଭାସ୍କର ନ୍ୟୁଜ): ସିଡ଼ିଏ ସେକ୍ଟର-୬ ଜଗନ୍ନାଥ ମନ୍ଦିରଠାରେ ଏକ ମାଗଣଶ ସ୍ୱାସ୍ଥ୍ୟ ଶିବିର 'ୟୁଥ୍ ଉଇଙ୍ଗ୍ ସିଡ଼ିଏ' ସାମାଜିକ ସଂଗଠନ ଦ୍ୱାରା ଆୟୋଜିତ ହୋଇଯାଇଛି । ଏହି ଶିବିରରେ ସହଯୋଗ କରିଥିଲେ ରେଣୁ ଡେଂଟାଲ କ୍ଲିନିକ୍, ଜେପିଏମ୍ ରୋଟାରୀ ଆଇ ହସ୍ପିଟାଲ, ସାର୍ଥି ହସ୍ପିଟାଲ, ଏ.ଏନ୍ ଡ଼ାଇଗ୍ନୋଷ୍ଟିକ। ଏହି ଶିବିରରେ ରୋଗୀମାନଙ୍କର ବିଭିନ୍ନ ପରୀକ୍ଷା କରାଯିବା ସହ ସେମାନଙ୍କୁ ମାଗଣାରେ ଔଷଧ ସଂପୂର୍ଣ୍ଣ ଦିଆଯାଇଛି । ଏହି ସ୍ୱାସ୍ଥ୍ୟସେବା ଶିବର କାର୍ଯ୍ୟକ୍ରମରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍‌ଦୋଷ, କଟକ ଜିଲ୍ଲା ବିଜେପି ସଭାପତି ଲଲାଟେନ୍ଦୁ ବଡୁ, କଟକ ମହାନଗର ନାଗରିକ ମହାସଭାର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁ, ଡ଼. ପ୍ରଶାନ୍ତ ଦାଶ, ଶିକ୍ଷାବିତ୍ ରାମକୃଷ୍ଣ ଦଳେଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଟ୍ରଷ୍ଟର ଉପସଭାପତି ରୋଶନ ସାହୁ, ସଂପାଦକ ଇଂ ସନ୍ଦୀପ୍ ବିଶ୍ୱାଳ, କୋଷାଧ୍ୟକ୍ଷ ବିବେକ ପଟ୍ଟନାୟକ, ଡ଼ାକ୍ତର ଦିଗ୍‌ବିଜୟ ସାହୁ, ଡ଼ାକ୍ଟର ଲିପ୍‌ସିତା ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

### ସରିଲା ଶ୍ରୀ ନୃତ୍ୟୋତ୍ସବ
## ଦଳଗତ ନୃତ୍ୟରେ ଦର୍ଶକ ବିଭୋର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ନୃତ୍ୟ ଅନୁଷ୍ଠାନ ଶ୍ରୀ ଡ଼୍ୟାନ୍ସ ଏକାଡ଼େମୀ ଦ୍ୱାରା ଆୟୋଜିତ ଶ୍ରୀ ନୃତ୍ୟୋତ୍ସବ ୨୦୨୪ ରବିବାର ରବିନ୍ଦ୍ର ମଣ୍ଡପରେ ଉଦ୍‌ଯାପିତ ହୋଇଯାଇଅଛି । ଉଦ୍‌ଯାପନୀ ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟର ଏକକ, ଦୈତ୍ୟ ଓ ଦଳଗତ ପର୍ଯ୍ୟାୟରେ ବିଶିଷ୍ଟ ଖ୍ୟାତନାମା ଶିଳ୍ପୀମାନଙ୍କ ପରିବେଷଣ ସହିତ ପୁରସ୍କାର ବିତରଣ ଉତ୍ସବ ଦେଖିବାକୁ ମିଳିଥିଲା । ଉଦ୍‌ଘାଟନୀ ସଂଧ୍ୟାରେ ଅତିଥି ଭାବରେ ଯୋଗଦେଇଥିଲେ ବିଶିଷ୍ଟ ଲେଖକ ତଥା ଅଲ୍ ଇଣ୍ଡିଆ ରେଡ଼ିଓର ଷ୍ଟେସନ ନିର୍ଦ୍ଦେଶକ ସାନ୍ତନୁ ରଥ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସ୍ୱତବ ଶାସନ ସଚିବ ତଥା ଉତ୍କଳିକାର ପରିଚାଳନା ନିର୍ଦ୍ଦେଶିକା ମଧୁମିତା ରଥ, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ରାଜଶ୍ରୀ ଚିନ୍ତକ, ପାରାଦ୍ୱୀପ ଫସଫେଟ୍ ଲିମିଟେଡର ମୁଖ୍ୟ ନିଗମ ପରିଚାଳକ ସୁଦ୍ଧି ରଞ୍ଜନ ମିଶ୍ର, ଶ୍ରୀ ଡ଼୍ୟାନ୍ସ ଏକାଡ଼େମୀର ସଭାପତି ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଓ ଶ୍ରୀ ଡ଼୍ୟାନ୍ସ ଏକାଡ଼େମୀର ସମ୍ପାଦିକା ନମିତା ରାୟ । କାର୍ଯ୍ୟକ୍ରମ ଆର ମ୍ଭରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ଗୁରୁ ଆଲୋକ କାନୁନ୍‌ଗୋ ଓ ପ୍ରଖ୍ୟାତ ସମସାମୟିକ ଭିଜୁଆଲ ଆର୍ଟିଷ୍ଟ ବିରେନ୍ଦ୍ର ପାଣିଙ୍କୁ ଶ୍ରୀ ଡ଼୍ୟାନ୍ସ ଏକାଡ଼େମୀ ଦ୍ୱାରା ସମ୍ମାନିତ କରାଯାଇଥିଲା । ସଂଧ୍ୟାର ପ୍ରଥମ ଉପସ୍ଥାପନା ଥିଲା ଗୁରୁ ନମିତା ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀ ଡ଼୍ୟାନ୍ସ ଏକାଡ଼େମୀର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ । ସେମାନଙ୍କ ପ୍ରସ୍ତୁତିରେ ଥିଲା ଭକ୍ତି ରଚନାତ୍ମକ ନୃତ୍ୟାଭିନୟ ପରମବ୍ରହ୍ମ ପୂର୍ଣ୍ଣ ବ୍ରହ୍ମ, ଯାହାର ସଙ୍ଗୀତ ସଂଯୋଜନା ରବି ଶଙ୍କର ପ୍ରଧାନ, ବାଦ୍ୟ ସଂଯୋଜନା ଗୁରୁ ସଚ୍ଚିଦାନନ୍ଦ ଦାସ ଓ ନୃତ୍ୟ ସଂରଚନା ଗୁରୁ ନମିତା ରାୟ କରିଥିଲେ । ପରବର୍ତ୍ତୀ ପ୍ରସ୍ତୁତିଟି ଥିଲା ଏକକ ଓଡ଼ିଶୀ ନୃତ୍ୟ ପର୍ଯ୍ୟାୟରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଆଲୋକ କାନୁନଗୋଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟାଭିନୟ କବି ଲୋକନାଥ ପଟ୍ଟନାୟକଙ୍କ ଦ୍ୱାରା ରଚିତ ମୋ କୃଷ୍ଣ ପରି ଯାହା ରାଗ ମିଶ୍ର ଖମାଜ ଓ ତାଳ ଖେମଟା ଉପରେ ନିବଦ୍ଧ ଥିଲା ଯାହାର ସଙ୍ଗୀତ ସଂଯୋଜନା ଗୁରୁ ସଚ୍ଚିଦାନନ୍ଦ ଦାସ ଓ ଧୀରଜ ମହାପାତ୍ର ଏବଂ ନୃତ୍ୟ ସଂରଚନା ଗୁରୁ ଆଲୋକ କାନୁନ୍‌ଗୋ କରିଥିଲେ । ପରେ ପରେ ଓଡ଼ିଶୀ ଦୈତ୍ୟ ନୃତ୍ୟ ପର୍ଯ୍ୟାୟରେ ସପ୍ନାରାଣୀ ସିହ୍ନା ଓ ଅଙ୍କିତା ରଥଙ୍କ ଦ୍ୱାରା କୃଷ୍ଣାଷ୍ଟକମ୍ ପରିବେଷିତ ହୋଇଥିଲା । ପରିବର୍ତ୍ତୀ ପ୍ରସ୍ତୁତିରେ ଥିଲା ଦଳଗତ ଓଡ଼ିଶୀ ନୃତ୍ୟ ପଞ୍ଚପରମେଶ୍ୱର ଯାହାକୁ ପରିବେଷଣ କରିଥିଲେ ଶ୍ରୀରାଧା କଳାକୁଞ୍ଜ ଅନୁଷ୍ଠାନର ଶିଳ୍ପୀଗଣ । ଉଦ୍‌ଯାପନୀ ସଂଧ୍ୟାର ଅନ୍ତିମ ପ୍ରସ୍ତୁତିରେ ଥିଲା ନୃତ୍ୟାଳୟ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଅଭିନୟ ନିଳାଦ୍ରୀନାଥ । ଏହି କାର୍ଯ୍ୟକ୍ରମଟିକୁ ବିଶ୍ୱଜିତ୍ ବଳିଆରସିଂହ ପରିଚାଳନା କରିଥିବା ବେଳେ ସଂଯୋଜନା କରିଥିଲେ ଗୁରୁ ନମିତା ରାୟ ।



ମଦର ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ

## ପ୍ରଥମ ଅନ୍ତର୍ଜାତୀୟ ଫିଜିଓଥେରାପିଷ୍ଟ ସମ୍ମିଳନୀରେ ଯୋଗଦେଲେ ଆଇନ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରବିବାର ସୋଆ ବିଶ୍ୱବିଦ୍ୟାଳୟ ପରିଚ୍ଳାଳିତ ଇନଷ୍ଟିଚ୍ୟୁଟ୍ ଅଫ ମେଡ଼ିକାଲ ସାଇନ୍ସ ଏବଂ ସମ୍ ହସ୍ପିଟାଲର ଫିଜିଓଥେରାପି ବିଭାଗ, ଇଣ୍ଡିଆନ୍ ଆସୋସିଏସନ୍ ଅଫ ଫିଜିଓଥେରାପିଷ୍ଟ (ଉତ୍କଳ ଶାଖା) ଏବଂ ଇଣ୍ଡିଆନ୍ ଆସୋସିଏସନ୍ ଅଫ ଫିଜିଓଥେରାପିଷ୍ଟ ଓମେନ୍ ସେଲ ପକ୍ଷରୁ ଅନୁଷ୍ଠିତ ପ୍ରଥମ ଆନ୍ତର୍ଜାତୀୟ ଫିଜିଓଥେରାପିଷ୍ଟ ସମ୍ମିଳନୀରେ ଯୋଗଦେଇଛନ୍ତି । ଏହି ଅବସରରେ ସେ ତାଙ୍କର ଅଭିଭାଷଣରେ କହିଥିଲେ ଯେ, ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ଔଷଧ ବା ଅସ୍ତ୍ରୋପଚାର ଯେତିକି ଆବଶ୍ୟକ, ଫିଜିଓଥେରାପି ମଧ୍ୟ ସେତିକି ଆବଶ୍ୟକ ଓ ଜଟିଳ ସମସ୍ୟା ଥିବା ରୋଗୀଙ୍କୁ ସୁସ୍ଥ କରିବାରେ ସହାୟକ ହେଉଛି ଫିଜିଓଥେରାପି, ତତସହିତ ନ୍ୟୁରୋଲୋଜି ଓ ଅର୍ଥୋପେଡ଼ିକ୍ ଜନିତ ସମସ୍ୟା ଦୂର କରିବାରେ ଫିଜିଓଥେରାପି ହିଁ ଉତ୍ତମ ମାଧ୍ୟମ ଅଟେ। ଏହି କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ଇଣ୍ଡିଆନ୍ ଆସୋସିଏସନ୍ ଅଫ ଫିଜିଓଥେରାପିର ଜାତୀୟ ସଭାପତି ଡ଼ଃ ସଞ୍ଜୀବ ଝା, ସମ୍ ହସପିଟାଲର ଫିଜିଓଥେରାପି ବିଭାଗର ମୁଖ୍ୟ ଡ଼ାଃ ସ୍ମିତିପ୍ରଜ୍ଞା ଦଳବେହେରାଙ୍କ ସମେତ ଆସୋସିଏସନର କର୍ମକର୍ତ୍ତାଗଣ ଓ ଫିଜିଓଥେରାପିଷ୍ଟ ମାନେ ଉପସ୍ଥିତ ଥିଲେ।

## ଭାରତୀୟ ମହିଳା ଜୁନିୟର ହକି ଟିମକୁ ଶୁଭେଚ୍ଛା ଜଣାଇଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତୀୟ ମହିଳା ଜୁନିୟର ହକି ଟିମକୁ ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏକ୍ସ ହ୍ୟାଣ୍ଡେଲରେ ନବୀନ କହିଛନ୍ତି ଯେ, ମହିଳା ଜୁନିୟର ଏସିଆ କପ ୨୦୨୪ରେ ଜାପାନକୁ ୩-୧ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ମହିଳା ହକି (ଜୁନିୟର) ଟିମକୁ ଶୁଭେଚ୍ଛା । ଟିମ ଏଭଳି ବିଜୟ ଧାରା ଜାରି ରଖୁ ଏବଂ ଦେଶକୁ ଗର୍ବିତ କରୁ । ଫାଇନାଲ ମ୍ୟାଚ ପାଇଁ ଟିମକୁ ଶୁଭେଚ୍ଛା ଜଣାଉଛି ।

## ମୋ ବସ ଜଳିବା ଘଟଣାରେ ଯାଞ୍ଚ କଲା କୁଟ

କଟକ(ଭାସ୍କର ନ୍ୟୁଜ): ଶନିବାର ରାତିରେ ମଧୁପାଟଣା ଛକରେ ନିଆଁ ଲାଗି ମୋ ବସ' (ଓଡି-୩୩- ୟୁ -୭୧୧୧) ପୋଡିଯିବା ଘଟଣାରେ ମୋ ବସ୍ ପରିଚାଳନା କରୁଥିବା ସଂସ୍ଥା କୁଟ ପକ୍ଷରୁ ଆଜି ତଦନ୍ତ ଆରମ୍ଭ ହୋଇଛି। କୁଟର ପରିଚାଳନା ନିର୍ଦ୍ଦେଶକ ଡ.ଏନ. ତିରୁମାଳା ନାୟକ, ଜେନେରାଲ୍ ମ୍ୟାନେଜର ସୟ ବିଶ୍ୱାଳ ଏବଂ ପରିବହନ ବିଭାଗର ଡେପୁଟି କମିଶନର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଘଟଣା ସ୍ଥଳରେ ପହଁଚି ଅଗ୍ନିକାଣ୍ଡର କାରଣ ଖୋଜିଛନ୍ତି। କେଉଁଥି ପାଇଁ ବସ୍‌ରେ ନିଆଁ ଲାଗିଲା ସମସ୍ତ ଦିଗକୁ ଯାଞ୍ଚ କରିଥିବା ଜଣାପଡ଼ିଛି। ତେବେ କାହିଁକି ଏକାଧିକ ବାର ମୋ ବସ୍‌ରେ ନିଆଁ ଲାଗୁଛି ଏହାର ତଦନ୍ତ ପାଇଁ ପରିବହନ ବିଭାଗର ଡେପୁଟି କମିଶନରଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଉକ୍ତ କମିଟିରେ ଏମ୍‌ଭିଆଇ, କୁଟର ବରିଷ୍ଠ ଅଧିକାରୀଙ୍କ ସମେତ ଏକ ଟେକ୍ନିକାଲ ଟିମ୍ ତଦନ୍ତ କରୁଛି ।

## ଶୀତକାଳୀନ ଉତ୍ସବରେ ଯୋଗଦେଲେ କେଭି ସିଂହଦେଓ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶୀତକାଳୀନ ଉତ୍ସବ ୨୦୨୪ରେ ଯୋଗଦେଇଛନ୍ତି କେଭି ସିଂହଦେଓ । ଏନେଇ ଏକ୍ସ ହ୍ୟାଣ୍ଡେଲରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ, ଗତକାଲି ଜେଡ୍ ୱାନ୍ ଆପାର୍ଟମେଣ୍ଟସ୍‌ରେ ଦ୍ୱିତୀୟ ଶୀତକାଳୀନ ଉତ୍ସବ ୨୦୨୪ ରେ ଯୋଗ ଦେଇ ଜୀବନର ଦୃଢ଼ ଗତିଶୀଳତା ମଧ୍ୟ ରେ ସାମାଜିକ ସୁରକ୍ଷା ଓ ଅନ୍ତର୍ବ୍ୟକ୍ତିଗତ ସମ୍ପର୍କ କୁ ପ୍ରଚାର କରିବାରେ ଏହି ସମାଜ ଗୁଡ଼ିକର ମହତ୍ତ୍ୱକୁ ଉଲ୍ଲେଖ କରିଥିଲି । ଏହି ଶୀତକାଳୀନ ଉତ୍ସବଟି ଏକ ମନୋରମ ଦୃଶ୍ୟ ପ୍ରଦାନ କରିଥିଲା। ଏହି କାର୍ଣ୍ଣିଭାଲ୍ ମୂଳତଃ 'ଆଲାଇସ ଇନ୍ ୱଣ୍ଡରଲ୍ୟାଣ୍ଡ' ଥିମ୍ ଉପରେ ଆଧାରିତ ଥିଲା, ଯେଉଁଥିରେ ସମଗ୍ର କମ୍ପ୍ଲେକ୍ସକୁ ଏକ ଅଦ୍ଭୁତ ରୂପରେ ସଜାଇ ଦିଆଯାଇଥିଲା ।

## ଏସ୍‌ସିବିରେ ଜାଲ୍ ନିଯୁକ୍ତି ଘଟଣାରେ ଠିକା ସଂସ୍ଥାଙ୍କୁ ନୋଟିସ୍

କଟକ(ଭାସ୍କର ନ୍ୟୁଜ): କଟକ ବଡ ମେଡିକାଲ୍‌ରେ ହୋଇଥିବା ନିଯୁକ୍ତି କେଲେଙ୍କାରୀ ଅଭିଯୋଗ ଘଟଣାରେ କର୍ତ୍ତୃପକ୍ଷ ଦୁଇ ଠିକା ସଂସ୍ଥା, ପାରିତୋଷ ସର୍ଭିସ୍ ଏବଂ ଜି.ମୁଣ୍ଡୀ ସର୍ଭିସ୍‌କୁ ଏସ୍‌ସିବି କର୍ତ୍ତୃପକ୍ଷ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ସଂସ୍ଥାରେ କାର୍ଯ୍ୟ କରୁଥିବା ଠିକା କର୍ମଚାରୀ ବିଭିନ୍ନ ବେଆଇନ କାର୍ଯ୍ୟରେ ଲିପ୍ତ ଥିବାନେଇ ଅଭିଯୋଗ ଆସିଛି। ୩ଦିନ ମଧ୍ୟରେ ଜଣାଇବାକୁ ଗିରଫ ହୋଇଥିବା ସଂସ୍ଥା କର୍ମଚାରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ସଂସ୍ଥା ପକ୍ଷରୁ ଗ୍ରହଣ କରାଯାଇଛି ସେ ସଂକ୍ରାନ୍ତରେ କର୍ତ୍ତୃପକ୍ଷଙ୍କ ନିକଟରେ ରିପୋର୍ଟ୍ ଦାଖଲ କରିବାକୁ ନୋଟିସ୍‌ରେ କୁହାଯାଇଛି।

### ସୈନିକ ସ୍କୁଲ-ଓଏମ୍‌ସି ମାରାଥନ୍ ଅନୁଷ୍ଠିତ
## ସିନିୟର ବିଭାଗରେ ବି.ପ୍ରସାଦ ଦୋରା ଏବଂ ମାଷ୍ଟର ବିକାଶ ଜୁନିୟର ବିଜେତା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୈନିକସ୍କୁଲ ଏବଂ ଓ.ଏମ୍.ସି ର ମିଳିତ ଆନୁକୂଲ୍ୟରେ ଅଷ୍ଟମ ବିଜୁ ମାରାଥନ ଚଳିତ ମାସ ୧୫ ତାରିଖ ସକାଳ ୬ଟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୈନିକସ୍କୁଲର ୫୦୦ କ୍ୟାଡ଼େଟ୍, ୨୦୦ ପୂରାତନ ଛାତ୍ର, ସହୋଦୟ ସ୍କୁଲ ଓ ସରକାରୀ ସ୍କୁଲ ମାନଙ୍କରୁ ୪୦୦ରୁ ଉର୍ଦ୍ଧ ପ୍ରତିଯୋଗୀଙ୍କୁ ମିଶାଇ ସମୁଦାୟ ୧୨୦୦ ଜଣ ପ୍ରତିଯୋଗି ଅଂଶ ଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗିତା ରେ ସିନିୟର ବିଭାଗ ୧୦ କିମି ଓ କନିଷ୍ଠ ବିଭାଗର ସମସ୍ତ ପ୍ରତିଯୋଗି ୭ କିମି ପଥ ଅତିକ୍ରମ କରିଥିଲେ। ଏହି ଗଣ ଦୌଡ଼କୁ କମୋଡ଼ର ମହେଶ ରହଙ୍ଗଡ଼ାଲେ, ଡ଼େପୁଟୀ ଡ଼ାଇରେକ୍ଟର ଜେନେରାଲ, ଏନ୍.ସି.ସି, ନାଇରେକ୍ଟୋରେଟ୍, ଓଡ଼ିଶା, କର୍ଣ୍ଣଲ୍ ବାଲୁଭରତ, ପ୍ରିନ୍‌ସିପାଲ, ସୈନିକସ୍କୁଲ ଓ ମଧୁସୂଦନ ପାଢ଼ି ଆଇ.ଏ.ଏସ୍ (ଅବସର ପ୍ରାପ୍ତ) ପୁରାତନ ଛାତ୍ର ସଂସଦର ସଭାପତି ପତାକା ଦେଖାଇ ମାରାଥନ ଦୌଡ଼ର ଶୁଭ ଉଦ୍‌ଘାଟନ କରିଥିଲେ। ଏହାଛଡ଼ା କମାଣ୍ଡର୍ ଦିନେଶ ସ୍ୱାଇଁ, ଓ.ବି.ଏ. ସଂପାଦକ, ଲେ.କର୍ଣ୍ଣଲ୍ ଅମିତ ତିୱାରୀ, କମାଣ୍ଡର ମନୋରମା ପୋଖେରିୟା,ଓ.ଏମ୍.ସି ର ବରିଷ୍ଠ ଅଫିସର ଗଣ, ପୂରାତନ ଛାତ୍ର ଅମିତାଭ ସ୍ୱାଇଁ, ସ୍କୁଲର ସମସ୍ତ ଶିକ୍ଷକ ଓ କର୍ମଚ୍ଚାରୀଗଣ ଉପସ୍ଥିତ ରହି ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। ସୈନିକସ୍କୁଲର ସିନିୟର ମାଷ୍ଟର ବିଘ୍ନେଶ୍ୱର ପ୍ରଧାନ ଓ ଏ.କେ. ମୁଖାର୍ଜୀ ଏହି ଦୌଡ଼ର ପରିଚ୍ଳନା କରିଥିଲେ। ଉକ୍ତ ଦୌଡ଼ର ସିନିୟର ବିଭାଗରେ ବି. ପ୍ରସାଦ ଦୋରାବିଜେତା ହେବାବେଳେ ଅଭିଶେଷ କୁମାର ଉପବିଜେତା ହୋଇଥିଲେ। କନିଷ୍ଠ ବିଭାଗରେ ଶ୍ରୀମାଷ୍ଟର ବିକାଶ ବିଜେତା ଓ ଶ୍ରୀଶିବମ୍ ଯାଦବ ଉପବିଜେତା ହୋଇଥିଲେ। ପୂରାତନ ଛାତ୍ରଙ୍କ ମଧ୍ୟରୁ ରିତ ସାହାଣୀ ବିଜୟୀ ହୋଇଥିବା ବେଳେ ବାଳିକା ବିଭାଗରେ ଆକାଂକ୍ଷା ପ୍ରିୟା ବିଜୟିନୀ ହୋଇଥିଲେ। ଶେଷରେ ମୂଖ୍ୟ ଅତିଥି ବିଜେତା ମାନଙ୍କୁ ପୁରସ୍କାର ରାଶି ପ୍ରଦାନ କରିଥିଲେ।

## ଏଆଇୟୁଟିୟୁସିର ବିଶାଳ ଗଣ ସମାବେଶ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତବର୍ଷର କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସିର ୨୨ତମ ସର୍ବଭାରତୀୟ ସମ୍ମିଳନୀ ପ୍ରକାଶ୍ୟ ଅଧିବେଶନର ବିଶାଳ ଗଣ ସମାବେଶରେ ରବିବାର ଦେଶର ପ୍ରାୟ ୨୪ଟି ରାଜ୍ୟର ପ୍ରତିନିଧି ସମେତ ସାରା ଓଡିଶାରୁ ପ୍ରାୟ ୨୦ ହଜାର ସଙ୍ଗଠିତ ଓ ଅଣ ସଙ୍ଗଠିତ କ୍ଷେତ୍ରର ଶ୍ରମିକ କର୍ମଚାରୀ ଓ ବିଭିନ୍ନ ସ୍ତରର ଜନସାଧାରଣ ଯୋଗଦେଇ ଆଗାମୀଦିନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଶ୍ରମିକ ମାରଣ ନୀତି ବିରୋଧରେ ଏକ ଐକ୍ୟବଦ୍ଧ ସଂଗ୍ରାମ ସଂଗଠିତ କରିବା ପାଇଁ ଶପଥବଦ୍ଧ ହୋଇଛନ୍ତି। ଆଜି ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ପ୍ରତିନିଧି ସମେତ ଓଡିଶାର ବିଭିନ୍ନ ଜିଲ୍ଲାର ପ୍ରତିନିଧିମାନେ ରାଜମହଲ ଛକଠାରୁ ବିଶାଳ ଶୋଭାଯାତ୍ରାରେ ବାହାରି ଲୋୟର ପିଏମ୍‌ଜିର ସଭାସ୍ଥଳକୁ ଆସିଥିଲେ। ଏଆଇୟୁଟିୟୁସିର ସର୍ବଭାରତୀୟ ସଭାପତି କେ.ରାଧାକ୍ରିଷ୍ଣଙ୍କ ସଭାପତିତ୍ୱରେ ପ୍ରଥମେ ସ୍ୱାଗତ ଭାଷଣ ଦେଇଥିଲେ ଏଆଇୟୁଟିୟୁସି, ଓଡିଶା ରାଜ୍ୟ ସମ୍ପାଦକ ଜୟସେନ ମେହେର। ଏହି ସମ୍ମିଳନୀକୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ଅତିଥି ତଥା ବିଶ୍ୱ ଶ୍ରମିକ ଆନ୍ଦୋଳନର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସଂଗଠନ ୱର୍ଲଡ୍ ଫେଡେରେସନ୍ ଅଫ୍ ଟ୍ରେଡ୍ ୟୁନିୟନ୍‌ସର ସଭାପତି ମାଜ୍‌ୱେଣ୍ଡିଲ ମାଇକେଲ ମାକ୍‌ୱିନା ତାହାପରେ ଜନସଭାକୁ ସମ୍ବୋଧିତ କରି ସାରା ବିଶ୍ୱର ଶ୍ରମିକ ଶ୍ରେଣୀର ସଂହତି ପ୍ରତିଷ୍ଠା ପାଇଁ ଆହ୍ୱାନ କରିଥିଲେ। ଏହା ପରେ ଏଆଇୟୁଟିୟୁସିର ସର୍ବଭାରତୀୟ ଉପସଭାପତି ଶ୍ରୀ ସତ୍ୟବାନ, ସ୍ୱପନ ଘୋଷ, ସମ୍ପାଦକ ମଣ୍ଡଳି ସଦସ୍ୟ ଅରୁଣ ସିଂ ସମେତ ସାଧାରଣ ସମ୍ପାଦକ ଶଙ୍କର ଦାସଗୁପ୍ତ ବକ୍ତବ୍ୟ ରଖିଥିଲେ। ଦେଶରେ ଶ୍ରମିକ କର୍ମଚାରୀମାନଙ୍କ କର୍ମ କ୍ଷେତ୍ରରେ ବହୁ ପୂର୍ବରୁ ରହିଥିବା ବହୁ କଷ୍ଟାର୍ଜିତ ଶ୍ରମ ଆଇନଗୁଡ଼ିକୁ ଗୋଟାକ ପରେ ଗୋଟାଏ ପ୍ରତ୍ୟାହାର କରିନିଆଯାଇ ଶ୍ରମ କୋର୍ଡ ନାମରେ ଯେଉଁ ନୂତନ ଆଇନ ପ୍ରଣୟନ କରାଯାଉଛି ତାହା ବସ୍ତୁତଃ ଶ୍ରମିକଙ୍କ ଟ୍ରେଡ ୟୁନିୟନ ଅଧିକାରକୁ ସମ୍ପୂର୍ଣ୍ଣ ଖର୍ବ କରିବ ବୋଲି ବକ୍ତାମାନେ ଗଭୀର କ୍ଷୋଭ ପ୍ରକାଶ କରିଥିଲେ। ଏଆଇୟୁଟିୟୁସିର ସର୍ବଭାରତୀୟ ସଭାପତି କେ. ରାଧାକ୍ରିଷ୍ଣଙ୍କ ସଭାପତିତ୍ୱରେ ଅଧିବେଶନକୁ ପ୍ରଥମେ ସମ୍ବୋଧିତ କରିଥିଲେ ଏଆଇୟୁଟିୟୁସିର ସାଧାରଣ ସମ୍ପାଦକ ଶଙ୍କର ଦାସଗୁପ୍ତ। ୱର୍ଲଡ୍ ଫେଡେରେସନ୍ ଅଫ୍ ଟ୍ରେଡ୍ ୟୁନିୟନ୍ସର ସଭାପତି ମାଜ୍‌ୱେଣ୍ଡିଲ ମାଇକେଲ ମାକ୍‌ୱିନା ମଧ୍ୟ ଏହି ଅଧିବେଶନକୁ ସମ୍ବୋଧିତ କରିଥିଲେ। ବିଦେଶାଗତ ଭାତୃପ୍ରତିମ ଟ୍ରେଡ୍ ୟୁନିୟନ ମାନଙ୍କ ପ୍ରତିନିଧି ମାନେ ମଧ୍ୟ ଅଧିବେଶନକୁ ସମ୍ବୋଧିତ କରି ଦୁନିଆର ଶ୍ରମିକ ଶ୍ରେଣୀର ଐକ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।




ଜୟଦେବ ଭବନଠାରେ ଆୟୋଜିତ ଜାତୀୟ ପ୍ରତିଭା ସମ୍ମାନ ସମାରୋହରେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ମଞ୍ଚାସୀନ ଅତିଥିବୃନ୍ଦ ।

## ସର୍ଦ୍ଦାର ପଟେଲଙ୍କ ପୂଣ୍ୟତିଥିରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟପାଳ ରଘୁବର ଦାସ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ତାଙ୍କର ପୂଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ଏକ ଭାରତ-ଶ୍ରେଷ୍ଠ ଭାରତ'ର ଧାରଣା ସହିତ ଭାରତକୁ ଏକସୂତ୍ରରେ ବାନ୍ଧିଥିବା ଲୌହ ପୁରୁଷ, ଭାରତ ରତ୍ନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କର ସ୍ମୃତି ଦିବସରେ କୋଟି-କୋଟି ନମନ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଣ୍ୟତିଥିରେ ଭାରତରତ୍ନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି ଲୌହ ମାନବ, ଭାରତ ରତ୍ନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପୂଣ୍ୟତିଥିରେ ବିନମ୍ର ଶ୍ରଦ୍ଧାଞ୍ଜଳି। ଦେଶର ଅଖଣ୍ଡତା ଏବଂ ଦେଶବାସୀଙ୍କ ମନରେ ଏକତା ଭାବକୁ ସୁଦୃଢ଼ କରିବାରେ ତାଙ୍କର ଅବଦାନ ଚିର ସ୍ମରଣୀୟ।

### କାଠଯୋଡି ପଠାରୁ ମହିଳାଙ୍କ ଶବ ଜବତ ଘଟଣା
## ସ୍ୱାମୀ ସହ ତିନି ଗିରଫ


କଟକ(ଭାସ୍କର ନ୍ୟୁଜ): କାଠଯୋଡି ନଦୀ ପଠାରେ ପଡିଥିବା ମୃତ ମହିଳାଙ୍କର ହତ୍ୟାର ରହସ୍ୟ ଉନ୍ମୋଚିତ ହୋଇଛି । ଏହି ବିଭତ୍ସ ହତ୍ୟା ଘଟଣାରେ ହତ୍ୟାକାରୀ ସ୍ୱାମୀକୁ ଆଜି ଗୁଜୁରାଟରୁ ଗିରଫ କରାଯାଇଛି । ମୃତ ମହିଳାଙ୍କ ସ୍ୱାମୀ ଓ ଶାଶୁଘର ଲୋକେ ହତ୍ୟାକାରୀ ବୋଲି ଜଣାପଡିଛି । ଅଭିଯୁକ୍ତ ପତ୍ନୀହନ୍ତାକୁ ରାଜ୍ୟ ବାହାରୁ ପୁଲିସ୍ ଗିରଫ କରିଛଇ । ମୃତ ମହିଳା ଜଣକ ହେଉଛନ୍ତି ପଦ୍ମାବତୀ ସାମଲ (୩୨) ବୋଲି ପୋଲିସ ତଦନ୍ତରୁ ଜଣାପଡିଛି। ହତ୍ୟାକାଣ୍ଡରେ ସଂପୃକ୍ତ ସ୍ୱାମୀ ବଳରାମ ହେରୁରୀ ବାବୁ ଓରଫ ବାପି ଓରଫ ଜଗନ୍ନାଥ ଦେହୁରୀ, ହାପି ଦେହୁରୀ। ଗିରଫ ଅଭିଯୁକ୍ତଙ୍କୁ ରବିବାର ଅପରାହ୍ନରେ କୋର୍ଟଚାଲଣ କରାଯାଇଥିବା କଟକ ଡିସିପି ଜଗମୋହନ ମିନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୂଚନାଥାଉକି କାଠଯୋଡୀ ନଦୀପଠାରେ ଜଣେ ମହିଳା ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସ୍‌କୁ ଖବର ଦେଇଥିଲେ । ମୃତଦେହ ପାଖରୁ ଏକ ଚାପଡ଼ ମିଳିଥିଲା । କିଛି ଦୂରରେ ରକ୍ତଭିଜା ହଳେ ପ୍ୟାଣ୍ଟକ୍-ସାର୍ଟ ଓ ଗୋଟିଏ ଗାମୁଛା ପଡ଼ିଥିବା ଦେଖିବାକୁ ପାଇଥିଲା । ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଆସିବା ପରେ ସୁରାକ୍ ଯୋଗାଡ଼ କରାଯାଇଥିଲା । ମହିଳାଙ୍କ ବେକକୁ ପୂରା କାଟି ଦିଆଯାଇଛି । ମୁହଁକୁ ପ୍ରାୟ ୪ରୁ ୫ ଥର ହଣାଯାଇଛି । ମହିଳାଙ୍କ ଶରୀରରୁ ବାହାରିଥିବା ରକ୍ତରେ ପାଖ ଅଞ୍ଚଳ ପୂରା ଭିଜିଯାଇଛି । ଡାହାଣ ହାତରେ ଏକ ଗାମୁଛା ଗୁଡ଼ାଯାଇଥାଏ । ପରିଚୟ ସ୍ପଷ୍ଟ ହେଲା ଭଳି କୌଣସି ଜିନିଷ ମୃତଦେହ ପାଖରୁ ମିଳିନଥିଲା । ତେବେ ମହିଳାଙ୍କ ଡାହାଣ ହାତରେ ଓଡ଼ିଆରେ ଓମ୍ ବାବା ବଳିଆ ଲେଖା ଥିବା ବେଳେ ଡାହାଣ ହାତରେ ଇଂରାଜୀରେ 'ପିତା-କେ.ପି.ଏସ୍.ଏମ୍' ଲେଖା ଅଛି । ଯୋଜନାବଦ୍ଧ ଭାବେ ଏହି ହତ୍ୟାକାଣ୍ଡ ହୋଇଥିବା ପୁଲିସ ସନ୍ଦେହ କରାଯାଇଥିବା ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି । ଶନିବାର ମହିଳାଙ୍କୁ ଚିହ୍ନଟ କରିବା ଓ ଅଭିଯୁକ୍ତକୁ ଧରିବା ପାଇଁ ୫ଟି ପୋଲିସ ଟିମ୍ ଘଟଣାର ସୂଚନା ମିଳିଥିଲା। ଅଭିଯୁକ୍ତଙ୍କ ମୁଖ୍ୟକୁ ଗୁରୁରାଟ ଯାଉଥିବା ସମୟରେ ଗିରଫ କରିବାରେ ସକ୍ଷମ ହୋଇଥିଲେ। ପରେ ଘଟଣା ଉପରୁ ପରଦା ଉଠିଥିଲା। ମୃତଦେହ ପାଖରୁ ମିଳିଥିବା ଏକ ପ୍ୟାଣ୍ଟ ପକେଟେ ଥିବା 'ଟେଲର୍ସ' ଦୋକାନ ରସିଦକୁ ନେଇ ମଧ୍ୟ ପୋଲିସ ଖୋଳତାଡ଼ କରି ସଫଳତା ପାଇଥିବା ଡିସିପି କହିଛନ୍ତି। ଶେଷ ତଦନ୍ତକାରୀ ଟିମ୍ ବଡ଼ ସୁରାକ ମିଳିଥିଲା। ଯାହାକୁ ନେଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ରାଜ୍ୟ ବାହାରୁ ଅଭିଯୁକ୍ତ ପତ୍ନୀହନ୍ତାକୁ ଗିରଫ କରିବା ପୋଲିସ ସଫଳ ହୋଇଥିବା ଜଣାପଡିଛି। ପରେ ତାଙ୍କୁ ରିମାଣ୍ଡରେ ଅଣାଯାଇ ହତ୍ୟା ଘଟଣା ଖେଳତାଡ଼ କରିବା ସହ ସିନି ରିକ୍ରିଏସନ୍ କରିବ ବୋଲି ସୂଚନା ମିଳିଛି। ତେବେ ବର୍ତ୍ତମାନ ଯାଏଁ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡିନାହିଁ।

## କିଟ୍‌ରେ ୫ମ କଳିଙ୍ଗ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଘାଟିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କିଟ୍ ବିଶ୍ୱବିଦ୍ୟାଳୟରେ ୫ମ କଳିଙ୍ଗ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ୧୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଲେ ଏହି ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଓଡ଼ିଶାର ସିନେ ଜଗତ ଓ କଳାକାର ଜଗତକୁ ପ୍ରେରଣା ଯୋଗାଇବ। ଆମ ସମାଜ ଉପରେ ସିନେମାର ବିଶେଷ ପ୍ରଭାବ ରହିଛି। ଏହି ମହୋତ୍ସବ ଓଡ଼ିଶା ସିନେ ଜଗତକୁ ଏକ ସମ୍ଭାବନା ଆଣି ଦେବାର ଆଶା ଓ ବିଶ୍ୱାସ ଅଛି ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ। ବିଶିଷ୍ଟ ପ୍ରଯୋଜକ ବିପୁଲ ଅମୃତଲାଲ୍ ଶାହ ଅତିଥି ଭାବେ ଯୋଗଦେଇ କହିଲେ, ଆମ ଦେଶରେ ବହୁ ପ୍ରତିଭା ଲୁକ୍‌କାୟିତ ହୋଇ ରହିଛନ୍ତି। ବିଶିଷ୍ଟ ନିର୍ଦ୍ଦେଶକ ଯଦୁମଣି ଦତ୍ତା କହିଲେ, ଭଲ ଚଳଚ୍ଚିତ୍ର ଭଲ ଭାବନା ତିଆରି କରିଥାଏ। ଭଲ ସିନେମା ତିଆରି କରିବା ଏବଂ ଏ ସମ୍ପର୍କିତ ଜ୍ଞାନ ଆହରଣ କ୍ଷେତ୍ରରେ ଏଭଳି ଚଳଚ୍ଚିତ୍ର ମହୋତ୍ସବ ଏକ ଉତ୍ତମ ମଞ୍ଚ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଦୀର୍ଘ ୫ ବର୍ଷ ଧରି କିଟ୍ ପକ୍ଷରୁ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଅନୁଷ୍ଠିତ ହୋଇଆସୁଛି। ଏହି ଚଳଚ୍ଚିତ୍ର ମହୋତ୍ସବରେ ବିଭିନ୍ନ ଭାଷାଭାଷୀ ଚଳଚ୍ଚିତ୍ର ସମ୍ପର୍କରେ ସମସ୍ତେ ଜାଣିବାର ସୁଯୋଗ ମିଳିଥାଏ। ଆସନ୍ତା ବର୍ଷ ଏହି ଚଳଚ୍ଚିତ୍ର ମହୋତ୍ସବକୁ ଆହୁରି ବଡ଼ ଧରଣର କରାଯିବ ବୋଲି ସେ ଘୋଷଣା କରିଥିଲେ। ଏହି ମହୋତ୍ସବରେ ମୋଟ ୪୫ଟି ଅତି ଉତ୍ତମ ମାନର ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ସେଥିମଧ୍ୟରେ ରହିଛି ୧୨ଟି ଫିଚର ଫିଲ୍ମ, ୧୦ଟି କ୍ଷୁଦ୍ର ଚଳଚ୍ଚିତ୍ର, ୫ଟି ପ୍ରାମାଣିକ ଚଳଚ୍ଚିତ୍ର ଓ ୧୦ଟି ଷ୍ଟୁଡେଣ୍ଟ ଫିଲ୍ମ। ୩ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବରେ ବିଶିଷ୍ଟ ପ୍ରଯୋଜକ ଅଭିଷେକ ଅଗ୍ରୱାଲ, ମାୟଙ୍କ ସିଙ୍ଘାଣିଆ, ଅଭିଷେକ ତାରାଚାନ୍ଦ ଜୈନ, ନବଜ୍ୟୋତି ବାନ୍ଦିୱାଦେକର, ଚଳଚ୍ଚିତ୍ର ନିର୍ଦ୍ଦେଶକ ତୁଷାର ହୀରାନନ୍ଦିନୀ ଓ ସାଗର ସୁନୀଲ ପୁରଣିକ, ଅଭିନେତ୍ରୀ ରୁପାଲି ସୁଦ୍, ବନ୍ୟପ୍ରାଣୀ ଚଳଚ୍ଚିତ୍ର ନିର୍ମାତା ସୁବିହା ନାଲାମୁଥୁ ଓ ଲେଖକ ରାଜ ସାଣ୍ଡିଲ୍ୟଙ୍କ ଭଳି ବହୁ ନାମୀଦାମୀ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ଯୋଗ ଦେଇଛନ୍ତି। ୧୪ ଓ ୧୫ ତାରିଖରେ କିଟ୍ କ୍ୟାମ୍ପସ-୬ ଓ ୧୭ ପ୍ରେକ୍ଷାଳୟ, ତଥା ସେମିନାର ହଲ୍‌ରେ ଚଳଚ୍ଚିତ୍ର ସବୁ ପ୍ରଦର୍ଶନ ହେବ। କିଟ୍ ଫିଲ୍ମ, ଫେସନ ଓ ମିଡ଼ିଆ ଷ୍ଟଡିଜ୍ ସ୍କୁଲର ମହାନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆଙ୍କ ତତ୍ତ୍ୱାବଧାନରେ ଏହି ଚଳଚ୍ଚିତ୍ର ମହୋତ୍ସବ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଓ ଓଡ଼ିଶା ସିନେ ଜଗତର ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ ଉପସ୍ଥିତ ଥିଲେ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"
-ମୁନ୍ସୀ ପ୍ରେମଚନ୍ଦ



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"
-ଡକ୍ଟର ରାଧାକ୍ରିଷ୍ଣନ୍



## ମଣ୍ଡିରେ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ

# ଧାନ ସଂଗ୍ରହ ଅଭିଯାନ ବ୍ୟାହତ ହେବା ଆଶଙ୍କା

ରାଜ୍ୟରେ ଖରିଫ ଧାନ ସଂଗ୍ରହ ଅଭିଯାନ ଜୋରସୋରରେ ଚାଲିଥିବା ବେଳେ ସରକାର ଖୋଲିଥିବା ମଣ୍ଡିଗୁଡ଼ିକରେ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇଛି। ନିକଟରେ ଶେଷ ହୋଇଥିବା ବିଧାନସଭାର ଶୀତ ଅଧିବେଶନରେ ଏଥିନେଇ ବିଧାୟକମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଭଳି ଅବ୍ୟବସ୍ଥା ଯୋଗୁଁ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିବାକୁ ଯିବା ପାଇଁ ଭୟ କରୁଛନ୍ତି ବୋଲି ବିଧାୟକମାନେ ଅଭିଯୋଗ କରିଥିଲେ। ରାଜ୍ୟରେ ଗତ ଜୁନ୍ ମାସରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର କ୍ଷମତାସୀନ ହେବା ପରେ କୃଷକମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଥିଲେ। ସେମାନଙ୍କ ଦୀର୍ଘଦିନର ଦାବି ପୂରଣ କରି ସରକାର ଚଳିତବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୩୧୦୦ଟଙ୍କାକୁ ବୃଦ୍ଧି କରିଥିଲେ। ଏହାଦ୍ୱାରା ସେମାନେ ସରକାରଙ୍କୁ ଧାନ ବିକ୍ରିକଲେ ଅନ୍ତତଃ ଆର୍ଥିକ କ୍ଷତିର ସମ୍ମୁଖୀନ ହେବେ ନାହିଁ ବୋଲି ଆଶା କରାଯାଉଛି। ଚାଷୀମାନଙ୍କୁ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୨୩୦୦ଟଙ୍କା ଏବଂ ଇନ୍‌ପୁଟ୍ ସହାୟତା ବା ବୋନସ୍ ଆକାରରେ ଆଉ ୮୦୦ଟଙ୍କା ଏଭଳି ମୋଟ ୩୧୦୦ଟଙ୍କାର ଅର୍ଥରାଶି ଦେବା ଲାଗି ସରାରଙ୍କ ନିଷ୍ପତ୍ତି ସେମାନଙ୍କୁ ବେଶ୍ ଉତ୍ସାହିତ କରିବା ସ୍ୱାଭାବିକ। ମାତ୍ର ବିସ୍ମୟର ବିଷୟ ହେଉଛି ଯେ, ସରକାରଙ୍କ ଏଭଳି ଲାଭଦାୟକ ନିଷ୍ପତ୍ତି ସତ୍ତ୍ୱେ ଗତ ନଭେମ୍ବର ୨୦ ତାରିଖରୁ ଆରମ୍ଭ ହୋଇଥିବା ଖରିଫ୍ ଧାନ ସଂଗ୍ରହ ଅଭିଯାନ ବିଶେଷ ଫଳପ୍ରଦ ହେଉନାହିଁ ଏବଂ ଚାଷୀମାନେ ସରକାରଙ୍କୁ ଧାନ ବିକ୍ରି କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଚଳିତ ଖରିଫ ଋତୁରେ ପଶ୍ଚିମ ଓଡ଼ିଶାର ବରଗଡ଼, ସମ୍ବଲପୁର, ନୂଆପଡ଼ା ଓ କଳାହାଣ୍ଡି ଭଳି ଅଧିକ ଧାନ ଉତ୍ପାଦିତ ହେଉଥିବା ଜିଲ୍ଲାଗୁଡ଼ିରେ ଯଦିଓ ମଣ୍ଡି ଖୋଲି ସାରିଛି, ତଥାପି ଆଶାନୁରୂପ ଧାନ ସଂଗ୍ରହ ନହେବା ସରକାରଙ୍କ ଚିନ୍ତା ବଢ଼ାଇ ଦେଇଛି। ମିଳିଥିବା ସୂଚନା ଅନୁଯାୟୀ ଯେଉଁ ଦୁଇଟି ମୁଖ୍ୟ କାରଣ ଯୋଗୁ ଚାଷୀମାନେ ମଣ୍ଡିରୁ ଧାନ ଉଠାଇବାକୁ କୁଣ୍ଠିତ ହେଉଛନ୍ତି ଏବଂ ଧାନ ସଂଗ୍ରହ ଅଭିଯାନରୁ ଦୂରେଇ ରହୁଛନ୍ତି, ତାହା ହେଉଛି ଉତ୍ପାଦିତ ଧାନର ମାନ ପରୀକ୍ଷା ପାଇଁ ସରକାରଙ୍କ ପଦକ୍ଷେପ ଏବଂ କଟ୍‌ନୀ-ଛଟ୍‌ନୀ ଯୋଗୁଁ ସେମାନଙ୍କ ମନରେ ରହିଥିବା ଅସନ୍ତୋଷ। ସରକାର ଏଥର ପ୍ରଥମ କରି ମଣ୍ଡିଗୁଡ଼ିକରେ ସ୍ୱୟଂକ୍ରିୟ ଶସ୍ୟ ବିଶ୍ଳେଷଣକାରୀ ମେସିନ୍ ବସାଇଛନ୍ତି, ଯଦ୍ୱାରା କିଣା ଯାଉଥିବା ଧାନ ଉନ୍ନତ କି ନୁହେଁ, ତାହା ଜଣାପଡିଯିବ। ଏହାଫଳରେ ଧାନକୁ 'ଗ୍ରେଡ୍-ଏ' ଓ ସାଧାରଣ ଗ୍ରେଡ୍‌ର ଶ୍ରେଣୀଭୁକ୍ତ କରାଯାଇ କ୍ରୟ ମୂଲ୍ୟ ଧାର୍ଯ୍ୟ ହୋଇଛି। ଏହି ବ୍ୟବସ୍ଥାକୁ ଚାଷୀମାନେ ପସନ୍ଦ କରୁନାହାନ୍ତି ଓ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେଉନାହାନ୍ତି। ସେମାନଙ୍କ ଦ୍ୱାରା ଅମଳ ହୋଇଥିବା ଭଲ ଧାନକୁ ମଧ୍ୟ ସାଧାରଣ ଦର୍ଶାଯିବା ଫଳରେ ଉଚିତ୍ ମୂଲ୍ୟ ପାଇବାରୁ ସେମାନେ ବଞ୍ଚିତ ହେଉଥିବାର ଅଭିଯୋଗ ଶୁଣିବାକୁ ମିଳୁଛି। ପଞ୍ଜାବ ଓ ହରିଆନା ଆଦି ରାଜ୍ୟରେ ଉତ୍ପାଦିତ ହେଉଥିବା ଧାନ ଆମ ରାଜ୍ୟରେ ଅମଳ ଧାନ ଠାରୁ ଯଥେଷ୍ଟ ଉନ୍ନତ ଥିବାରୁ ସେମାନେ ମାନ ନିର୍ଦ୍ଧାରଣ ମେସିନ୍ ପ୍ରଚଳନକୁ ବିରୋଧ କରିବାର ପ୍ରଶ୍ନ ଉଠିନଥାଏ। ମାତ୍ର ଓଡ଼ିଶାର ଚାଷୀ ଏହି ମାନ ନିର୍ଦ୍ଧାରଣ ପ୍ରକ୍ରିୟା ଦ୍ୱାରା ଆର୍ଥିକ ଦିଗରୁ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଥିବାରୁ ଅନ୍ୟ କିଛି ବିକଳ୍ପ ପନ୍ଥା ଚିନ୍ତା କରାଯିବାର ଆବଶ୍ୟକତା ରହିଛି। ନୂତନ ସରକାର ଏଥର ରାଜ୍ୟରେ ଧାନକ୍ରୟ ସମୟରେ କଟ୍‌ନୀ-ଛଟ୍‌ନୀ ଆଦୌ ହେବନାହିଁ ବୋଲି ମୂଳରୁ ସ୍ପଷ୍ଟ କରିଥିଲେ ମଧ୍ୟ କେତେକ ଜିଲ୍ଲାରେ ଏହା ଚାଲିଥିବାର ଅଭିଯୋଗ ହେଉଛି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଯଥାର୍ଥ ଧ୍ୟାନ ନଦେଲେ ଧାନ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟରେ ପହଞ୍ଚିବା ସମ୍ଭବ ହେବନାହିଁ। କେତେକ ଜିଲ୍ଲାରେ ମିଲର୍‌ମାନେ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇନାହାନ୍ତି କିମ୍ବା ଏଥିନେଇ ଏଯାବତ୍ ଚୁକ୍ତି ସ୍ୱାକ୍ଷର କରିନଥିବାର ଦେଖାଯାଉଛି। ଏହା ମଧ୍ୟ ଧାନ ସଂଗ୍ରହ ପ୍ରକ୍ରିୟାରେ ଏକପ୍ରକାର ବାଧକ ସାଜିଛି। ଚାଷୀମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ସରକାରଙ୍କ ପଦକ୍ଷେପ ସତ୍ତ୍ୱେ ରାଜ୍ୟରେ ଧାନ ସଂଗ୍ରହ ଅଭିଯାନ ଉତ୍ସାହଜନକ ନହେବା ନିଶ୍ଚିତ ଭାବରେ ଦୁଃଖଦାୟକ। କୃଷି, ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ, ରାଜସ୍ୱ ବିଭାଗ ପକ୍ଷରୁ ଏ କ୍ଷେତ୍ରରେ ସମ୍ମିଳିତ ଓ ସମନ୍ୱିତ ପ୍ରୟାସ ଏକାନ୍ତ ଅପରିହାର୍ଯ୍ୟ।

# ସମାବର୍ତ୍ତନର ସ୍ୱରୂପ ଚିନ୍ତନ



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର, ୟୁନିଟ - ୪, ଭୁବନେଶ୍ୱର
ମୋ:୯୯୩୭୩୪୫୯୦୦

ବର୍ଣ୍ଣବୋଧରେ ବର୍ଣ୍ଣିତ 'ବିଦ୍ୟା ଅତଃ ମହାଧନ ବାଳକେ କର ଉପାର୍ଜନ' ଉଠାକଥିତ ସମୟର ଉକ୍ତି ଆଉ ଆଜିର ଶିକ୍ଷା ନୀତିକୁ ତୁଳନାତ୍ମକ ଭାବେ ବିଚାରକୁ ନେଲେ ମନରେ ଅନେକ ଅସମାହିତ ପ୍ରଶ୍ନ ଉଙ୍କିମାରେ। ଦିନ ଥିଲା ଯେଉଁ ମହାଧନର ଆଦର ସର୍ବୋଚ୍ଚ ସ୍ଥାନରେ ଥିଲା, ତାହା ଆଜି ଲୁପ୍ତ ପ୍ରାୟ ହେବାକୁ ବସିଲାଣି। 'ବିଦ୍ୱତ୍ୱଂ ଚ ନୃପତ୍ୱଂ ଚ ନୈବ ତୁଲ୍ୟ କଦାଚନ। ସ୍ୱଦେଶେ ପୂଜ୍ୟତେ ରାଜା ବିଦ୍ୱାନ ସର୍ବତ୍ର ପୂଜ୍ୟତେ'? ଉକ୍ତିଟି ଯଦି ବା ସତ୍ୟ, ମାତ୍ର ଦିନ ଥିଲା ଏହାର ମର୍ଯ୍ୟାଦା ଥିଲା, କିନ୍ତୁ ପ୍ରଚଳିତ ଶିକ୍ଷା ପଦ୍ଧତିରେ ତଥା ସାମାଜିକ, ରାଜନୈତିକ, ପାରିପାର୍ଶ୍ୱିକ ପରିବର୍ତ୍ତନରେ ଏହା ସମ୍ପୂର୍ଣ୍ଣ ବଦଳି ଯାଇଛି। ବଦଳି ଯାଇଛି ଶିକ୍ଷାର ରଙ୍ଗ, ଢଙ୍ଗ, ତତ୍ ସହିତ ଶିକ୍ଷକ ଓ ଛାତ୍ରର ସମ୍ପର୍କ ତଥା ଶିକ୍ଷା ପଦ୍ଧତି। ପ୍ରଚଳିତ ଶିକ୍ଷା ପଦ୍ଧତି ବାସ୍ତବତା ଠାରୁ ଦୂରେଇ ଯାଇ କେବଳ ପୂର୍ଣ୍ଣମାତ୍ରାରେ ବସ୍ତୁବାଦ ହୋଇଛି। ଅଧିକାଂଶ ବିଦ୍ୟାର୍ଥୀମାନେ ଶିକ୍ଷାକୁ ଗୌଣ କରି ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟକ୍ରମରେ ଅଧିକ ସମୟ ନିୟୋଜିତ କରୁଛନ୍ତି ଓ ଉକ୍ତ କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦେଇ ବିଦ୍ୟା ଅଧ୍ୟୟନକୁ ଓ ଶିକ୍ଷା ଗ୍ରହଣକୁ ଅଙ୍ଗୀକୃତ ସ୍ୱୀକୃତିର ରୂପରେଖ ଦେଉଛନ୍ତି।

'ସା ବିଦ୍ୟା ଯା ବିମୁକ୍ତୟେ' - ଯେଉଁ ବିଦ୍ୟା ସଂକୀର୍ଣ୍ଣ ଚିନ୍ତାଧାରାରୁ ମାନବ ସମାଜକୁ ମୁକ୍ତ କରି ଏକ ବୃହତ୍ତର ଆଲୋକ ବା ବୃହତ୍ ଦିଗକୁ ବାଟ ବଢାଇ ଦିଏ ତାହା ହିଁ ହେଉଛି ଶିକ୍ଷା। ଅତଏବ ଉତ୍ତମ ଶିକ୍ଷାର ଅର୍ଥ ହେଉଛି ସଂକୀର୍ଣ୍ଣତାରୁ ମୁକ୍ତି ପାଇବା। ସର୍ବୋପରି ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି - ବିପଥରୁ ସତ୍ ପଥକୁ ଆସିବା, ଅନୀତିରୁ ନୀତିକୁ ଆସିବା, ଅନ୍ଧକାରରୁ ଆଲୋକକୁ ଆସିବା, ସଂକୀର୍ଣ୍ଣତାରୁ ବୃହତ୍ ଅଞ୍ଚଳକୁ ଆସିବା, ବ୍ୟକ୍ତି ସ୍ୱାର୍ଥକୁ ବଳି ଦେଇ ସାମୂହିକ ସ୍ୱାର୍ଥକୁ ବିଶେଷ ଲକ୍ଷ୍ୟ ଦେବା ଇତ୍ୟାଦି...। ଶିକ୍ଷାର ଯେତେବେଳେ ସୋପାନ ରହିଛି ତନ୍ମଧ୍ୟରୁ ବିଶ୍ୱବିଦ୍ୟାଳୟର ଶିକ୍ଷା ଶ୍ରେଷ୍ଠ ସ୍ଥାନ ଅଧିକାର କରିଥାଏ। କାରଣ ଏହି ସ୍ତରରେ ଶିକ୍ଷିତ ଛାତ୍ରଛାତ୍ରୀମାନେ ଅଧିକ ସଚେତନ ତଥା ସେମାନଙ୍କର ଚିନ୍ତାଧାରା ଆପାତତଃ ପରିପକ୍ୱ। ଯେଉଁ ବିଦ୍ୟାଳୟ ବିଶ୍ୱର ଚିନ୍ତାଧାରାର ବ୍ୟାପକତାକୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବ୍ୟାପକ ଓ ବିଶଦ ଜ୍ଞାନର ପରିପକ୍ୱ କରିଥାଏ, ତାହା ବିଶ୍ୱବିଦ୍ୟାଳୟ ଶିକ୍ଷା ହୋଇଥାଏ। ବସ୍ତୁତଃ ବିଶ୍ୱବିଦ୍ୟାଳୟ ହେଉଛି ଶିକ୍ଷକ ଏବଂ ଛାତ୍ରଛାତ୍ରୀ ମାନଙ୍କର ଏକ ପରିବେଶ, ଯାହା ସେମାନଙ୍କର ସମନ୍ୱୟର କେନ୍ଦ୍ରସ୍ଥଳୀ। ଶିକ୍ଷାର ଆଦର୍ଶ ଓ ଅଭିମୁଖ୍ୟକୁ ବିଚାର କରି ଅନୁଧ୍ୟାନ କରାଯାଇପାରେ ଯେ ଆଧୁନିକ ଯୁଗର ବିଜ୍ଞାନ ଓ କାରିଗରୀ କୌଶଳକୁ ପାଥେୟ କରି ଭାରତୀୟ ସଂସ୍କୃତିକୁ ଶିକ୍ଷା ଦ୍ୱାରା ହିଁ ସଂଶ୍ଳେଷଣ କରାଯାଇ ପାରିବ। ପିଲାଦିନେ ଶିକ୍ଷା 'ସତ କହି ପଛେ ମଲେ ମରିବି, ସତ କହିବାକୁ କିଆଁ ଡରିବି' .... ଓ ୧୯୪୮ ମସିହାର ରାଧାକୃଷ୍ଣନ୍ ରିପୋର୍ଟକୁ ବିଚାର କଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଉଭୟର ମୂଳ ଉଦ୍ଦେଶ୍ୟ ବା ଅଭିମୁଖ୍ୟ ହେଉଛି ସତ୍ୟକୁ ଉଦ୍‌ଘାଟନ କରିବା। ଶିକ୍ଷା ଓ ସତ୍ୟତା ଉଭୟେ ଓତପ୍ରୋତ ଭାବେ ଜଡ଼ିତ।

ବିଭିନ୍ନ ବିଶ୍ୱବିଦ୍ୟାଳୟ ମାନଙ୍କରେ ସମାବର୍ତ୍ତନ ଉତ୍ସବ ବିଭିନ୍ନ ସମୟରେ ପାଳନ କରାଯାଇଥାଏ। ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ହେଉଛି ଛାତ୍ରଛାତ୍ରୀମାନଙ୍କର ସ୍ୱଗୃହ ପ୍ରତ୍ୟାବର୍ତ୍ତନ ଉତ୍ସବ। ଏହା ହେଉଛି ପ୍ରକୃତରେ ବ୍ରହ୍ମଚର୍ଯ୍ୟାନ୍ତରେ ଗୁରୁଙ୍କ ଆଦେଶକ୍ରମେ ଗୃହକୁ ପ୍ରତ୍ୟାଗମନ। ପିତା ମାତା ମାନେ ପିଲାମାନଙ୍କୁ ଉଚ୍ଚତର ଶିକ୍ଷା ପ୍ରାପ୍ତି ନିମନ୍ତେ ଉପଯୁକ୍ତ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ନିର୍ଦ୍ଦିଷ୍ଟ ସମୟର ଅବଧି ପାଇଁ ଛାଡି ଥାନ୍ତି ଓ ଶିକ୍ଷା ଗ୍ରହଣର ପରିସମାପ୍ତି ପରେ ସମାବର୍ତ୍ତନ ବା ପ୍ରତ୍ୟାଗମନର ଉତ୍ସବ କରି ଓ ଉପଯୁକ୍ତ ଶିକ୍ଷାର ପ୍ରମାଣ ପତ୍ର ସହ ଆନୁଷ୍ଠାନିକ ଭାବେ ଗୃହକୁ ପ୍ରତ୍ୟାଗମନ ପାଇଁ ଅନୁମତି ପ୍ରଦାନ କରିଥାନ୍ତି ତାହା ହେଉଛି ସମାବର୍ତ୍ତନ। ଶିକ୍ଷା ସହ ଦୀକ୍ଷାର ସମ୍ପର୍କ ଅତି ନିବିଡ ଯାହା ସମାବର୍ତ୍ତନ ଉତ୍ସବରେ ପରିଲକ୍ଷିତ ହୋଇଥାଏ। ବିଶ୍ୱବିଦ୍ୟାଳୟ ଉକ୍ତ ଅବସରରେ ଜଣେ ପ୍ରତିଷ୍ଠିତ ଜ୍ଞାନଲବ୍ଧ ବିଦ୍ୱାନ ବ୍ୟକ୍ତିଙ୍କୁ ଆମନ୍ତ୍ରଣ କରିଥାନ୍ତି ଯିଏ କି ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଭାଷଣ ଦେଇଥାନ୍ତି ଯାହା ବିଦ୍ୟାର୍ଥୀ ମାନଙ୍କ ନିମନ୍ତେ ଆଗକୁ ଜୀବନ ନିର୍ବାହ କରିବାରେ ସହାୟକ ହୋଇଥାଏ। ଶିକ୍ଷା ଯେତେବେଳେ ଜ୍ଞାନରେ ପରିପୂର୍ଣ୍ଣ ହୋଇଥାଏ, ଦିକ୍ଷା ସେତେବେଳେ ସୁନିୟନ୍ତ୍ରିତ କର୍ମକୁଶଳ ଜୀବନ ନିର୍ବାହ କରିବାରେ ସହାୟକ ହୋଇଥାଏ। ଶିକ୍ଷକ, ଛାତ୍ରର ଜ୍ଞାନର ପରିପକ୍ୱତାକୁ ହୃଦୟଙ୍ଗମ କରି ଏକ ସୁ-ନାଗରିକ ଓ ଚରିତ୍ରବାନ ନାଗରିକ ହେବା ପାଇଁ ସମାବର୍ତ୍ତନ ଉତ୍ସବରେ ଦିକ୍ଷା ଦେଇଥାନ୍ତି। ଛାତ୍ରଛାତ୍ରୀ ଜୀବନର ଅବ୍ୟାହତି ପରେ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରିଥିବା ନିୟନ୍ତ୍ରିତ ଜୀବନ କୌଶଳକୁ ପ୍ରୟୋଗଶାଳାରେ ପରୀକ୍ଷା କରିବା ହେଉଛି ଦୀକ୍ଷାନ୍ତ ଭାଷଣର ଉଦ୍ଦେଶ୍ୟ। ଆନୁଷ୍ଠାନିକ ଶିକ୍ଷା ଓ ଦିକ୍ଷାର ଯେଉଁଠି ଅନ୍ତ ବା ଶେଷ ହୋଇଥାଏ ଓ ଜୀବନ ଶିକ୍ଷା ଯେଉଁଠି ଆରମ୍ଭ ହୋଇଥାଏ ତାହା ହେଉଛି ସମାବର୍ତ୍ତନ। ନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ ଛାତ୍ରଛାତ୍ରୀମାନେ ଶିକ୍ଷା ଗ୍ରହଣ କରି ଯେତେବେଳେ ଶିକ୍ଷାର ଉତ୍ତୀର୍ଣ୍ଣର ସ୍ୱୀକୃତି ପତ୍ର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥାନ୍ତି ଉକ୍ତ ବିଦ୍ୟାର୍ଥୀମାନଙ୍କୁ ସୁସ୍ଥ ସମାଜ ତଥା ସୁସ୍ଥ ପରିବାର ଗଠନ ନିମନ୍ତେ ଦିକ୍ଷା ଦେଇ ଶିକ୍ଷକ ବା ଶିକ୍ଷାଳୟର ସର୍ବଶ୍ରେଷ୍ଠ ଅଧିକାରୀ ଉକ୍ତ ପରିସରରୁ ଛାତ୍ରଛାତ୍ରୀମାନଙ୍କୁ ବିଦାୟ ଦେଇଥାନ୍ତି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ ନିମନ୍ତେ। ବିଶ୍ୱବିଦ୍ୟାଳୟ ହେଉଛି ବ୍ୟାପକ ତଥା ବିଶ୍ୱ ଭାତୃତ୍ୱର ଚିନ୍ତାର କ୍ଷେତ୍ର ଯେଉଁଠାରେ ମଣିଷ ନିର୍ମାଣ କରାଯାଏ। ସମାବର୍ତ୍ତନ ଉତ୍ସବ ଛାତ୍ରଛାତ୍ରୀମାନଙ୍କୁ ସ୍ୱୀକୃତି ଦେଇଥାଏ ଶୃଙ୍ଖଳା, ସତ୍ୟ, ନ୍ୟାୟ, ଧୈର୍ଯ୍ୟ, ସେବା, ଶାଳୀନତା, ଚରିତ୍ରବାନ ଆଦି ସୃଜନଶୀଳତାର ସଦଗୁଣ, ଯାହା ଦ୍ୱାରା ପିତା ମାତା ମାନେ ପିଲାମାନଙ୍କୁ ବିଶ୍ୱବିଦ୍ୟାଳୟକୁ ଶିକ୍ଷା ଦିକ୍ଷା ଗ୍ରହଣ ପାଇଁ ଦେଇଥିବା ସମୟର ଉତ୍କର୍ଷ ପାଇଥାନ୍ତି।

ମାତ୍ର ବିଡମ୍ବନାର ପରିସ୍ଥିତି ଏହା ଯେ ସମ୍ପ୍ରତି ବିଶ୍ୱବିଦ୍ୟାଳୟ ମାନଙ୍କରେ ଦିନକୁ ଦିନ ଛାତ୍ରଛାତ୍ରୀ ଅଶାନ୍ତି ବା ବିଭିନ୍ନ ଗଣ୍ଡଗୋଳ ବର୍ଷର ଅଧିକାଂଶ ସମୟରେ ହେଉଛି ସେଥିପାଇଁ ମୁଖ୍ୟତଃ ଛାତ୍ରଛାତ୍ରୀ ମାନଙ୍କୁ ଦାୟୀ କରାଯାଏ। ଜନସାଧାରଣ ତଥା ସାଧାରଣ ଜନତା ଏହା ଛାତ୍ରଛାତ୍ରୀ ମାନଙ୍କର ଏକ ବଦଭ୍ୟାସ ବୋଲି ଅଭିହିତ କରନ୍ତି। ଏପରିକି ସମାଜ ଉକ୍ତ ଛାତ୍ରଛାତ୍ରୀମାନଙ୍କୁ ବିଶୃଙ୍ଖଳିତ ଛାତ୍ରଛାତ୍ରୀ ବୋଲି ଅଭିହିତ କରନ୍ତି। ଆହୁରି ମଧ୍ୟ ଉକ୍ତ ଛାତ୍ରଛାତ୍ରୀମାନଙ୍କର ବାପା ମା'ଙ୍କୁ ମଧ୍ୟ ଭର୍ତ୍ସନାର ଶିକାର ହେବାକୁ ପଡିଥାଏ। ମାତ୍ର ଏଥିପାଇଁ କେବଳ ଯେ ଛାତ୍ରଛାତ୍ରୀମାନେ ଦାୟୀ ତାହା ନୁହେଁ। ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ କିପରି ହେଉଛି ବା ଶିକ୍ଷକ କିପରି ଶିକ୍ଷାଦାନ କରୁଛନ୍ତି ତାହା କେବେ କୌଣସି ଅଭିଭାବକ, ସରକାରୀ କର୍ତ୍ତୃପକ୍ଷ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବା ରାଜନୈତିକ ନେତା କେବେ କାହାର ଦୃଷ୍ଟି ଗୋଚର କରନ୍ତି ନାହିଁ। ତେଣୁ ଶିକ୍ଷକ, ଛାତ୍ର ଓ ଅବିଭାବକ ମଧ୍ୟରେ ଏକ ସମନ୍ୱୟର ଅଭାବ ଦେଖା ଦେଉଛି ଯାହା ତ୍ରିକୋଣ ସମସ୍ୟା ବୋଲି ସିଦ୍ଧ। ତ୍ରିଭୁଜର ତିନୋଟି ବାହୁ ମଧ୍ୟରେ ସମାନୁପାତିକ ସମନ୍ୱୟ ରକ୍ଷା ହେଲେ ତ୍ରିଭୁଜର ସ୍ଥିତିର ମୂଲ୍ୟ ସହଜରେ ନିରୂପଣ କରାଯାଇପାରେ। ତେଣୁ ପରସ୍ପର ପରିପୂରକ କ୍ଷେତ୍ରରେ ଚେତନାର ମାନସିକତାକୁ ଅଗ୍ରାଧିକାର ଦେଲେ ଶିକ୍ଷାର ଗୁଣାତ୍ମକ ମାନର ଉନ୍ନତି ହୋଇପାରନ୍ତା। ସରକାର ଶିକ୍ଷାନୁଷ୍ଠାନ କରିଥାନ୍ତି ଓ ଅଭିବାଭକ ମାନେ ସେମାନଙ୍କର ପିଲାମାନଙ୍କୁ ଶିକ୍ଷାନୁଷ୍ଠାନକୁ କେବଳ ଶିକ୍ଷା ପାଇଁ ଓ ଏକ ଉପଯୁକ୍ତ ମଣିଷ ତିଆରି କାରଖାନାରୁ ମଣିଷ ହେବା ପାଇଁ ଶିକ୍ଷାଳୟକୁ ପଠାଇଥାନ୍ତି। ମାତ୍ର ବର୍ତ୍ତମାନ କାଗଜ, କଲମ, ବହି, ଖାତା ବଦଳରେ ଗାଡି, ଅତ୍ୟାଧୁନିକ ମୋବାଇଲ, କ୍ରିକେଟ ବ୍ୟାଟ ଇତ୍ୟାଦି ଇତ୍ୟାଦିକୁ ବିଦ୍ୟାର୍ଥୀମାନେ ଆଦରି ନେଉଛନ୍ତି। ବିଦ୍ୟାର୍ଥୀମାନେ ବର୍ତ୍ତମାନ ଶିକ୍ଷାଳୟର ପାଠାଗାରରେ ନରହି କୌଣସି ନାମୀଦାମୀ ରେଷ୍ଟୁରେଣ୍ଟରେ, ପାର୍କରେ ବା ସିନେମା ହଲ୍‌ରେ ଅଧିକ ସମୟ ନଷ୍ଟ କରିବା ପାଇଁ ପସନ୍ଦ କରୁଛନ୍ତି। ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀମାନେ ହେଉଛନ୍ତି ଦେଶର ଭବିଷ୍ୟତ, ପରିବାରର ଭବିଷ୍ୟତ ଏବଂ ସର୍ବାଦୌ ଶିକ୍ଷା କ୍ଷେତ୍ରର ଭବିଷ୍ୟତ। ତେଣୁ ସୁନ୍ଦର ଭବିଷ୍ୟତକୁ କ୍ଷଣିକ ମୋହରେ ନିଜକୁ ଧ୍ୱଂସ କରିବାରେ ଲାଭ କ'ଣ? ଯେଉଁ ନିରୀହ ଶାନ୍ତ ବିଦ୍ୟାର୍ଥୀ ଓ ସେମାନଙ୍କର ପରିବାର ଉଚିତ୍ ସମୟରେ ଶିକ୍ଷାରୁ ବଞ୍ଚିତ ହେଲେ, ସେମାନଙ୍କର ଭୁଲ କ'ଣ ଥିଲା ? ବିଶୃଙ୍ଖଳିତ ପିଲାମାନଙ୍କ ପାଇଁ ଅଯଥାରେ ନିରୀହ ବିଦ୍ୟାର୍ଥୀ ବଳି ପଡୁଛି ଓ ସେଥିପାଇଁ ଦାୟୀ କିଏ, ବିଦ୍ୟାର୍ଥୀ ଦାୟୀ, ନା ବିଦ୍ୟାର୍ଥୀର ପରିବାର ଦାୟୀ, ନା ଶିକ୍ଷକ ଦାୟୀ, ନା ରାଜନୈତିକ ଦଳ ବା ନେତା ଦାୟୀ ନା ପରିଶେଷରେ ସରକାରଙ୍କ ଶାସନ ଓ ଅନୁଶାସନ ଦାୟୀ। କାରିଗରୀ କୌଶଳ, ପ୍ରଯୁକ୍ତି ବିଦ୍ୟା, ପାଠ ପଢିବା ପାଇଁ ଉନ୍ନତମାନର ଆବଶ୍ୟକୀୟ ଉପକରଣ ସହିତ ଅତ୍ୟାଧୁନିକ ଶ୍ରେଣୀଗୃହ ମଧ୍ୟ ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ମାନଙ୍କରେ ଉପଲବ୍ଧ ମାତ୍ର ଯେଉଁଥିପାଇଁ ଉକ୍ତ ସରଞ୍ଜାମ ଗୁଡିକର ଆବଶ୍ୟକତା ରହିଛି ତାହା ଆଜି ଗୌଣ ହୋଇଯାଇଛି। ପୂର୍ବେ ଉକ୍ତ ଆବଶ୍ୟକୀୟ ଉପକରଣ ନଥିଲେ ମଧ୍ୟ ବିଦ୍ୟାଦାନ ଓ ଶିକ୍ଷା ଗ୍ରହଣର ସମାନୁପାତିକ ଚିନ୍ତାଧାରା ଥିଲା ଯାହା ବର୍ତ୍ତମାନ ଆଶା କରାଯାଇପାରେ। ସମାବର୍ତ୍ତନ ଉତ୍ସବରେ ଶିକ୍ଷା ଓ ଦିକ୍ଷାର ସ୍ୱୀକୃତିକୁ ଯଥାଯୋଗ୍ୟ ସମ୍ମାନ ପ୍ରଦର୍ଶନ କରି ପ୍ରକୃତ ବିଦ୍ୟାର୍ଥୀମାନେ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତକୁ ଅଧିକ ଆଲୋକିତ କରିବା ପାଇଁ ଯତ୍ନବାନ ହେବା ଉଚିତ୍, ତେବେ ଯାଇ ସମାଜ ତିଷ୍ଠିବ, ଜାତି ସୁରକ୍ଷିତ ହେବ ଓ ସମାବର୍ତ୍ତନର ସ୍ୱୀକୃତି ପାଇ ପାରିବ।

# ସବୁଠାରେ ବିଦ୍ୟମାନ ଈଶ୍ୱରଙ୍କ ଅସ୍ତିତ୍ୱ

ସୌର ଚନ୍ଦ୍ର ମହାପାତ୍ର
ବରିଷ୍ଠ ଆଇନଜୀବୀ,
ଓଡ଼ିଶା ହାଇକୋର୍ଟ, କଟକ
ମୋ : ୯୪୩୭୦୦୪୪୬୬

ପ୍ରାର୍ଥନା ମନୁଷ୍ୟ ଜାତି ପାଇଁ ଏକ ଈଶ୍ୱରୀୟ ଆଶୀର୍ବାଦ। କୁହାଯାଏ ପ୍ରାର୍ଥନା କରିବା ହେଉଛି ଭଗବାନଙ୍କ ସମ୍ମୁଖରେ ନିଜକୁ ସମ୍ପୂର୍ଣ୍ଣ ରୂପେ ସମର୍ପି ଦେଇ ନିଜ ହୃଦୟର ବାର୍ତ୍ତାକୁ ତାଙ୍କ ପାଖରେ ପହଞ୍ଚାଇବା। ପ୍ରାର୍ଥନାର ସଂଜ୍ଞାକୁ ବ୍ୟାଖ୍ୟା କରିବା ଅସମ୍ଭବ। ଏହି ପ୍ରସଙ୍ଗରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ପରମ ଭକ୍ତ ଏନ.କସ୍ତୁରୀଙ୍କ କଥାଟି ମନେପଡୁଛି। ଭଗବାନ ଶ୍ରୀସତ୍ୟସାଇ ବାବା ସମ୍ଭାଷଣରେ କହିଛନ୍ତି - 'ମୋର କୌଣସି ନିର୍ଦ୍ଦିଷ୍ଟ ନାମ ନାହିଁ, ଯେ ଯେକୌଣସି ନାମରେ ମୋତେ ଡାକିଲେ ମୁଁ ଉତ୍ତର ଦେବି। ସବୁଯାକ ନାମ ମୋରି, ଅନ୍ୟ ଭାବରେ କହିଲେ ମୋତେ କି ନାମ ଦେବ ତାକୁ ତୁମେ ହିଁ ଠିକ୍ କରିଥାଅ।' କଳିଯୁଗରେ ଈଶ୍ୱର ଉପଲବ୍ଧିର ସବୁଠାରୁ ଭଲ ମାର୍ଗ ନାମଯୋଗ ମାତ୍ର ଆଜିକାଲି ଅଧିକାଂଶ ଲୋକ ଏହାକୁ ଗୋଟାଏ ବୃଥା କସରତ କହି ଉପେକ୍ଷା କରୁଛନ୍ତି। ବାବା ଏଠାରେ ଉଲ୍ଲେଖ କରିଛନ୍ତି - 'ଶ୍ୱାସ ପ୍ରଶ୍ୱାସ କ'ଣ କେବେ ଗୋଟାଏ ନିରର୍ଥକ କସରତ ହୋଇପାରେ ?' ସୋହମ ବା ସାଇରାମ କିମ୍ବା ଏପରି କୌଣସି ନାମ ଶ୍ୱାସପ୍ରଶ୍ୱାସ ପରି ଅଖଣ୍ଡ ଭାବରେ ଉଚ୍ଚାରିତ ହେଉଥିବା ଉଚିତ୍। ପ୍ରାର୍ଥନା ହେଉଛି ପ୍ରେମର ଭାଷା। ଏହି ଶବ୍ଦର ୫ଟି ଅର୍ଥ ରହିଛି। ପ୍ରାର୍ଥନା ହେଉଛି ଭଗବାନଙ୍କ ସହ ବାର୍ତ୍ତାଳାପ କରିବା ସଦୃଶ। ଈଶ୍ୱରଙ୍କ ଅସ୍ତିତ୍ୱ ସବୁଠାରେ ବିଦ୍ୟମାନ। ଏହାକୁ ଗ୍ରହଣ କରିବା ଏବଂ ପ୍ରାର୍ଥନା କରିବା ସମୟରେ ସଙ୍କୋଚ ହୃଦୟ ହେବା ନିତ୍ୟାନ୍ତ ଆବଶ୍ୟକ। ପ୍ରାର୍ଥନା କରିବା ସମୟରେ ପ୍ରେମଭାବ ଏବଂ ଆଦର ସହକାରେ ମସ୍ତିଷ୍କକୁ ନୁଆଁଇ ଈଶ୍ୱରଙ୍କ ସହିତ ବାର୍ତ୍ତାଳାପ କରିବା ଦ୍ୱାରା ପ୍ରାର୍ଥନା ସାର୍ଥକ ହୋଇନଥାଏ। ତେଣୁ ନିଜର ହୃଦୟ କଥା କହିବା ସହିତ ଈଶ୍ୱରୀୟ ବାର୍ତ୍ତାକୁ ମଧ୍ୟ ଧୈର୍ଯ୍ୟ ସହକାରେ ଶୁଣିବା ଉଚିତ୍।

ପ୍ରାର୍ଥନା କରିବା ସମୟରେ ଆମ୍ଭେମାନେ ଦୁଇଟି ଶାଖା ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍। ସର୍ବପ୍ରଥମେ ଭଗବାନଙ୍କ ସମ୍ମୁଖରେ ସଙ୍କୋଚ ହୃଦୟରେ ନିଜର ବିଚାର, ଆକାଂକ୍ଷା ଏବଂ ମାର୍ଗ ପ୍ରଦର୍ଶନ ବିଷୟରେ ବାର୍ତ୍ତାଳାପ ଆବଶ୍ୟକ। ଦ୍ୱିତୀୟତଃ ନିଜ କଥାକୁ ବ୍ୟକ୍ତ କରିସାରିବା ପରେ ଭଗବାନଙ୍କ ପ୍ରତି ଉତ୍ତରକୁ ଅପେକ୍ଷା କରିବା ଉଚିତ୍ ଏବଂ ଭଗବାନଙ୍କ ଅସ୍ତିତ୍ୱକୁ ବୁଝିବା ଉଚିତ୍। ସେ ଦେଖାଇଥିବା ଉଚିତ୍ ମାର୍ଗ ଏବଂ ଆଜ୍ଞାପ୍ରତି ବିଶେଷ ଧ୍ୟାନ ଦେଇ ନିଜ ଚଲାପଥକୁ ସହଜ ଓ ସୁନ୍ଦର କରିବା ଉଚିତ୍। ଯାହାଦ୍ୱାରା ପ୍ରାର୍ଥନା ଶେଷ ହେବା ପରେ ନିଜ ମଧ୍ୟରେ ବିଶେଷ ଆନନ୍ଦ, ଶକ୍ତ ଏବଂ ସ୍ଫୁର୍ତ୍ତି ସଂଚାରିତ ହେଉଥିବାର ଆପଣ ନିଶ୍ଚୟ ଅନୁଭବ କରିପାରିବେ।

ନିଜର ଅନନ୍ତ ହୃଦୟରେ ଏହି ବିଶ୍ୱାସ ରଖିବା ଉଚିତ୍। ପ୍ରାର୍ଥନା କରିବା ସମୟରେ ଆମର ଭଗବାନଙ୍କ ସହିତ ସିଧା ସମ୍ପର୍କ ହୋଇଥାଏ ଏବଂ ଫଳସ୍ୱରୂପ ଆମ ଭିତରେ ଈଶ୍ୱରୀୟ ଶକ୍ତି ବୃଦ୍ଧି ଘଟିଥାଏ। ଆମେ ମନୁଷ୍ୟ ହୋଇଥିବା କାରଣରୁ ଆମ ମଧ୍ୟରେ ଭଗବାନଙ୍କୁ ଚିହ୍ନିବାର ଶକ୍ତି ରହିଛି। ତେଣୁ ଆମେମାନେ ଏହି ଶକ୍ତିକୁ ସଦୁପଯୋଗ କରିବା ଉଚିତ୍। ଏହାପରେ ମଧ୍ୟ ଯଦି ଆମେ ପଶୁମାନଙ୍କ ଭଳି ଜୀବନ ବିତେଇବା ତେବେ ଏହା ଆମର ଦୁର୍ଭାଗ୍ୟ। କାରଣ ଈଶ୍ୱର ବିଶ୍ୱରୂପୀ ଅଟନ୍ତି। ତେଣୁ ଆମେ ଏହାକୁ ଆଧ୍ୟାତ୍ମିକତା ଦ୍ୱାରା ପୂଜା କରିପାରିବା। ପ୍ରାର୍ଥନା କରିବା ସମୟରେ ଆମେ ନିଜର ମସ୍ତିଷ୍କକୁ ଶାନ୍ତ ରଖିବା ଉଚିତ୍। କେବଳ ଏକ ଈଶ୍ୱରୀୟ ଚିନ୍ତାଧାରାରେ ଲୀନ ହୋଇଯିବା ଦରକାର। ଯେଉଁମାନେ ପ୍ରାର୍ଥନାର ମହତ୍ୱକୁ ବୁଝିବାକୁ ଚାହାଁନ୍ତି ସେମାନଙ୍କ ପାଇଁ ଈଶ୍ୱରଙ୍କ ବାଣୀ ହେଉଛି 'ଶାନ୍ତ ହୋଇଯାଅ' ଏବଂ ମୁଁ ଈଶ୍ୱର ବୋଲି ଗ୍ରହଣ କର। ଏହାପରେ ପରେ ଆପଣ ନିଶ୍ଚିତ ଅନୁଭବ କରିପାରିବେ ଆନନ୍ଦଦାୟକ ପରିବେଶକୁ। ପ୍ରାର୍ଥନା କରିବା ସମୟରେ ସଂସାରମୋହକୁ ତ୍ୟାଗ କରି ଏବଂ ଅତୀତକୁ ଭୁଲିଯାଇ ନିଜର ଭବିଷ୍ୟତ ବିଚାର ମନରେ ଆଣିବା ଦରକାର। ଏହି ସମୟରେ ଏତିକି ଭାବନା ରଖିବା ଉଚିତ୍ - ମୁଁ ଈଶ୍ୱରଙ୍କ ପାଇଁ ବଞ୍ଚିଛି ଏବଂ ବଞ୍ଚିବି ମଧ୍ୟ। ଏହି ଚିନ୍ତାଧାରା ରଖିବା ଦ୍ୱାରା ଆମକୁ ପୂର୍ଣ୍ଣପ୍ରାପ୍ତି ହୋଇଥାଏ। ଏସବୁ ଆଖି ଆଗରେ ରଖି ଈଶ୍ୱରଙ୍କ ସହ ଆମର ସମ୍ପର୍କ ଯୋଡ଼ିବା ଦ୍ୱାରା ଅବଶ୍ୟ ଆମର ପ୍ରାର୍ଥନା ପ୍ରେମର ପରିଭାଷା ହୋଇପାରିବ।

ନାମ ସ୍ମରଣ ମାର୍ଗରେ ମଧ୍ୟ ଆମକୁ ଅନେକ ଖାଲଢ଼ିପ ଡେଇଁ ଆଗେଇ ଯିବାକୁ ପଡ଼ିଥାଏ। ଆମେ ଏ ସାଧନାରେ ରତ ଥିବାବେଳେ ଅନ୍ୟ କୌଣସି ନାମର ସାଧକଙ୍କୁ ତୁଚ୍ଛ ଭାବ ବା ସମାଲୋଚନା ସର୍ବଦା ବର୍ଜନୀୟ। ଜୀବନ ଚେତନାରେ ଭକ୍ତି, ଜ୍ଞାନ, କର୍ମ ଓ ରାଜ ଏହି ଚାରି ଯୋଗର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ନାମ ସ୍ମରଣ କ୍ଷେତ୍ରରେ ରହିଛି। କର୍ମଯୋଗ ହେଉଛି ମାଟି ଦୀପ ସଦୃଶ। ଭକ୍ତି ଯୋଗ ସେଥିରେ ଥିବା ତେଲ, ରାଜଯୋଗ ହେଉଛି ବଳିତା, ଜ୍ଞାନ ଯୋଗ ହେଉଛି ଆଲୋକ। ସତ୍‌କର୍ମ ଭକ୍ତି ଓ ଉତ୍ସର୍ଗ, ସବୁ ଜୀବ ଠାରେ ଭଗବାନଙ୍କ ଦର୍ଶନ, ସବୁ ଘଟଣାରେ ଭଗବାନଙ୍କ ହସ୍ତର ଦର୍ଶନ ଆଡ଼କୁ ଘେନିଯାଏ ଏବଂ ଏହା ଉପାସନା ଆଡ଼କୁ ନେଇଯାଏ। ଉପାସନା ଫଳରେ ପ୍ରାଣାୟମ ଓ ଏକାଗ୍ରତା, ସବୁ ଆପେ ଆପେ ଠିକ ହୋଇଯାଏ। ଆଉ ଏହି ସାଧନାର ଚରମ ସୀମା ଭାବରେ ଆତ୍ମା ପୂର୍ଣ୍ଣ ଦୀପ୍ତିରେ ପ୍ରକଟିତ ହୁଏ। ପ୍ରାର୍ଥନା କରିବା ଦ୍ୱାରା ମନୁଷ୍ୟ ମୋହ ମାୟା ସଂସାରରୁ ମୁକ୍ତି ପାଇଥାଏ। ଏହାସହିତ ଯେତେବେଳେ ଈଶ୍ୱରୀୟ ଉପସ୍ଥିତିରେ ପୂର୍ଣ୍ଣମାନ ଜ୍ଞାନ ପ୍ରାପ୍ତି ହେବାର ଅନୁଭବ କରୁ ସେତେବେଳେ ଆମର ସମସ୍ତ ଆକାଂକ୍ଷା ଏବଂ ଇଚ୍ଛା ଈଶ୍ୱରଙ୍କ ନାମରେ ପୂରଣ ହୋଇଥାଏ।

'ତୁମେ ମୋ ଆଡ଼କୁ ପାଦେ ଆଗେଇଲେ ମୁଁ ତୁମ ଆଡ଼କୁ ଦଶପାଦ ଆଗେଇବି। ଚେଷ୍ଟା କରିବା ଓ ଉଦ୍ୟମ କରିବା ମଣିଷର କର୍ତ୍ତବ୍ୟ। ସଫଳତା ବା ବିଫଳତା ଈଶ୍ୱରଙ୍କ କୃପା ଉପରେ ନିର୍ଭର କରେ। ଭଗବାନ ସଶରୀରରେ ତୁମ ପାଖେ ଅଛନ୍ତି ଏହି ବିଶ୍ୱାସର ସହ ତୁମକୁ ଦିଆଯାଇଥିବା କର୍ମ କରିଯାଅ। ନାମ ସ୍ମରଣରେ ନିୟୋଜିତ ହୋଇ ରହି ତାହା ହିଁ ସର୍ବୋତ୍ତମ ସାଧନା। ତାହା ହିଁ ସର୍ବୋଚ୍ଚ ଜପ ସର୍ବାଧିକ ଲାଭପ୍ରଦ ତପସ୍ୟା। ନାମକୁ ପ୍ରେମପୂର୍ଣ୍ଣ କରିଦିଅ ଓ ଭକ୍ତି ବିଜଡ଼ିତ କରିଦିଅ। ତାହା ହିଁ ତୁମ ସମସ୍ତଙ୍କ ପାଇଁ ସହଜତମ ମାର୍ଗ।' - ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଦିବ୍ୟବାଣୀ ଆମ ସମସ୍ତଙ୍କୁ ଦିବ୍ୟ ରାସ୍ତାର ମାର୍ଗ ଦର୍ଶନ କରୁ।

# ଆସ ବୁଲିଯିବା ପୁସ୍ତକମେଳା



ଶ୍ରୁତକୀର୍ତ୍ତି ତ୍ରିପାଠୀ
ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

ନଭେମ୍ବର ମାସ ପରଠୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ପୁସ୍ତକମେଳାର ଆୟୋଜନ ହୁଏ। କେବଳ ରାଜଧାନୀ ଭୁବନେଶ୍ୱର କଥା କହିଲେ, ବର୍ଷକୁ ଦୁଇ କିମ୍ବା ତିନୋଟି ପୁସ୍ତକମେଳା ତ ନିଶ୍ଚୟ ହୋଇଥାଏ। ଏବର୍ଷ ହୋଇଛି ଦୁଇଟି। ପ୍ରଥମଟି କଳିଙ୍ଗ ପୁସ୍ତକମେଳା ଯାହାର ଆୟୋଜନ ହୋଇଥିଲା ନଭେମ୍ବର ମାସରେ। ଆଜିର ଆଲୋଚନା ଡିସେମ୍ବର ୬ରୁ ୧୭ ତାରିଖ ଯାଏଁ ଚାଲିଥିବା ବହୁ ପ୍ରତିକ୍ଷିତ, ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ଷଷ୍ଠ ରାଜ୍ୟ ପୁସ୍ତକ ମହୋତ୍ସବ। ନଭେମ୍ବରରୁ ଫେବୃଆରୀ ଭିତରେ ବହୁ ମେଳା ଆୟୋଜିତ ହୁଏ; କାରଣ ଶୀତ ଋତୁର ପ୍ରବେଶ ସହ ମେଳାବୁଲାରେ ଆୟୋଜକ ଓ ଗ୍ରାହକ ସମସ୍ତଙ୍କର ସୁବିଧା ସହ ଲାଭ ମଧ୍ୟ ହେବାର ଆଶା ରହିଥାଏ। ଏହି ସମୟରେ ହାଲ୍‌କା ହାଲ୍‌କା ଶୀତ ଆରମ୍ଭ ହୋଇ ସାରିଥାଏ । ଛାତ୍ରଛାତ୍ରୀ ମାନଙ୍କ ଉପରେ ପରୀକ୍ଷାର ବିଶେଷ ଚାପ ନଥାଏ। ସନ୍ଧ୍ୟାରେ ସାଙ୍ଗସାଥୀ କିମ୍ବା ପରିବାର ଗହଣରେ ବୁଲାବୁଲି ସହ ବହି ସମ୍ଭାର ଭିତରେ ନିଜକୁ ହଜେଇ ଦେବା ପାଇଁ ସମସ୍ତେ ଆଗ୍ରହ ପ୍ରକାଶ କରନ୍ତି। କଥା, ଅଲୋଚନା, ଆସର, ଖଟି, ସବୁ ଭିତରେ ପୁସ୍ତକମେଳା ବହୁ ସୁଖଦ ଅନୁଭୂତି ଦେଇଯାଏ। ଲେଖକ, ପାଠକ, ପ୍ରକାଶକଙ୍କୁ ଯୋଡିବା ସହ ବିପୁଳ ମାତ୍ରାରେ ପୁସ୍ତକ ପ୍ରଦର୍ଶନ ଓ ବିକ୍ରି ସହ ନୂତନ ପାଠକ ସୃଷ୍ଟି କରିବାର ଉଦ୍ଦେଶ୍ୟ ନେଇ ପ୍ରତି ବର୍ଷ ପୁସ୍ତକମେଳା ଆୟୋଜିତ ହୁଏ। ମାତ୍ର କ୍ରମେ ଲକ୍ଷ୍ୟ କରାଯାଉଛି ଯେ ପୁସ୍ତକମେଳାରେ ଆଉ ଆଗ ଭଳି ଲୋକଙ୍କ ଭିଡ଼ ହେଉନାହିଁ । ପୁସ୍ତକ ପ୍ରଦର୍ଶନ, ଉନ୍ମୋଚନ ତୁଳନାରେ ପୁସ୍ତକ କ୍ରୟ ଓ ବିକ୍ରୟର ପରିମାଣ କମି କମି ଯାଉଛି। ମେଳାରେ ଲେଖକ ଓ ପ୍ରକାଶକଙ୍କ ଗହଳି ଜମୁଛି ହେଲେ ପାଠକ ଓ ଗ୍ରାହକଙ୍କ ସଂଖ୍ୟା ନାମକୁ ମାତ୍ର। ଶୁଣିବାକୁ ମିଳୁଛି ଯେ ସେଇ ଲେଖକମାନେ ହିଁ ପରସ୍ପରଙ୍କ ବହି କିଣିବା ଦ୍ୱାରା ଯେଉଁ କେତେଖଣ୍ଡ ବହି ବିକ୍ରି ହେଉଛି। ବାହାରୁ ପାଠକ ଆସି ବହି ଖୋଜିବା ଓ କିଣି କି ନେବା ଖୁବ କମ୍।

ତେବେ ଆଲୋଚ୍ୟ ବିଷୟ ଏହା ଯେ ଏହି ସମସ୍ୟା ପଛର କାରଣ କ'ଣ ହୋଇପାରେ ? ତ୍ରୁଟିଗତ ପରିଚାଳନା, ପ୍ରଚାର ପ୍ରସାରର ଅଭାବ ନା ପାଠକ ସଂଖ୍ୟା ହ୍ରାସ ? ୫ବର୍ଷ ତଳେ ସରକାର ପୁସ୍ତକମେଳା ଆୟୋଜନର ଦାୟିତ୍ୱ ନେବା ପରେ ଯୋଜନା ଅନୁଯାୟୀ ଦେଶବିଦେଶରୁ ପ୍ରକାଶକମାନେ ଯୋଗଦେବେ, ସାରା ଓଡ଼ିଶାରୁ ପ୍ରକାଶକମାନେ ପୁସ୍ତକମେଳାରେ ଷ୍ଟଲ ପକେଇବେ, ରାଜ୍ୟ ବାହାରୁ ତଥା ବିଦେଶରୁ ପ୍ରସିଦ୍ଧ ଲେଖକଙ୍କୁ ନିମନ୍ତ୍ରଣ କରାଯିବ, ଆନ୍ତର୍ଜାତିକ ଏବଂ ପ୍ରଭାବୀ ଢଙ୍ଗରେ ପୁସ୍ତକ ମହୋତ୍ସବ ପାଳନ କରାଯିବ, ମେଳା ପାଇଁ ବହୁ ଆଗରୁ ଗଣମାଧ୍ୟମରେ ପ୍ରଚାର ଏବଂ ପ୍ରସାର କରାଯିବ ବୋଲି ଆଶା କରାଯାଇଥିଲା। ମାତ୍ର ଏଭଳି ବିଶେଷ ପ୍ରସ୍ତୁତି ସତ୍ତ୍ୱେ ଉପରୋକ୍ତ କୌଣସି ଯୋଜନା କାର୍ଯ୍ୟକାରୀ ହୋଇପାରିନାହିଁ ।

ଚଳିତ ବର୍ଷ ପୁସ୍ତକମେଳା କଥା ଯଦି ଅଲୋଚନା କରାଯାଏ ତେବେ ଏଥର ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଏହି ମେଳାରେ ୪୦୦ରୁ ଅଧିକ ଷ୍ଟଲ ଏବଂ ୨୦୦ରୁ ଅଧିକ ପ୍ରକାଶକ ଏବଂ ପୁସ୍ତକ ବିକ୍ରେତା ଭାଗ ନେଇଛନ୍ତି। ପୂର୍ବରୁ ଷ୍ଟଲ ପିଛା ଅଧିକ ଦାମ୍ ପଡୁଥିବା ବେଳେ ସରକାର ହାତକୁ ନେବା ପରେ ଏହା ସମସ୍ତଙ୍କ ପାଇଁ ସମାନ ରହିଛି। ଷ୍ଟଲଗୁଡିକର ସାଜସଜ୍ଜା, ଆକାର, ଉପସ୍ଥାପନ ସମସ୍ତ ପ୍ରକାଶନ ସଂସ୍ଥା ପାଇଁ ସମାନ ରହିବା ଏକ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ। ଦର୍ଶକ ଓ ପାଠକଙ୍କୁ ଆକୃଷ୍ଟ କଲା ଭଳି ନୂତନତା, ପରିଷ୍କାର ପରିଚ୍ଛନ୍ନତା, ବ୍ୟବସ୍ଥିତ ଭିଡ଼ ପରିଚାଳନା ସମସ୍ତଙ୍କୁ ଆକୃଷ୍ଟ କରୁଛି। ଡ଼ ହରେକୃଷ୍ଣ ମହତାବ, ଭଗବାନ ବୁଦ୍ଧ, ବିର୍ସା ମୁଣ୍ଡା ଏବଂ ଅନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କୁ କେନ୍ଦ୍ର କରି ବିଭିନ୍ନ ଥିମ ସହ ମଣ୍ଡପ ଗୁଡ଼ିକ ତିଆରି କରାଯାଇଛି। ସାତକଡ଼ି ହୋତା ଏବଂ ସତ୍ୟନାରାୟଣ ବହିଦାରଙ୍କ ନାମରେ ମୁଖ୍ୟ ଏବଂ ଅଭ୍ୟନ୍ତରୀଣ ମଞ୍ଚର ନାମକରଣ ମଧ୍ୟ ଏକ ନିଆରା କଥା। ଓଡ଼ିଶାର କାଳଜୟୀ ସାହିତ୍ୟିକ ଏବଂ ମହାନ ଲୋକଙ୍କ ବିଷୟରେ ସାଧାରଣ ଲୋକଙ୍କ ଭିତରେ ଉତ୍ସାହ ସୃଷ୍ଟି କରିବା ପାଇଁ ଏହା ଅତ୍ୟନ୍ତ ପ୍ରଶଂସନୀୟ ପଦକ୍ଷେପ। ଲେଖକ ଓ ପାଠକଙ୍କ ଭିତରେ କଥାବାର୍ତ୍ତା ପାଇଁ 'କଫି କର୍ଣ୍ଣର' ସହ ପୁସ୍ତକ ଉନ୍ମୋଚନ ଏବଂ ଆଲୋଚନା ପାଇଁ ନିର୍ମିତ ଛୋଟ ସଭାଗୃହରେ ନିତି ସନ୍ଧ୍ୟାରେ ସାହିତ୍ୟପ୍ରେମୀମାନେ ଜମା ହେଉଛନ୍ତି।

ମାତ୍ର ରାଜ୍ୟ ବାହାରୁ ଅନ୍ୟାନ୍ୟ ଭାଷାଭାଷୀ ପ୍ରକାଶକ ଭିନ୍ନ ଭିନ୍ନ ଭାଷାର ପୁସ୍ତକ ଆଣିଥିଲେ ପାଠକଙ୍କ ଆଗ୍ରହ ଆହୁରି ନିଶ୍ଚୟ ବଢିଥାନ୍ତା ବୋଲି ଆଶା କରାଯାଏ। ଓଡ଼ିଶାରେ ଅନୁଷ୍ଠିତ ବୋଲି ଅଧିକାଂଶ ପୁସ୍ତକ ବିକ୍ରୟ ଷ୍ଟଲରେ ବେଶୀ ଓଡ଼ିଆ ମିଳୁଛି, ଏହା ଓଡ଼ିଆ ପୁସ୍ତକପ୍ରେମୀମାନଙ୍କୁ ପାଇଁ ଏକ ସୁଖଦ ବିଷୟ ନିଶ୍ଚୟ। ସେମାନେ ଖୋଜୁଥିବା ଅନେକ ଓଡ଼ିଆ ସ୍ରଷ୍ଟାଙ୍କର ପୁସ୍ତକ ସଂଗ୍ରହ କରୁଛନ୍ତି ଯାହା କୌଣସି ବହି ଦୋକାନରେ ମିଳିବା ସମ୍ଭବ ହେଉ ନଥିଲା। ଓଡ଼ିଶା ଏବଂ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ, ଏନ୍‌ବିଟି ଭଳି ପୁସ୍ତକ ଷ୍ଟଲରେ ଅନ୍ୟ ଭାଷାରୁ ଅନୁଦିତ ପୁସ୍ତକ ସହିତ ଶିଶୁସାହିତ୍ୟ ଉପରେ ପୁସ୍ତକ ମଧ୍ୟ ଉପଲବ୍ଧ ହେଉଛି। ବହିମେଳା ବୁଲିବା ସହିତ ପାଠକ, ଗ୍ରାହକ ପର୍ଯ୍ୟଟନ ବିକାଶ ନିଗମ, ମିଲେଟ ମିଶନ, କୋରାପୁଟ କଫି ଏବଂ ମିଶନ ଶକ୍ତି ଦ୍ୱାରା ଲଗାଯାଇଥିବା ଷ୍ଟଲରେ ସ୍ୱାଦିଷ୍ଟ ଭୋଜନର ଆନନ୍ଦ ନେଇପାରିବେ। ଶିଶୁ, କିଶୋର ଏବଂ ଯୁବପିଢ଼ିଙ୍କ ପାଇଁ କହିବାକୁ ଗଲେ ଏହି ମେଳାରେ ଆକର୍ଷଣ ନିଶ୍ଚିତ ଅଛି।

ପୁସ୍ତକମେଳା ଅନୁଷ୍ଠିତ ହେବା ପୂର୍ବରୁ ଏହାର ପ୍ରଚାର ପ୍ରସାର ନିମିତ୍ତ ମଧ୍ୟ ଯଥେଷ୍ଟ ଧ୍ୟାନ ଦିଆଯାଇଛି। ନିର୍ଦ୍ଧାରିତ ଦିନର ଢ଼େର ଦିନ ପୂର୍ବରୁ ସହରର ମୁଖ୍ୟ ସ୍ଥାନ ଗୁଡିକରେ ବ୍ୟାନର, ହୋର୍ଡିଂ ଲଗାଯାଇ ଲୋକଙ୍କୁ ଆକୃଷ୍ଟ କରିବାର ପ୍ରୟାସ କରାଯାଇଛି। ଟେଲିଭିଜନ, ମୋବାଇଲରେ ମଧ୍ୟ ଆକର୍ଷକ ପ୍ରସ୍ତୁତିର ବିଜ୍ଞାପନ ଛୋଟ ଛୋଟ ଅଡ଼ିଓ ଓ ଭିଡିଓ ମାଧ୍ୟମରେ ନିୟମିତ ପ୍ରସାରଣ କରାଯାଉଛି। ଯାହାର ପ୍ରଭାବରେ ପୁସ୍ତକ ନପଢ଼ିବା ଲୋକ ବି ଯାଇ ଘେରାଏ ବୁଲିଆସିବା ପାଇଁ ଇଚ୍ଛୁକ ହେଉଛନ୍ତି। ଆଲୋଚନା ଏହା ବି ହଉଛି ଯେ ଲୋକ ମେଳା ବୁଲିବା ଏବଂ ଖାଇବା ପାଇଁ ଯାଉଛନ୍ତି ; ମାତ୍ର ପୁସ୍ତକ ଲୋକେ କିଣନ୍ତୁ ଅବା ନ କିଣନ୍ତୁ ବୁଲି ଦେଖିଲେ ଅନ୍ୟମାନଙ୍କ ପୁସ୍ତକ ପ୍ରତି ଥିବା ଆଗ୍ରହକୁ ବେଶ ଅନୁଭବ କରିପାରିବେ। ଯାହା ଭବିଷ୍ୟତରେ ପଢ଼ିବା ପାଇଁ ବ୍ୟକ୍ତି ଭିତରେ ଛୋଟ ଆଶାଟିଏ ଜାଗ୍ରତ କରିପାରେ।

ସାମାଜିକ ଗଣମାଧ୍ୟମରେ ଲେଖକ, ପ୍ରକାଶକ ଏବଂ ପାଠକ ନିଜେ ନିଜର ବହି ବିଷୟରେ ଯାହା ସୂଚନା ଦେଉଛନ୍ତି। ଦେଖାଯାଉଛି ବିଦ୍ୟାଳୟ ଗୁଡିକରୁ ଛାତ୍ରଛାତ୍ରୀ ମାନେ ଆସି ବହି ଦେଖି ଖୁସି ହେଉଛନ୍ତି। ସେମାନଙ୍କ ପାଇଁ ବହିକିଣାରେ ଅଧିକ ପ୍ରତିଶତ ରିହାତି ଦେବାର ବ୍ୟବସ୍ଥା କରାଗଲେ ପିଲାମାନେ ବହି କିଣିବେ ଏବଂ ପଢିବେ ବୋଲି ଆଶା କରାଯାଇପାରେ। ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ପଢୁଥିବା ବିଦ୍ୟାର୍ଥୀମାନେ ନିଜର ପରିଚୟ ପତ୍ର ଦେଖାଇ ରିହାତି ମୂଲ୍ୟରେ ବହି କିଣିବାର ସୁଯୋଗ ପାଇଲେ ଗ୍ରାହକ ସଂଖ୍ୟା ସହ ପୁସ୍ତକ ବିକ୍ରି ମଧ୍ୟ ବୃଦ୍ଧି ପାଆନ୍ତା।

ଚଳିତ ପୁସ୍ତକମେଳାରେ ଦୈନିକ ଖବରକାଗଜ ଗୁଡ଼ିକ ମଧ୍ୟ ଭାଗ ନେଇଛନ୍ତି। ପ୍ରତି ସନ୍ଧ୍ୟାରେ ଖବରକାଗଜ ଗୁଡିକର ପାଠକ, ଲେଖକମାନେ ଉକ୍ତ ଷ୍ଟଲ ଗୁଡ଼ିକରେ ଏକାଠି ହୋଇ ବନ୍ଧୁମିଳନ ସହ ବିଭିନ୍ନ ଆଲୋଚନାରେ ଭାଗ ନେଉଛନ୍ତି। ସାଧାରଣଜ୍ଞାନ ପ୍ରତିଯୋଗିତା କରି ସଠିକ ଉତ୍ତରଦାତାଙ୍କ ମଧ୍ୟରେ ଆକର୍ଷଣୀୟ ଉପହାର ସବୁ ବଣ୍ଟା ଯାଉଛି, ଯାହା ଛୋଟ ପିଲା ଠାରୁ ଆରମ୍ଭ କରି ବୟସ୍କମାନଙ୍କ ଭିତରେ ମଧ୍ୟ ପୁଲକ ସୃଷ୍ଟି କରୁଛି । ଏଥିରୁ ଜଣା ପଡୁଛି ଯେ ଆମର ବର୍ତ୍ତମାନର ସମାଜ ମନୋରଞ୍ଜନ ସହ ବ୍ୟକ୍ତିଗତ ଜ୍ଞାନର ପରିସର ବୃଦ୍ଧି କରିବା ପାଇଁ ଆଗ୍ରହୀ ହେଉଛନ୍ତି।

ସତ କହିବାକୁ ଗଲେ ଯୁଗ ବଦଳିବା ସହ ପିଲାଙ୍କ ରୁଚି ବି ବଦଳିଛି। ଅପ୍ରିୟ ସତ ହେଲେ ମଧ୍ୟ ପିଲାମାନଙ୍କ ପୁସ୍ତକ ପ୍ରତି ବିତସ୍ପୃହ ମନୋଭାବକୁ ଅଣଦେଖା କରାଯାଇ ନପାରେ। ପୁସ୍ତକ ଗୁଡିକର ଡିଜିଟାଲାଇଜେସନ ପିଲାଙ୍କୁ ବହି ଅପେକ୍ଷା ପି ଡି ଏଫ୍ ଆଡ଼କୁ ବେଶୀ ଆକର୍ଷିତ କରୁଛି। ଏକାଧିକ ପୁସ୍ତକ ନେଇ ଯିବା ଆସିବା କରିବା, ସେଗୁଡିକୁ ସଜାଡ଼ି ରଖିବା, ତା'ର ସଂରକ୍ଷଣ ପାଇଁ ଆଜିର ବ୍ୟସ୍ତ ପିଢ଼ିଙ୍କ ପାଖରେ ସମୟ ନାହିଁ କି ଇଚ୍ଛା! ପୁସ୍ତକର ସ୍ଥାନ ମୋବାଇଲ ନେଲାଣି । ଗଳ୍ପ, କାହାଣୀ, ଉପନ୍ୟାସ, ବ୍ୟଙ୍ଗ, ସାଧାରଣଜ୍ଞାନ, ରୋଷେଇ ପ୍ରଣାଳୀ, ସୌନ୍ଦର୍ଯ୍ୟ ଚର୍ଚ୍ଚା, କୃଷି, ବ୍ୟବସାୟ ଆଦି ସବୁ ବିଷୟ ମୋବାଇଲରେ, କମ୍ପୁଟରରେ, ଇଣ୍ଟରନେଟ୍‌ରେ ଖବର, ଫଟୋ ଓ ଭିଡିଓ ରୂପେ ସହଜରେ ଉପଲବ୍ଧ। କାହିଁକି ବହି କିଣିବେ ସେମାନେ ଯଦି ସବୁ ପୂର୍ବରୁ ଗୋଟିଏ ଯନ୍ତ୍ରରେ ସମାହିତ ହୋଇ ରହିଛି ? ସେଥିପାଇଁ ପୁସ୍ତକ କିଣିବା ପାଇଁ ବର୍ତ୍ତମାନ ପିଢ଼ି ଭିତରେ ଶିଥିଳତାକୁ ଅଣଦେଖା କରାଯାଇ ନପାରେ।

ଉପରୋକ୍ତ ବିଷଦ ଅଲୋଚନା ପରେ ମଧ୍ୟ ପୁସ୍ତକ ପଠନର ଉପାଦେୟତାକୁ ଅସ୍ୱୀକାର କରିହେବ ନାହିଁ, କାରଣ ବହିଟିଏ ପଢ଼ିବାର ଗୁରୁତ୍ୱ, ଖୁସି ଏବଂ ଆତ୍ମସନ୍ତୋଷ ପୁସ୍ତକପ୍ରେମୀଟିଏ ହିଁ ବଖାଣି ପାରିବ। ଆଧୁନିକତା ସହ ତାଳ ଦେଇ ପଠନର ନୂଆ କଳାଗୁଡିକୁ ଆପଣେଇ ନେଲେ ମଧ୍ୟ ବହିପଢ଼ା ଛାଡ଼ିଦେବା ଆଦୌ ଗ୍ରହଣୀୟ ନୁହେଁ। ମାତ୍ର ବହି ପଢ଼ିବା ପାଇଁ ବହିପ୍ରେମୀ ସୃଷ୍ଟି କରିବାର ମଧ୍ୟ ଆବଶ୍ୟକ। ଏହା ପାଇଁ ସରକାର, ପ୍ରକାଶନ ସଂସ୍ଥା, ଲେଖକ ଓ ପାଠକ ସମସ୍ତଙ୍କ ମିଳିତ ଯୋଗଦାନ ଆବଶ୍ୟକ। ଅନ୍ୟ ରାଜ୍ୟଗୁଡିକର ପୁସ୍ତକମେଳା ବୁଲିବାକୁ ଯାଇ ସେମାନଙ୍କ ଠାରୁ ନୂତନ କୌଶଳ ଶିକ୍ଷା କରିବା ସହ ପ୍ରକାଶକ ମାନେ କ'ଣ କଲେ ପାଠକ ଆକର୍ଷିତ ହେବେ ସେ ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ଷ୍ଟଲଗୁଡ଼ିକରେ ଯଦି ନିୟମିତ କିଛି କିଛି ଲେଖକ ନିଜ ଲିଖିତ ବହି ପାଠ କରିବେ ଏବଂ ସେ ସମୟରେ ପାଠକ ସେଇଟା ଶୁଣି ତାଙ୍କୁ ଲେଖା ସମ୍ବନ୍ଧୀୟ ପ୍ରଶ୍ନ ଓ ଆଲୋଚନାରେ ଭାଗ ନେବେ, ତେବେ ଲେଖା, ପଢ଼ା ଓ ବହି ପ୍ରତି ଆଗ୍ରହ ବୃଦ୍ଧି ପାଇବ। ପୁସ୍ତକମେଳା ସମୟରେ ଇଚ୍ଛୁକ ବିଦ୍ୟାଳୟ ଗୁଡିକରୁ ସରକାରଙ୍କ ଦ୍ୱାରା ବ୍ୟବସ୍ଥା କରାଯାଇ ଛାତ୍ରଛାତ୍ରୀ ମେଳା ବୁଲିଆସିବାର ବନ୍ଦୋବସ୍ତ କରିବା ପାଇଁ ଚେଷ୍ଟା କଲେ, ପିଲାଙ୍କ ଆଗ୍ରହ ବହି ପ୍ରତି ବଢିବ ବୋଲି ଆଶା। ଶେଷରେ ଏତିକି ଯେ ସାଧାରଣ ଲୋକଟିଏ କୁ ଜଣେ ପାଠକରେ ପରିବର୍ତ୍ତନ କରାଯିବା ପାଇଁ କ'ଣ କରାଯିବା ଉଚିତ ତା' ଉପରେ ଲେଖକ ଓ ପ୍ରକାଶକ ବେଶୀ ଗୁରୁତ୍ୱ ଦିଅନ୍ତୁ। ଲେଖକ, କବି, ଗାଳ୍ପିକ, ଔପନ୍ୟାସିକ ମାନେ ତ ପରସ୍ପର ଲିଖିତ ବହି ବଢିବେ ନିଶ୍ଚୟ, କ'ଣ କଲେ ଛାତ୍ରଛାତ୍ରୀ ବହି ପଢିବେ ସେ ବିଷୟରେ ନୂଆ ପଦକ୍ଷେପ ନେବାକୁ ହେବ।



କୁଜଙ୍ଗ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ପାରାଦ୍ୱୀପଗଡ ଗ୍ରାମ ପଞ୍ଚାୟତରେ ସ୍ମାଇଲି ଚାରିଟେବୁଲ ଟ୍ରଷ୍ଟ ଓ ପାରେଶ୍ୱର ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ଏକ ମେଗା ସେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରକ୍ତଦାନ ଶିବିରରେ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାରାଦ୍ୱୀପ ଗଡ ଗ୍ରାମ ପଞ୍ଚାୟତ ସରପଞ୍ଚ ସସ୍ମିତା ବେହେରା ଯୋଗଦେଇ ପ୍ରଦ୍ୱିପ ପ୍ରଜ୍ୱଳନ କରି ସେଚ୍ଛାକୃତ ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥଲେ । ସମ୍ମାନିତ ଅତିଥି ଭାବରେ ସ୍ମାଇଲ ଚାରିଟେବୁଲ ଟ୍ରଷ୍ଟ ସଭାପତି ସଚିତ୍ର କୁମାର ରାଉତ, ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ପାରେଶ୍ୱର୍ ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଶାନ୍ତ ବାବା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥଲେ । ଅନ୍ୟମାନଙ୍କ ମଧ୍ୟରେ ଡ଼ାକ୍ତର ସତ୍ୟ ସ୍ୱରୂପ ନାୟକ, ଡ଼ାକ୍ତର ଆଲୋକ ସାହୁ, ପ୍ରଶାନ୍ତ ଚୌଧୁରୀ, ପଙ୍କଜ ଦାସ, ମାମା ମଲ୍ଲିକ, ପିନ୍ତୁରାଣି ସ୍ୱାଇଁ ପ୍ରମୁଖ ପ୍ରମୁଖ ରକ୍ତ ଦାନ ଶିବିରକୁ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମକୁ ଚନ୍ଦ୍ର ଶେଖର ଚୌଧୁରୀ, ଅଲେଖ ମହାରଥା, ସନ୍ତୋଷ ଦୋରା, ରମେଶ ବେହେରା ଓ ପ୍ରଭାତ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ । ଏହି ଅବସରରେ ଜନସାଧାରଣଙ୍କ ସୁଖ ସୁବିଧା ପାଇଁ ଯାହା ଆବଶ୍ୟକ ତାହା ତୁରନ୍ତ ପୁରଣ କରାଯିବ ବୋଲି ସରପଞ୍ଚ ସସ୍ମିତା ବେହେରା ପ୍ରକାଶ କରିଥିଲେ ।



# ବାଲିମେଳାରେ ନୂତନ ଛାତ୍ରାବାସ ଉଦ୍‌ଘାଟନ ସହ ଜଳ ବିଦ୍ୟୁତ୍ କେନ୍ଦ୍ରର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ



ବାଲିମେଳା(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ବାଲିମେଳା ଏନଏସି ଗସ୍ତରେ ରବିବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆସିଥିଲେ । ସହରର ଗୋପବନ୍ଧୁ ଛକ ନିକଟରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କ ସମେତ ବିଜେପିର ଜିଲ୍ଲା ସଭାପତି ନିମାଇଁ ଚରଣ ପାଲ, ଜିଲ୍ଲା ସମ୍ପାଦକ ଅକ୍ଷୟ ବିଶ୍ୱାଳ, ପୂର୍ବତନ ଚିତ୍ରକୋଣ୍ଡା ବିଧାୟକ ଡମ୍ବୁରୁ ସୀସା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ୟାମଲ ସୁନାନୀ, ପୂର୍ବତନ ଜଲ୍ଲା ସଭାପତି ଅଶୋକ ପରିଡା, ବରିଷ୍ଠ ନେତା ମନୋଜ କୁମାର ନାୟକ, ବାଲିମେଳା ମଣ୍ଡଳ ସଭାପତି ଶିବଦତ୍ତ ସାହୁଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ପହଞ୍ଚି ଫୁଲତୋଳା ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପରେ ଦଳୀୟ କର୍ମକର୍ତ୍ତା ବିଶାଳ ପଦଯାତ୍ରା ମାଧ୍ୟମରେ ଆଦିବାସୀ ବାଦ୍ୟର ତାଳେ ତାଳେ ମନ୍ତ୍ରୀଙ୍କୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବିଦ୍ୟାଳୟକୁ ପାଛୋଟି ନେଇଥିଲେ । ସେଠାରେ ନୂତନ ଭାବେ ନିର୍ମିତ ହୋଇଥିବା ଛାତ୍ରାବାସ ଗୃହର ଶୁଭ ଉଦଘାଟନ କରିଥିଲେ । ପରେ ବିଦ୍ୟାଳୟ ପକ୍ଷରୁ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ସଭାରେ ଉପ ମୁଖ୍ୟମନ୍ତ୍ରୀ କୁନି କୁନି ପିଲାଙ୍କୁ କିଛି ପ୍ରଶ୍ନ ପଚାରିବା ସହ ବିଦ୍ୟାଳୟର ୪ ଛାତ୍ରୀଙ୍କ ଓଡିଶୀ ନୃତ୍ୟରେ ମୁଗ୍ଧ ହୋଇ ରାଜସ୍ଥାନ ସ୍ଥିତ ଉଦୟପୁରକୁ ସେମାନଙ୍କୁ ପଠାଯିବ ବୋଲି କହିଛନ୍ତି । ଏଥିସହ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ମଧ୍ୟ ଜଳ ବିଦ୍ୟୁତ କେନ୍ଦ୍ରର ଲାଭାଂଶ ସ୍ଥାନୀୟ ଅଞ୍ଚଳର ବିକାଶ ନିମନ୍ତେ ଆଦୌ ବିନିଯୋଗ ହେଉନଥିବାରୁ ଏହାକୁ କିପରି ସହରର ବିକାଶରେ ଲାଗିବ ସେନେଇ ଉପ ମୁଖ୍ୟମନ୍ତ୍ରୀଙ୍କୁ ବିଧାୟକ ଶ୍ରୀ ଖିଲ ନିବେଦନ କରିଥିଲେ । ସଭାରେ ମଞ୍ଚାସୀନ ଭାବେ ଉପ ମୁଖ୍ୟମନ୍ତ୍ରୀଙ୍କ ସମେତ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ବାଲିମେଳା ନଗରର ଅଧକ୍ଷ ପ୍ରଦୀପ କୁମାର ନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ମାଲକାନଗିରି ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ, ସ୍କୁଲ ସଭାପତି କୃପାସିନ୍ଧୁ ବିଶ୍ୱାଳ, ସ୍କୁଲ ସମ୍ପାଦକ ବିଜୟ କୁମାର ରାଉତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଏହାପରେ ଉପ ମୁଖ୍ୟମନ୍ତ୍ରୀ ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ର ପରିଦର୍ଶନରେ ଯାଇ ସେଠାକାର ଅଧିକାରୀଙ୍କ ସହ ଆଲୋଚନା କରି ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ବୈଠକରେ ଆଗାମୀ ଦିନରେ ପିଏସପି ପ୍ରକଳ୍ପ ମାଧ୍ୟମରେ ହେବାକୁ ଥିବା ୫୦୦ ମେଗାୱାଟ୍‌ର ନୂତନ ଜଳ ବିଦ୍ୟୁତ କେନ୍ଦ୍ର ସମ୍ବନ୍ଧରେ ବ୍ଲୁ ପ୍ରିଣ୍ଟ ଏଲଇଡି ମାଧ୍ୟମରେ ପ୍ରଦର୍ଶନ ହୋଇଥିଲା । ତେବେ ନୂତନ ଜଳ ବିଦ୍ୟୁତ କେନ୍ଦ୍ର ସ୍ଥାପନ ହେବା ଦ୍ୱାରା ବାଲିମେଳା ତଥା ଏହାର ଆଖପାଖ ଅଞ୍ଚଳର ଉନ୍ନତି ହୋଇପାରିବ ବୋଲି ଏନ୍‌ଏସି ଅଧକ୍ଷ ପ୍ରଦୀପ କୁମାର ନାୟକ କହିଥିଲେ । ତେବେ ଉପମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଓଏଚପିସି ନିର୍ଦ୍ଦେଶକ ଆଶିଷ ମହାନ୍ତି, ନିର୍ଦ୍ଦେଶକ ଅପରେସନ ଏକେ ମହାନ୍ତି, ଏସଜିଏମ୍ ଦିଲ୍ଲିପ କୁମାର ସ୍ୱାଇଁ, ଡିଜିଏମ୍ ଭିକାରୀ ଚରଣ ମଲ୍ଲିକଙ୍କ ସମେତ ଜଳ ବିଦ୍ୟୁତ କେନ୍ଦ୍ରର ଅନ୍ୟ ସମସ୍ତ କର୍ମଚାରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ନିମାପଡ଼ା ପାଇବ ସବ୍‌ଡିଭିଜନ୍‌ର ମାନ୍ୟତା: ଉପ-ମୁଖ୍ୟମନ୍ତ୍ରୀ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାକୁ ସବ୍‌ଡିଭିଜନ୍‌ର ମାନ୍ୟତା ଦାବି ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ସମୟଧରି ହୋଇ ଆସୁଥିବା ବେଳେ ପ୍ରଶାସନ ନିମାପଡ଼ା ପ୍ରତି ବିମାତୃକ ମନୋଭାବ ପୋଷଣ କରିଛି । ଯାହାଦ୍ୱାରା ନିମାପଡ଼ା ସବ୍‌ଡିଭିଜନ ମାନ୍ୟତାରୁ ବଞ୍ଚିତ ହୋଇଆସୁଛି । ବର୍ତ୍ତମାନର ଉପ-ମୁଖ୍ୟମନ୍ତ୍ରୀ ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡ଼ା ଥିବାବେଳେ ତାଙ୍କ ନିକଟରେ ନିମାପଡ଼ାକୁ ସବ୍‌ଡିଭିଜନର ମାନ୍ୟତା ଦାବି କରାଯାଇଛି । ଶ୍ରୀମତୀ ପରିଡ଼ା କହିଛନ୍ତି ନିମାପଡ଼ାକୁ ତୁରନ୍ତ ସବ୍‌ଡିଭିଜନ୍‌ର ମାନ୍ୟତା ଦିଆଯିବ । ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିକଟରେ ଦାବି କରିଛନ୍ତି ଯେ, ନିମାପଡ଼ା ଏକ ଜନ ବହୁଳ ଅଞ୍ଚଳ ହୋଇଥିବା ବେଳେ ଏହା ପୌର ପରିଷଦର ମାନ୍ୟତା ପାଉଛି । ନିମାପଡ଼ାକୁ ୨୫ ରୁ ୬୦ କି.ମି. ମଧ୍ୟରେ ଏହାର ବ୍ୟବଧାନ ଥିବା ବେଳେ ପ୍ରସିଦ୍ଧ କୋଣାର୍କ ମନ୍ଦିର, କାକଟପୁର ମା' ମଙ୍ଗଳାଙ୍କ ମନ୍ଦିର, ଅଷ୍ଟରଙ୍ଗ ଜାହାନିଆପୀର, ନିମାପଡ଼ାରେ ବହୁ ପୁରାତନ କୀର୍ତ୍ତି ଐତିହ୍ୟ ରହିଥିବା ବେଳେ ବହୁ ସ୍ୱାଧୀନତା ସଂଗ୍ରାମୀ ଦେଶ ପାଇଁ ସଂଗ୍ରାମ କରି ନିମାପଡ଼ା ମାଟି ପାଇଁ ଗୌରବ ଆଣିଛନ୍ତି । ନିମାପଡ଼ାରେ ଜଳ ସେଚନ ବିଭାଗ ଡିଭିଜନ, ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନ, ପୂର୍ତ୍ତ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଗ୍ରାମ ଜଳ ପରିମଳ ବିଭାଗ, ପୋଲିସ



ଉପଖଣ୍ଡ ଅଧିକାରୀ, ଦୁଇଟି ଥାନା ନିମାପଡ଼ା-ଚାରିଛକ ଅଧିକାରୀ, ତହସିଲ କାର୍ଯ୍ୟାଳୟ, ବ୍ଲକ ଅଫିସ, ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ଅତିରିକ୍ତ ଦୌରାଜଜ୍‌ଙ୍କ କୋର୍ଟ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତିଙ୍କ କୋର୍ଟ, ସିଭିଲ କୋର୍ଟ ସିନିୟର ଡ଼ିଭିଜନ, ଜୁନିୟର ଡ଼ିଭିଜନ୍ କୋର୍ଟ, ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ, ନିଗମାନନ୍ଦ ମହିଳା ମହାବିଦ୍ୟାଳୟ, ବାଣିଶ୍ରୀ କଲେଜ, ଉପ-ନିବନ୍ଧକଙ୍କ କାର୍ଯ୍ୟାଳୟ, ପୌର ପରିଷଦ କାର୍ଯ୍ୟାଳୟ, ଯୋଗାଣ ବିଭାଗ କାର୍ଯ୍ୟାଳୟ, ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ୨୫୦ରୁ ଉର୍ଦ୍ଧ୍ୱ ସରକାରୀ ସ୍କୁଲ, ଟେଲିଫୋନ ଭବନ, ୧୦ରୁ ଉର୍ଦ୍ଧ୍ୱ ବ୍ୟାଙ୍କ, ଜୀବନ ବୀମା କାର୍ଯ୍ୟାଳୟ ଆଦି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଥିବା ବେଳେ ଜଣେ ଅତିରିକ୍ତ ଜିଲ୍ଲାପାଳ ରହିବା ପାଇଁ ଦୀର୍ଘବର୍ଷ ହେବ ନିର୍ଦ୍ଦେଶ ହେଉଛି । ମାତ୍ର ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନାହିଁ । ମୋହନ ସରକାରଙ୍କୁ ଜନସାଧାରଣ ଅଭିଯୋଗ ଦେଇଥିବା ବେଳେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ନିକଟରେ ସବ୍‌ଡିଭିଜନ୍ ପାଇଁ ଦାବୀ ରଖିଥିଲେ । ଶ୍ରୀମତୀ ପରିଡ଼ା କହିଛନ୍ତି ଶୀଘ୍ର ନିମାପଡ଼ା ସବ୍‌ଡିଭିଜନ୍‌ର ମାନ୍ୟତା ପାଇବ ।

# ୧୦ ଡିଗ୍ରୀ ତଳେ ପାରଦ, ଜାଡ଼ରେ ଥରୁଛି କେନ୍ଦୁଝର



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲାର ତାପମାତ୍ରା ୧୦ ଡ଼ିଗ୍ରୀ ତଳକୁ ଖସିଛି । ଫଳରେ ପ୍ରବଳ ଶୀତ ଯୋଗୁଁ ଜନ ଜୀବନ ବ୍ୟତିବ୍ୟସ୍ତ ହୋଇପଡୁଛି । ଜଳବାୟୁ ବିଭାଗ ସୂତ୍ରରୁ ଜଣାପଡ଼ିଛି ଯେ ଆଗାମୀ ଦୁଇଦିନରେ ତାପମାତ୍ରା ଖସି ୯ ଡିଗ୍ରୀ ହେବ । ଗତ ଦୁଇଦିନ ହେଲା ତାପମାତ୍ରା ହଠାତ୍ ଖସିଛି । ଗତକାଲି ତାପମାତ୍ରା ୧୦.୬ ଡିଗ୍ରୀ ଥିଲା । କେନ୍ଦୁଝର ସହରର ତାପମାତ୍ରା ୧୦ ଡିଗ୍ରୀ ରହିଥିବା ବେଳେ ଗ୍ରାମାଞ୍ଚଳ ଓ ପାହାଡିଆ କାଞ୍ଜିପାଣି, ଯୋଡ଼ା, ବଡ଼ବିଲ, କିରିବୁରୁ, କାଦକଳା, ପାଟଣା, ତେଲକୋଇ ଆଦି ଅଞ୍ଚଳରେ ତାପମାତ୍ରା ୮ ଡିଗ୍ରୀ ତଳକୁ ରହିଥିବା କୁହାଯାଉଛି । ଦିନ ଅପେକ୍ଷା ରାତିରେ ଶୀତର ପ୍ରକୋପ ଅଧିକ ରହିଛି । ପାହାଡିଆ ଅଞ୍ଚଳରେ ଶୀତଦାଉରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ଜଳାଇ ରାତି କାଟୁଛନ୍ତି । ବିଶେଷକରି ଚାଳଛପର ଓ ମାଟିଘରେ ରହୁଥିବା ଲୋକମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଣୁ ପ୍ରଶାସନ ପକ୍ଷରୁ ସେଭଳି ପରିବାରକୁ ଶୀତପୋଷାକ, କମ୍ବଳ ଆଦି ସହାୟତା ଯୋଗାଇ ଦେବାକୁ ଦାବି ହେଉଛି । ରାତିରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବସକୁ ଅପେକ୍ଷା କରୁଥିବା ଲୋକମାନେ ବିଶ୍ରାମଗୃହ ନ ଥିବାରୁ ଶୀତରେ ବହୁ ଅସୁବିଧା ଭୋଗୁଛନ୍ତି । ରାସ୍ତାକଡ଼ରେ ବିଭିନ୍ନ ଦୋକାନ ବାରଣ୍ଡାରେ ଶୋଉଥିବା ଲୋକ ତଥା ଶିଶୁମାନେ ମଧ୍ୟ ଶୀତର ପ୍ରକୋପ ଭୋଗୁଛନ୍ତି । ରାତ୍ରୀ ଆଶ୍ରୟସ୍ଥଳୀରେ ଅର୍ଥାତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପ୍ରାୟ ୪ରୁ ୫ କିମି ଦୂରରେ ଥିବାରୁ ଯାତାୟାତର ସୁବିଧା ନଥିବାରୁ ଆଶ୍ରୟ ପାଇଁ ଯାଇପାରୁନାହାନ୍ତି । ଏ ନେଇ ସୁବିଧା କରିବାକୁ ଦାବି ହେଉଛି ।

# କୋର୍ଟଙ୍କ ନିଷେଧାଜ୍ଞା ଅବମାନନା କରି କଂକ୍ରିଟ୍ ରାସ୍ତା ନିର୍ମାଣ: ଗ୍ରାମରେ ଉତ୍ତେଜନା

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅଧୀନ କାଳିମେଘା ଗ୍ରାମର ୮ନଂ ୱାର୍ଡ଼ରେ ପ୍ରଶାସନ କୋର୍ଟଙ୍କ ନିଷେଧାଜ୍ଞାକୁ ଅବମାନନା କରି କଂକ୍ରିଟ ରାସ୍ତା ନିର୍ମାଣ କରୁଥିବା ନେଇ ଉତ୍ତେଜନା ପ୍ରକାଶ ପାଇଛି । କୋର୍ଟଙ୍କ ନିଷେଧାଜ୍ଞା ସମ୍ପର୍କରେ ଶୁକ୍ରବାର ଅଭିଯୋଗକାରୀ ନାରାୟଣ ଚନ୍ଦ୍ର ସାହୁ ତହସିଲଦାର ଓ ବିଡିଓଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନଥିଲା । ପରେ ଏ ସମ୍ପର୍କରେ ଶନିବାର ନାରାୟଣ ଚନ୍ଦ୍ର ସାହୁ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ । ମାତ୍ର କୌଣସି ସୁଫଳ ମିଳିପାରି ନାହିଁ । ସେ ଅଭିଯୋଗରେ ଜଣାଇଛନ୍ତି ଯେ, କାଳିମେଘା ଗ୍ରାମର ଅନାଥ ସାହୁଙ୍କ ଘର ଠାରୁ କୁମ୍ଭାରସାହି ପର୍ଯ୍ୟନ୍ତ ପଞ୍ଚାୟତ ସମିତି ଅର୍ଥରେ କଂକ୍ରିଟ



ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଗ୍ରାମର ନାରାୟଣ ସାହୁଙ୍କ ବ୍ୟକ୍ତିଗତ ଜାଗା ଖାତା ନଂ ୧୧୮, ପ୍ଲଟ ୯୦୮ ଉପରେ ଥିବା କିଛି ବାଉଁଶ ଗଛକୁ ସେହି ଗ୍ରାମର କେତେକ ବ୍ୟକ୍ତି ରାସ୍ତା ନିର୍ମାଣ ପାଇଁ କାଟି ଦେଇଥିଲେ । ଜମି ମାଲିକ ନାରାୟଣ ଏହାର ବିରୋଧ କରିଥିଲେ ମଧ୍ୟ ଅପରପକ୍ଷମାନେ କୌଣସି କର୍ଣ୍ଣପାତ କରିନଥିଲେ । ଯେଉଁଥିପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା । ଗତ ୨୦୧୭ ମସିହାରେ ସେହି ଜାଗା ଉପରେ ମୋରମ ରାସ୍ତା ନିର୍ମାଣ କରାଯିବାକୁ ଉଦ୍ୟମ କରାଯାଇଥିଲା । ସେ ସମୟରେ ନାରାୟଣ ଭଦ୍ରକ ସିଭିଲ ଜଜ୍ ଜୁନିୟର ଡିଭିଜନ କୋର୍ଟରେ ଦ୍ୱାରସ୍ତ ହୋଇଥିଲେ । ସେହି ଜାଗା ଉପରୁ କୌଣସି ଗଛ କଟା ନଯିବା ସହିତ ଜାଗାର କୌଣସି ପରିବର୍ତ୍ତନ କରାଯାଇ ପାରିବ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇ ନିଷେଧାଜ୍ଞା ଜାରି କରିଥିଲେ । ଏହି ନିର୍ଦ୍ଦେଶ ଅଦ୍ୟାବଧି ବଳବତ୍ତର ଥିବା ସତ୍ତ୍ୱେ ସେହି ଜାଗାରେ କଂକ୍ରିଟ ରାସ୍ତା କରାଯିବା ଆଇନ ସଂଗତ ନୁହେଁ । ତେବେ କୋର୍ଟଙ୍କ ଆଦେଶକୁ ନମାନି ପ୍ରଶାସନ କିପରି କଂକ୍ରିଟ ରାସ୍ତା ନିର୍ମାଣ କରୁଛି, ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ବଦିନଗୁଡା ବିଏସ୍‌ଏନ୍‌ଏଲ୍ ଟାୱାର ବ୍ୟାଟେରୀ ଚୋରି



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାବର୍ତ୍ତୀ ପଡିଆ ବ୍ଲକ ଅନ୍ତର୍ଗତ ବଦିନଗୁଡା ଗ୍ରାମ ରାସ୍ତାରେ ଲାଗିଥିବା ବିଏସଏସ୍‌ଏଲ ଟାୱାର ବ୍ୟାଟେରୀ ଚୋରି ହୋଇଥିବା ଜଣାପଡିଛି । ସୁଚନା ମୁତାବକ ଏମଭି ୫୮ ଗ୍ରାମଠାରୁ ଉଣ୍ଡୁରୁକୋଣ୍ଡା ପର୍ଯ୍ୟନ୍ତ ଜଙ୍ଗଲ ରାସ୍ତା ସମେତ ବଦିନଗୁଡା, ସୁପୁଲୁର ଓ ଆଖପାଖ ଅଞ୍ଚଳରେ ମୋବାଇଲ ନେଟୱାର୍କ ଉପଲବ୍ଧ ପାଇଁ ବିଏସଏଏଲ ପକ୍ଷରୁ ସାଚୁରେସନ ପ୍ରୋଜେକ୍ଟ ମାଧ୍ୟମରେ ବଦିନଗୁଡା ରାସ୍ତା ନିକଟରେ ଏକ ଟାୱାର ସ୍ଥାପନ କରାଯାଇଥିଲା । ତେବେ ଗତ ୧୨ ତାରିଖ ଦିନ ଏହି ଟାୱାର ତଦାରଖ ପାଇଁ ବିଭାଗୀୟ ଯନ୍ତ୍ରି ଆସିଥିବା ବେଳେ ଏହି ଟାୱାର ପାଇଁ ଲାଗିଥିବା ବ୍ୟାଟେରୀଗୁଡିକ ମଧ୍ୟରୁ ମୋଟ ୫ଟି ବ୍ୟାଟେରୀ ନଥିବା ଦେଖିବାକୁ ମିଳିଥିଲା । ଏ ନେଇ ବିଭାଗୀୟ ଯନ୍ତ୍ରୀ ଓ ସହାୟକ ଏଣେତେଣେ ଖୋଜାଖୋଜି କରି ନପାଇ ଶେଷରେ ପଡିଆରେ ଥାନାରେ ଲିଖିତ ଭାବେ ଜଣାଇଥିଲେ । ସୂଚନା ପାଇ ପୋଲିସ ପକ୍ଷରୁ ତଦନ୍ତ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ସୂଚନା ମିଳିଛି । ଅନ୍ୟପଟେ ଗତ କିଛିଦିନ ଧରି ସ୍ଥାନୀୟ ଅଞ୍ଚଳବାସୀ ବିଏସଏଏଲ ନେଟୱାର୍କ ସେବାରୁ ବିରତ ରହିଥିବାରୁ ତୁରନ୍ତ ଏହି ଟାୱାରରେ ବ୍ୟାଟେରୀ ସଂଯୋଗ କରି ଚାଲୁ କରିବାକୁ ଗଣମାଧ୍ୟମ ଜରିଆରେ ଦାବି କରିଛନ୍ତି ।

# ହାଡ଼ଭଙ୍ଗା ଶୀତରେ ଥରୁଛି ମୟୂରଭଞ୍ଜ, ଶିମିଳିପାଳ ଅଭୟାରଣ୍ୟରେ ତୁଷାରପାତ

କରଞ୍ଜିଆ(ଭାସ୍କର ନ୍ୟୁଜ): ଦିନକୁ ଦିନ ମୟୁରଭଞ୍ଜ ଜିଲ୍ଲାରେ ତଳମୁହାଁ ହେଉଛି ପାରଦ । ପାରଦ ଯେତିକି ଖସୁଛି ସେତିକି ବଢୁଛି ଶୀତ । ମୟୁରଭଞ୍ଜ ଜିଲ୍ଲାର କରଞ୍ଜିଆ ଉପଖଣ୍ଡର ଯଶିପୁର, ଶୁକୃଳି, ରରୁଆ, ଠାକୁରମୁଣ୍ଡା ଅଞ୍ଚଳରେ ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଛି । ଶୀତଦାଉରୁ ରକ୍ଷା ପାଇବା ପାଇଁ ଅନେକ ସ୍ଥାନରେ ଲୋକମାନେ ଘଣ୍ଟା ଘଣ୍ଟା ଧରି ନିଆଁ ଜାଳି ବସି ରହୁଛନ୍ତି । ଗତକାଲି ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀକୁ ଖସିଥିଲା । ରବିବାର ଶିମିଳିପାଳ ଅଭୟାରଣ୍ୟ ଚହଲାରେ ୩ଡ଼ିଗ୍ରୀ, ନଅଣାରେ ୪ ଡିଗ୍ରୀ, ବାରେଇହିପାଣି ୫ଡିଗ୍ରୀ ଓ ଗୁଡଗୁଡ଼ିଆରେ ତାପମାତ୍ରା ୬ ଡିଗ୍ରୀ ରେକର୍ଡ କରାଯାଇଛି । ଶିମିଳିପାଳ ଏବଂ ଶିମିଳିପାଳ ପାଦଦେଶରେ ଅଧିକ ଶୀତ ଅନୁଭୂତ ହେଉଛି । ଶୀତ ପାଇଁ ସକାଳ ଏବଂ ସନ୍ଧ୍ୟାରେ କିଛି କିଛି ସ୍ଥାନରେ ରାସ୍ତାଘାଟ ଶୂନସାନ ହେଇଯାଉଛି । ଶୀତଋତୁରେ ଶୀତବସ୍ତ୍ର ବିକ୍ରି କରିବାକୁ କରଞ୍ଜିଆ ସହରକୁ ରାଜ୍ୟ ତଥା ନେପାଳରୁ ବେପାରୀଙ୍କ ସୁଅ ଛୁଟିଛି । ଏବେ ଶୀତବସ୍ତ୍ର ଦୋକାନରେ ଲାଗିଲାଣି ଭିଡ଼ । ଶୀତୁଆ ସକାଳରେ ଚା ଖଟିରେ ଲାଗିଛି ଭିଡ଼ । ଚା ପିଇ ଲୋକମାନେ ଶୀତର ଅନୁଭୂତ ନେଉଛନ୍ତି ।

# ଆକ୍ୱାରିନ୍ ଷ୍ଟଲ୍ ଉଦ୍‌ଘାଟନ କଲେ ବିଧାୟକ



ଟାଙ୍ଗୀ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର କୁହୁଡ଼ି ମାର୍କେଟ ଉପରେ ନୂତନ ଭାବେ ଖୋଲାଯାଇଛି । କ୍ୱାରିନ ଷ୍ଟଲ ଯାହାର ଉଦ୍ଘାଟନ କରିଛନ୍ତି ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ । ଆମିଷ ଖାଇବା ପାଇଁ ଲୋକଙ୍କ ଚାହିଦାକୁ ଅନୁଭବ କରି ଏହି ଷ୍ଟଲ ଖୋଲାଯାଇଛି । ଛୋଟ ଛୋଟ ମାଛ, ଚୁନାମାଛଠାରୁ ଆରମ୍ଭ କରି ଚିକେନ୍-ମଟନ୍, ତାହା ପୁଣି ସବୁକିଛି ତଟକା-ତଟକା ଜିନିଷ ଏଠାରେ ଉପଲବ୍ଧ ହେବ । ଏତଦ୍ ବ୍ୟତୀତ ଫୋନ୍ ସର୍ଭିସ୍ ସାଙ୍ଗକୁ ଘର ଘରକୁ ସେବା ଯୋଗାଇବ ଆକ୍ୱାରିନ ଷ୍ଟଲ । ସାମରିକ ଚାକିରୀରୁ ଅବସର ନେବା ପରେ ଉଚ୍ଚଶିକ୍ଷିତ ଜୟରାମ ବେହେରା ଏହି ଆକ୍ୱାରିନ ଷ୍ଟଲର ଶୁଭାରମ୍ଭ କରିଛନ୍ତି । ଉଦ୍ୟୋଗୀ ଯୁବକ ଜୟରାମ ବେହେରାଙ୍କ ଏଭଳି ପ୍ରୟାସକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି ।

# ନିମାପଡ଼ା ପୋଲିସ ପକ୍ଷରୁ ଭାରିଯାନ ଉପରେ କଟକଣା ଲାଗୁ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଭାରିଯାନକୁ ନେଇ ବାରମ୍ବାର ଦୁର୍ଘଟଣା ଘଟୁଥିବା ବେଳେ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟକ ହାଇୱା ଟ୍ରକ୍ ଦ୍ରୁତ ବେଗରେ ଯାତାୟାତ କରିବାରୁ ଦୁର୍ଘଟଣା ଘଟି ଅନେକ ଲୋକ ମରୁଥିବା ବେଳେ ଅନେକ ଭିନ୍ନକ୍ଷମ ପାଲଟି ଯାଇଥିଲେ । ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ କଟକଣା ଜାରି କରାଯାଇଛି । ସକାଳ ୬ରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ଭାରିଯାନ ଉପରେ କଟକଣା ଲାଗୁ କରାଯାଇଛି । ଭାରିଯାନ ଯେପରି ଏହି ସମୟ ଭିତରେ ସହର ଭିତରେ ପ୍ରବେଶ ନକରେ ସେଥିପାଇଁ ପୋଲିସ ପ୍ରତ୍ୟେକ ଛକରେ କର୍ମଚାରୀ ନିଯୁକ୍ତି କରିଛି । ସୂଚନା ଅନୁଯାୟୀ, ନିମାପଡ଼ାରେ ଟ୍ରକ୍ ହାଇୱା ଧକ୍କାରେ ଅନେକ ବ୍ୟକ୍ତି ଦୁର୍ଘଟଣାର ଶୀକାର ହୋଇଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ନିମାପଡ଼ା ଥାନା ପୋଲିସ ଭାରିଯାନ ଉପରେ ନିୟମ ଲାଗୁ କରିଛନ୍ତି । ପିପିଲି-ନିମାପଡ଼ା ରାସ୍ତା ରେଂଚ ଛକରେ ପୋଲିସ ଜଗି ରହିଥିବା ବେଳେ ସାଇଲୋ ଛକ, ନିମାପଡ଼ା-ବଳଙ୍ଗା ରାସ୍ତା, ଧନୁଆଁ ଛକ, ଦିଘାଳୋ ଛକ, ନିମାପଡ଼ା-ଅଠାନ୍ତର ରାସ୍ତା (ସରଦେଇପୁର ରାସ୍ତା), ନିଆଁଗୋରଡ଼ା ଛକରେ ପୋଲିସ କର୍ମଚାରୀ ଜଗି ରହିଥିବା ବେଳେ ଭାରିଯାନକୁ ନିମାପଡ଼ା ଥାନା ଅଞ୍ଚଳକୁ ଛାଡୁନାହାନ୍ତି । ରାତ୍ର ୧୦ଟା ପରେ ଭାରିଯାନ ଚଳାଚଳ କରିପାରିବେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ରବିବାର ମଧ୍ୟାହ୍ନରେ କେତେକ ବାଲି ଓ କୋଇଲା ବୋଝେଇ ଟ୍ରକ୍ ଚାରିଛକ ଦେଇ ନିମାପଡ଼ା ଥାନା ଅଞ୍ଚଳକୁ ପଶି ଆସିଥିବା ବେଳେ ପୋଲିସ କର୍ମଚାରୀ ସେମାନଙ୍କୁ ଅଟକ ରଖିଥିଲେ । ଅନ୍ୟ ଏକ କୋଇଲା ଟ୍ରକ୍‌କୁ ପୋଲିସ ଜବତ କରିଥିବା ବେଳେ ୩ଟି ହାଇୱା ଚମ୍ପଟ ମାରି ଚାରିଛକ ଦେଇ ଖସି ପଳାଇଛନ୍ତି । ଏପରି କଟକଣା ପୋଲିସ ଲାଗୁ କରିଥିବାରୁ ପୋଲିସ ଅଧିକାରୀଙ୍କୁ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି । ଏହି ନିୟମ ସବୁଦିନ ଲାଗୁ କରିବା ପାଇଁ ସଚେତନ ନାଗରିକଙ୍କ ପକ୍ଷରୁ କୁହାଯାଇଥିବା ବେଳେ ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସବୁ ଥାନା ଅଞ୍ଚଳରେ ୩୦ ଧାରା ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିନା ଅନୁମତିରେ ଶୋଭାଯାତ୍ରା ମାଇକ୍ ବ୍ୟବହାର ଉପରେ କଟକଣା ଲାଗୁ କରାଯାଇଛି । ପୁରୀ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପୋଲିସ ଆଇନ ଧାରା ୩୦କୁ ବିଭିନ୍ନ ଥାନା ଅଞ୍ଚଳରେ ୯୦ ଦିନ ପର୍ଯ୍ୟନ୍ତ ଲାଗୁ କରାଯାଇଛି । ଏହା ଚଳିତ ବର୍ଷ ନଭେମ୍ବରରୁ ଆଇନ ଲାଗୁ କରାଯାଇଥିବା ବେଳେ ୨୦୨୫ ମସିହା ଫେବୃୟାରୀ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ପୁରୀ ଜିଲ୍ଲାର ସମସ୍ତ ପୋଲିସ ଥାନା ଅଞ୍ଚଳରେ ଏହି ଆଇନ ଲାଗୁ କରାଯାଇଛି ।

# ଜିଲ୍ଲାସ୍ତରୀୟ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର




ବାରିପଦା(ଭାସ୍କର ନ୍ୟୁଜ): ବାରିପଦା ସ୍ଥିତ ଶରତଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ତିନି ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଆନୁଷ୍ଠାନିକ ଭାବେ ଶିକ୍ଷା ଶିବିରକୁ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜ୍ୟୋସ୍ନାରାଣୀ ମହାପାତ୍ର ଯୋଗ ଦେଇଥିଲେ । ରାଜ୍ୟସ୍ତରୀୟ ଅଲିମ୍ପିକ ପ୍ରଶିକ୍ଷକ,ପ୍ରଶିକ୍ଷିକା ଭାବେ ପ୍ରକାଶ ବେହେରା, ଦେବାଶିଷ ଦେ, ଲକ୍ଷ୍ମୀପ୍ରିୟା ପ୍ରଧାନ ଯୋଗଦେଇ ଅଲିମ୍ପିକ କ୍ରୀଡାର ତିନୋଟି ମୂଲ୍ୟବୋଧ ଉପରେ ଶିକ୍ଷାଦାନ କରିଥିଲେ । ସେଗୁଡିକ ହେଲା ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ, ପରସ୍ପର ସମ୍ମାନ ଓ ଆଗକୁ ବଢିବାର ସହମ୍ମତି । ଏହା ଦ୍ୱାରା କ୍ରୀଡା ମାଧ୍ୟମରେ ଶିକ୍ଷାର ମାନଦଣ୍ଡ ବୃଦ୍ଧି ପାଇବ । କାର୍ଯ୍ୟକ୍ରମରେ ୨୫ଟି ବିଦ୍ୟାଳୟରୁ ଦୁଇଜଣ ଲେଖାଏଁ ଶିକ୍ଷକଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ହେବା ସହ ନିଜକୁ ସୁନାଗରିକ ରୂପେ ଗଢି ତୋଳିବେ ବୋଲି ସମସ୍ତେ ମତପ୍ରକାଶ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ମନୋରଞ୍ଜନ ମହାନ୍ତ, କ୍ଷୀରୋଦ ବେହେରା, ପ୍ରଦୀପ ଚୌଧୁରୀ, ଆୟୋଜକ ବିଦ୍ୟାଳୟର ପିଇଟି ପ୍ରଦୀପ ମହାନ୍ତ, ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ ।

# କେବେ ମିଳିବ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ?

ଗରଦପୁର(ଭାସ୍କର ନ୍ୟୁଜ): ଦେଶର ଅନ୍ୟ ରାଜ୍ୟ ତୁଳନାରେ ଓଡିଶ ର ବିଧାୟକମାନଙ୍କ ମାସିକ ବେତନ କମ୍ ଥିବାର ଦ୍ୱାହି ଦେଇ ଓଡିଶା ସରକାର ବିଧାୟକମାନଙ୍କର ଦରମା ଓ ଭତ୍ତା ୨ଲକ୍ଷ ୭୫ ହଜାର ଟଙ୍କାକୁ ବୃଦ୍ଧି କରିବାକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଥିବା ବେଳେ ଘୋଷଣା ପତ୍ରରେ ବାର୍ଦ୍ଧକ୍ୟ ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି କରିବା କଥା କହି ରାଜ୍ୟ ଶାସନ କ୍ଷମତାକୁ ଆସିଥିବା ବିଜେପି ସରକାର ନିଜର ଘୋଷଣା ପତ୍ରକୁ ଭୁଲିଯିବା ଦୁଃଖଦାୟକ ବୋଲି ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ଅଭିଜାନ, ଓଡିଶା ର ଆବାହକ କମଳ ଲୋଚନ ସେଠି ପ୍ରକାଶ କରିଛନ୍ତି । ସରକାର ଗୋଟିଏ ପକ୍ଷରେ ବିଧାୟକ ମାନଙ୍କର ଦରମା ବୃଦ୍ଧି କରୁଥିବା ବେଳେ ଅନ୍ୟ ପଟେ ନିରାଶ୍ରୟ, ବୃଦ୍ଧ, ବୃଦ୍ଧା, ବିଧବା ଓ ବିକ୍ୟାଙ୍ଗ ମାନଙ୍କ ପେଟକୁ ନାତ ମାରିବା ନିତି ସରକାରଙ୍କୁ ଆଗାମୀ ଦିନରେ ମହଙ୍ଗା ପଡିବ ବୋଲି ଚେତାଇ ଦେଇଥିଲେ । ସରକାର ଯଦି ଖୁବ୍ ଶିଘ୍ର ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ନ କରନ୍ତି ତେବେ ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ଅଭିଯାନ, ଓଡିଶା ପକ୍ଷରୁ ପ୍ରଥମେ ରାଜ୍ୟର ସମସ୍ତ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଅଭିଜାନର ଆବାହକ କମଳ ଲୋଚନ ସେଠୀ ଘୋଷଣା କରିଥିଲେ ।

# ଜେଜେ ବାପା ଓ ଜେଜେ ମାଆ ସମ୍ମିଳନୀ



ନିଆଳି(ଭାସ୍କର ନ୍ୟୁଜ): ରବିବାର ଜେଜେ ବାପା ଓ ଜେଜେ ମାଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଭକ୍ତ ରଂଜନ ଆଚାର୍ଯ୍ୟ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ । ସଭାପତି ପ୍ରମୋଦ କୁମାର ସାହାଣୀ, ସମ୍ପାଦକ ସରୋଜ କୁମାର ମହାପାତ୍ର, ପ୍ରଧାନ ଆଚାର୍ଯ୍ୟ, ସମସ୍ତ ଗୁରୁଜୀ, ଗୁରୁମା, ସେବକ, ସେବିକା, ବାହନ ଚାଳକ ପ୍ରମୁଖ ସହଯୋଗ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୧୭୦ରୁ ଉର୍ଦ୍ଧ୍ୱ ଜେଜେବାପା ଓ ଜେଜେମାଆ ଯୋଗଦାନ କରିଥିଲେ ।

# ନିଆଁ ଲାଗି ଜଳିଗଲା ମୂଲ୍ୟବାନ ଆସବାବପତ୍ର

ବାଲିମେଳା(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ବାଲିମେଳା ସହରର ୧୧ନମ୍ବର ୱାର୍ଡ ଅନ୍ତର୍ଗତ ସାହିରେ ରବିବାର ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି । ଏହି ସାହିରେ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଘରେ ଭଡାରେ ରହୁଥିବା ହିମାଂଶୁ ଶେଖର ସାହୁଙ୍କ ଘରେ ଅପରାହ୍ନ ପ୍ରାୟ ୨.୩୦ରେ ଘରେ କେହିବି ନଥିଲା ସମୟରେ କୌଣସି କାରଣରୁ ଘର ଭିତରେ ନିଆଁ ଲାଗି ଘର ଭିତରେ ଥିବା ଏକ ଟିଭି ସମେତ ବହୁ ମୂଲ୍ୟବାନ ଅସବାବ ପୋଡି ନଷ୍ଟ ହୋଇଯାଇଛି । ସୂଚନା ଅନୁଯାୟୀ ରବିବାର ସକାଳେ ହିମାଂଶୁଙ୍କ ସ୍ତ୍ରୀ କୌଣସି କାର୍ଯ୍ୟରେ ଏନ୍‌ଏସି କାର୍ଯ୍ୟାଳୟକୁ ଯାଇଥିଲେ । ହିମାଂଶୁ ତାଙ୍କ ପୁଅ ସ୍କୁଲକୁ ଯାଇଥିଲେ । ଘରେ ତାଲା ପଡିଥିଲା । ସେ ଅପରାହ୍ନରେ ତାଙ୍କ ପୁଅକୁ ସ୍କୁଲରୁ ଆଣି ଘରେ ଛାଡିବା ପରେ ଘର ତାଲା ଖୋଲିଥିଲେ । ତାଲା ଖୋଲିଲା ବେଳକୁ ଘର ଭିତରେ ନିଆଁ ହୁତୁ ହୁତୁ ହୋଇ ଜଳୁଥିବା ସହ ପ୍ରବଳ ଧୂଆଁ ବାହାରୁ ଥିବା ଦେଖି ଭୟଭୀତ ହୋଇ ତୁରନ୍ତ ଚିତ୍କାର କରିଥିଲେ । ହିମାଂଶୁଙ୍କ ସହ ସାହି ଲୋକଙ୍କ ଉଦ୍ୟମରେ ପାଣି ଢାଳି ନିଆଁ ଲିଭାଯାଇଥିଲା । ତେବେ ଘରେ ତାଲା ପଡ଼ିଥିବା ବେଳେ ଘର ଭିତରେ ନିଆଁ କିପରି ଲାଗିଲା ତାହା ସ୍ପଷ୍ଟ ହୋଇପାରିନାହିଁ ।

# ରାଷ୍ଟ୍ରପତିଙ୍କ ମିଡିଆ ପ୍ରମୁଖ ସଚିବଙ୍କ ଘରୁ ଚୋରି

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ତିହିଡ଼ି ଥାନା ଦୋଲସାହି ପଞ୍ଚାୟତ ଅଧୀନ ହଳଧରବିନ୍ଧା ଗ୍ରାମର ରାଷ୍ଟ୍ରପତିଙ୍କ ମିଡିଆ ପ୍ରମୁଖ ସଚିବ ବିଜୟ ନାୟକଙ୍କ ଘରେ ରହୁଥିବା ଭଡ଼ାଟିଆଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ସଚିବ ବିଜୟ ନାୟକଙ୍କ ପରିବାର ପକ୍ଷରୁ ଦିବାକର ନାୟକ ଏତଲା ଦେବା ପରେ ପୋଲିସ ୫୫୩/୨୪ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି । ଭଦ୍ରକରୁ ସାଇଣ୍ଟିଫିକ୍ ଟିମ୍ ଆସି ଅନୁଧାନ କରି ଫେରିଥିବା ଜଣାପଡ଼ିଛି । ଅଭିଯୋଗରୁ ପ୍ରକାଶ ଯେ, ଶନିବାର ରାତିରେ ଘର ଭଡ଼ା ନେଇ ରହୁଥିବା ବ୍ୟକ୍ତି ଘରେ ନଥିଲେ । ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ତାଲା ଓ ଝରକା ଗ୍ରୀଲ୍ ଭାଙ୍ଗି ଘରେ ପଶି ଏଲଇଡି ଟିଭି, ଇନଭର୍ଟର ବ୍ୟାଟ୍ରି ନେଇଯାଇଥିବା ବେଳେ ଅଲମୀରା ଭାଙ୍ଗି ସୁନା ଅଳଙ୍କାର ଓ ନଗଦ ୨୦ହଜାର ଟଙ୍କା ଚୋରି କରି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି । ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି ।

# ବଣମଲ୍ଲି ସାହିତ୍ୟ ସଂସଦର କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସଭା




ବୋଲଗଡ(ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ ଅନ୍ତର୍ଗତ ଆରିକମା କୋଶଳାଶୁଣି ପୀଠରେ ରାଜ୍ୟସ୍ତରୀୟ ବଣମଲ୍ଲି ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପ ଓ ନୈବେଦ୍ୟ ଅର୍ପଣ କଲା ପରେ ବଣମଲ୍ଲିର ସଂପାଦକ ବିଭୁ ପ୍ରସାଦ ହୋତା ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭାପତି ବଂଶୀଧର ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ସେତୁପ୍ରକାଶ ରଥ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଶଶିଭୂଷଣ ମହାପାତ୍ର, ସମ୍ମାନିତ ଅତିଥି ଭାବେ ରବି ନାରାୟଣ ମଙ୍ଗରାଜ, ସତ୍ୟ ନାରାୟଣ ସାମନ୍ତରାୟ ଯୋଗଦେଇ ସାହିତ୍ୟକୁ ମର୍ମସ୍ପର୍ଶୀ କରିବା ପାଇଁ ନିବେଦନ କରିଥିଲେ । ଅଧ୍ୟାପିକା ନିଳୀମା ନନ୍ଦ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବହୁ ଲେଖକ, ସାରସ୍ୱତ ସାଧକଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଫକିର ଚରଣ ପ୍ରଧାନ, ଧ୍ରୁବ ଚରଣ ମହାପାତ୍ର, ସମ୍ବାଦର ଗଣମାଧ୍ୟମ ପ୍ରତିନିଧି ଗଙ୍ଗାଧର ସାହୁ, ଧରିତ୍ରୀ ଖବରକାଗଜର ପ୍ରତିନିଧି ଦେବବ୍ରତ ହୋତା ଏବଂ ବୋଲଗଡ ବ୍ଲକର ପ୍ରମେୟ ପ୍ରତିନିଧି ସତ୍ୟନାରାୟଣ ବାରିକ, ସମାଜସେବୀ ତଥା ଠଣାପଲ୍ଲୀ ମିଳିତ ଯୁବକ ସଂଘର ସମ୍ପାଦକ ଭାଗିରଥୀ ଦାଶ, ହରିବନ୍ଧୁ ଦାଶ, ଦେବେନ୍ଦ୍ର ପରମଗୁରୁ, ପ୍ରତିମା ପ୍ରଧାନ, ନାରାୟଣ ପାତ୍ର, ରାମଚନ୍ଦ୍ର ସାହୁ । ପ୍ରତ୍ୟେକଙ୍କୁ ମାନପତ୍ର, ଉତ୍ତରୀୟ ଓ ବୃକ୍ଷ ଚାରାଟିଏ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ପ୍ରଫୁଲ୍ଲ କୁମାର ହୋତା ଧନ୍ୟବାଦ ଅର୍ପଣ କରିଥିଲେ । ଦୁଇ ଶହରୁ ଉର୍ଦ୍ଧ୍ୱ କବି, ଲେଖକ, ଶିଳ୍ପୀ, ସମାଜସେବୀ, ଶିକ୍ଷକ, ମହିଳା, ଛାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

# ୬ ବର୍ଷ ହେଲା ଠିକାଦାରଙ୍କ ମର୍ଜିରେ ଚାଲିଛି ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ: ପୂର୍ଣ୍ଣାଙ୍ଗ ହୋଇପାରୁନି କାର୍ଯ୍ୟ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ଆଦର୍ଶ ବିଦ୍ୟାଳୟ ନିର୍ମାଣରେ ସରକାରୀ ନୀତି ନିୟମକୁ ଖୋଲାଖୋଲି ଭାବେ ଉଲଘଂନ କରାଯାଇଥିବା ଅଭିଯୋଗ ହୋଇଛି । ୬ ବର୍ଷ ହେଲା ଠିକାଦାରଙ୍କ ମର୍ଜିରେ ଅତ୍ୟନ୍ତ ମନ୍ଥର ଗତିରେ ନିର୍ମାଣ କାର୍ଯ୍ୟ ଚାଲିଛି । ଅଟକଳ ପରିମାଣ ବଢି ବଢି ୬କୋଟି ଟପି ସାରିଲାଣି । ତଥାପି ଗୃହ ନିର୍ମାଣ ପୂର୍ଣ୍ଣାଙ୍ଗ ହୋଇପାରୁନାହିଁ । ଏକ ପକ୍ଷରେ ବିଭାଗୀୟ ଅଧିକାରୀ ଠିକାଦାରଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଥିଲା ବେଳେ ପ୍ରଶାସନ ତରଫରୁ ଲୋକଙ୍କୁ ଦିଆଯାଇଥିବା ପ୍ରତିଶୃତି ପ୍ରତାରଣାରେ ପରିଣତ ହୋଇଥିବାରୁ ଗଣ ଆନ୍ଦୋଳନ ଦାନା ବାନ୍ଧୁଥିବା ଜଣାଯାଇଛି । ନିଶ୍ଚିନ୍ତକୋଇଲି ବ୍ଲକ ଆଦର୍ଶ ବିଦ୍ୟାଳୟ ସ୍ଥାପନ ନିମନ୍ତେ ଗତ ୨୦୧୯ ମସିହାରେ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା । ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଞ୍ଚାୟତ କୁଳଗାଁ ଇଶାଳୋଠାରେ ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା ଗତ ୨୦୨୦ ମସିହା ନଭେମ୍ବର ୧୩



ତାରିଖ ଦିନ ଶିଳାନ୍ୟାସ କରିଥିଲେ । ଏହି ବିଦ୍ୟାଳୟ ନିର୍ମାଣ ନିମନ୍ତେ ସରକାର ୩ କୋଟି ଟଙ୍କା ବ୍ୟୟ ମଞ୍ଜୁର କରିଥିଲେ । ଗତ ମାର୍ଚ୍ଚ୧୪ ତାରିଖରେ ବିଦ୍ୟାଳୟର ନୂତନ ଗୃହକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଅଟକଳ ଅନୁଯାଇ ଏହି ବିଦ୍ୟାଳୟର ଗୃହ ନିର୍ମାଣ କରାଯାଇ ନଥିବା ଅଭିଯୋଗ ହୋଇଛି । ଗୃହ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବା କାରଣରୁ ଉଦଘାଟନର ମାତ୍ର ଅଳ୍ପଦିନ ପରେ ଗୃହର ନବ ନିର୍ମିତ ଗୃହର ଛାତରୁ ପାଣି ଗଳୁଥିବା ଅଭିଯୋଗ ହୋଇଛି । ଟିକିଏ ବର୍ଷାହେଲେ ଶ୍ରେଣୀ ଗୃହରେ ପାଣି ଲହଡି ଖେଳୁଥିବା ଅଭିଯୋଗ ହୋଇଛି । ଏପରିକି ବିଦ୍ୟାଳୟର କବାଟଗୁଡିକ ମଧ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇଥିବା କାରଣରୁ କେତେକ କବାଟ ମାତ୍ର ୨-୩ ମାସ ମଧ୍ୟରେ ଭାଙ୍ଗିରୁଜି ଯାଇଥିବା ବେଳେ ବିଛା ଯାଇଥିବା ଟାଇଲଗୁଡିକ ମଧ୍ୟ ଭାଙ୍ଗିବାକୁ ଆରମ୍ଭ କଲାଣି । ଏପରିକି ବିଦ୍ୟାଳୟର ନବନିର୍ମିତ କାନ୍ଥରେ ମଧ୍ୟ ଫାଟ ସୃଷ୍ଟି ହେଲାଣି । ଫଳରେ ନିମ୍ନମାନର କାର୍ଯ୍ୟହେତୁ ଏହି ନବ ନିର୍ମିତ ବିଦ୍ୟାଳୟ ଗୃହର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଅପରପକ୍ଷରେ ବିଦ୍ୟାଳୟର ଛାତ୍ରୀଛାତ୍ର ନିବାସ ମଧ୍ୟ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି । ବିଦ୍ୟାଳୟ ପରିସରକୁ ଯିବା ନିମନ୍ତେ କୌଣସି ରାସ୍ତାର ସୁବିଧା ନାହିଁ । ଟିକିଏ ବର୍ଷା ହେଲେ ବିଦ୍ୟାଳୟ ପରିସର ପାଣିରେ ଭାସୁଛି । ବିଦ୍ୟାଳୟର ଛାତ୍ରଛାତ୍ରୀ ନିମନ୍ତେ କୌଣସି ସାଇକେଲ ଷ୍ଟାଣ୍ଡ କିମ୍ବା ଖେଳପଡିଆ ନଥିବା ଅଭିଯୋଗ ହୋଇଛି । ଇତିମଧ୍ୟରେ ୬ ବର୍ଷ ଅତିକ୍ରାନ୍ତ ହୋଇଛି । ଅଟକଳ ପରିମାଣ ବଢିବଢି ୬କୋଟି ହୋଇସାରିଲାଣି । ତଥାପି ଗୃହ ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ହୋଇପାରୁନାହିଁ । ବିଦ୍ୟାଳୟ ପରିସରରେ ବିପଦସଙ୍କୁଳ ଅବସ୍ଥାରେ ମଧ୍ୟ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ଖୋଲାମେଲାରେ ପଡି ରହିଛି । ଯାହାକି ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦର ଆଶଙ୍କା ସୃଷ୍ଟି କରିଛି । ଏପରିସ୍ଥଳେ ଦୀର୍ଘବର୍ଷ ଧରି ନିଶ୍ଚିନ୍ତକୋଇଲିଗ୍ରାମ୍ୟ ଉନ୍ନୟନ ବିଭାଗରେ ଆସ୍ଥାନ ଜମାଇ ରହିଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଠିକାଦାରଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି । ତେବେ ଠିକାଦାରଙ୍କ ସହ ବିଭାଗୀୟ ଅଧିକାରୀଙ୍କ ଅସାଧୁ ମେଣ୍ଟ ରହିଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ପ୍ରଶାସନ ତରଫରୁ ତୁରନ୍ତ ସ୍ଥାନୀୟବାସୀଙ୍କୁ ଦିଆଯାଇଥିବା ପ୍ରତିଶୃତି ପାଳନ କରାନଗଲେ ଆଗାମୀ ଦିନରେ ଲୋକେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ । ତେବେ ଏହି ଗୃହ ନିର୍ମାଣରେ ହୋଇଥିବା ଅନିୟମିତତା ଓ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଅସଲ ମୁଖା ଖୋଲିଯାଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି ।



ହିନ୍ଦୋଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଗତକାଲି ବିଳମ୍ବିତ ରାତିରେ ବାଇକ୍ ଦୁର୍ଘଟଣାରେ ଜଣେ ପୋଲିସ୍ କର୍ମଚାରୀ ମୃତ୍ୟୁବରଣ କରିଛନ୍ତି । ଖବରରୁ ପ୍ରକାଶ ଯେ, ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ଅନ୍ତର୍ଗତ ବାରସିଙ୍ଗା ଗ୍ରାମରେ ପିଲାଦିନୁ ଅଜା ସର୍ବେଶ୍ୱରଙ୍କ ଘରେ ନାତି ତଥା ଶ୍ରୀକାନ୍ତ ସାହୁଙ୍କ ପୁଅ ସୁଚିରଞ୍ଜନ (୨୩) ହେଲ୍ପିଥିବାରୁ ଗ୍ରାମର ବଢ଼ିଥିଲେ ଏବଂ ଗତ ଏକବର୍ଷ ହେଲେ ପୋଲିସ ବାହିନୀରେ ଯୋଗଦେଇ ହିନ୍ଦୋଳ ପ୍ରେଜେରେ କାର୍ଯ୍ୟ କରୁଥିଲେ । ତେବେ ପ୍ରତିଦିନ ଭଳି ଡିଉଟି ସାରି ବିଳମ୍ବିତ ରାତି ୧୦ଟା ପରେ ନିଜ ପଲ୍ସର୍ ବାଇକରେ ଅଜାଘର ବାରସିଙ୍ଗା ଗ୍ରାମକୁ ଫେରୁଥିବା ସମୟରେ ଗ୍ରାମ ମୁଣ୍ଡଠାରେ ଭାରସାମ୍ୟ ହରାଇ ରାସ୍ତାକଡ ଗଛରେ ବାଜିବା ପରେ ହୋଇଯାଇଥିଲେ । ଫଳରେ ସ୍ଥଳରେ ଛିଟିକି ପଡ଼ିବା ସହ ଗୁରୁତର ଆହତ ହୋଇଥିଲେ । ଗ୍ରାମବାସୀଙ୍କ ଠାରୁ ଦୁର୍ଘଟଣା ଖବର ପାଇ ବାଲିମି ଓ ହିନ୍ଦୋଳ ଥାନା ପୋଲିସ ଅଧିକାରୀ ଓ କର୍ମଚାରୀ ଘଟଣା ସ୍ଥଳରେ ଆହତ ଅବସ୍ଥାରେ ପଡ଼ିଥିବା ସୁଚିରଞ୍ଜନଙ୍କୁ ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନା ଆଣିଥିଲେ । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବାଲିମି ଥାନା ପୋଲିସ ଶବ ଜବତ କରି ଆଜି ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି । ଏହିପରି ଦୁର୍ଘଟଣାଗ୍ରସ୍ତ ବାଇକଟିକୁ ମଧ୍ୟ ଜବତ କରିଛନ୍ତି । ପରିବାରର ଅଭିଯୋଗ ଆଧାରରେ ଦୁର୍ଘଟଣା ବାବଦରେ ବାଲିମି ଥାନାରେ ଏକ ମାମଲା ରୁଜୁ କରି ଘଟଣା ସଂପର୍କରେ ଅଧିକ ତଦନ୍ତ ଚଳାଇଛନ୍ତି ।



# ଲୋକ ମହୋତ୍ସବ ପରବ ଉଦ୍‌ଘାଟିତ





କୋରାପୁଟ (ଭାସ୍କର ନ୍ୟୁଜ): ଅବିଭକ୍ତ କୋରାପୁଟ ଜିଲ୍ଲାର ବିକାଶ ଆମ ସରକାରଙ୍କ ପ୍ରଥମ ଲକ୍ଷ୍ୟ । ଲୋକ ମହୋତ୍ସବ ପରବ ୨୦୨୪ ଉଦ୍‌ଘାଟନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଜିଲ୍ଲାର ଉପଲବ୍ଧି, ଭବିଷ୍ୟତ ଏବଂ ସାମାଜିକ ଜୀବନ ବିଷୟରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ । ଏହି ଅବସରରେ ପରବ ପଡିଆ ସହ ୫୭୫.୯୮ କୋଟି ଟଙ୍କାର ୩୪ଟି ପ୍ରକଳ୍ପ ନିମନ୍ତେ ଶୁଭ ଦେଇଥିଲେ ।। ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ସଭାପତିତ୍ୱରେ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟମନ୍ତ୍ରୀ କହିଥିଲେ , କୋରାପୁଟ ଜିଲ୍ଲାର କଫି, ଧାନ, ମାଣ୍ଡିଆ ବିଶ୍ୱରେ ପ୍ରସିଦ୍ଧି ହାସଲ କରିଛି । ପର୍ଯ୍ୟଟନ କ୍ଷେତ୍ରରେ ଅନେକ ସମ୍ଭବନା ରହିଛି । ତେଣୁ ଜଗନ୍ନାଥ ସାଗର ପାଇଁ ୩୫କୋଟି , ଦେଓମାଳି ପାଇଁ ୧୫କୋଟି, ଡୁଡୁମା ଜଳପ୍ରପାତ ପାଇଁ ୨୦କୋଟି ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ସାଂସଦ ଇ. ବଳଭଦ୍ର ମାଝି, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ, ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, କୋଟପାଡ ବିଧାୟକ ରୁପୁ ଭତ୍ରା, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, ଏସ୍‌ପି ରୋହିତ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ପରବ ପଡିଆ, ପଲ୍ଲିଶ୍ରୀ ମେଳା, ବିକାଶ ମେଳାକୁ ଉଦ୍‌ଘାଟନ କରିଥିଲେ । କୋରାପୁଟ କଫି ପାଇଁ ହୋଇଥିବା କାଉଣ୍ଟରକୁ ଉଦ୍‌ଘାଟିତ କରିବା ସହ କଫି ପିଇଥିଲେ । ଏହାପରେ ମୁଖ୍ୟମନ୍ତ୍ରୀ ୧୪୨ କୋଟିରେ ନିର୍ମିତ ୭ମହଲା ବିଶିଷ୍ଟ ଡିଏଚ୍‌ଏଚ୍, ୧୮୫. ୬୧କୋଟିର ନିର୍ମାଣଧୀନ ଅନ୍ୟାନ୍ୟ ୧୨ଟି ପ୍ରକଳ୍ପକୁ ଲୋକାର୍ପଣ କରିଥିଲେ । ସେହିପରି ୩୯୦କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ୨୨ଟି ପ୍ରକଳ୍ପ ନିମନ୍ତେ ଭୂମି ପୂଜା କରିଥିଲେ । ମୁଖ୍ୟମନ୍ତ୍ରୀ କୋରାପୁଟ ପହଂଚିବା ପରେ କୋରାପୁଟ ବାଟମଙ୍ଗଳା ମନ୍ଦିର ନିକଟରୁ ରୋଡ ସୋ କରିଥିଲେ । ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଲୋକ ଉପସ୍ଥିତ ରହି ଅଭିବାଦନ ଜଣାଇଥିଲେ । ପ୍ରଥମ ରଜନୀରେ ଦୁରୁଆ, ଓଡିଶୀ, ଘୁଡକା, ଘୁମୁରା, ଢେମସା, କଳାରୀପାଇଟୁ, ସାନ୍ତାଳୀ, ଆସାମୀ ବାଗୁରୁମ୍ବା ଆଦି ନୃତ୍ୟ ପରିବେଷଣ ହୋଇଥିଲା । ଓଲିଉଡ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର ଓ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ି ଦର୍ଶକଙ୍କୁ ଝୁମାଇଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ଆଲୋମଣି ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜୟପୁରରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ସୋ’

କୋରାପୁଟ(ଭାସ୍କର ନ୍ୟୁଜ): ଲୋକ ମହୋତ୍ସବ ପରବ ପାଇଁ କୋରାପୁଟ ଜିଲ୍ଲା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜୟପୁର ବିମାନବନ୍ଦରରେ ପହଂଚିଥିବା ବେଳେ କୋରାପୁଟ ପୋଲିସ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। କୋରାପୁଟ ଜିଲ୍ଲାପାଳ ଭି କୀର୍ତିଭାସନ, ଡିଆଇଜି ନୀତିଶେଖର, ଏସପି ରୋହିତ ବର୍ମା, ଜୟପୁର ବିଧାୟକ ତାରାପ୍ରସାଦ ବାହୀନିପତି , କୋଟପାଡ ବିଧାୟକ ରୁପୁ ଭତ୍ରା, କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ସମେତ ବିଜେପି ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ । ସେଠାରୁ ମୁଖ୍ୟମନ୍ତ୍ରୀ ରୋଡ ସୋ’ ବାହାରି ଲକ୍ଷ୍ମୀ ପଣ୍ଡା ଛକ, ମୁଖ୍ୟ ଟ୍ରାଫିକ ଛକ, ଆମ୍ବେଦକର ଛକ, ଗାନ୍ଧୀ ଛକ ଓ ବାରିଣୀପୁଟରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ରାସ୍ତା ଯୋଗେ ମୁଖ୍ୟମନ୍ତ୍ରୀ କୋରାପୁଟ ଗସ୍ତ କରିଥିଲେ । ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷାକୁ କଡାକଡି କରାଯାଇଥିଲା । ଉପଜିଲ୍ଲାପାଳ ଆକାବରମ ଶସ୍ୟା ରେଡ୍ଡି, ଏସଡିପିଓ ଅଙ୍କିତ କୁମାର ବର୍ମା, ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚୀ ଜେନା, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ଓ ଟାଉନ ଥାନା ଅଧିକାରୀ ରମଣି ରନ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ ।

# କଂସାର-ସାହାସପୁର ଉଚ୍ଚବିଦ୍ୟାଳୟ ହୀରକ ଜୟନ୍ତୀର ଦ୍ୱିତୀୟ ସନ୍ଧ୍ୟା



କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): କେବଳ ପାଠପଢିଲେ ହେବ ନାହିଁ। ପାଠ ସହିତ ଶାଠର ଆବଶ୍ୟକତା ରହିଛି। ଯାହାର ଯେଉଁ ପ୍ରତିଭା ଅଛି ତାହା ପିଲାମାନଙ୍କ କ୍ଷେତ୍ରରେ ପ୍ରୟୋଗ କରିବା ଉଚିତ। ଶିକ୍ଷିତ ହୋଇ ଭଲ ମଣିଷ ହେବା ସହିତ ସମାଜର ମଙ୍ଗଳ କରିବା ପାଇଁ କଂସାର-ସାହାସପୁର ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ପାଳନର ଦ୍ୱିତୀୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପୂର୍ବତନ ବିଧାୟକ ଯୁବନେତା ଅଂଶୁମାନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଭାବକ, ଛାତ୍ରଛାତ୍ରୀ, ଶିକ୍ଷକମାନଙ୍କୁ ସତର୍କ କରାଇଦେଇ କହିଥିଲେ ଯେ ବିଦ୍ୟାଳୟ ଫାଟକ ବାହାରେ ରେସ ଚାଲିଛି। ଏହି ରେସରେ ଉତ୍ତୀର୍ଣ୍ଣ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ବିଭିନ୍ନ ଗଳ୍ପ ମାଧମରେ ପିତାମାତାଙ୍କ ଦାୟିତ୍ୱ ଏବଂ ବିଦ୍ୟାର୍ଥୀମାନଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ସଂସଦର ସଭାପତି ଫକୀର ଚରଣ ଖଟୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ଗଗନବିହାରୀ ମନ୍ତ୍ରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଯୁବନେତା ପ୍ରଦ୍ୟୁମ୍ନ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ମାଟ୍ରିକ ଟପ୍ପର ଓ ଅନ୍ୟାନ୍ୟ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ପୁରାତନ ଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ପ୍ରାକ୍ତନ ଆରକ୍ଷୀ ଅଧିକ୍ଷକ ନିମାଇଁ ଚରଣ ସେଠୀ, ପ୍ରାକ୍ତନ ବ୍ୟାଙ୍କ ଅଧିକାରୀ ପରମାନନ୍ଦ ସେଠୀ, ଯୁବନେତା ପ୍ରଶାନ୍ତ ବେହେରା, ନିରଞ୍ଜନ ପରିଡା, ଦିପ୍ତିରଞ୍ଜନ ମହାପାତ୍ର, ସଂଗ୍ରାମ କେଶରୀ ପରିଡା, ହରେକୃଷ୍ଣ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ବିଜୟ ମହାପାତ୍ର, ଚକ୍ରଧର ନାୟକ, ସରପଞ୍ଚ ପ୍ରସନ୍ନ କୁମାର ରାଉତ, ଚନ୍ଦ୍ରକାନ୍ତ ବେହେରାଙ୍କ ସମେତ ବହୁ ବୁଦ୍ଧିଜୀବୀ, ଶିକ୍ଷାବୀତ, ସମାଜସେବୀ ଓ ମୁରବୀ ଶ୍ରେଣୀର ଲୋକମାନେ ଯୋଗଦେଇଥିଲେ। ଶେଷରେ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପୌର ପରିଷଦ ପକ୍ଷରୁ ରାହାଗିରି ଆୟୋଜିତ



ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ): ପାରଳାଖେମୁଣ୍ଡି ସହରରେ ଆରମ୍ଭ ହେବାକୁ ଥିବା ଜିଲ୍ଲାସ୍ତରୀୟ ଗଜପତି ମହୋତ୍ସବ ଚଳିତ ମାସ ୧୮ ତାରିଖ ରୁ ୨୨ ପର୍ଯ୍ୟନ୍ତ ହେବ । ଜିଲ୍ଲା ରେ ୭ଗୋଟି ବ୍ଲକ ରେ ୨ଦିନ ଧରୀ ଉତ୍ସବ ସରି ଯାଇଛି । ଆଜି ପୌର ପରିଷଦ ତରଫରୁ ସକାଳ ୭ଘଣ୍ଟା ଠାରୁ ୧୧ଘଣ୍ଟା ପର୍ଯ୍ୟନ୍ତ ପଥ ପ୍ରାନ୍ତ ମହୋତ୍ସବ ରଜାଦାଣ୍ଡ ସାହିରେ ଅନୁଷ୍ଠିତ ହୋଇଯାଇଛି । ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅସିବ୍ ଅହମ୍ମଦଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ଆରମ୍ଭ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ପାରଳା ବିଧାୟକ ରୁପେଶ ପାଣିଗ୍ରାହି, ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ବିଜୟ କୁମାର ଦାଶ , ପୌରପରିଷଦ ଅଧ୍ୟକ୍ଷା ନିମଳା ସେଠୀ, ଉପଅଧ୍ୟକ୍ଷ,ମଧୁ ,ଗୁଣନିଧି ନାୟକ , ଗୋଷାଣୀ ବ୍ଲକର ଗୌରଚନ୍ଦ୍ର ପଟନାୟକ ସହ ସମସ୍ତ କାଉନସିଲରମାନେ ଉପସ୍ଥିତ ଥିଲେ । ସହରରେ ଥିବା ମହିଳା ମଣ୍ଡଳର ମା’ ମାନେ ବିଭିନ୍ନ ଘର କରଣା ଜିନିଷମାନ ପ୍ରଦର୍ଶନ କରିଥିଲେ । ସହର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ନୃତ୍ୟ ଓ ଗୀତ ପରିବେଷିତ ହୋଇଥିଲା। ଆଗାମୀ ୧୮ ଠାରୁ ୨୨ ପର୍ଯ୍ୟାନ୍ତ ଷ୍ଟାଡିୟମ୍ ଠାରେ ଗଜପତି ଉତ୍ସବ ପାଳନ କରାଯିବ । ଏହି ସମସ୍ତ କାର୍ଯ୍ୟକ୍ରମକୁ ଜେଇ ଡି.ଯୁଧିଷ୍ଠିର ସହ ସମସ୍ତ କମ୍ରଚାରୀମାନେ ପରିଚାଳନା କରିଥିଲେ ।

## ଟ୍ରେନ୍ ଧକ୍କାରେ ପାଚିକା ସହାୟିକାଙ୍କ ମୃତ୍ୟୁ

ଟିକିଟୀ(ଭାସ୍କର ନିୟୁଜ ):ଗୋଳନ୍ଥରା ଥାନା ଅନ୍ତର୍ଗତ ପିତାତୋଳି ଗ୍ରାମ ପଂଚାୟତର ଜଗନାଥପୁର ଗ୍ରାମର ଦୁଇଜଣ ମହିଳା ଟ୍ରେନ ଧକ୍କାରେ ମୃତ୍ୟୁବରଣ କରିଛନ୍ତି । ସୂଚନା ପ୍ରକାରେ ଉକ୍ତ ଗ୍ରାମର ଝୁନୁ ଗୌଡ଼,ପାର୍ବତୀ ଗୌଡ଼ ଦୀର୍ଘ ଦିନ ହେଲା ନିଜ ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ପାଚିକା ଓ ସହାୟିକା ରୂପେ କାମ କରିଆସୁଥିଲେ । ସେପଟେ ଭୁବନେଶ୍ୱର ରେ ଚାଲିଥିବା ପାଚିକା, ସାହାୟିକା ମାନଙ୍କ ଧାରଣାରେ ଯୋଗ ଦେବା ସକାଶେ ଦୁହେଁ ନିକଟସ୍ଥ ସୁରଲ ଷ୍ଟେସନରେ ଟ୍ରେନ ଚଢିବା ଚେଷ୍ଟା କରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ବରଣ କରିଥିଲେ। ଅଞ୍ଚଳବାସୀ ଖବର ପାଇ ଘଟଣା ସ୍ଥଳରେ ପହଁଚି ଜିଆରପି ପୋଲିସ ର ସହାୟତା ଓ ସ୍ଥାନୀୟ ସରପଞ୍ଚ ଙ୍କ ଉପସ୍ଥିତରେ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଥିଲେ । ଏହି ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି ।

## ସମାଜସେବୀ ପ୍ରଭାକର ପରିଡାଙ୍କ ବିୟୋଗ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଚରଦକୁଲାଟ ଅଞ୍ଚଳର ସୁନାମଧନ୍ୟ ସମାଜସେବୀ ପ୍ରଭାକର ପରିଡାଙ୍କ ୮୭ବର୍ଷ ବୟସରେ ବିୟୋଗ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଏକ ବେସରକାରୀ ହସପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି। ସେ ନିଜର ଜନ୍ମସ୍ଥାନ ବଡମାଣିତିଆର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟରେ ସକ୍ରୀୟ ଭୂମିକା ନିଭାଉଥିଲେ। ଏଥିସହିତ ଚଉଦକୁଲାଟ ଅଞ୍ଚଳର ବିକାଶରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ତାଙ୍କ ବିୟୋଗ ଖବର ପାଇ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ଶିବ ପ୍ରସାଦ ଭୋଳ, ଯୁବନେତା ରାଜେଶ ପଣ୍ଡା ପ୍ରମୁଖ ତାଙ୍କ ମର ଶରୀରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଲକ୍ଷ୍ମୀ ପୁରାଣର ମହତ୍ତ୍ୱ ଶୀର୍ଷକ ଆଲୋଚନାଚକ୍ର



କଲ୍ୟାଣସିଂହପୁର (ଭାସ୍କର ନ୍ୟୁଜ୍): ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ‘ ପଞ୍ଚସଖା ଯୁଗରେ ଲକ୍ଷ୍ମୀପୁରାଣର ମହତ୍ତ୍ୱ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ଡଃ. ବବିଲତା ସରାଫଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବରେ ପ୍ରତିମା ପାଣିଗ୍ରାହୀ ଯୋଗ ଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ତାଙ୍କ ଅଭିଭାଷଣ ପ୍ରଦାନ କରି ଲକ୍ଷ୍ମୀପୁରାଣ ର ଐତିହାସିକତା, ପୂଜାବିଧି ଓ ବର୍ତ୍ତମାନର ସମାଜର ଅବସ୍ଥା ସହ ଲକ୍ଷ୍ମୀପୁରାଣର କଥାବସ୍ତୁକୁ ତୁଳନାତ୍ମକ ଢଙ୍ଗରେ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଟିକେଶ୍ୱର ମାଝି ଅତିଥିଙ୍କ ପରିଚୟ ପ୍ରଦାନ ସହ ବିଭିନ୍ନ ସାମାଜିକ ସମସ୍ୟାର ସମାଧାନରେ ଲକ୍ଷ୍ମୀପୁରାଣ ର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଓଡ଼ିଆ ବିଭାଗର ଅଧ୍ୟାପିକା ରାଜଲକ୍ଷ୍ମୀ ଦେବୀ, ସୁଶ୍ରୀ ତୃପ୍ତିମୟୀ ଭୋଇ, ସୁଶ୍ରୀ ନମିତା ବେନିଆ ଏବଂ ଛାତ୍ରଛାତ୍ରୀମାନେ ନିଜର ସନ୍ଦର୍ଭ ପାଠ କରିଥିଲେ । ଶେଷରେ ଅଧ୍ୟାପିକା ରାଜଲକ୍ଷ୍ମୀ ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ଅଶ୍ୱିନୀ ଦୀପ, ଅମିତ ରନ୍ଧାଲୁ, ଅମିନ ହିମିରିକା,ଜଳିତା ମାଝି ସହ ଅନ୍ୟମାନେ ସାହାଯ୍ୟ କରିଥିଲେ ।

### ମଣ୍ଡଳସ୍ତରୀୟ ପ୍ରଧାନଶିକ୍ଷକ ବୈଠକ

## ଉତ୍କର୍ଷ ଓ ଆକାଂକ୍ଷା କାର୍ଯ୍ୟକ୍ରମକୁ ଗୁରୁତ୍ୱ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳସ୍ତରୀୟ ପ୍ରଧାନଶିକ୍ଷକଙ୍କ ଦ୍ୱାଦଶ ମାସିକ ବୈଠକ ବେଳାଭୂମି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଅସ୍ତରଙ୍ଗ ଗୋଷ୍ଠୀ ଶିକ୍ଷାଅଧିକାରୀ ଶତ୍ରୁଘ୍ନ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ନୋଡାଲ ଅଧିକାରୀ ଲିଙ୍ଗରାଜ ବେହେରା, ପାଟଳଦା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କାମଦେବ ପ୍ରଧାନ, ଐଶାନେଶ୍ୱର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ବିଶ୍ୱାଳ, ବେଳାଭୂମି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ ପାଳ ପ୍ରମୁଖ ଯୋଗଦେଇଥିଲେ। ଅସ୍ତରଙ୍ଗ ବ୍ଲକର ୨୨ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କୁ ନେଇ ମଣ୍ଡଳସ୍ତରୀୟ ବୈଠକରେ ପ୍ରାରମ୍ଭରେ ବିଗତ ବୈଠକରେ ନିଆଯାଇଥିବା ନିଷ୍ପତିର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉତ୍କର୍ଷ କାର୍ଯ୍ୟକ୍ରମ, ଆକାଂକ୍ଷା କାର୍ଯ୍ୟକ୍ରମ, ଗଣିତ ଦକ୍ଷତା ବୃଦ୍ଧି, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ଦଶମ ଶ୍ରେଣୀ ଅଧବାର୍ଷିକ ପରୀକ୍ଷାରେ ଅନୁପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ବୈଠକରେ ଯୋଗ ଦେଇଥିବା ସମସ୍ତ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଆୟୋଜକ ବିଦ୍ୟାଳୟ ପରିଦର୍ଶନ ଯାଇ ଇ -ପାଠାଗାର, ସ୍ମାର୍ଟ ଶ୍ରେଣୀ ଗୃହ, ବିଦ୍ୟାଳୟ ସ୍ୱଚ୍ଛତା ସହ ସ୍ମାର୍ଟ ଶ୍ରେଣୀ ଗୃହ ବ୍ୟବହାର ସମ୍ପର୍କରେ ପଚାରି ବୁଝିଥିଲେ। ଏହି ବୈଠକରେ ପଢ଼ିୟାରୀ ନୋଡାଲ ବିଦ୍ୟାପୀଠ ପ୍ରଧାନଶିକ୍ଷକ ସୁଧୀର ପ୍ରଧାନ, ପଶ୍ଚିମେଶ୍ୱର ବିଦ୍ୟାପୀଠ ପ୍ରଧାନଶିକ୍ଷକ ପବିତ୍ର କୁମାର ପରିଡା, ଲବଣସତ୍ୟାଗ୍ରହ ବିଦ୍ୟାପୀଠ ପ୍ରଧାନଶିକ୍ଷକ ତରୁଣ କୁମାର ନାୟକ, ସୁରେନ୍ଦ୍ର ନାଥ ବିଦ୍ୟାପୀଠ ପ୍ରଧାନଶିକ୍ଷକ ପ୍ରକାଶ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ଚତୁର୍ଥ ସର୍ବଭାରତୀୟ ବହୁଭାଷୀ ନାଟକ ଓ ଲୋକନୃତ୍ୟ ମହୋତ୍ସବ ଉଦ୍‌ଯାପିତ



ବ୍ରହ୍ମପୁର, (ଭାସ୍କର ନ୍ୟୁଜ) : ବ୍ରହ୍ମପୁର ସହରର ଅଗ୍ରଣୀ ଶାଶ୍ୱତୀ ପ୍ରଗତିଶୀଳ ନାଟ୍ୟସଂସ୍ଥା ତରଫରୁ ଆୟୋଜିତ ଦୁଇଦିନିଆ ନାଟକର ମହାକୁମ୍ଭ ‘ଶାଶ୍ୱତୀ ରଙ୍ଗ ମହୋତ୍ସବ-୨୦୨୪’ ତଥା ଚତୁର୍ଥ ସର୍ବଭାରତୀୟ ବହୁଭାଷୀ ନାଟକ ଓ ଲୋକନୃତ୍ୟ ମହୋତ୍ସବ ଶନିବାର ବ୍ରହ୍ମପୁର ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ସଫଳତାର ସହିତ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଦୁଇଟି ଓଡ଼ିଆ ନାଟକ ମଞ୍ଚସ୍ଥ ହୋଇଥିବା ବେଳେ ଶନିବାର ଆଉ ଦୁଇଟି ନାଟକ ମଞ୍ଚସ୍ଥ ହୋଇ ମୋଟ ଦୁଇଦିନରେ ଚାରୋଟି ନାଟକ ପ୍ରଦର୍ଶିତ ହୋଇ ଉପସ୍ଥିତ ଦର୍ଶକଙ୍କୁ ଭରପୁର ଆନନ୍ଦ ଦେଇଛି। ଶାଶ୍ୱତୀ ସଂସ୍ଥାର ଉପସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ସମାଜସେବୀ ତଥା ବୃକ୍ଷ ମଣିଷ ସୁବାସ ମହାରଣା ନାଟ୍ୟ ସଂଗଠକ ଅନୀଲ ପାତ୍ର, ନାଟ୍ୟଶ୍ରୀ ଫାଉଣ୍ଡେସନ ଅଧ୍ୟକ୍ଷ ଭବାନୀ ଶଙ୍କର ମିଶ୍ର, ଶାଶ୍ୱତୀ ସଭାପତି ରାମଚନ୍ଦ୍ର ସାସମଲ ପ୍ରମୁଖ ଅତିଥି ଭାବେ ମଞ୍ଚରେ ଉପସ୍ଥିତ ରହିଥିଲେ। ଭବାନୀ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂଘ ସମ୍ପାଦକ ସୁନିଲ ସ୍ୱାଇଁ ଧନ୍ୟବାଦ ଆର୍ପଣ କରିଥିଲେ। ସର୍ବଭାରତୀୟ ନାଟ୍ୟ କଳାକାର ରାଜ ଗୋପାଳ ପାଢ଼ୀ, ଇଂ. ଆଶୁତୋଷ ପାତ୍ର ଏବଂ ଶଙ୍କର୍ଷଣ ସାବତଙ୍କୁ ପ୍ରଫେସର ଦୁର୍ଗାଚରଣ ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଆୟୋଜିତ ହୋଇଥିବା ଦୁଇଟି ନାଟକ ମଞ୍ଚସ୍ଥ ହୋଇଥିବା ବେଳେ ପ୍ରଥମ ନାଟକ ଭାବେ ପଶ୍ଚିମବଙ୍ଗ କଲିକତା ସମଯାତ୍ରୀ ନାଟ୍ୟସଂସ୍ଥା ତରଫରୁ ପଦ୍ମା ସରକାରଙ୍କ ନିର୍ଦ୍ଦେଶିତ ବଙ୍ଗଳା ନାଟକ ‘ମୁକ୍ତି’ ଓ ଜାମସେଦପୁର ଡେଟ ନାଟ୍ୟସଂସ୍ଥା ତରଫରୁ ଅନୁଜ କୁମାରଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ ‘ଏକ ଔର ଦ୍ରୋଣାଚାର୍ଯ୍ୟ’ ଉପସ୍ଥିତ ଦର୍ଶକଙ୍କୁ ଆନ୍ଦୋଳିତ କରିଥିଲା। ଦୁଇଦିନ ଧରି ଅନୁଷ୍ଠିତ ଶାଶ୍ୱତୀ ରଙ୍ଗ ମହୋତ୍ସବରେ ଶାଶ୍ୱତୀ ସଂସ୍ଥାର ଉପଦେଷ୍ଟା ରବି ନାରାୟଣ ବେହେରା, କୈଳାଶ ପାଣିଗ୍ରାହୀ, ଦୀନବନ୍ଧୁ ଶତପଥୀ, ଆରତୀ ସାମଲ, ବିଜୟଲକ୍ଷ୍ମୀ ପାଢ଼ୀ, ଶିବ ପ୍ରସାଦ ରେଡ୍ଡି, ରବୀନ୍ଦ୍ର ସାହୁ, ଯଶୋଦା ବେହେରା, ରାଜେଶ ନାୟକ, ଜିତୁ ସାହୁ, ସରୋଜ ପଣ୍ଡା, ଅକ୍ଷୟ ପଣ୍ଡା, ମମତା ପାଢ଼ୀ, ସାଗରିକା ମହାରଣା, ବଳରାମ ମହାପାତ୍ର, ସୌମ୍ୟ ରଞ୍ଜନ ପଟ୍ଟନାୟକ, ଚନ୍ଦନ ପାତ୍ର, ସାଗରିକା ଆଚାର୍ଯ୍ୟଙ୍କ ସହ ଶାଶ୍ୱତୀ ନାଟ୍ୟ ସଂସ୍ଥାର ସମସ୍ତ କର୍ମକର୍ତ୍ତା ଓ ମହୋତ୍ସବରେ ସହଯୋଗ କରୁଥିବା ବ୍ରହ୍ମପୁର କଳାକାର ଏକତା ମଞ୍ଚର କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ବିଶେଷ ସହଯୋଗ କରିଥିଲେ।

# ଓଡ଼ିଆ ଭାଷା ବିକାଶ ପରିଷଦ ଗଠିତ

କାକଟପୁର, (ଭାସ୍କର ନ୍ୟୁଜ୍) : କାକଟପୁର ନିକଟସ୍ଥ କନ୍ଦଳପୁର ଗ୍ରାମର ଆରାଧ୍ୟା ଦେବୀ ମା’ ନାରାୟଣୀ ମନ୍ଦିର ପରିସରରେ କାକଟପୁର ବ୍ଲକ (।) ଓଡିଶାର ବିଭିନ୍ନ ଜିଲ୍ଲାର ଓଡ଼ିଆ ଭାଷା ପ୍ରେମୀମାନଙ୍କ ଉପସ୍ଥିତିରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବେଦ ପାଠ କରାଯାଇଥିଲା। ଉକ୍ତ ବୈଠକ ରେ ମା’ ମଙ୍ଗଳା ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ ଅଧ୍ୟକ୍ଷତା କରିଥିଲେ। ଇତ୍ୟବସରେ ‘ଭାଷା ଏକତାର ମାଧ୍ୟମ’ ବୋଲି ଆଲୋଚନା କରାଯାଇ ମାତୃଭାଷା ଓଡ଼ିଆର ବ୍ୟାପକ ବିକାଶ ପାଇଁ ଏକ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ପରିଷଦ ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ପରିଷଦର ନାମ ‘ଓଡ଼ିଆ ଭାଷା ବିକାଶ ପରିଷଦ’ ରଖାଯାଇଥିଲା। ଏଥି ନିମିତ୍ତ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ପଣ୍ଡିତ ବନବିହାରୀ ଗ୍ରହାଚାର୍ଯ୍ୟ, ଉପ ସଭାପତି ଗୌରାଙ୍ଗ ଚରଣ ବେହୁରା, ସାଧାରଣ ସମ୍ପାଦକ ମନୋଜ କୁମାର ସାହୁ, ଯୁଗ୍ମ ସମ୍ପାଦିକା ଭାମାରାଣୀ ରାଉତ, କୋଷାଧ୍ୟକ୍ଷ ଅଜୟ କୁମାର ଦୀକ୍ଷିତ, ସାଂଗଠନିକ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ସାଂସ୍କୃତିକ ସମ୍ପାଦକ କ୍ଷେତ୍ରବାସିନୀ ତ୍ରିପାଠୀ, କାର୍ଯ୍ୟନିର୍ବାହୀ ସଦସ୍ୟ ବିଷ୍ଣୁ ପ୍ରିୟା ମହାପାତ୍ର, ସନ୍ତୋଷ କୁମାର ବେହେରା, ନିରଞ୍ଜନ ନାୟକ, ମିଡ଼ିଆ ସଂଯୋଜକ ଭାବେ ପ୍ରଶାନ୍ତ କୁମାର ଜେନା, କମିଟି ସଂଯୋକ ଭାବେ ରଶ୍ମି ରଞ୍ଜନ ମହାନ୍ତି ଓ ଉକ୍ତ କମିଟିରେ ପରାମର୍ଶ ଦାତା, ଉପଦେଷ୍ଟା ମଣ୍ଡଳୀ ଭାବେ କୈଳାଶ ଚନ୍ଦ୍ର ଦାଶ, ଡ଼ଃ ରବିନାରାୟଣ ପଣ୍ଡା, ନିରଞ୍ଜନ ପାଲଟା, ଆଇନଜୀବୀ ଉମାକାନ୍ତ ମିଶ୍ର, ମଞ୍ଜୁଳା ଷଡ଼ଙ୍ଗୀ, ସାଧୁଚରଣ ବିଶ୍ୱାଳ, ଗାୟକ ଆନନ୍ଦ ବସନ୍ତ କୁମାର ରାଉତଙ୍କୁ ମନୋନୀତ କରାଯାଇଥିଲା। ପରିଶେଷରେ ପଣ୍ଡିତ ନିରଞ୍ଜନ ପାଲଟା ଶାନ୍ତି ପାଠ କରିଥିଲେ ଓ ସମ୍ପାଦକ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଦେଶରେ ହ୍ରାସ ପାଉଥିବା ଜନସଂଖ୍ୟା ହାର ଚିନ୍ତାର ବିଷୟ

### ବାବୁଗେନୁ ବଳିଦାନ ଦିବସ ପାଳିତ

କୋରାପୁଟ, (ଭାସ୍କର ନ୍ୟୁଜ୍) : ସ୍ୱଦେଶୀ ପାଇଁ ସହିଦ ବାବୁ ଗେନୁଙ୍କ ବଳିଦାନ ଦିବସ ସ୍ଥାନୀୟ ଅତିଥି ଭବନ ସଭାଗୃହ ଠାରେ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ସହିଦ ବାବୁ ଗେନୁଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଅତିଥିମାନେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମଞ୍ଚର ରାଜ୍ୟ ସହ ସଂଯୋଜକ ମନୋରଞ୍ଜନ ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାରତରେ ହ୍ରାସ ପାଉଥିବା ପ୍ରଜନନ ଦର ଉପରେ ଆଲୋଚନା କରିଥିଲେ। ରାଉତରାୟ କହିଛନ୍ତି ଯେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରମୁଖ ମୋହନରାଓ ଭାଗବତ ଦେଶର ଜନସଂଖ୍ୟା ବୃଦ୍ଧି ହାର ହ୍ରାସ ପାଉଥିବା ନେଇ ଯେଉଁ ଚିନ୍ତା ବ୍ୟକ୍ତ କରିଛନ୍ତି ତାହା ଉଚିତ କଥା। ଦେଶର ଟୋଟାଲ ଫର୍ଟିଲିଟି ରେଟ ୨.୧ରୁ ତଳକୁ ଖସି ଆସୁଛି, ଯାହା ନିଶ୍ଚିତ ଭାବେ ଚିନ୍ତାର କାରଣ। ଏହି କାରଣରୁ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଷ୍ଟାଲିନ ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଜନସଂଖ୍ୟା ବୃଦ୍ଧି ପାଇଁ ବିଚାର ବ୍ୟକ୍ତ କରିଛନ୍ତି। ସ୍ୱଦେଶୀ ଜାଗରଣ ମଞ୍ଚର ଗବେଷଣା ସଂସ୍ଥା ସ୍ୱଦେଶୀ ଶୋଧ ସଂସ୍ଥା ଗତ ତିନିବର୍ଷ ଧରି ଦେଶ ବିଦେଶର ପ୍ରଜନନ ହାର (ଟିଏଫଆର) ତଥା ଜନସଂଖ୍ୟା ସନ୍ଦର୍ଭରେ ଅଧ୍ୟୟନ ଏବଂ ଅନୁସନ୍ଧାନ କରି ଦେଶର ଜନସଂଖ୍ୟା ଦର କମିଯାଉଥିବା ନେଇ ସଂକେତ ଦେଇଛନ୍ତି। ବିଗତ ଦିନରେ ଦେଶର ଜନସଂଖ୍ୟା ବୃଦ୍ଧିନେଇ ସରକାର ପରିବାର ନିୟୋଜନ ଅଭିଯାନ ଆରମ୍ଭ କରିଥିଲେ ଏବଂ ସଫଳ ମଧ୍ୟ ହୋଇଥିଲେ। ବର୍ତ୍ତମାନ ହ୍ରାସ ପାଉଥିବା ଟିଏଫଆର କାରଣରୁ ଜନସଂଖ୍ୟା ବୃଦ୍ଧି କରିବାର ଆବଶ୍ୟକତା ରହିଛି। ଦେଶର ଆର୍ଥିକ ସ୍ଥିତି ମଜବୁତ କରିବା ପାଇଁ ହେଲେ ଜନସଂଖ୍ୟା ବୃଦ୍ଧି ମଧ୍ୟ ଆବଶ୍ୟକ। ଏହିକଥା ଦେଶର ଯୁବ ସମାଜ ଅନୁଶୀଳନ କରିବାର ଆବଶ୍ୟକତା ରହିଛି। କେବଳ ଭାରତରେ ନୁହେଁ, ବିଶ୍ୱ ସ୍ତରରେ ଏହି ସମସ୍ୟା ଉପୁଜିଛି। ଚୀନ, ଜାପାନ ଓ ସାଉଥ କୋରିଆର ଜନସଂଖ୍ୟା ବୃଦ୍ଧିହାର ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ଯାହା ସାରା ବିଶ୍ୱର ଆର୍ଥିକ ପ୍ରଗତି ଉପରେ ପ୍ରଭାବ ପକାଇବ। ମଞ୍ଚର ଜିଲ୍ଲା ସଂଯୋଜକ ମୃତ୍ୟୁଞ୍ଜୟ ଶତପଥି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ମଞ୍ଚର ପ୍ରାନ୍ତ ବିଚାର ବିଭାଗ ପ୍ରମୁଖ ଡ଼ ରବିନାରାୟଣ ମିଶ୍ର ଯୋଗଦେଇ ବାବୁଗେନୁଙ୍କ ଜୀବନୀ ଆଲୋକପାତ କରିଥିଲେ। ସହିଦ ବାବୁଗେନୁ ସ୍ୱଦେଶୀ ଅଭିଯାନ ପାଇଁ ବଳିଦାନ ଦେଇଥିବା ଦେଶର ପ୍ରଥମ ବ୍ୟକ୍ତି ଥିଲେ। ୧୯୩୦ ମସିହା ଡିସେମ୍ବର ୧୨ତାରିଖ ଦିନ ବମ୍ବେ ଠାରେ ବାବୁଗେନୁ ବିଦେଶୀ ଲୁଗା ଭର୍ତ୍ତି ଟ୍ରକକୁ ଅଟକେଇବାକୁ ଚେଷ୍ଟା କଲାବେଳେ ଜଣେ ଇଂରେଜ ଅଧିକାରୀ ତାଙ୍କ ଉପରେ ଟ୍ରକ ଚଢାଇ ଦେଇଥିଲେ, ସେହିଦିନ ବାବୁ ଗେନୁ ଶହିଦ ହୋଇଗଲେ। ତେଣୁ ସ୍ୱଦେଶୀ ଆପଣେଇବା ବାବୁଗେନୁଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଅତିଥିମାନେ କହିଥିଲେ। ଶୁଭ୍ରଜିତ ଲେଙ୍କା, କେଶବ ପଟ୍ଟନାୟକ, ବିଶ୍ୱନାଥ ପାଢ଼ୀ, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପଦ୍ମମାଳୀ ମହିଳା ସଙ୍ଗଠନର ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବେତନଟୀ, (ଭାସ୍କର ନ୍ୟୁଜ୍) : ବେତନଟୀର ଅଗ୍ରଣୀ ମହିଳା ସଙ୍ଗଠନ ପଦ୍ମମାଳୀର ବାର୍ଷିକ ଉତ୍ସବ ଆସନ୍ତା ଡିସେମ୍ବର ୨୨ ତାରିଖ ଦିନ ପରିବର୍ତ୍ତନ ଭିନ୍ନକ୍ଷମ ସ୍ୱତନ୍ତ୍ର ବିଦ୍ୟାଳୟ ଗରୁଡବସା ପରିସରରେ ଅନୁଷ୍ଠିତ ହେବ। ଏଥିନିମନ୍ତେ ବେତନଟୀ ଡାକବଙ୍ଗଳା ପରିସରରେ ପଦ୍ମମାଳୀ ମହିଳା ସଙ୍ଗଠନର କାର୍ଯ୍ୟକାରୀ ସଭାପତି ଗୀତାଞ୍ଜଳୀ ଭୂୟାଁଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବାର୍ଷିକ ଉତ୍ସବରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସଭାପତି ସଂଯୁକ୍ତା ଜୀ, ସମ୍ପାଦିକା ପ୍ରଭାତୀ ମହାନ୍ତି, ଉପସଭାପତି ସୋନା ଖାତୁନ, ମୀନାକ୍ଷୀ ପରିଡା, ରଞ୍ଜିତା କର, ଅନିନ୍ଦିତା ସାହୁ, ମନୋରମା ସାହୁ, ମିନତୀ ସାହୁ, କୁମୁଦିନୀ ମହାନ୍ତ, ସୁଶିଳା ବାରିକ, ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସଭାପତି ସର୍ବେଶ୍ୱର ମହାନ୍ତ, ଉପସଭାପତି ଗତିକୃଷ୍ଣ ମହାନ୍ତ, କୋଷାଧ୍ୟକ୍ଷ ହରିଶ୍ଚନ୍ଦ୍ର ସାମଲ ଓ କବି ପର୍ଶୁରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ଅଧିବେଶନ

ବାଲୁଗାଁ, (ଭାସ୍କର ନ୍ୟୁଜ୍) : ଚିଲିକା ବ୍ଲକ ସଭାଗୃହରେ ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଚିଲିକା ବିଧାୟକ ତଥା ଆଇନ ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ ଯୋଗଦେଇ ଶିକ୍ଷା ସ୍ୱାସ୍ଥ୍ୟ କୃଷି ଜଳଯୋଗାଣ ଓ ପରିମଳ ବିଭାଗ ମହିଳା ଓ ଶିଶୁକଲ୍ୟାଣ ବିଭାଗ ମନରେଗା ଓ ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ବୈଠକରେ ଚିଲିକା ବ୍ଲକ ଅଧ୍ୟକ୍ଷ ଜ୍ୟୋସ୍ନାରାଣୀ ବେହେରା ଉପାଧ୍ୟକ୍ଷ ଅରୁଣ କୁମାର ପଟ୍ଟନାୟକ ଚିଲିକା ତହସିଲଦାର କାହ୍ନୁଚରଣ ଘଡ଼େଇ ବିଡ଼ିଓ ହଳଧର ଶବର ଜିଲ୍ଲା ପରିଷଦ ସଦସ୍ୟ ସରପଞ୍ଚ ସମେତ ବ୍ଲକ ଓ ପଞ୍ଚାୟତ ଅଧିକାରୀ ଉପସ୍ଥିତ ଥିଲେ।



କରଞ୍ଜିଆ, (ଭାସ୍କର ନ୍ୟୁଜ୍) : ବରିଷ୍ଠ ନାଗରିକ ସଂଘର ସଭାପତି ଡା. ସତ୍ୟେନ୍ଦ୍ର ନାରାୟଣ ଦାସଙ୍କ ସଭାପତିତ୍ୱରେ କରଞ୍ଜିଆ ବରିଷ୍ଠ ନାଗରିକ ସଂଘର ସ୍ଥାନୀୟ କର୍ମଚାରୀ ଭବନ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଖିଚିଂ ଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ସମ୍ମିଳନୀରେ ବହୁ ସଂଖ୍ୟାରେ ସଭ୍ୟମାନେ ଯୋଗ ଦେବାକୁ ସହମତି ପ୍ରଦାନ କଲେ । କେନ୍ଦ୍ର ସରକାର ଘୋଷଣା କରିଥିବା ଆୟୁଷ୍ମାନ ଭାରତ ଯୋଜନାରେ ସତୁରୀ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ସ୍ୱାସ୍ଥ୍ୟ ବୀମା ତୁରନ୍ତ କାର୍ଯ୍ୟକାରୀ କରିବା ସହ ଷାଠିଏ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ନାଗରିକଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ନିମନ୍ତେ ଆଜିକାର ବୈଠକରେ ଦୃଢ ଦାବି କରାଗଲା । ସମସ୍ତ ବରିଷ୍ଠ ନାଗରିକଙ୍କୁ ମାସିକ ସର୍ବନିମ୍ନ ଏକ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସରକାରଙ୍କ ଠାରେ ଦାବି କରାଗଲା। କରଞ୍ଜିଆରେ ତୁରନ୍ତ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରାଯିବା ନିମନ୍ତେ ଦାବି ଜୋର ଧରିଥିଲା । ବିଭିନ୍ନ ଆଲୋଚନାରେ ଗଜେନ୍ଦ୍ର ନାଥ ସାହୁ, ଡ଼ା. ଜନାର୍ଦ୍ଦନ ଚୌଧୁରୀ, ସର୍ବେଶ୍ୱର ମିଶ୍ର, ସବିତା ମହାନ୍ତି, ଅନିତା ବେହେରା, ଆର୍ତ୍ତବନ୍ଧୁ ବିଶ୍ୱାଳ, ଅଭିମନ୍ୟୁ ତ୍ରିପାଠୀ, ଭରତ ଚନ୍ଦ୍ର ଦାଶ, ରବୀନ୍ଦ୍ର ନାଥ ମହାନ୍ତ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ଅଜିତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



### ଦେବୀନଦୀରେ କମୁଛି ମତ୍ସ୍ୟ ଉତ୍ପାଦନ

# କାମ ପାଇଁ ବାହାର ରାଜ୍ୟ ମୁହାଁ ମତ୍ସ୍ୟଜୀବୀ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ) : ଜୈବ ବିବିଧତା ଦିନକୁ ଦିନ ନଷ୍ଟ ହେବାରୁ ବିପଦ ଆଡକୁ ମୁହାଁଉଛି ଦେବୀ ନଦୀ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ଭାତହାଣ୍ଡି ଦେବୀ ନଦୀର ଜଳରାଶି ପ୍ରଦୂଷିତ ହେବାରେ ଲାଗିଛି। ଫଳରେ ଦେବୀ ନଦୀରେ ଜନ୍ମନେଉଥିବା ମାଛ ଜାଆଁଳ କ୍ରମଶଃ କମି ଆସୁଛି। ୧୦ବର୍ଷ ତଳେ ଦେବୀ ନଦୀରୁ ଧରା ହେଉଥିବା ମାଛ, କଙ୍କଡା ଓ ଚିଙ୍ଗୁଡ଼ିର ପରିମାଣ ୭୦ଭାଗ କମି ଯାଇଥିବାରୁ ମତ୍ସ୍ୟଜୀବୀ ପରିବାର କୌଳିକ ବୃତ୍ତି ଛାଡି ଏବେ ବାହାର ରାଜ୍ୟମୁହାଁ ହୋଇ ବାହାରେ କାମ କରୁଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ନଗର, ଆଳସାହି, ଛୁରିଆନା ପଞ୍ଚାୟତର ସହନ, ସୁଦିକେଶର, ଡ଼ାଲୁଅକଣି, ପାଟଳଦା ପଞ୍ଚାୟତର ବଡ଼ନାନପଡା, ନୂଆଗଡ, ଝାଡ଼ଲିଙ୍ଗ ଅଞ୍ଚଳ ପାଖାପାଖି ୧୫ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ଦେବୀ ନଦୀଉପରେ ନିର୍ଭର କରି ସେମାନଙ୍କ ଜୀବନ ଜୀବିକା ନିର୍ବାହ କରି ଆସୁଛନ୍ତି। ବ୍ୟାଙ୍କ ଓ ମତ୍ସ୍ୟ ସମବାୟ ସମିତି ଠାରୁ ଲକ୍ଷ ଲକ୍ଷ ଟଙ୍କା ଋଣନେଇ ଜାଲ, ଇଞ୍ଜିନ ଟାପା ଓ ଡ଼ଙ୍ଗା କିଣି ସେମାନେ ଦେବୀ ନଦୀ ଓ ନିକଟବର୍ତ୍ତୀ ଅଞ୍ଚଳରେ ମାଛ ଧରିଥାନ୍ତି। ଅସ୍ତରଙ୍ଗ ଦେବୀ ନଦୀରେ ମତ୍ସ୍ୟ ଉତ୍ପାଦନ ଦିନକୁ ଦିନ କମିବା ପରେ ସେମାନେ କୌଳିକ ବୃତ୍ତିକୁ ଛାଡି ଦାଦନ ମୁହାଁ ହେବାରେ ଲାଗିଛନ୍ତି। ମତ୍ସ୍ୟଜୀବୀ ଦେବୀ ନଦୀରେ ଡ଼ଙ୍ଗା ଓ ଜାଲ ସହାୟତାରେ ମାଛ ଧରିବା ପାଇଁ ଦିନରାତି ଏକ କରି ଦେଉଥିବା ବେଳେ ସେମାନଙ୍କ ପରିଶ୍ରମ ତୁଳନାରେ ଯଥେଷ୍ଟ କମ୍ ପରିମାଣର ମାଛ ଜାଲରେ ପଡୁଛି। ସେମାନଙ୍କ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ସମୟ କ୍ରମେ ଅଣମତ୍ସ୍ୟଜୀବୀ ମଧ୍ୟ ଦେବୀ ନଦୀକୁ ପଶିବା ଦ୍ୱାରା ମତ୍ସ୍ୟଜୀବୀଙ୍କ ସହ ପ୍ରତିଯୋଗିତା ତୀବ୍ରତର ହେବାକୁ ଲାଗୁଛି। ଛୋଟ ଜାଲ, ଫାସ, ରିଂ ଜାଲ, ଡ଼ଙ୍ଗାର ବହୁଳ ବ୍ୟବହାର ମାଛଧରା ଆଦି ଯୋଗୁଁ ମତ୍ସ୍ୟ ସମ୍ପଦ ହ୍ରାସ ପାଇବାରେ ଲାଗିଲାଣି। ଦେବୀ ନଦୀ ଅଞ୍ଚଳରେ ଏକର ଏକର ବ୍ୟାପ୍ତ ଜାଲ ବିଛାଇ ବିସ୍ତୃତ ଅଞ୍ଚଳରେ ଚିଙ୍ଗୁଡ଼ି ଚାଷ କରାଯାଉଛି। ଏହାଦ୍ୱାରା ମତ୍ସ୍ୟଜୀବୀ ରୋଜଗାର ହରାଇବା ସହ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି ହୋଇଛି। ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅଣମତ୍ସ୍ୟଜୀବୀ ଦେବୀ ନଦୀରୁ ପମ୍ପଯୋଗେ ଲୁଣା ପାଣି ନେଇ ଚିଙ୍ଗୁଡ଼ି ଚାଷ କରିବା ଫଳରେ ରାସାୟନିକ ଦ୍ରବ୍ୟ ପ୍ରଭାବରୁ ଦେବୀ ନଦୀରେ ଦଳ ଜାତୀୟ ଗୁଳ୍ମ ହ୍ରାସ ପାଉଛି। ଫଳରେ ମାଛ ଓ କଙ୍କଡାର ଖାଦ୍ୟ ପରିମାଣ କମିଯିବା ସହ ମାଛ ଯାଆଁଳା ନଷ୍ଟ ହେଉଛି। ଏହା ସହ ମୁହାଁଣ ମୁହଁ ପୋତି ହେବା ଯୋଗୁଁ ମାଛବଂଶ ହ୍ରାସ ପାଉଥିବା ସ୍ଥାନୀୟ ମତ୍ସ୍ୟଜୀବି ପ୍ରକାଶ କରିଛନ୍ତି। ଋଣ କରିଥିବା ମତ୍ସ୍ୟଜୀବୀ ପରିବାର ଚଳାଇବା କଷ୍ଟକର ହୋଇ ପଡିଛି। ପରିବାର ପ୍ରତିପୋଷଣ ପାଇଁ ଅସ୍ତରଙ୍ଗ ଅଞ୍ଚଳର ମତ୍ସ୍ୟଜୀବୀ ତାମିଲନାଡୁ, ସୁରଟ, କୋଲକାତା, ଗୋଆ, ଚେନ୍ନାଇ, କେରଳ ଆଦି ବାହାର ରାଜ୍ୟକୁ ଶ୍ରମିକ ଭାବେ କାମ କରିବାକୁ ଯାଉଛନ୍ତି। ଦେବୀ ନଦୀଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀଙ୍କୁ ମାଛ ଚାଷ ପାଇଁ ପ୍ରଶିକ୍ଷଣ ଦେବା ସହ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ମତ୍ସ୍ୟଜୀବୀ ଦାବି କରିଛନ୍ତି।

# ଗୋ-ମାଂସ ବେପାରୀକୁ ଧରି ପୋଲିସକୁ ଜିମାଦେଲେ ଗୋ-ରକ୍ଷକ



ଶୁଳିଆପଦା,(ଭାସ୍କର ନ୍ୟୁଜ୍): ଶୁଳିଆପଦା ଥାନା ଅଞ୍ଚଳରେ ବେଧଡକ ଗୋ ଚୋରା ଚାଲାଣ ହେଉଥିବା ବେଳେ ଏବେ ଗୋ ମାଂସ ବେପାରୀ ସକ୍ରିୟ । ତେବେ ସୂଚନା ମୁତାବକ ଆଜି ସକାଳ ସମୟରେ ପଶ୍ଚିମବଙ୍ଗ ରାଜ୍ୟରୁ ମୟୁରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଞ୍ଚଳକୁ ଏକ ବାଇକ ଯୋଗେ ୧୨ରୁ ୧୫ କେଜି ଗୋ-ମାଂସ ନେଇ ଆସୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଗୋ-ରକ୍ଷକମାନେ ବଣକାଟି ଛକରେ ଅଟକାଇ ଥିଲେ ଏବଂ ଅଟକ ରଖି ପଚରାଉଚୁରା କରିବାରୁ ଗୋପି ଥାନା, ଧନ୍ କାମଡା ଗ୍ରାମର ବ୍ୟବସାୟୀ ଖଲିଲ୍ ଖାନ୍ ଜବତ ମାଂସ ଗୋ-ମାଂସ ବୋଲି ସ୍ୱୀକାର କରିଥିଲା ଏବଂ ଏହି ଭଳି ଅନେକ ଥର ଆଣିଛି ବୋଲି ବେପାରୀ କହିଥିଲା। ପରେ ଶୁଳିଆପଦା ଥାନାକୁ ସ୍ଥାନୀୟ ଲୋକେ ଖବର ଦେଇଥିଲେ। ପୋଲିସ ଟିମ୍ ପହଞ୍ଚିଲା ପରେ ଲୋକେ ଉକ୍ତ ଗୋ-ମାଂସ ବେପାରୀକୁ ପୋଲିସ ହାତରେ ଜିମା ଦେଇଥିଲେ। ଶୁଳିଆପଦା ପୋଲିସ ଉକ୍ତ ବ୍ୟକ୍ତିକୁ ଗିରଫ କରି କେସ୍ ନମ୍ବର ୧୭୪/୨୪ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଡାକ୍ତର ମଇନା କରି କୋର୍ଟ ଚାଲାଣ କରାଯାଇଛି ବୋଲି ସୂଚନା ଦେଇଛନ୍ତି ଶୁଳିଆପଦା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା ଓ ଏଏସଆଇ ନରେନ୍ଦ୍ର ନାଥ ସେଠୀ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

# ବିଧାୟକଙ୍କ ଦ୍ୱାରା ଧାନମଣ୍ଡି ଉଦ୍‌ଘାଟିତ



ତେନ୍ତୁଲିଖୁଣ୍ଟି, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରୀଗୁଡା ଅନ୍ତର୍ଗତ ସାପ୍ତାହିକ ହାଟ ପଡିଆ ଠାରେ ମା' ଅଗ୍ନି ଗାଙ୍ଗମା ସ୍ୱୟଂ ସହାୟକ ଗୋଷ୍ଠୀ ତତ୍ତ୍ୱାବଧାନରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀଙ୍କ ଦ୍ୱାରା ପୂଜାରୀଗୁଡା ଧାନମଣ୍ଡି ଉଦଘାଟନ ହୋଇଯାଇଛି। ଏଥିରେ ବିଧାୟକ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଦସ୍ୟ ଓ ଚାଷୀମାନେ ସର୍ବ ପ୍ରଥମେ ଧୂପଦୀପ ଜାଳି ମା' ଅଗ୍ନି ଗଙ୍ଗାମାଙ୍କୁ ସ୍ମରଣ କରି ଧାନମଣ୍ଡି ଉଦ୍‌ଘାଟନ କରିଥିଲେ । ଏହି ଉଦଘାଟନୀ ଉତ୍ସବରେ ବରିଷ୍ଠ ଚାଷୀ ତଥା ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ନାରାୟଣ ପାତ୍ର, ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ପୂର୍ବତନ ବ୍ଲକ ଅଧକ୍ଷା ପ୍ରଭାତୀ କନ୍ଧ, ବିଜେପି ବ୍ଲକ ସଭାପତି ହରେକୃଷ୍ଣ ମୁଦୁଲି, ତେନ୍ତୁଳୀଖୁଣ୍ଟି ତହସିଲଦାର ରାଜ କିଶୋର ପଟ୍ଟନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସଦା ଜାନି, ବରିଷ୍ଠ ଚାଷୀ କିଶୋର ସିଂ, ପୂର୍ବତନ ସରପଞ୍ଚ ମୃତ୍ୟୁଞ୍ଜୟ ସିଂହ, ବରିଷ୍ଠ ଚାଷୀ ଆର ସତ୍ୟମ ନାଇଡୁ, ମା' ଅଗ୍ନି ଗଙ୍ଗାମା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଏବଂ ସମ୍ପାଦିକା, ବରିଷ୍ଠ ଚାଷୀ ତଥା କଂଗ୍ରେସ ନେତା ଭୀମସେନ ପାଣିଗ୍ରାହୀ, ଆର୍‌ଏମ୍‌ସି ଅଧିକାରୀ, ତେନ୍ତୁଳୀଖୁଣ୍ଟି ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରତାପ ରୁଦ୍ର ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସିନ ଥିଲେ । ଏହି ସ୍ୱୟଂ ସହାୟକ ଗୋଷ୍ଠୀ ଅଧୀନରେ ୮୬୬ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି। ଚାଷୀଙ୍କୁ କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କା ସରକାର ଧାର୍ଯ୍ୟ କରିଛନ୍ତି। କଟ୍‌ନୀ ଛଟ୍‌ନୀ କରାଯିବ ନାହିଁ ଏବଂ ଏଫଏକ୍ୟୁ ମାନର ଧାନ ଆଣିବାକୁ ବିଧାୟକ ଗୌରୀଶଙ୍କର ମାଝୀ ଚାଷୀମାନଙ୍କୁ ଅନୁରୋଧ କରିଛନ୍ତି। ବରିଷ୍ଠ ଚାଷୀ ନାରାୟଣ ପାତ୍ର ଚାଷୀମାନଙ୍କୁ ହଇରାଣ ନକରି ସୁରୁଖୁରୁରେ ଧାନ କିଣି, କଟ୍‌ନୀ ଛଟ୍‌ନୀ ନକରିବାକୁ ଆର୍‌ଏମ୍‌ସି ଅଧିକାରୀଙ୍କୁ କହିଛନ୍ତି ଏବଂ ମିଲର୍ସ ଅନୁପସ୍ଥିତ ରହିବାରୁ ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି । କ୍ଷୁଦ୍ର ଚାଷୀ ଏମ୍ ବାଲକ୍ରିଷ୍ଣା ଋଣ କରି ଚାଷ କରିଛି କଟ୍‌ନୀ ଛଟ୍‌ନୀ କଲେ ଋଣ କିପରି ଶୁଝିବି ବୋଲି କହିଥିଲେ । ସେହିପରି ଅଞ୍ଚଳର ବହୁଚାଷୀ ଧାନମଣ୍ଡି ଉଦ୍‌ଘାଟନୀରେ ଉପସ୍ଥିତ ରହିଥିଲେ। ଏହି ଉଦଘାଟନୀରେ ପଞ୍ଚାୟତସ୍ତରୀୟ ଚାଷୀ ପ୍ରତିନିଧି ବାଳକୃଷ୍ଣ ବିଷୋୟୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ମଞ୍ଚଗାଁ ଯୁବନେତା ପ୍ରଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଟୋ ଚାଳକଙ୍କୁ ଗଳାକାଟି ବୀଭତ୍ସ ହତ୍ୟା

ରାୟଗଡା, (ଭାସ୍କର ନ୍ୟୁଜ୍) : ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ଟିକିରିଥାନା ଅନ୍ତର୍ଗତ ଫୁଲଜବା ଛକ ନିକଟରେ ଅଟୋ ଚାଳକଙ୍କୁ ଧାରୁଆ ଅସ୍ତ୍ର ସାହାଯ୍ୟରେ ଗଳାକାଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଗତକାଲି ରାତି ପ୍ରାୟ ୭ଘଣ୍ଟା



ସମୟରେ ଅଟୋ ଯୋଗେ ସିଙ୍ଗାରାମ ପଟ୍ଟୁ ଟିକିରି ଆଡକୁ ଆସୁଥିବା ସମୟରେ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ଖବର ପାଇ ଘଟଣାସ୍ଥଳରେ ରାୟଗଡା ଟିକିରି ଥାନା ଏଏସ୍‌ଆଇ ମନୋଜ ଜେନା, ମହେଶ୍ୱର ପାଇକ, ଦରାଗୁଡା ଆଇଆଇସି କିରଣବାଳା ସାମଲ, କାଶୀପୁର ଥାନା ଆଇଆଇସି ସୂର୍ଯ୍ୟ ପ୍ରକାଶ ନାୟକଙ୍କ ସହ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି। ରାୟଗଡା ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରୁଛନ୍ତି। ପରିବାର ଲୋକେ ଟିକିରି ଥାନାରେ ଅଭିଯୋଗ କରିଛନ୍ତି। ମୃତ ଅଟୋ ଚାଳକ ଜଣଙ୍କ ହେଉଛନ୍ତି କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଅନ୍ତର୍ଗତ ଗାରିଡି ଗ୍ରାମର କୁସୁମଲ ଖରାଙ୍କ ପୁଅ ବଳରାମ ଖରା ବୋଲି ଜଣାପଡିଛି । ସେ ଦୀର୍ଘଦିନ ଧରି ଦୋରାଗୁଡା ସ୍ଥିତ ଆର୍‌ଆର୍ କଲୋନୀରେ ରହୁଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ହତ୍ୟାର କାରଣ ସ୍ପଷ୍ଟ ହୋଇନଥିବା ବେଳେ ପୁଲିସ ପକ୍ଷରୁ ସାଇଣ୍ଟିଫିକ ଟିମ୍ ଡକାଯାଇ ଘଟଣାର ଅଧିକ ତଦନ୍ତ ଜାରି ରହିଛି। ମିଳିଥିବା ସୂଚନା ମୁତାବକ ମୃତ ବ୍ୟକ୍ତି ଜଣଙ୍କ ଅଟୋଭଡ଼ା ପାଇଁ ଫୁଲଜବା ନିକଟସ୍ଥ ଏକ ଗ୍ରାମକୁ ଯାଇ ଫେରୁଥିବା ସମୟରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ତେବେ କିଏ ଓ କାହିଁକି ତାଙ୍କୁ ହତ୍ୟା କଲେ ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ।

## ପଦାର୍ଥ ବିଜ୍ଞାନ ବିଭାଗର ଆଲୋଚନାଚକ୍ର




ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟରେ ଶନିବାର ଦିନ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ସ୍ମିତାରାଣୀସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ସୁଦୂର ଇସ୍ରାଏଲ ଅଞ୍ଚଳରେ ଅବସ୍ଥିତ ଟିଚିୟନ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ହାଇଫାର ଗବେଷଣାତ୍ମକ ବିଶେଷଜ୍ଞ ଡକ୍ଟର ରାକେଶ କୁମାର ସାହୁ ଯୋଗ ଦେଇ ପଦାର୍ଥ ବିଜ୍ଞାନ ସମ୍ପର୍କିତ ନିଜର ପ୍ରମାଣିତ ତଥ୍ୟ ଉପରେ ଆଧାରିତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଆଲୋକପାତ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ବିକାଶ କୁମାର ପ୍ରଧାନ ଉକ୍ତ ଆଲୋଚନାଚକ୍ରର ଦାୟିତ୍ୱ ନିର୍ବାହ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଅଧାପକ କୁମାର କୌଶିକ ଦେହୁରୀ, ରାଜ ଚନ୍ଦନ ସାହୁ ପ୍ରମୁଖ ଏହାର ଉପକାରିତା ଓ କାର୍ଯ୍ୟ କ୍ଷେତ୍ରରେ ପ୍ରତିଫଳିତ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିକାଶ କୁମାର ରାୟ, ଦୀପକ କୁମାର ସେଠୀଙ୍କ ସମେତ ପଦାର୍ଥ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ମାନେ ସାମିଲ ହୋଇଥିଲେ।

# ୫ କେଜି କଟ୍‌ନୀରେ ମଣ୍ଡିରୁ ଉଠୁଛି ଧାନ

ସଇଁତଲା, (ଭାସ୍କର ନ୍ୟୁଜ୍) : ସରକାର କିଭଳି ବିନା କଟ୍‌ନୀ ଛଟ୍‌ନୀରେ ଧାନ କିଣା ସାଙ୍ଗକୁ କିପରି ଦଲାଲ କବ୍‌ଜାରୁ ଚାଷୀମାନେ ମୁକୁଳିବେ ସେ ଦିଗ ପ୍ରତି ବିଶେଷ ଧାନ ଦିଆଯିବ। ଏଥିରେ କୃଷକ ମୋର୍ଚ୍ଚା ସଦସ୍ୟମାନେ ମଣ୍ଡି ଜଗିବେ ବୋଲି ଶାସକ ଦଳ ଘୋଷଣା କରିଛନ୍ତି। ହେଲେ ସଇଁତଲା ବ୍ଲକ ଭେଜିପଦର ବୀଣାପାଣି ମହିଳା ସମିତି ଏସ୍‌ଏଚ୍‌ଜି ୫ କେଜି ଲେଖାଏଁ ଚାଷୀଙ୍କ ଠାରୁ ଧାନ କଟ୍‌ନୀ ଛଟ୍‌ନୀ ହେଉଥିବା ଅଭିଯୋଗ ହୋଇଛି । ବଲାଙ୍ଗୀର ଜିଲ୍ଲାରେ ଡ଼ିସେମ୍ବର ମାସ ଦୁଇ ତାରିଖରୁ ମଣ୍ଡି ଆରମ୍ଭ ହୋଇଥିବା ବେଳେ ପ୍ରଶାସନ ଓ ମିଲର୍ସଙ୍କ ମଧ୍ୟରେ ବାଦବିବାଦ ତୁଟି ନଥିବାରୁ ମଣ୍ଡି ଆରମ୍ଭରେ ବିଳମ୍ବ ହୋଇଥିଲା। ପରବର୍ତ୍ତୀ ସମୟରେ ମିଲର୍ସଙ୍କ ସାମ୍ନାରେ ପ୍ରଶାସନ ମୁଣ୍ଡ ନୁଆଇଁ ମଣ୍ଡି ସ୍ୱାଭାବିକ ଭାବରେ ଚଳାଇବା ପାଇଁ ନିବେଦନ କରିଥିଲେ। ଧାନ କିଣା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ବେଳେ ଭେଜିପଦର ବୀଣାପାଣି ମହିଳା ସମିତିରେ ବହୁ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଗୋଟିଏ ଗାଈ ଗୁହାଳରେ ଅସ୍ଥାୟୀ ଭାବେ ଧାନ କିଣା ଚାଲିଛି। ଚାଷୀଙ୍କ ଧାନ ରଖିବା ପାଇଁ କୌଣସି ସୁବିଧା ନଥିବା ବେଳେ ତାଙ୍କ ପାଇଁ ବିଶ୍ରାମ ନେବା ତଥା ପାନୀୟ ଜଳ ଓ ଶୌଚାଳୟର ବ୍ୟବସ୍ଥା ମଧ୍ୟ ନାହିଁ। ଧାନ କଟ୍‌ନୀ ନେଇ ଚାଷୀ ଅଭିଯୋଗ କରିବା ପରେ ଆମ ପ୍ରତିନିଧି ଭେଜିପଦର ସ୍ଥିତ ବୀଣାପାଣି ମହିଳା ସମିତି ଧାନମଣ୍ଡିରେ ପହଞ୍ଚି ବାସ୍ତବ ଚିତ୍ର ଦେଖିବାକୁ ପାଇଥିଲେ। ଖୋଦ ମହିଳା ସମିତିର ସଭାପତି ସୁଭାନ୍ତି ସାହୁ ୫ କେଜି ଧାନ କାଟୁଥିବା ଆମ କ୍ୟାମେରା ସାମ୍ନାରେ ବଖାଣି ଥିଲେ। ଚାଷୀଙ୍କୁ ଶୋଷଣ ପ୍ରକ୍ରିୟା କେବେ ବନ୍ଦ ହେବ ତାହା ନେଇ ଚାଷୀକୁଳ ବହୁ ଚିନ୍ତାରେ ରହୁଛନ୍ତି। ଅଖା ବସ୍ତାରେ ଧାନ ନେବା ନିୟମ ରହିଥିବା ବେଳେ ଖୋଦ୍ ସଭାପତି ସୁଭାନ୍ତି ସାହୁ ଜରି ବସ୍ତାରେ ଧାନ ଯାଉଥିବା କହିଥିଲେ। ଏହି ଏସ୍‌ଏଚ୍‌ଜି ଗ୍ରୁପ ଧାନ କିଣା ପାଇଁ ଅବ୍ୟବସ୍ଥା ଓ ଭିତ୍ତିଭୂମି ଅଭାବ ନେଇ ଆଗରୁ ମଧ୍ୟ ବାରମ୍ବାର ଖବର ପ୍ରକାଶ ହୋଇଥିଲା, ତା'ପରେ ମଧ୍ୟ କିପରି ପ୍ରଶାସନ ସେହି ସଂସ୍ଥାକୁ ଧାନ କିଣିବା ପାଇଁ ଅନୁମତି ଦେଲା ତାହା ତଦନ୍ତ ସାପେକ୍ଷ। ଏହି ବୀଣାପାଣି ମହିଳା ସମିତି ଉପରେ ପ୍ରଶାସନ ଶୀଘ୍ର ହସ୍ତକ୍ଷେପ କରି କିପରି ଚାଷୀ ଧାନ ଠିକ ଭାବରେ ବିକ୍ରି କରିପାରିବେ ତାହା ଉପରେ ବିଶେଷ ଧାନ ଦେବାପାଇଁ ଚାଷୀ କୂଳ ନିବେଦନ କରିଛନ୍ତି। ଏପଟେ ମିଲର୍ସ ଧାନର ମାନକୁ ନେଇ ଚିନ୍ତାରେ ରହିଛନ୍ତି। ଜଳୀୟ ଅଂଶ ତଥା ଆଦ୍ରତା ବେଶି ରହୁଥିବା ବେଳେ ଧାନରେ ପୋଲ ତଥା ମାଟି ବାଲି ମିଶି ରହୁଥିବା ତଥା ଏଫଏକ୍ୟୁ ମାନ ଠିକ ରହୁନଥିବା ଅଭିଯୋଗ କରୁଛନ୍ତି।

## ଖଣି ପ୍ରଭାବିତ ଟ୍ରକ ମାଲିକ ସଂଘ ପକ୍ଷରୁ ଶିବ ମନ୍ଦିର ପରିସର ସଫେଇ



କାଳିଆପାଣି, (ଭାସ୍କର ନ୍ୟୁଜ୍) : କାଳିଆପାଣି କ୍ରୋମାଇଟ ଖଣି ଅଞ୍ଚଳର କାଲରଙ୍ଗିଅଡ୍ଡା ଠାରେ ଥିବା ଖଣି ପ୍ରଭାବିତ ଟ୍ରକ ମାଲିକ ସଙ୍ଘ ପକ୍ଷରୁ ରବିବାର ଦିନ କାଲରଙ୍ଗି ଶିବ ମନ୍ଦିର ପରିସର ସଫେଇ କରାଯାଇଥିଲା। ନୂତନ ଭାବେ ସଂଘର ଦାୟିତ୍ୱ ନେଇଥିବା କର୍ମକର୍ତ୍ତାମାନେ ସାମାଜିକ କାର୍ଯ୍ୟକ୍ରମ କରିବାକୁ ଆଗ୍ରହୀ ଥିବା ବେଳେ ପ୍ରଥମେ ଶିବ ମନ୍ଦିର ସଫେଇକୁ ହାତକୁ ନେଇ ସମସ୍ତ ଟ୍ରକ ମାଲିକ ମାନେ ସକାଳେ ଏକାଠି ହୋଇ ମନ୍ଦିର ଚର୍ତୁପାର୍ଶ୍ୱକୁ ସଫେଇ କରିଥିଲେ। ଟ୍ରକ ମାଲିକ ସଙ୍ଘର ସମ୍ପାଦକ ମାନସ ରଞ୍ଜନ ଭଞ୍ଜଙ୍କ ନେତୃତ୍ୱରେ ଶୁଭ୍ରାଂଶୁ ରଞ୍ଜନ ସାମଲ, ଆଶିଷ କୁମାର ଜେନା, ବଳରାମ ଦାସ, ଦାମୋଦର ପାତ୍ର, ଅଶାନ୍ତ ପରିଡା, ମଳୟ ରଞ୍ଜନ ଦଳବେହେରା, ସଞ୍ଜୟ ଦାସ, ଦଶରଥ ମହାନ୍ତ, ପଦ୍ମନାଭ ଓଝା, ଧୀରେନ୍ଦ୍ର ମହାନ୍ତ, ସୁଶାନ୍ତ ମହାନ୍ତ, ଟୁକୁନା ପାତ୍ର, ମଞ୍ଜୁଲତା ସାମଲଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ମାଲିକମାନେ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଜଗତସିଂହପୁର ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଆଞ୍ଚଳିକ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ଜେ. ସୋନାଲ, ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦ୍‌ଗାତା, ଅତିରିକ୍ତ ଜିଲ୍ଲାପାଳ, ପାରାଦ୍ୱୀପ, ଶ୍ରୀ ନିରଞ୍ଜନ ବେହେରା ଓ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ଉପସ୍ଥିତିରେ ଜିଲ୍ଲାରେ ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଗାଡି ଚଳାଇବା ସମୟରେ ମୋବାଇଲରେ କଥା ହେବା ଓ ଡ୍ରିଙ୍କ ଆଣ୍ଡ ଡ୍ରାଇଭ, ନାବାଳକମାନଙ୍କ ଗାଡି ଚାଳନା ଇତ୍ୟାଦି ସଂପ୍ରତି ଦୁର୍ଘଟଣାର ଏକ ପ୍ରମୁଖ କାରଣ। ତେଣୁ ଉଭୟ ପୋଲିସ ଓ ପରିବହନ ବିଭାଗ ଏଥିପ୍ରତି ବିଶେଷ ଧ୍ୟାନ ଦେଇ ବିନା ଲାଇସେନ୍ସରେ ଗାଡି ଚଳାଉଥିବା ବ୍ୟକ୍ତିମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲାକ ସ୍ପଟ୍ ଚିହ୍ନଟ ଉପରେ



ଗୁରୁତ୍ୱ ଦିଆଯାଇଥିଲା। ଭୂତମୁଣ୍ଡାଇରୁ ଅଠର ବାଙ୍କି ରାସ୍ତାରେ ଲୁହା ପଥର ବୋଝେଇ ଟ୍ରକ ଲାଇନ୍ ହୋଇ ରହିବା ପ୍ରମୁଖ ଦୁର୍ଘଟଣାର କାରଣ ପାଲଟିଥିବାରୁ ଏଥିପ୍ରତି ସଜାଗ ରହିବା ପାଇଁ କୁହାଯାଇ ଥିଲା। ରାସ୍ତା ପାର୍ଶ୍ୱବର୍ତ୍ତୀ ବୃକ୍ଷର ପେଣ୍ଟିଂ କରିବା, ନୋ ପାର୍କିଂ ଜୋନ୍‌ରେ ସାଇନବୋର୍ଡ ଲଗାଇବା, ରମ୍ବଲର ପେଣ୍ଟିଂ, କଟକ ପାରାଦ୍ୱୀପ ରାସ୍ତାରେ ରେଲ୍ ଟେଲ ଦ୍ୱାରା ସିସିଟିଭି ଲଗାଇବା, ରୋଡ଼ ସାଇନେଜ୍‌ର ଥାର୍ଡ ପାର୍ଟି ଅଡିଟ, ଟ୍ରାଫିକ୍ ମ୍ୟାନେଜମେଣ୍ଟ, ହାଇ ୱେ'ରେ ଡ୍ରାଇଭରମାନଙ୍କୁ ଅତ୍ୟଧିକ କୁହୁଡି ସମୟରେ ଭୋର୍ ୩ଟାରୁ ୬ଟା ପର୍ଯ୍ୟନ୍ତ ମାଗଣା ଚା' ଯୋଗାଇବା, ନାଇଟ ପାଟ୍ରୋଲିଂ, ମଦ୍ୟପାନ କରି ସହରରେ ନିଶାଶକ୍ତ ଅବସ୍ଥାରେ ବୁଲୁଥିବା ଯୁବପୀଢ଼ିଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଲାଇସେନ୍ସ ପ୍ରଦାନ ସମୟରେ କଠୋର ନିୟମ ଲାଗୁ ଜଗତସିଂହପୁର ପୌରାଞ୍ଚଳର ମୁଖ୍ୟ କେନାଲ ଉପରେ ପାର୍କିଂ ବା ଗିଭ ୱେର ସାଇନେଜ, ବୁଲାପ୍ରାଣୀ ସମସ୍ୟା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଗୁଡ଼ ସମାରିଟାନ ଭାବେ ଜୟ ପ୍ରସାଦ ନାୟକ, ଗୋପିନାଥ ମହାନ୍ତି, ସୁମିତ କୁମାର ସ୍ୱାଇଁ, ଦିପାଂଶୁ ପାତ୍ର, ସତ୍ୟପ୍ରକାଶ ବେହେରା, ଏସ କେ ରିୟାଜୁଦ୍ଦିନ, ପନର୍ଗ ନାରାୟଣ ବେହେରା, ଦେବୀଦତ୍ତ ବିଶ୍ୱାଳ, ସୌଭାଗ୍ୟ ରଞ୍ଜନ ସ୍ୱାଇଁ, ସଞ୍ଜୟ କୁମାର ସାହୁ, ପଙ୍କଜ କୁମାର ତରାଇଙ୍କୁ ଜିଲ୍ଲାପାଳ ସମ୍ମାନିତ କରିଥିଲେ। ପ୍ରକାଶ ଥାଉକି, ଜିଲ୍ଲାରେ ଏଯାବତ ୬୬ଜଣ ବ୍ୟକ୍ତିଙ୍କୁ ଗୁଡ଼ ସମାରିଟାନ ଭାବେ ସମ୍ମାନୀତ କରାଯାଇଛି। ଜିଲ୍ଲାରେ ୪୦ଜଣଙ୍କୁ ରକ୍ଷକ ପ୍ରୋଗ୍ରାମରେ ଟ୍ରେନିଂ ପାଇଁ ପୁରସ୍କୃତ କରାଯାଇଛି। ଆହୁରି ମଧ୍ୟ ଆଇଆରଏଡି ବା ଇଣ୍ଟିଗ୍ରେଟେଡ ରୋଡ ଆକ୍ସିଡେଣ୍ଟ ଡାଟାବେସ, ଇଲେକ୍ଟ୍ରୋନିକ ଡିଟେଲ ଆକ୍ସିଡେଣ୍ଟ ରିପୋର୍ଟର କାର୍ଯ୍ୟକାରିତା ବିଷୟରେ ଆଲୋଚନା କରାଯାଇଥିଲା। ଏହା ସହିତ ଜିଲ୍ଲାରେ ଦୁର୍ଘଟଣା ପ୍ରବଣ ସ୍ଥାନରେ ଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟର ଗେଟ୍‌ଗୁଡିକୁ ଚିହ୍ନଟ କରି ରି-ଲୋକେସନ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯାଇଛି ଓ ଏଥିପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ କମିଟିର ବୈଠକ ଅନୁଷ୍ଠିତ କରି ରିପୋର୍ଟ ଦେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ହିଟ ଆଣ୍ଡ ରନ୍ ଦୁର୍ଘଟଣାର କ୍ଷତିପୂରଣ ବାବଦରେ ଜିଲ୍ଲାସ୍ତରୀୟ କମିଟି ପକ୍ଷରୁ ଉପଜିଲ୍ଲାପାଳ ନିଜର ମନ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ନିର୍ବାହୀ ଅଧିକାରୀ, ପୌର ପରିଷଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଏନ୍‌ଏଚ୍‌ଏଆଇର ଅଧୀକ୍ଷଣ ଯନ୍ତ୍ରୀ ପ୍ରମୁଖ ଯୋଗ ଦେଇ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ବସ୍ ଓ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା, ସହରର ବରିଷ୍ଠ ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ନିର୍ମଳ ମହାନ୍ତି କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଭିରାମ ଲେଙ୍କାଙ୍କ ବ୍ୟଙ୍ଗ କବିତା ପୁସ୍ତକ 'କବିତା ନା ଫବିତା' ଉନ୍ମୋଚିତ

ରାଇଘର, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ତପନ କଲ୍ୟାଣ ମଣ୍ଡପ ଠାରେ ସନାତନ ସ୍ମୃତି ସାହିତ୍ୟ ଆନୁକୂଲ୍ୟରେ ଅଭିରାମ ଲେଙ୍କାଙ୍କ ବ୍ୟଙ୍ଗ କବିତା ପୁସ୍ତକ 'କବିତା ନା ଫବିତା' ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ପଞ୍ଚାୟତ ସମିତି କଲେଜ ଅଧକ୍ଷ ପରୀକ୍ଷିତ ସାହୁ ସଭାପତି ଭାବେ ମଞ୍ଚାସୀନ ହୋଇଥିବା ବେଳେ ଓଡ଼ିଶାର ସୁନାମଧନ୍ୟ ବ୍ୟଙ୍ଗକାର ସତ୍ୟାନାଶ ମୁଖ୍ୟ ଅତିଥି, ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ବଲ୍ଲଭ ରାଉତ, ସମ୍ମାନୀତ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରିତୀସ୍ମିତା ମହାପାତ୍ର, ସମ୍ମାନୀତ ଅତିଥି ଭାବେ ପ୍ରେରଣା ସମ୍ପାଦକ ଟୁଟୁବାବୁ ପଟ୍ଟନାୟକ, ସମାଜସେବୀ ଶିକ୍ଷାବିତ ଲକ୍ଷ୍ମୀକାନ୍ତ ବାହିନୀପତି, ଶିକ୍ଷୟିତ୍ରୀ ମନୋରମା ମହାପାତ୍ର, ସମୀକ୍ଷକ ଭାବେ ଅଧ୍ୟାପକ ଗୋପାଳ ମହାରଣା ମଂଚାସୀନ ହୋଇ ଅଭିରାମ ଲେଙ୍କା ଓରଫ ଶ୍ରୀମାନ ଅଖାଡୁଆଙ୍କ ଉଚ୍ଚ ମାନର ବ୍ୟଙ୍ଗ ଲେଖାକୁ ଭୁୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଇଂ ଚନ୍ଦନା ମଲ୍ଲିକ ସ୍ୱାଗତ ସଂଗୀତ ଗାନ କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ୱାଗତିକା ବାହିନୀପତି ଓ ଶିକ୍ଷକ ସଂଗ୍ରାମ ପରିଡା ସଂଯୋଜନା ତଥା ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର ସହସମ୍ପାଦକ ଧନଞ୍ଜୟ ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଶିଫଳ

ସୋମବାର, ୧୬ ଡିସେମ୍ବର ୨୦୨୪



**ମେଷ:** ବ୍ୟବସାୟରେ ସଫଳତା ହାସଲ କରିବାର ସମ୍ଭାବନା ଅଧିକ। ଆୟ ବୃଦ୍ଧି ପାଇବ। ମଜା ଏବଂ ମଜାଦାର ଧାରା ଦିନସାରା ଜାରି ରହିବ। ଆଜି ଆପଣ ଘର ସାଜସଜ୍ଜାରେ ନୂତନତା ଆଣିବେ। ଆଜି ଘର ସଜାଇବା ପାଇଁ ବ୍ୟବସ୍ଥା ମଧ୍ୟ ପରିବର୍ତ୍ତନ ହେବ। ସାମାଜିକ ପ୍ରସଙ୍ଗରେ ବାହାରକୁ ଯିବାର ସମ୍ଭାବନା ରହିବ।



**ବୃଷ:** ଆଜି ଆପଣ ବ୍ୟବସାୟର ବିକାଶ ପାଇଁ ଅଧିକ ଧ୍ୟାନ ଦେବେ। ନୂତନ ଯୋଜନା ଏବଂ ଚିନ୍ତାଧାରାର ନୂତନତ୍ୱ ସହିତ ବ୍ୟବସାୟ ପ୍ରଗତି ଆଡକୁ ଗତି କରିବ। ତଥାପି ସଫଳତା ବିଳମ୍ବ ହୋଇପାରେ ।




**ମିଥୁନ:** ମନରୁ ନକରାତ୍ମକ ଚିନ୍ତାଧାରାକୁ ହଟାଇ ଆପଣ ନିରାଶାରୁ ବାହାରି ଆସିବେ। ଅନୈତିକ କାର୍ଯ୍ୟଗୁଡ଼ିକ ଚିନ୍ତାର କାରଣ ହୋଇପାରେ । ତେଣୁ ଯଦି ସମ୍ଭବ ସେସବୁରୁ ଦୂରରେ ରୁହନ୍ତୁ ।



**କର୍କଟ:** ମନ ଆନନ୍ଦିତ ରହିବ। ସାଙ୍ଗମାନଙ୍କ ସହ ମନୋରଂଜନର ଉପଭୋଗକୁ ଦ୍ୱିଗୁଣିତ କରିବ। ମଧ୍ୟାହ୍ନ ଭୋଜନ ପରେ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଗାଡି ଚଳାଇବା ସମୟରେ ଯତ୍ନ ନିଅନ୍ତୁ ଏବଂ ଆପଣଙ୍କ କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ।ଏକ ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଆଜି ଭଲ ଦିନ ନୁହେଁ।




**ସିଂହ:** ଆପଣଙ୍କର ଅଧକ୍ଷତାରେ ବୃତ୍ତିଗତ ଲୋକମାନେ ବୃତ୍ତିଗତ ଭାବରେ ଉପକୃତ ହେବେ। ଧନ ପାଇବା ପାଇଁ ଦୃଢ ସମ୍ଭାବନା ଅଛି । ଆୟ ହେତୁ ଆର୍ଥିକ ଦୃଷ୍ଟିରୁ ସୁଧ ଫେରସ୍ତ ହେବ। ସେୟାର ଇତ୍ୟାଦି ମାଧ୍ୟମରେ ଆୟ ବୃଦ୍ଧି ହେବାର ସମ୍ଭାବନା ଅଛି।




**କନ୍ୟା:** ପୋଷାକ ସପିଂ ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ଉପଭୋଗ୍ୟ ହେବ । କଳା ପ୍ରତି ତୁମର ଆଗ୍ରହ ବିଶେଷ ହେବ। ବ୍ୟବସାୟରେ ବିକାଶ ହେତୁ, ମନରେ ସୁଖ ରହିବ । ବ୍ୟବସାୟରେ ସମୟ ଅନୁକୂଳ ହେବ। ପ୍ରତିଯୋଗୀମାନେ ଜିତିବେ ।



**ତୁଳା:** ଆଜି ଆପଣଙ୍କ ପାଇଁ ମଧ୍ୟମ ଫଳପ୍ରଦ ହେବ । ପ୍ରକୃତ ସମ୍ପତ୍ତି ଦଲିଲଗୁଡ଼ିକର ଯତ୍ନ ନିଅନ୍ତୁ । ମା'ଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ । ଧ୍ୟାନ ଦିଅନ୍ତୁ ଯେ ପରିବାରରେ କୌଣସି ବିବାଦ ହେବ ନାହିଁ ।



**ବିଛା:** ଘରୋଇ ଜୀବନରେ ଜଟିଳ ପ୍ରଶ୍ନର ସମାଧାନ ହେବ । ଏହା ସହିତ ଆପଣ ପ୍ରକୃତ ସମ୍ପତ୍ତି ସହିତ ଜଡିତ କାର୍ଯ୍ୟ ସହିତ ମୁକାବିଲା କରିବାକୁ ପାଇବେ । ଭାଇଭଉଣୀଙ୍କ ସହିତ ସମ୍ପର୍କରେ ରହିବ । ମଧ୍ୟାହ୍ନ ଭୋଜନ ପରେ କାର୍ଯ୍ୟରେ ଅସୁବିଧା ବୃଦ୍ଧି ପାଇବ। ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତା ଅନୁଭବ କରିବେ। ସାମାଜିକ କ୍ଷେତ୍ରରେ ପର୍ଯ୍ୟାପ୍ତ ପରିମାଣରେ ମିଳିବ ।




**ଧନୁ:** ଆଜି ମନ ଆଧାତ୍ମିକ ଚିନ୍ତାଧାରା ଏବଂ ପ୍ରବୃତ୍ତିରେ ନିୟୋଜିତ ହେବ । ତଥାପି ଛାତ୍ରମାନେ ପଢିବା ଏବଂ ଲେଖିବାରେ ଏକାଗ୍ରତା ବଜାୟ ରଖିବା ଆବଶ୍ୟକ । ମଧ୍ୟାହ୍ନ ଭୋଜନ ପରେ ଚିନ୍ତା କମାଇବା ପାଇଁ ସମାଧାନ ଖୋଜି ମାନସିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବ । ପ୍ରତିଯୋଗୀଙ୍କ ଇଚ୍ଛା ସଫଳ ହେବ ନାହିଁ।




**ମକର:** ଆଜି ପ୍ରତ୍ୟେକ କାର୍ଯ୍ୟ ବିନା ବାଧାରେ ସଂପୂର୍ଣ୍ଣ ହେବ। ଆପଣ ଆଧାତ୍ମିକ ପ୍ରବୃତ୍ତି ପାଇଁ ଆଗ୍ରହୀ ହେବେ। ମଧ୍ୟାହ୍ନ ପରେ ଆପଣଙ୍କ ମନରେ ନକାରାତ୍ମକ ଚିନ୍ତାଧାରାର ଆକ୍ରମଣ ହେତୁ, ନିରାଶାର ମେଘ ଦେଖାଯିବ ।



**କୁମ୍ଭ:** କୋର୍ଟ କାର୍ଯ୍ୟରେ ସଫଳତା ମିଳିବ। ପରୋପକାରୀ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ହେବ। ଭଗବାନଙ୍କୁ ଉପାସନା କରିବା ଆପଣଙ୍କ ମନରେ ଶାନ୍ତି ଆଣିବ । ମଧ୍ୟାହ୍ନ ପରେ ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସହଜରେ ସମାପ୍ତ ହେବ। ପାରିବାରିକ ଜୀବନରେ ସମନ୍ୱୟ ରହିବ ।



**ମୀନ:** ବିବାହ ଯୋଗ ଫିଟିବ। ବାଣିଜ୍ୟିକ କ୍ଷେତ୍ରରେ ମଧ୍ୟ ଲାଭ ହେବ । ପାରିବାରିକ ଜୀବନରେ ସୁଖ ଏବଂ ଶାନ୍ତି ରହିବ । ହୁଏତ କିଛି ସୁନ୍ଦର ସ୍ଥାନରେ ରହିବାକୁ ପଡିପାରେ। ସାଙ୍ଗମାନେ ମଧ୍ୟ ଉପକୃତ ହେବେ । ମଧ୍ୟାହ୍ନ ଭୋଜନ ପରେ ଆପଣ କୌଣସି କାରଣରୁ ମାନସିକ ସ୍ତରରେ ଚିନ୍ତିତ ହେବେ। ଧାର୍ମିକ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ଅଧିକ ରହିବ।



ଜ୍ୟୋତିଷ ଗ୍ରନ୍ଥ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ମାଲକାନଗିରି (ଭାସ୍କର ନ୍ୟୁଜ): ଜାତୀୟ ଆଇନସେବା ପ୍ରାଧିକରଣ ଓ ରାଜ୍ୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲ୍ଲା ଅଦାଲତ ପରିସରରେ, ଏମ୍.ଭି -୭୯ ଅଦାଲତ ପରିସରରେ, ମାଥିଲି ଅଦାଲତ ପରିସରରେ ଓ କୁଡୁମୁଲୁଗୁମା ଅଦାଲତ ପରିସରରେ ଜିଲ୍ଲା ବିଚାରପତି ଡକ୍ଟର ପ୍ରସନ୍ନ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ଲୋକ ଅଦାଲତ ସଫଳ ପୂର୍ବକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ବିଚାରପତି ଶାନ୍ତନୁ କୁମାର ଦାଶ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସତ୍ୟପ୍ରିୟ ଦାସ, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ସଚିବ ଜିଲ୍ଲା ଆଇନସେବା ପ୍ରାଧିକରଣ ସୁଶ୍ରୀ ସଂଗୀତା ପାତ୍ର, ବରିଷ୍ଠ ଦେୱାନି ବିଚାରପତି ବିଜୟ କୁମାର ଦାଶ, ମହିଳା ଅଦାଲତର ବିଚାରପତି ବବିତା ଦାଶ, ଅନୁବିଭାଗୀୟ ଦଣ୍ଡାଧିକାରୀ ପ୍ରତିମା ସାହୁ, କୋରୁକୋଣ୍ଡା ଗ୍ରାମ୍ୟ ନ୍ୟାୟାଳୟର ଦଣ୍ଡାଧିକାରୀ ଦେବେନ୍ଦ୍ର କୁମାର ମାହା, ମାଥିଲି ଜେ ଏମ ଏଫ ସି ପଦ୍ମନାଭ ମାଝୀ, କୁଡୁମୁଲୁଗୁମା ଜେ ଏମ ଏଫ ସି ବିମଳ ଲକ୍ଷ୍ମୀ ଚୌଧୁରୀ ଓ ଏମ୍.ଭି -୭୯ ଜେ ଏମ ଏଫ ସି ପ୍ରବୀଣ କୁମାର ହୋତା ଯୋଗଦାନ ସହ ସହଯୋଗ କରିଥିଲେ । ଏହି ଲୋକ ଅଦାଲତରେ ୫ଟି ମୋଟର ଦୁର୍ଘଟଣା ମାମଲା ଫାଇସଲା ହୋଇ ଏହି ବାବଦକୁ ୨୪ ଲକ୍ଷ, ବୈବାହିକ ମାମଲାରେ ୧୫ ହଜାର ଟଙ୍କା, ରାଜସ୍ୱ ମାମଲା ବାବଦକୁ ୧୧୧୮ ଟି ମାମଲାର ଫୈସଲା ହୋଇ ସେ ବାବଦକୁ ଟ. ୨୮୭୦୫୪/- ଙ୍କ ଜଙ୍ଗଲ ଜନିତ ମାମଲା ୧୮ ଟି ଫାଇସଲା ହୋଇ ଉକ୍ତ ବାବଦକୁ ୯ ହଜାର ଟଙ୍କା ଆଦାୟ ଧାର୍ଯ୍ୟ ହୋଇଛି । ଗୋଟିଏ ବକେୟା ଅର୍ଥ ମାମଲା ଫୈସଲା ହୋଇଛି । ଏହିପରି ସର୍ବମୋଟ ୧୧,୩୮୦ ଟି ମାମଲାର ଫୈସଲା ହୋଇ ଉକ୍ତ ବାବଦକୁ ସର୍ବମୋଟ ଟ.୨୫,୧୧,୦୫୪ ଙ୍କ ଆଦାୟ ନିମନ୍ତେ ଧାର୍ଯ୍ୟ ହୋଇଛି ।



# ପାଞ୍ଚମାସରୁ ଊର୍ଦ୍ଧ୍ୱ ହେଲାଣି ସରୁନି ପୋଲ ନିର୍ମାଣ କାର୍ଯ୍ୟ

## ଯାତାୟାତରେ ଅସୁବିଧା



ଉମରକୋଟ (ଭାସ୍କର ନ୍ୟୁଜ): ଦଶନ୍ଧି ଦଶନ୍ଧି ଧରି ମାଟି ମୋରମ ମେଟାଲ ରାସ୍ତା ସାଙ୍ଗକୁ ଛୋଟ ପୋଲ ଦେଇ ଲୋକେ ଗମନାଗମନ କରି ଆସୁଥିବା ବେଳେ ବର୍ଷା ଦିନେ ପୋଲ ଉପରେ ଯାତାୟାତ କରିବା ବିପଦପୂର୍ଣ୍ଣ ରହିଥିଲା ।ପକ୍କା ରାସ୍ତା ଓ ପୋଲ ନିର୍ମାଣ ନେଇ ଦୀର୍ଘ ବର୍ଷରୁ ଅଞ୍ଚଳବାସୀଙ୍କ ଦାବି ରହିଥିଲା । ଓଡ଼ିଶା ଭାସ୍କର ଖବର କାଗଜରେ ରାସ୍ତା ପ୍ରସଙ୍ଗ ନେଇ ପ୍ରକାଶିତ ପରେ ଆର୍. ଡି ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇ ପକ୍କା ରାସ୍ତା ଓ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା । ଝରିଗାଁ ବ୍ଲକ ର ବେଲଗାଁ ପଞ୍ଚାୟତ ଏବଂ ଝରିଗାଁ ବ୍ଲକ ସଦର କୁ ସଂଯୋଗ କରୁଥିବା ଏହି ରାସ୍ତା ଉପରେ ୧୫ ଖଣ୍ଡ ଗାଁ ଲୋକେ ନିର୍ଭର କରି ଆସୁଛନ୍ତି । ନୂଆଁଗୁଡ଼ା ଠାରୁ ବୁଟି ସର୍ଗ ଦୁଇ କିମି ଅଣ ଅସାରିଆ ରାସ୍ତା ଗମନାଗମନ ପାଇଁ ଯମଯନ୍ତ୍ରଣା ଭୋଗିବାକୁ ପଡୁଥିଲା । ଧାନବିଲ ନିକଟରେ ତଳିଆ ପୁରୁଣା ପୋଲ ସଂକୀର୍ଣ୍ଣ ରହିଥିବାରୁ ଚାରି ଚକିଆ ଯାନ ଉଭୟ ବିପରୀତ ଦିଗରୁ ଆସୁଥିବା ବେଳେ ଯାନବାହାନ ସାଇଡ ଦେବାରେ ଅସୁବିଧା ରହୁଥିଲା । ପୋଲ ନିକଟରେ ଅପେକ୍ଷା କରି ବିପରୀତ ଦିଗରୁ ଆସୁଥିବା ଯାନ ପଛକୁ ଫେରିବା ପରେ ସାଇଡ ଦେବାକୁ ପଡୁଥିଲା । ଏପରି ସ୍ଥିତିରେ ପ୍ରଶାସନ ଏହି ଦୁଇ କିମି ରାସ୍ତା ଓ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପ୍ରାୟ ପାଞ୍ଚ ମାସରୁ ଊର୍ଦ୍ଧ୍ୱ ହେବ ସମ୍ପୂର୍ଣ୍ଣ ହୋଇପାରୁନାହିଁ କାର୍ଯ୍ୟ । ରାସ୍ତା ଓ ପୋଲ ସମସ୍ୟା ନେଇ ସାଂସଦ ଓ ବିଧାୟକ ନିକଟରେ ଅଭିଯୋଗ ଶୁଣାଣିରେ ଅଞ୍ଚଳବାସୀ କାର୍ଯ୍ୟ ଶେଷ କରିବାକୁ ଦାବି ଜଣାଇଥିଲେ । ଧାନ କଟା ସରିବା ପରେ ଅତିରିକ୍ତ ବଳକା କାର୍ଯ୍ୟ ସାରିବାକୁ ବିଭାଗୀୟ ଯନ୍ତ୍ରୀ ସାଂସଦଙ୍କୁ ଜଣାଇଥିଲେ । ଧାନ କଟା ଶେଷ ହୋଇଥିବା ବେଳେ ଏପର୍ଯ୍ୟନ୍ତ ବଳକା କାର୍ଯ୍ୟ ଶେଷ ହୋଇ ପାରୁନାହିଁ । ରାସ୍ତାରେ ମେଟାଲ ଚିପ୍ସ ବିଛା ଯାଇଛି । ପୋଲ କାମ ସରିଥିବା ବେଳେ ପୋଲର ଉଭୟ ପାର୍ଶ୍ୱ ରାସ୍ତା ମୁରୁମ୍ ମାଟି ପଡ଼ି ଗଦା ହୋଇଛି । ବେରିକେଡ୍ ପିଲର୍ ନିର୍ମାଣ ହୋଇନାହିଁ । ଉଭୟ ପଟ ମାଟି ଅସମତୁଲ ରହିଥିବାରୁ ଯାନବାହନ ଚଳାଚଳରେ ସମସ୍ୟା ଉପୁଜିଛି । ନିର୍ମାଣ କାର୍ଯ୍ୟ ଓ ଅଟକଳ ମୂଲ୍ୟ କେତେ ସେନେଇ ସୂଚନା ଫଳକ ନଥିବା ଦେଖିବାକୁ ମିଳିଛି । ଏ ସମ୍ପର୍କରେ ବିଭାଗୀୟ ଏସଡିଇଓ କୃଷ୍ଣ ପ୍ରିୟା ଗମାଙ୍ଗଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ ସୁଇଚ ଅଫ୍ ରହିଥିବା ଜଣାପଡ଼ିଛି । ନିକଟରେ ମ୍ୟାଡ଼ମ୍ କୃଷ୍ଣପ୍ରିୟା ଗିମାଙ୍ଗଙ୍କ ଏକ୍ସିକ୍ୟୁଟିଭ୍ ଇଂଜିନିୟର ଭାବେ ପଦୋନ୍ନତି ହୋଇଥିବା ସୂଚନା ମିଳିଛି । ଅନ୍ୟପକ୍ଷେ ଅଧୁରା କାର୍ଯ୍ୟ ଶୀଘ୍ର ସାରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ଅଭାବୀ ବିକ୍ରିର ଶିକାର କପା ଚାଷୀ

ଖଡ଼ିଆଳ(ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକର କପା ଚାଷୀ କପା ବିକ୍ରି ନେଇ ଶୋଷଣର ଶିକାର ହୋଇଥିବା ବେଳେ ଖଡ଼ିଆଳ ବ୍ଲକରେ କପା ମଣ୍ଡିର ବ୍ୟବସ୍ଥା ନଥିବାରୁ କପା ସଂଗ୍ରହ କରୁଥିବା ଦଲାଲମାନେ ମାଲେ ମାଲ ହେଉଥିବା ନଜରକୁ ଆସିଛି ।

## ମଣ୍ଡି ଖୋଲିବ କେବେ ?



ଖଡ଼ିଆଳ ବ୍ଲକରେ ସରକାରୀ ଭାବରେ ୩୦୨୦ ହେକ୍ଟର କପା ଚାଷ ପଞ୍ଜିକୃତ ହୋଇଥିବା ବେଳେ ଛୋଟ ଛୋଟ ଚାଷୀମାନେ ପଞ୍ଜିକରଣ ହୋଇ ନଥିଲେ । ଫଳରେ ଖଡ଼ିଆଳ ବ୍ଲକରେ ୪୫୦୦ ରୁ ଅଧିକ ହେକ୍ଟର କପା ହୋଇଥିବା ଚାଷୀ ମହଲରୁ ଜଣାପଡିଛି । କପା ଚାଷ ଏକ ଅର୍ଥକାରୀ ଫସଲ ଏହାକୁ ଧଳା ସୁନା କୁହାଯାଏ । ଠିକ୍ ଭାବରେ ଉତ୍ପାଦନ ହେଲେ ଏହା ଚାଷୀଙ୍କୁ ଅଧିକ ଲାଭ ମିଳିଥାଏ । କିନ୍ତୁ ବର୍ଷାର ଲୁଚକାଳି ଖେଳ ଓ ରୋଗ ପୋକ କପା ଚାଷୀଙ୍କ ଆଶାତିତ ଭାବରେ କପା ଉତ୍ପାଦନ କରିପାରିନଥିଲା । କପା ଚାଷ କରିବା ପୂର୍ବରୁ କିଛି ସ୍ଥାନୀୟ ଦଲାଲ ଠାରୁ ବିହନ, ସାର ସମସ୍ତ ସାମଗ୍ରୀ ଓ ଟଙ୍କା ଆଣି କପା ଚାଷ କରିଥିଲେ । ଯେଉଁ ଗରିବ ଚାଷୀମାନେ ଦଲାଲ ଠାରୁ ସାମଗ୍ରୀ ଆଣି ଚାଷ କରିଥିଲେ ସେମାନେ ସେହି ଦଲାଲକୁ କମ ମୂଲ୍ୟରେ କପା ଦେବାକୁ ବାଧ ହେଉଛନ୍ତି । ଅନ୍ୟପକ୍ଷରେ ଖଡ଼ିଆଳ ବ୍ଲକରେ କପା ମଣ୍ଡି ଖୋଲୁ ନଥିବାରୁ କମ ମୂଲ୍ୟରେ ଦଲାଲ ମାନଙ୍କ ଠାରେ ପାଞ୍ଚ ହଜାରରୁ ଛଅ ହଜାର ଟଙ୍କାର ବିକ୍ରିୟ କରିବାକୁ ବାଧ ହେଉଛନ୍ତି । ମଣ୍ଡିର ସୁବିଧା ଥିଲେ ଚାଷୀ ସାତ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୱିଣ୍ଟାଲ ପ୍ରତି କପାରେ ପାଇ କିଛି ପରିମାଣରେ ଲାଭବାନ ହୁଅନ୍ତା । କପା ମଣ୍ଡି ଖଡ଼ିଆଳ ଠାରୁ ୫୦ କିମି ଦୂରରେ ଥିବା ଯୋଗୁଁ ପରିବହନ ଖର୍ଚ୍ଚ ଅଧିକ ହେଉଥିବା ବେଳେ ସେହି ମଣ୍ଡି ଗୁଡିକରେ କ୍ୱିଣ୍ଟାଲ ପ୍ରତି ସାତରୁ ଦଶ କେଜି କଟନୀ ଛଟନୀ କରୁଥିବା ଯୋଗୁଁ କେଉଁଠାରେ ମଧ୍ୟ ଚାଷୀର ନିସ୍ତାର ନାହିଁ ବୋଲି ପ୍ରକାଶ କରିଛନ୍ତି । ମଣ୍ଡି ଖୋଲିଲେ ମଧ୍ୟ ପରିବହନ ବ୍ୟବସ୍ଥା ନଥିବା ହେତୁ ଚାଷୀ ମାନେ କମ ଦାମରେ ବେପାରୀ ମାନଙ୍କୁ ବିକ୍ରି କରିଦେଉଛନ୍ତି । ଖଡ଼ିଆଳ ବ୍ଲକର କପା ଚାଷୀ ବର୍ତ୍ତମାନ ଚିନ୍ତାରେ ବସିଛନ୍ତି । କପା ବିକ୍ରି କରି ସେହି ଟଙ୍କା ରୋଜଗାର କରିବେ ଲକ୍ଷ୍ୟ ରଖିଥିଲେ । ଯେତେ ଉତ୍ପାଦନ ଆଶା କରିଥିଲେ ସେହି ପରିମାଣରେ ହେଉନାହିଁ ଓ ଦଲାଲ ମାନଙ୍କୁ କମ ମୂଲ୍ୟରେ ବିକ୍ରି କରୁଛି । ଫଳରେ ଚାଷ ପାଇଁ କରିଥିବା ଧାର କରଜ କିପରି ସୁଝିବେ ସେଇ ଚିନ୍ତାରେ ସେମାନେ । ଚାଷୀଙ୍କ କହିବା ଅନୁସାରେ ପ୍ରଥମେ କମ୍ ବର୍ଷା ହେବାରୁ ମଞ୍ଜି ରୁ ଠିକ୍ ଭାବରେ ଗଛ ହେଲାନାହିଁ, ପରେ ବର୍ଷା ହୋଇ ଫୁଲ ଝଡ଼ିଗଲା । ପୁଣି ଗଛରେ ରୋଗ ଲାଗିବାରୁ ଔଷଧ ସିଞ୍ଚନ କରାଗଲା ତଥାପି ଠିକ୍ ଉତ୍ପାଦନ ହେଲାନାହିଁ । ଯାହାବି କପା ଉତ୍ପାଦନ ହୋଇଥିଲା ଡିସେମ୍ବର ମାସରେ ପ୍ରଥମ ସପ୍ତାହରେ ହୋଇଥିବା ଛଅ ଦିନିଆ ବର୍ଷରେ ଭିଜି କଳା ହୋଇଯିବାରୁ ତାର ବିକ୍ରି ମୂଲ୍ୟ କମି ଯାଇଥିବା ଚାଷୀ ଭୁବନେ ସାହୁ , ପୁଷ୍ପରାଜ ମାଝୀ, ରାତ୍ରନନ୍ଦ ମନହୀରା, ପ୍ରକାଶ କରିଛନ୍ତି । ଦଲାଲ ମାନଙ୍କ ଦୈନିକ ଖଡ଼ିଆଳ ଅଞ୍ଚଳରୁ ୩୦ ରୁ ୪୦ ବେଆଇନ କପା ବୋଝେଇ ଗାଡି ଖୁଲମଖୁଲ୍ଲା ଯାଉଛି କିନ୍ତୁ ପ୍ରଶାସନର ନଜର ନଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କିପରି କପା ଚାଷୀ ଉପକୃତ ହୋଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କୁ ଏନ୍ଏସିର ବିଭିନ୍ନ ସମସ୍ୟା ଜଣାଇଲେ ବାଲିମେଳା ପରିଷଦ ବୃନ୍ଦ



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଗସ୍ତରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସିଥିବା ବେଳେ ଗତକାଲ ୧୦ ଟା ସମୟରେ ଜିଲ୍ଲା ସଦର ସ୍ଥିତ ସର୍କିଟ ହାଉସରେ ଭେଟି ବାଲିମେଳା ସହରର ବିଭିନ୍ନ ସମସ୍ୟା ଜଣାଇଲେ ବାଲିମେଳା ପରିଷଦ ବୃନ୍ଦ । ଏନଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ସମସ୍ତ କାଉନସିଲର ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ନିଜର ଅଭିଯୋଗ ଜଣାଇବା ସହ ଦାବିପତ୍ର ପ୍ରଦାନ କରିଥିଲେ । ମୁଖ୍ୟ ଦାବିଗୁଡିକ ହେଲା ଆଜିକୁ ଦୀର୍ଘ ୭୦ ବର୍ଷ ହେବ ବାଲିମେଳା ସ୍ଥାୟୀ ବାସିନ୍ଦା ଭଳି ଲୋକ ରହି ଆସୁଥିଲେ ସୁଦ୍ଧା ଏଯାଏଁ ମିଳି ପାରିଲାନି ସ୍ଥାୟୀ ପଟ୍ଟା, ଏଥିସହ ତହସିଲ ଅଫିସ, ଟ୍ରେଜେରୀ ଅଫିସ, ଷ୍ଟାଫ କ୍ୱାର୍ଟର, ଆଦର୍ଶ ପାର୍କ ଏବଂ ୪ ଗୋଟି ଆଦର୍ଶ ଶ୍ମଶାନ ଭଳି ବହୁ ସମସ୍ୟା ଗୁଡିକ ଲିଖିତ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

# ଖେଳ ହେଲା କାଳ, ଫାଶ ପଡ଼ି ଚାଲିଗଲା ନାବାଳକର ଜୀବନ



ଉମରକୋଟ(ଭାସ୍କର ନ୍ୟୁଜ): ଖେଳିବା ସମୟରେ ବେକରେ ଫାଶ ଦଉଡ଼ି ଲାଗି ଜଣେ ନାବାଳକର ମୃତ୍ୟୁ ଘଟିଛି । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ । ମୃତ ନାବାଳକ ଜଣକ ହେଲେ ଉମରକୋଟ ବ୍ଲକ ବେନୋରା ପଞ୍ଚାୟତ ଅଧୀନରେ ଥିବା ଯୁଡି ୧୬ ନଂ ସିଲାଟି ଗ୍ରାମର ଆରିଆନ ମଣ୍ଡଳ (୯) । ମିଳିଥିବା ସୂଚନା ଅନୁସାରେ ପ୍ରତିଦିନ ଆରିଆନ ଘର ପଛପଟେ ଥିବା ଗାଈ ଗୁହାଳରେ ଲାଗିଥିବା ଫାଶ ଦଉଡ଼ି ସାହାଯ୍ୟରେ ଖେଳି ଛାତ ଉପରକୁ ଚଢୁଥିଲେ । ଗତକାଲି ମଧ୍ୟ ଆରିଆନ ସେହି ଫାଶ ଦଉଡ଼ି ସାହାଯ୍ୟରେ ଖେଳୁଥିବା ସମୟରେ ଅସାବଧାନତା ଯୋଗୁଁ ଫାଶ ଦଉଡ଼ି ଟି ଆରିଆନ ବେକରେ ଲାଗି ଯାଇଥିଲା । ସେହି ଅବସ୍ଥାରେ ଆରିଆନ ଝୁଲି ରହିଥିଲା । ସଂଧ୍ୟା ୬ ଘଣ୍ଟା ସମୟରେ ଆରିଆନଙ୍କ ବାପା ତପନ ବଜାରରୁ ଘରକୁ ଫେରି ଆରିଆନ ଝୁଲିଥିବା ଅବସ୍ଥାରେ ଉଦ୍ଧାର କରି ଏକ ଗାଡ଼ି ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ । କିନ୍ତୁ ଡାକ୍ତରଖାନାରେ ଡାକ୍ତର ଆରିଆନଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଘଟଣାକୁ ଗୁରୁତର ସହ ନେଇ ସାଇଣ୍ଟିଫିକ୍ ଟିମ ସାହାଯ୍ୟରେ ଘଟଣାର ତଦନ୍ତ ଚଳାଇଛନ୍ତି । ପୋଲିସ ଡାକ୍ତର ଖାନାରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ତଦନ୍ତ ଭାର ଏସଆଇ ଶିବଜି ପଣ୍ଡା ସମ୍ଭାଳିଛନ୍ତି ।

# ହିମାଳୟ ଯୋଗ ଅଲମ୍ପିଆଡ୍‌ରେ କ୍ରୀଷ୍ଣା ବିକାଶର ସଫଳତା




ବରଗଡ଼ (ଭାସ୍କର ନ୍ୟୁଜ): ବାଙ୍ଗାଲୋରର ସ୍ୱାମୀ ବିବେକାନନ୍ଦ ଯୋଗ ଅନୁସନ୍ଧାନ ସଂସ୍ଥାନରେ ଅନୁଷ୍ଠିତ ଜାତୀୟ ବିଦ୍ୟାଳୟ ସ୍ତରୀୟ ହିମାଳୟ ଯୋଗ ଅଲମ୍ପିଆଡ୍‌ରେ ଓଡ଼ିଶା ଦଳ ତରଫରୁ ଯୋଗ ଦେଇଥିବା ବରଗଡ଼ସ୍ଥିତ କ୍ରୀଷ୍ଣା ବିକାଶ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସଫଳତା ଅର୍ଜନ କରି ଜାତୀୟ ସ୍ତରରେ ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି । ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ସମୁଦାୟ ୧୬ଟି ଦଳ ଭାଗ ନେଇଥିଲେ । ଏହି ପ୍ରତିଯୋଗିତାରେ ବରଗଡ଼ ସ୍ଥିତ ବିକାଶ ଆବାସିକ ବିଦ୍ୟାଳୟ ଅଭୂତପୂର୍ବ ସଫଳତା ସହ ୨ଟି ସ୍ୱର୍ଣ୍ଣ ପଦକ, ୨ଟି ରୌପ୍ୟ ପଦକ ଓ ୩ଟି ବ୍ରୋ ପଦକ ହାସଲ କରି ସମଗ୍ର ଭାରତରେ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ଏହି ସଫଳତାରେ କ୍ରୀଷ୍ଣା ବିକାଶ ଗ୍ରୁପର ଚେୟାରମେନ୍ ଶ୍ରୀ ଡି.ମୁରଲୀ କ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ ବିବେକ ଦାଶରୀ, ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶ୍ରୀ ଶିଶିର ପ୍ରସାଦ ରାଉଳ, ସିନିୟର୍ ସେକେଣ୍ଡାରୀ ଅଧ୍ୟକ୍ଷ ଶ୍ରୀ ଚିତରଞ୍ଜନ ପତି ଓ ଉପାଧ୍ୟକ୍ଷ ଶ୍ରୀ ପ୍ରଦୀପ କୁମାର ସାହୁ ଖୁସି ବ୍ୟକ୍ତ କରିବା ସହ ଛାତ୍ରଛାତ୍ରୀ, ଯୋଗ ଶିକ୍ଷକ ଶ୍ରୀ ସୁଶୀଲ କୁମାର ମହାକୁଡ଼ ଓ ଯୋଗ ଶିକ୍ଷୟିତ୍ରୀ ମମତା ଭୁଏଁଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି ।

# ଚନାବେଡା ସ୍ୱାସ୍ଥ୍ୟକେନ୍ଦ୍ର ରାସ୍ତାରେ ଜଳୁନି ଷ୍ଟ୍ରିଟ୍‌ଲାଇଟ୍

ଖଡ଼ିଆଳ (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ଚନାବେଡା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଯିବା ରାସ୍ତାରେ ଲାଗିଥିବା ଷ୍ଟ୍ରିଟ ଲାଇଟ ଦୀର୍ଘ ଦିନରୁ ଜଳୁନାହିଁ । ହଜାର ହଜାର ଟଙ୍କା ର ବିଜୁଳି ବଲ ଲାଗିଛି, ହେଲେ ଲୋକଙ୍କ କାମକୁ ଆସୁନାହିଁ । ନାମକୁ ମାତ୍ର ଲାଗିଛି ଷ୍ଟ୍ରିଟ ଲାଇଟ । ଖଡ଼ିଆଳ ପରୀକ୍ଷିତ ଟାଇଗର କଲେଜ ହଷ୍ଟେଲ ଠାରୁ ଚନାବେଡା ହସ୍ପିଟାଲ ପର୍ଯ୍ୟନ୍ତ ରାସ୍ତା ଘୋର ଅନ୍ଧାର ରହୁଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟ ଅଭିଯୋଗ କରୁଥିବା ବେଳେ ସାଧାରଣ ଲୋକେ ମଧ୍ୟ ଅଭିଯୋଗ କରୁଛନ୍ତି । ରାତିରେ ଲୋକଙ୍କୁ ଯିବାଆସିବା କରିବାରେ ବହୁ ଅସୁବିଧା ହେଉଥିବା ଲୋକେ ଚର୍ଚ୍ଚା କରୁଛନ୍ତି । ପ୍ରାୟତଃ ଲୋକେ ସନ୍ଧ୍ୟା ଓ ସକାଳ ସମୟ ୪ ଟାରୁ ମର୍ଣ୍ଣିଙ୍ଗ ଓ ସନ୍ଧ୍ୟା ୬ ରୁ ଇଭିନିଂ ୱାର୍କ କରିବାକୁ ଯାଇଥାନ୍ତି । ରାସ୍ତା ଅନ୍ଧକାରମୟ ଥିବାରୁ ଲୋକେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି ।ରାସ୍ତା ଅନ୍ଧାର ଥିବାରୁ ଚୋରମାନେ ତାର ସୁଯୋଗ ନେଇ ରାସ୍ତାରେ ଲୁଟ ପାଟ ମଧ୍ୟ କରୁଥିବା ଥାନାରେ ଅଭିଯୋଗ ହେଉଛି ।ଶୀତ ଦିନେ ଭାଲୁର ବହୁତ ଭୟ ରହୁଥିବା ବେଳେ ସେହି ରାସ୍ତା ଦେଇ ମଧ୍ୟ ଭାଲୁ ଯିବା ଆସିବା କରିଥାଏ । ରାସ୍ତା ଅନ୍ଧାର ରହୁଥିବାରୁ ରାସ୍ତାରେ ବଡ ବଡ ବିଷଧର ସାପ, ବିଛା, ଓ ବିଭିନ୍ନ ବିଷାକ୍ତ କୀଟର ମଧ୍ୟ ଲୋକେ ଶିକାର ହେଉଛନ୍ତି । ରୋଗୀ ମଧ୍ୟ ହସ୍ପିଟାଲ ଯିବା ଆସିବାରେ ବହୁ ଅସୁବିଧା ହେଉଥିବା ଦେଖିବାକୁ ମିଳୁଛି ।ଲୋକଙ୍କ ସୁବିଧା ପାଇଁ ସରକାର ରାସ୍ତା ଘାଟରେ ଆଲୋକୀକରଣର ବ୍ୟବସ୍ଥା କରିଥିବା ବେଳେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅବହେଳା ଯୋଗୁଁ ଲୋକେ ଅସୁବିଧା ଭୋଗୁଛନ୍ତି । ଷ୍ଟ୍ରିଟ ବାବଦକୁ ଏନ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା ଙ୍କୁ ପଚାରିବାରୁ ଫିଜ୍ ବାବଦକୁ ଟଙ୍କା ପାଇଠ କରାଯାଇଛି ହେଲେ ସେମାନେ ଆଜିକାଲି କହି ଆସୁନାହାନ୍ତି ବୋଲି କହିଥିଲେ । ତେଣୁ ଏହି ସବୁ ଲାଇଟ କାମ ପାଇଁ ନିଜ ଅଂଚଳର ଲୋକଙ୍କୁ ଦେଲେ ସହଜରେ କାମ ହେବ ବୋଲି ଲୋକଙ୍କ ଦାବୀ । ତେଣୁ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଶକ୍ତି ସଂରକ୍ଷଣ ଉପରେ ସଚେତନତା ରାଲି




ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି ଠାରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମୋନାଲିସା ଦାସ ସବୁଜ ପତାକା ଦେଖାଇ ଶକ୍ତି ସଂରକ୍ଷଣର ଏକ ସଚେତନତା ରାଲି ର ଶୁଭ ଉଦ୍ଘାଟନ କରିଥିଲେ । ବିଦ୍ୟାଳୟ ର ପ୍ରାୟ ପଚାଶ ଜଣ ଛାତ୍ର ହାତରେ ପ୍ଲାକାର୍ଡ ଧରି ସହରର ମୁଖ୍ୟ ରାସ୍ତାରେ ସ୍ଲୋଗାନ ମାଧ୍ୟମରେ ଲୋକମାନଙ୍କୁ ଶକ୍ତି ସଂରକ୍ଷଣର ବାର୍ତ୍ତା ଦେଇଥିଲେ । ପରେ ପରେ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀ ଶ୍ରୀରାମ ମୂର୍ତ୍ତି ଶକ୍ତି ସଂରକ୍ଷଣରେ ଛାତ୍ର ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାଶ ଛାତ୍ର ମାନଙ୍କୁ ବିକଳ୍ପ ଶକ୍ତି ର ବ୍ୟବହାର ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହି ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରୀମତୀ ସସ୍ମିତା ମିଶ୍ର, ଶ୍ରୀମତୀ ସୁଲତା ଶୁଭଦର୍ଶିନୀ ଓ ଏନର୍ଜି କ୍ଲବ ଦାୟିତ୍ୱ ରେ ଥିବା ଶିକ୍ଷୟିତ୍ରୀ ହିରଣ୍ମୟୀ ନାୟକ ଶିକ୍ଷାର୍ଥୀଙ୍କ ଜୀବନରେ ପରିବେଶ ଭୂମିକା ଓ ସେମାନଙ୍କର ପରିବେଶ ପ୍ରତି କର୍ତ୍ତବ୍ୟବୋଧ ବର୍ଣ୍ଣନା କରିଥିଲେ । ବିଦ୍ୟାଳୟର ଶିକ୍ଷକ ଜଗନ୍ନାଥ ପଟ୍ଟନାୟକ ଛାତ୍ରମାନଙ୍କୁ ଜଳବାୟୁ ପରିବର୍ତ୍ତନ କିପରି ବିଶ୍ୱପାଇଁ ଏକ ଆହ୍ୱାନ ତାହା ବୁଝାଇଥିଲେ । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ପ୍ରମୁଖ ଏଥିରେ ଉପସ୍ଥିତ ରହି ସଭା କାର୍ଯ୍ୟକୁ ସୂଚାରୁ ରୁପେ ପରିଚାଳନା କରିଥିଲେ । ଦଶମ ଶ୍ରେଣୀର ସୁଶିଲ ବିଶ୍ୱାଳ ଓ ଶ୍ରୀତମ ମହାରଣା ଏକ ସୁନ୍ଦର ବିକଳ୍ପ ଶକ୍ତି ର ପ୍ରୋଜେକ୍ଟ ପ୍ରଦର୍ଶନ କରିଥିଲେ । ଶିକ୍ଷକ ଶ୍ରୀ ଜିକୋରିଆ ଶବର କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ପରିଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

# ମାଲ୍ୟବନ୍ତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା : ମନମୋହିଲା ଓଡିଶୀ ଓ ଲବଣୀ ନୃତ୍ୟ




ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାର ଲୋକ ଉତ୍ସବ ମାଲ୍ୟବନ୍ତ ମହୋତ୍ସବର ଆଜି ଦ୍ୱିତୀୟ ସନ୍ଧ୍ୟାରେ ଓଡ଼ିଶାର ଓଡିଶୀ,ଆସାମର ବିହୁ, ବି ଏସଏଫ୍‌ର ପଞ୍ଜାବୀ ଧାଙ୍ଗଡା ନୃତ୍ୟ , ମହାରାଷ୍ଟ୍ରର ଲାବଣୀ ନୃତ୍ୟ ଦର୍ଶକଙ୍କ ମନ ମୋହିଛି । ଦ୍ୱିତୀୟ ସନ୍ଧ୍ୟାରେ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ, ବନଖଣ୍ଡଅଧିକାରୀ ପ୍ରତାପ କୋଟାପାଲ୍ଲି, ସହକାରୀ ଏସପି ତପନ ନାରାୟଣ ରଥ, ଅତିରିକ୍ତଜିଲ୍ଲାପାଳ ବେଦବର ପ୍ରଧାନ, ଅତିରିକ୍ତଜିଲ୍ଲାପାଳ ସୋମନାଥ ପ୍ରଧାନ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ମୁଖ୍ୟଉନ୍ନୟନ ଅଧିକାରୀ ତଥା ଜିଲ୍ଲାପରିଷଦ ନିର୍ବାହି ଅଧିକାରୀ ନରେଶ ଚନ୍ଦ୍ର ଶବର, ଜିଲ୍ଲାସଂସ୍କୃତି ଅଧିକାରୀ ସନ୍ତୋଷ ନାରାୟଣ ପଣ୍ଡା ଅତିଥି ଭାବେ ଉପସ୍ଥିତ ରହି କଳାକାରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ଦ୍ୱିତୀୟ ସନ୍ଧ୍ୟାରେ ପୁରୀର ନୃତ୍ୟ, ମାଲକାନଗିରିର ସାନ୍ତାଳୀ ନୃତ୍ୟ, ଆସାମର ବିହୁ,ମହାରଷ୍ଟ୍ରର ଲାବଣୀ,ସହିତ ଅନ୍ୟାନ୍ୟ ସାଂସ୍କୃତିକ ଦଳମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ ।ମାଲ୍ୟବନ୍ତ ଉତ୍ସବ ସ୍ଥଳରେ ଜିଲ୍ଲାରେ ଓରମାସ ପକ୍ଷରୁ ଏସଏଜି ଗ୍ରୁପ,ସହିତ ଜିଲ୍ଲା ଓ ଜିଲ୍ଲା ବାହରରୁ ଅନେକ ଷ୍ଟଲ ଖୋଲାଯାଇଥିଲା । ଶୀତ ସନ୍ଧ୍ୟାରେ ଗୁଙ୍ଗୁପୁରୀ, ଦହିବରା ଆଳୁଦମ, ଚାଟ୍,ଆଇସି କ୍ରିମ,ପୁରୀର ମାଲପୁଆ, ଗଜା,ଛତିଶଗଡର ବର୍ଫ ମିଠା, ଖାଇବା ସହିତ ଅନେକ ଘରକରଣା ଜନିଷ କିଣି ଦର୍ଶକମାନେ ମଜାଉଠାଇଥିଲେ । ଉତ୍ସବ ମଇଦାନରେ ବିଭିନ୍ନ ବିଭାଗର ଉନ୍ନୟନମୂଳକ ଷ୍ଟଲ ସହିତ, ଦୋକାନ ବଜାର, ମିନାବଜାର ସାଙ୍ଗକୁ ଭଳିକି ଭଳି ରଙ୍ଗବେରଙ୍ଗର ତୋରଣ ବେଶ ଚିତ୍ତାକର୍ଷକ ହୋଇଛି । ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପଲ୍ଲୀଶ୍ରୀମେଳା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ମାଲ୍ୟବନ୍ତ ମଣ୍ଡପ ସହିତ ଜିଲ୍ଲାରେ କଡ଼ା ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ବିଏସଏଫ ଯବାନମାନଙ୍କ ସହିତ ଏସଓଜି ଓ ବହୁପରିମାଣରେ ଜିଲ୍ଲା ପୋଲିସଙ୍କୁ ମୁତୟନ କରାଯାଇଛି ।ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ଜିଲ୍ଲାର ଲକ୍ଷାଧିକ ଦର୍ଶକଙ୍କ ଭିଡ଼ ଲାଗିରହିଥିବା ଦେଖିବାକୁ ମିଳିଛି ।

# ଜାତୀୟ ଶକ୍ତି ସରଂକ୍ଷଣ ଦିବସ ପାଳିତ




କୋଷାଗୁମୁଡା(ଭାସ୍କର ନ୍ୟୁଜ): ଜାତୀୟ ଶକ୍ତି ସରଂକ୍ଷଣ ଦିବସ ଡ଼ିସେମ୍ବର ୧୪ ତାରିଖ ରେ ସରକାରୀ ଉଚ୍ଚ ବିଦ୍ୟାଳୟ, କୋଷଗୁମୁଡା ଠାରେ ଅତି ଆଗ୍ରହ ଉଦ୍ଦୀପନାର ସହ ପାଳନ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ସହିତ ଶକ୍ତି ସଂରକ୍ଷଣ ଉପରେ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମବାସୀ ଙ୍କୁ ସଚେତନ କରାଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପବିତ୍ର ହାଲଦାର ବିଦ୍ୟାଳୟରେ ଅନୁଷ୍ଠିତ ହେଇଥିବା ସଭାରେ ସଭାପତିତ୍ୱ କରିଥିଲେ । ପୂର୍ବରୁ ଅନୁଷ୍ଠିତ ହେଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହେଇଥିବା ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାଙ୍କୁଲିର ଅଧ୍ୟକ୍ଷ ବିଧାନ ବିଶ୍ୱାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ନଳିନୀକାନ୍ତ ପାତ୍ର, ବିଶ୍ୱେଶ୍ୱର ସାହୁ, ଅଭୟ କୁମାର ସାମଲ, ନୀଳାମ୍ବର ତ୍ରିପାଠୀ, ଲୋକନାଥ ଭତ୍ରା, ଶିକ୍ଷୟିତ୍ରୀ ପ୍ରଣତି ପଟ୍ଟନାୟକ, ନୂତନ କୁମାର ନାୟକ ଏବଂ ଶିକ୍ଷୟିତ୍ରୀ ଶୁଭଶ୍ରୀ ମହାପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇ ସଭା ସାଙ୍ଗ କରାଯାଇଥିଲା ।

# ରାଷ୍ଟ୍ରୀୟ ଲୋକଅଦାଲତ: ୫ଟି ପାରିବାରିକ ମାମଲା ଫଇସଲା



ରାୟଗଡ(ଭାସ୍କର ନ୍ୟୁଜ): ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍‌ଙ୍କ ତତ୍ତ୍ୱାବଧାନରେ ପରିଚାଳିତ ୪ର୍ଥ ଜାତୀୟ ଲୋକ ଅଦାଲତ ଅବସରରେ ରାୟଗଡ଼ ପରିବାର ଅଦାଲତ ତରଫରୁ ଦୀର୍ଘ ଦିନ ଧରି ଚାଲି ଆସୁଥିବା ସମୁଦାୟ ୫ଗୋଟି ପାରିବାରିକ ମାମଲା ସମାଧାନ ହୋଇପାରିଛି । ତନ୍ମଧ୍ୟରୁ ୪ଟି ଭରଣ ପୋଷଣ ମକଦ୍ଦମା ହୋଇଥିବା ବେଳେ ଅନ୍ୟ ୧ଟି ଦେୱାନି ମକଦ୍ଦମା । ଉଲ୍ଲେଖନୀୟ ଯେ ଉକ୍ତ ଲୋକ ଅଦାଲତରେ, ପରିବାର ଅଦାଲତ ବିଚାରପତି ସଂଜିତ୍ କୁମାର ବେହେରା ଏବଂ କାଉନସିଲର ଆଶା ଆକାଶ ଗୁରୁଙ୍କ ଉଦ୍ୟମ ଯୋଗୁଁ ବହୁ ଦିନରୁ ପାରିବାରିକ ସମସ୍ୟା ପାଇଁ ଅଲଗା ହୋଇ ରହୁଥିବା ଦୁଇଟି ଦମ୍ପତିଙ୍କର ମିଳାମିଶା ହୋଇପାରିଛି । ପ୍ରକାଶ ଥାଉକି ଉକ୍ତ ଲୋକ ଅଦାଲତରେ ବକେୟା ଭରଣ ପୋଷଣ ବାବଦକୁ ସମୁଦାୟ ୨,୫୩,୭୫୮/- ଦୁଇ ଲକ୍ଷ ତେପନ ହଜାର ସାତଶହ ଅଠାବନ ଟଙ୍କା ବିଭିନ୍ନ ଆବେଦନକାରୀ ଅପର ପକ୍ଷ ଠାରୁ ପାଇଥିଲେ ।

# ଲୋକ ମହୋତ୍ସବ ଚଇତି ପାଇଁ ଭୂମି ପୂଜନ



କଲ୍ୟାଣସିଂପୁର୍ (ଭାସ୍କର ନ୍ୟୁଜ): ରାୟଗଡ଼ ଜିଲାସ୍ତରୀୟ ଲୋକମହୋତ୍ସବ 'ଚଇତି - ୨୦୨୪' ପାଳନ ନିମନ୍ତେ ଆଜି ତା ୧୫ -୧୨-୨୦୨୪ ରିଖରେ ଜିସିଡି ଉଚ୍ଚ ବିଦ୍ୟାଳୟ ପଡିଆଠାରେ ଭୂମିପୂଜନ ହୋଇଯାଇଛି । ଏହି ଅବସରରେ ରାୟଗଡ଼ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ, ପ୍ରକଳ୍ପ ନିର୍ଦ୍ଦେଶକ ଜଳବିଭାଜିକା ମିଶନ, ଡ଼ଃ ଦୟାନିଧି ବାଗ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବସନ୍ତ କୁମାର ପ୍ରଧାନ,ଜିଲ୍ଲା ସଂସ୍କୃତି ଅଧିକାରୀ, ସୁଶ୍ରୀ ସୁସ୍ମିତା ବାଉରୀ, ଓରମାସ କାର୍ଯ୍ୟକାରୀ ଲେଖାପାଳ ଜି ଲକ୍ଷ୍ମଣ ଏବଂ ଅନ୍ୟାନ୍ୟ ଜିଲ୍ଲା ଅଧିକାରୀ, କାର୍ଯ୍ୟକାରୀ ସଂସ୍ଥା ହରଗୌରୀ ଟେଣ୍ଟ ହାଉସର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ବିପୁଳ ପରିମାଣର ଗଞ୍ଜେଇ ଗଛ ନଷ୍ଟ

ରାଇଘର (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସୀମାନ୍ତ କୁନ୍ଦେଇ ଥାନା ଅନ୍ତର୍ଗତ ଖାଲେ ପାରା , ପଖାନା ଗୁଡା ଆଦି ସ୍ଥାନରେ ଚଢାଉ କରି ବିପୁଳ ପରିମାଣର ଗଞ୍ଜେଇ ଚାରା ଓ ଗଛ ନଷ୍ଟ କରଯାଇଥିବା ଜଣାଯାଇଛି । କୁଣ୍ଡେଇ ଥାନା ଅନ୍ତର୍ଗତ କେତେକ ଗ୍ରାମରେ ଗଞ୍ଜେଇ ଚାଷ କରୁଥିବା ଖବର ପାଇ ନବରଙ୍ଗପୁର ଏସ ପି ଙ୍କ ନିର୍ଦ୍ଦେଶ କର୍ମେ ବନ ବିଭାଗ କର୍ମଚାରୀ ତଥା କୁନ୍ଦେଇ ପୋଲିସ, ରାଜସ୍ୱ ବିଭାଗ, ଅବକାରୀ ବିଭାଗଙ୍କ ଦ୍ୱାରା ଗୋଟାଏ ସ୍ୱତନ୍ତ୍ର ଟିମ୍ ଗଠନ କରି ଚଢ଼ାଉ କରିବା ସହ ଯେଉଁ ଜମିରେ ଗଞ୍ଜେଇ ଚାଷ ହଉଥିଲା ସେମାନଙ୍କୁ ଅଟକ ରଖିବା ସହ ଆଉ କିଛି ଜାଗାରେ ଗଞ୍ଜେଇ ଚାଷ କରୁଥିବା ଲୋକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଧିକାରୀ ପ୍ରକାଶ କରିଛନ୍ତି ।





ପୁରୀ (ଭାସ୍କର ନ୍ୟୁଜ): ୧୭ ତାରିଖରୁ ଶ୍ରୀ ଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି । ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗର ଉଚ୍ଚସ୍ତରୀୟ ବିଶେଷଜ୍ଞଙ୍କ ଦ୍ୱାରା ଏହି ମରାମତି କାର୍ଯ୍ୟ ହେବ। ଏହି ସମୟରେ ବାହାରକାଠରୁ ମହାପ୍ରଭୁଙ୍କୁ ଦର୍ଶନ କରିବେ ଶ୍ରଦ୍ଧାଳୁ। ଗତ ବୁଧବାର ଦିନ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏ ସମ୍ପର୍କିତ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ଅଧ୍ୟକ୍ଷତା କରିଥିବା ବେଳେ ଛତିଶା ନିଯୋଗ ପ୍ରତିନିଧି, ପୁରୀ ଜିଲ୍ଲାପାଳ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଏହି ବୈଠକରେ ରତ୍ନଭଣ୍ଡାର ମରାମତି ପ୍ରସଙ୍ଗରେ ଆଲୋଚୋନା ହୋଇଥିଲା । ତେବେ ରତ୍ନଭଣ୍ଡାର ମରାମତି ବେଳେ ଯେଭଳି ମହାପ୍ରଭୁଙ୍କ ନୀତିକାନ୍ତି ଓ ଭକ୍ତଙ୍କ ଦର୍ଶନ ଯେଭଳି ବାଧା ନଉପୁଜେ ସେଥିପାଇଁ ସ୍ୱତନ୍ତ୍ର ସମୟ ନିର୍ଦ୍ଧାରିତ ହେଇଛି । ତେବେ ଛତିଶା ନିଯୋଗ ବୈଠକ ନିଷ୍ପତ୍ତି ଅନୁଯାଇ ଆସନ୍ତା ୧୭ତାରିଖରୁ 'ଏଏସଆଇ' ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ କରିବ । ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ଶେଷ ହେବା ପରେ ପ୍ରାୟ ଦିନ ଗୋଟାଏ ବେଳକୁ ଏହା ଶେଷ ହେବ ବୋଲି ଆମେ ଆଶା ରଖୁଛୁ । ଏଣୁ ଅପରାହ୍ନ ଦିନ ଗୋଟାଏରୁ ସନ୍ଧ୍ୟା ୫ ଟାରୁ ୬ ଟା ପର୍ଯ୍ୟନ୍ତ 'ଏଏସଆଇ' ମରାମତି କାର୍ଯ୍ୟ କରିବ । କିନ୍ତୁ ଶନିବାର, ରବିବାର, ନୂଆବର୍ଷ, ୩୧ ଡିସେମ୍ବର ତଥା ଯେଉଁ ଦିନ ଅଧିକ ଭକ୍ତଙ୍କ ଭିଡ ହୋଇଥିବ ସେହି ଦିନ ମରାମତି କାର୍ଯ୍ୟ ନକରିବାକୁ ଆମେ 'ଏଏସଆଇ'କୁ ପରାମର୍ଶ ଦେଇଛୁ ।

# ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ଲାଟିନମ୍ ଜୟନ୍ତୀ ସମାରୋହରେ କେନ୍ଦ୍ରମନ୍ତ୍ରୀ




ବୁର୍ଲା (ଭାସ୍କର ନ୍ୟୁଜ): ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ଶିକ୍ଷାଦାନ କରିବାରେ ଓଡ଼ିଶାର ସର୍ବପ୍ରଥମ ବିଦ୍ୟାଳୟ । ଭାରତରେ ତ୍ରିଭାଷୀ ସୂତ୍ରରେ ଶିକ୍ଷାଦାନ ଲାଗି ନିଷ୍ପତ୍ତି ହେବାର ଅନେକ ପୂର୍ବରୁ ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ଏ କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିସାରିଥିଲା ବୋଲି ଏହି ସ୍କୁଲର ପ୍ଲାଟିନମ ଜୟନ୍ତୀ ସମାରୋହରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଉପସ୍ଥିତିରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶରେ ଯେତେବେଳେ ସମ୍ବିଧାନ ପ୍ରସ୍ତୁତି କାର୍ଯ୍ୟ ଚାଲିଥିଲା, ସେଇ ସମୟରେ ବୁର୍ଲାବାସୀ ଏହି ବିଦ୍ୟାଳୟଟି ପ୍ରତିଷ୍ଠା କରିଥିଲେ। ୨୦୨୦ ମସିହାରେ ପ୍ରଧାନମନ୍ତ୍ରୀ ମୋଦୀ ସାରା ଦେଶରେ ଜାତୀୟ ଶିକ୍ଷା ନୀତି ପ୍ରଣୟନ କରି ମାତୃଭାଷା ଭିତିକ ବହୁଭାଷୀ ଶିକ୍ଷାକୁ ଗୁରୁତ୍ୱ ଦେଲେ ମାତ୍ର ୧୯୪୯ ମସିହାରେ ପ୍ରତିଷ୍ଠା ହେବା ଦିନ ଠାରୁ ଏହି ଶିକ୍ଷାନୁଷ୍ଠାନ ଏହି ବିଷୟକୁ ପ୍ରାଥମିକତା ଦେଇଆସିଛି। ଏଠାରେ ବାଲ-ବାଟିକା ରୁ ଦ୍ୱାଦଶ ଶ୍ରେଣୀ ଯାଏଁ ୧୫ ବର୍ଷ ଗୋଟିଏ ଶିକ୍ଷାନୁଷ୍ଠାନରେ ପିଲାମାନଙ୍କୁ ନିରବଚ୍ଛିନ୍ନ ଶିକ୍ଷାଲାଭର ସୁଯୋଗ ଦେବା ପାଇଁ ଉଦ୍ୟମ ଜାରି ରହିଛି। ଓଡ଼ିଶାରେ ଏକ ପ୍ରଗତିଶୀଳ ଶିକ୍ଷା ବ୍ୟବସ୍ଥା ଆଣିବା ପାଇଁ ବୁର୍ଲାର ଜନସାଧାରଣ ଦଶନ୍ଧି ଦଶନ୍ଧି ଧରି ପ୍ରୟାସ କରିଆସିଛନ୍ତି। ଏଣୁ ବୁର୍ଲାରେ ଶିକ୍ଷାର ବ୍ୟାପକ ବିକାଶ ମାଧ୍ୟମରେ ସମ୍ବଲପୁରକୁ ଭାରତର ଏକ ଅଗ୍ରଣୀ ଅଂଚଳରେ ପରିଣତ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ସମ୍ବଲପୁରରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ ତିଆରି କରିବା ତଥା ଇଡକୋ ମାଧ୍ୟମରେ ବୁର୍ଲାରେ ଏକ ଆଧୁନିକ ଭବନ ନିର୍ମାଣ କରିବା ପାଇଁ ପଦକ୍ଷେପ ନେବାକୁ ଶ୍ରୀ ପ୍ରଧାନ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହାଦ୍ୱାରା ସ୍ଥାନୀୟ ଯୁବବର୍ଗର ସ୍ୱପ୍ନ ଓ ଆକାଂକ୍ଷାକୁ ପୁରଣ କରିବା ପାଇଁ ଉଦ୍ଦିଷ୍ଟ ୧୦୦ କ୍ୟୁବ୍ ବିଶେଷ ଫଳପ୍ରଦ ହୋଇପାରିବ ତଥା ବୁର୍ଲା, ନବ-ଓଡ଼ିଶା ନିର୍ମାଣର ପ୍ରୟୋଗଶଳା ଭାବେ ନୂଆ ପରିଚୟ ପାଇବ। ଓଡ଼ିଶାର ଅନେକ ବଡ଼ ବଡ଼ ଶିକ୍ଷାନୁଷ୍ଠାନ ଏହି ଅଂଚଳରେ ପ୍ରତିଷ୍ଠା କରାଯାଇଛି। ଏଠାରେ ଥିବା ଓୟୁଏଟିର କ୍ୟାମ୍ପସକୁ ଏକ ପୂର୍ଣ୍ଣାଙ୍ଗ କୃଷି ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବ ଏବଂ ଏକବିଂଶ ଶତାବ୍ଦୀରେ ବୁର୍ଲାକୁ ଏକ ଜ୍ଞାନ କେନ୍ଦ୍ରରେ ପରିଣତ କରିବା ଦିଗରେ ସମସ୍ତଙ୍କୁ କାମ କରିବାକୁ ହେବ ବୋଲି ମତ ଦେଇଛନ୍ତି ଶ୍ରୀ ପ୍ରଧାନ। ମହାନଦୀ ହେଉଛି ଓଡ଼ିଆ ଜାତିର ଜୀବନଧାରା। ବୀର ସୁରେନ୍ଦ୍ର ସାଏ, ମାଧୋ ସିଂ, କୁଞ୍ଜେଲ ସିଂ ପ୍ରମୁଖ ସଂଗ୍ରାମୀଗଣଙ୍କ ବଳିଦାନ ଓଡ଼ିଶା ତଥା ଭାରତକୁ ସ୍ୱାଧୀନତା ଆଣିଦେଇଥିଲା, ଯାହାର ସାକ୍ଷୀ ହେଉଛି ମହାନଦୀ ଓ ସମ୍ବଲପୁର ଅଞ୍ଚଳ। ସମ୍ବଲପୁରର ବିକାଶକୁ ଓଡ଼ିଶା ସରକାର ପ୍ରାଥମିକତା ଦେଉଥିବାରୁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ସମାରୋହରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିରରେ ଲୁଟ୍ ଅଭିଯୋଗ

# ୭ ଲୁଟେରା ଗ୍ୟାଙ୍ଗ ଗିରଫ



ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀମନ୍ଦିର ଭିତରେ ଚୋରି ଓ ଲୁଟ କରିବା ଅଭିଯୋଗରେ ସିଂହଦ୍ୱାର ଥାନା ୭ଜଣ ଲୁଟେରା ଗ୍ୟାଙ୍ଗ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମାନଙ୍କ ମଧ୍ୟରେ ୪ ଜଣ ମହିଳା ସହ ୩ ଜଣ ପୁରୁଷ ଅଭିଯୁକ୍ତ ରହିଛନ୍ତି। ତେବେ ସମସ୍ତେ ପଶ୍ଚିମବଙ୍ଗର ବୋଲି ଜଣାପଡିଛି। ସେମାନଙ୍କ ପରିଚୟ ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲାର ଶୁଭଙ୍କର ସରକାର ୨୪, ରାଧିକା ଚୌଧୁରି ୩୦, ଜୁଲି ଗୁପ୍ତା ୨୦, ପୂଜା ସାହୁ ଓରଫ ଗୁପ୍ତା ୧୯, ଆଶା ଦାସ ୨୩, ଅରୁଣ ମୁଦାଲିଆ ୨୬ ଓ ମଙ୍ଗଲ ଓରଫ ରାହୁଲ ଦାସ ୨୦। ପୁଲିସ ସୂତ୍ରରୁ ପ୍ରକାଶ ଯେ ଗତକାଲି ସକାଳେ ଖୋର୍ଦ୍ଧା ଜିଲ୍ଲାର ମମତା ସାମନ୍ତରାୟ ୫୬ ଜଣେ ମହିଳା ତାଙ୍କ ସମ୍ପର୍କୀୟଙ୍କ ସହ ଜଗନ୍ନାଥ ଦର୍ଶନ ବେଳେ କେତେକ ଦୁର୍ବୃତ୍ତ ତାଙ୍କ ବେକରୁ ସୁନାଚେନ ଏବଂ ୪୦୦ ଟଙ୍କା ଚୋରି କରିଥିଲେ। ଏନେଇ ଶ୍ରଦ୍ଧାଳୁ ଜଣକ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଅନୁସନ୍ଧାନ କରିଥିଲେ। ଶ୍ରୀମନ୍ଦିର ନାଟମଣ୍ଡପରେ ଲାଗିଥିବା ସିସିଟିଭି ଯାଞ୍ଚ କରାଯାଇ ଅଭିଯୁକ୍ତ ମାନଙ୍କୁ ଚିହ୍ନଟ କରାଯାଇଥିଲା। ପ୍ରଥମେ ତିନିଜଣ ପୁରୁଷ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପଚାରଉଚରା ପରେ ଚାରିଜଣ ମହିଳା ଲୁଟେରାଙ୍କୁ ଗିରଫ କରାଯାଇଥିଲା। ପରେ ତାଙ୍କ ଠାରୁ ୨୨ଗ୍ରାମର ସୁନାଚେନ, ୪ହଜାର ଟଙ୍କା, ୪ଟି ମୋବାଇଲ ଓ ଓ୍ୱବି ୩୮ରା ୮୨୪୯ ନମ୍ବର ବିଶିଷ୍ଟ ସ୍କର୍ପିଓ ଜବତ କରାଯାଇଥିଲା। ଆଜି ଅପରାହ୍ନ ୪ଟାରେ ସମସ୍ତ ଲୁଟେରା ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସୂଚନା ଯୋଗ୍ୟ ଯେ ସମସ୍ତ ଲୁଟେରା ମାନେ ଏକ ସ୍କର୍ପିଓ ଗାଡିରେ ପଶ୍ଚିମବଙ୍ଗରୁ ଆସି ବଳିଆପଣ୍ଡା ଗୌଡ଼ବାଡ ସାହି ଅଞ୍ଚଳରେ ରହୁଥିଲେ। ଶ୍ରୀମନ୍ଦିର ଭିତରେ ଓ ବାହାରେ ଭିଡ଼ର ସୁଯୋଗ ନେଇ ଶ୍ରଦ୍ଧାଳୁଙ୍କ ଠାରୁ ଲୁଟ ସହ ପକେଟ ମାର କରୁଥିଲେ।

# ଛତିଶଗଡ଼ ପୋଲିସକୁ 'ପ୍ରେସିଡେଣ୍ଟସ କଲର' ପ୍ରଦାନ କଲେ ଶାହ




ରାୟପୁର: କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ରାୟପୁରରେ ଛତିଶଗଡ଼ ପୁଲିସକୁ ସମ୍ମାନଜନକ 'ପ୍ରେସିଡେଣ୍ଟ୍ସ କଲର' ପ୍ରଦାନ କରିଛନ୍ତି। ଏହି ଉତ୍ସବରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ ଏବଂ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ 'ପ୍ରେସିଡେଣ୍ଟ୍ସ କଲର' ପାଇବା ଏକ ଗୌରବର ବିଷୟ, ଯାହା ଯେ କୌଣସି ସଶସ୍ତ୍ର ବାହିନୀ ପାଇଁ ଏକ ସମ୍ମାନର ସ୍ୱୀକୃତି । ଛତିଶଗଡ଼ ପୁଲିସ ପ୍ରତିଷ୍ଠାର ମାତ୍ର ୨୫ ବର୍ଷ ମଧ୍ୟରେ ଏହି ସମ୍ମାନ ହାସଲ କରିଥିବାରୁ ସେ ତାଙ୍କୁ ପ୍ରଶଂସା କରିଥିଲେ। ଶ୍ରୀ ଶାହ ଛତିଶଗଡ଼ ପୋଲିସକୁ ଦେଶର ଅନ୍ୟତମ ଶ୍ରେଷ୍ଠ ବାହିନୀ ବୋଲି କହିଥିଲେ, ଯାହା ଏହାର ଉତ୍ସାହ, ସାହସ, ବୀରତ୍ୱ ଏବଂ ସମର୍ପଣ ପାଇଁ ପ୍ରସିଦ୍ଧ । ରୌପ୍ୟ ଜୟନ୍ତୀ ବର୍ଷରେ 'ପ୍ରେସିଡେଣ୍ଟ୍ସ କଲର' ପାଇବା ବାହିନୀର ନିରନ୍ତର ପରିଶ୍ରମ, ପ୍ରତିବଦ୍ଧତା, ସାହସିକତା ଏବଂ ଜନସାଧାରଣଙ୍କ ସହ ଗଭୀର ସମ୍ପର୍କର ପ୍ରମାଣ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଆଇନ ଶୃଙ୍ଖଳା ବଜାୟ ରଖିବା, ନକ୍ସଲବାଦର ମୁକାବିଲା, ନିଶାମୁକ୍ତ ଭାରତ ଅଭିଯାନକୁ ଆଗେଇ ନେବା, ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ରାଜ୍ୟର ନାଗରିକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବାରେ ଛତିଶଗଡ଼ ପୁଲିସର ଉଲ୍ଲେଖନୀୟ ସେବା ପାଇଁ ସେ ପ୍ରଶଂସା କରିଥିଲେ। ଶ୍ରୀ ଶାହ ଛତିଶଗଡରେ ଶାନ୍ତି ଓ ନିରାପତ୍ତା ବୃଦ୍ଧି ରେ ବାହିନୀର ଅତୁଟ ସମର୍ପଣ ଏବଂ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିଥିଲେ । ଆଜି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି। ସର୍ଦ୍ଦାର ପଟେଲଙ୍କ ଅତୁଳନୀୟ ସାହସ ଓ ସଂକଳ୍ପ ହିଁ ଦେଶକୁ ଏକଜୁଟ କରିଛି ବୋଲି ସେ କହିଥିଲେ। ଶ୍ରୀ ଶାହ ଆହୁରି ମଧ୍ୟ ଉଲ୍ଲେଖ କରିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଧାରା ୩୭୦ ଉଚ୍ଛେଦ କରି ସର୍ଦ୍ଦାର ପଟେଲଙ୍କ ଅସମ୍ପୂର୍ଣ୍ଣ ମିଶନକୁ ପୂରଣ କରିଥିଲେ, ଯାହା ଦ୍ୱାରା କାଶ୍ମୀରକୁ ସ୍ଥାୟୀ ଭାବରେ ଭାରତ ସହ ମିଶ୍ରଣ କରାଯାଇଥିଲା । ସେ ଆହୁରି ମଧ୍ୟ କହିଛନ୍ତି ଯେ ସମଗ୍ର ଦେଶ ଆଜି ସର୍ଦ୍ଦାର ପଟେଲଙ୍କୁ ଗଭୀର କୃତଜ୍ଞତାର ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଶ୍ରୀ ଅମିତ ଶାହ କହିଥିଲେ ଯେ ଛତିଶଗଡ଼ ଗଠନ ପାଇଁ ଦୀର୍ଘ ଦିନର ଦାବି ଶ୍ରୀ ଅଟଳ ବିହାରୀ ବାଜପେୟୀ ପୂରଣ କରିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଛତିଶଗଡ଼ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ନକ୍ସଲ ମୁକ୍ତ ହେବ ବୋଲି ଗୃହମନ୍ତ୍ରୀ ବିଶ୍ୱାସ ବ୍ୟକ୍ତ କରିଛନ୍ତି। କେବଳ ଛତିଶଗଡ଼ ନୁହେଁ, ଦେଶର ଅନ୍ୟ ରାଜ୍ୟରୁ ମଧ୍ୟ ନକ୍ସଲବାଦ କୁ ହଟାଇବା ପାଇଁ ମୋଦୀ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। ଏହି ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେବାରେ ଛତିଶଗଡ଼ ପୋଲିସର ସାହସିକତାକୁ ସେ ସ୍ୱୀକାର କରିବା ସହ ଗତ ଏକ ବର୍ଷ ମଧ୍ୟରେ ନକ୍ସଲ ବିରୋଧରେ ଲଢେଇରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ସଫଳତା ଉପରେ ଆଲୋକପାତ କରିଥିଲେ ।

# ମଣ୍ଡଳସ୍ତରୀୟ ସମ୍ବର୍ଦ୍ଧନା ସଭା

ଡେରାବିଶ(ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ମୁକୁନ୍ଦପୁର ସାଧନ କେନ୍ଦ୍ର ଅଧିନସ୍ଥ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ବିଦ୍ୟାଳୟ ପରିସରରେ ମଣ୍ଡଳ ସ୍ତରୀୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିବି ମଡ଼େଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଶ୍ୱବିଜୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଏବିଇଓ ଖଗେଶ୍ୱର ନାୟକ, ସମ୍ମାନିତ ଅତିଥିଭାବେ ବିଆରସିସି ଦେବଦଶ ଶତପଥି ଓ ଏବିଇଓ ସଚିକାନ୍ତ ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ଗତ ରାଜ୍ୟସ୍ତରୀୟ ସୁରଭି - ୨୦୨୪ରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଥିବା ଡେରାବିଶ ବ୍ଲକ ଅନ୍ତର୍ଗତ ଛାତ୍ରୀ ପ୍ରିତିପ୍ରିୟା ପରିଡ଼ା ଏବଂ ତାଙ୍କ ଗାଇଡ୍ ଶିକ୍ଷକ ଅଜୟ କୁମାର ପଣ୍ଡାଙ୍କୁ ଅତିଥିମାନେ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷକ ଅଜୟ କୁମାର ଦାସ ମାନପତ୍ର ପଠନ କରିଥିଲେ । ଏହି ଅବସରରେ ବିଇଓ ଶ୍ରୀ ବେହେରାଙ୍କ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ ପଦୋନ୍ନୋତି ହୋଇଥିବାରୁ ମୁକୁନ୍ଦପୁର ଆଂଚଳିକ ସାଧନ କେନ୍ଦ୍ର ଅଧିନସ୍ଥ ସମସ୍ତ ଶିକ୍ଷକ ଶିକ୍ଷକ ଶିୟିତ୍ରୀଙ୍କ ପକ୍ଷରୁ ସିଆରସିସି ବିଶ୍ୱଜିତ ମୁଦୁଲି ବିଇଓଙ୍କୁ ବେହେରାଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏଥିସହିତ ପୂର୍ବତନ ସିଆରସିସି ଅଭିରାମ ମିଶ୍ରଙ୍କୁ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଛାତ୍ରଛାତ୍ରମାନଙ୍କ ପ୍ରତି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ ମଧ୍ୟ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯଅଁରାବାରିମୂଳ ସିଆରସିସି ପ୍ରଶାନ୍ତ ଶତପଥି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପଂଚାୟତ ବିଦ୍ୟାପୀଠ ମୁକୁନ୍ଦପୁରର ପ୍ରଧାନ ଶିକ୍ଷକ ମନୋରଞ୍ଜନ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ବଟମହାପୁରୁଷ ନୋଡାଲ ୟୁପିଏସ୍‌ର ପ୍ରଧାନ ଶିକ୍ଷକ ଚୌଧୁରୀ ସରୋଜକାନ୍ତ ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡେରାବିଶ ଶିକ୍ଷା ସର୍କଲ ଅନ୍ତର୍ଗତ ଅନ୍ତର୍ଗତ ସିଆରସିସି ପ୍ରଦୀପ ମଲ୍ଲ, କନକଲତା ପୃଷ୍ଟି, ମାମୁନି ସିଂ, ରମେଶ ପତି, ଅୟସକାନ୍ତ ରାଉତ, ରାମଚନ୍ଦ୍ର ଆଚାର୍ଯ୍ୟ, ସୁଜାତା ନାୟକ, ଅମିତା ବାଇ ପ୍ରମୁଖ ପରିଚାଳନା କରିଥିବା ବେଳେ ବିବିମଡ଼େଲ ହାଇସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ ।

# ଏଟିଏମ୍ ଭାଙ୍ଗି ଚୋରି ଉଦ୍ୟମ

ଡେରାବିଶ(ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଚାନ୍ଦୋଳ ପଂଚାୟତ ଅନ୍ତର୍ଗତ ଚାନ୍ଦୋଳ ବଜାରର ୧୨ କେନାଲ୍ ବନ୍ଧରେ ଥିବା ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ଏଟିଏମ୍‌କୁ ଗତକାଲି ରାତିରେ ଦୁର୍ବୃର୍ତମାନେ କାଟି ଚୋରି ଉଦ୍ୟମ କରିଥିବା ଦେଖିବାକୁ ମିଳିଛି । ତେବେ ଦୁର୍ବୃର୍ତମାନେ ଗତକାଲି ରାତିରେ ଏଟିଏମ୍ ଭିତରେ ଓ ବାହାରେ ଥିବା ସମସ୍ତ ସିସିଟିଭି ଉପରେ କଳାରଙ୍ଗ ବୋଳି ଦେଇଛନ୍ତି । ଏପରିକି ମେସିନ୍‌ର ଉପରେ ଥିବା କ୍ୟାମେରାଟିରେ ମଧ୍ୟ କଳାରଙ୍ଗ ବୋଳିଥିବା ଦେଖିବାକୁ ମିଳିଛି । ସେହିପରି ନିକଟସ୍ଥ ବ୍ୟବସାୟ ପ୍ରତିଷ୍ଠାନମାନଙ୍କରେ ଲାଗିଥିବା କ୍ୟାମେରାରେ ମଧ୍ୟ ରଙ୍ଗବୋଳି ଦେଇଛନ୍ତି ।

**AFFIDAVIT**

By virtue of an affidavit sworn before the court of excutive magistrate, baripada on dt 22/11/24 vide no - 3878 that I Aradhana Nayak resident of Bijayramchandrapur, Ward No.17 baripada P.O./P.S-Bhanjpur, Dist-Mayurbhanj, odisha Pin - 757002 declare that my daughter's actual name HARSHITA MOHANTY and her actual date of birth 06/11/2013 which is mentioned in her Birth Certificate. But in her Aadhar card No.597293249984 her name and date of birth wrongly mentioned as SHRIYA MOHANTY and 06-11-2012. Henceforth she will be known as HARSITA MOHANTY and her actual date of birth is 06/11/2013.

**Sd - Aradhana Nayak**

**AFFIDAVIT**

By virtue of an affidavit before the Notary Public, Umerkote on 12.10.2024, I Rubina Nayak, W/o-Santosh Kumar Nayak, D/o- Goulal Harijan, resident of village- Health Colony, Umerkote, Post/Ps-Umerkote, Dist-Nabarangur, declares that my actual curent name is Rubina Nayak which is mentioned in Aadhar Card, voter Identity Card & other important documents. But in SBI KIOSK Bank my name has been mentioned as Rabina Harijan. Rubina Nayak & Rabina Harijan is same and one person belongs to myself. This affidavit is to be produced before concerned authority of SBI, Umerkote for necessary rectification.

**Sd/- Rubina Nayak**

# ପୋଖରୀରେ ବୁଡି ନାବାଳକ ମୃତ

ବୋଲଗଡ଼(ଭାସ୍କର ନ୍ୟୁଜ): ବୋଲଗଡ଼ ଥାନା ଫାସିଓଦା ଅଧିନ ଟାଙ୍ଗିସାହି ଗ୍ରାମର ଜୈନେକ ନାବାଳକ ପୋଖରୀରେ ବୁଡିଯାଇ ଅକାଳ ମୃତ୍ୟୁ ହୋଇଛି। ଦୁଃଖଦ ଘଟଣାରୁ ଜଣାପଡିଛି ଯେ ଟାଙ୍ଗିସାହି ୩୨ ଘରିଆସାହି ବାସିନ୍ଦା କବିରାଜ ବିଶ୍ୱାଳଙ୍କ ଏକମାତ୍ର ପୁଅ ଅନିବେଶ ବିଶ୍ୱାଳ(୧୦)ବୟସର ନାବାଳକ ଥାଇ ନିଜ ଘର ନିକଟରେ ରହିଥିବା ମଝି ଘରିଆ ନୂଆପୋଖରୀରେ ବୁଡି ଯାଇ ମୃତ୍ୟୁ ଘଟିଛି। ଏପରିକି ସାଙ୍ଗ ମାନଙ୍କ ସହିତ ସନ୍ଧ୍ୟା ସମୟ ପ୍ରାୟତଃ ୫.୨୦ମିରେ ମୃତକ ବାଳକ ଅନିବେଶ ଘର ନିକଟ ମଝିଘରିଆ ନୂଆ ପୋଖରୀକୁ ଶୌଚାଦି ନିମନ୍ତେ ଯାଇଥିଲେ। ସେଠାରେ କୌଣସି ଅସାବଧାନତା ହେତୁ ଅନିବେଶର ଗୋଡ଼ ଖସି ଯିବାରେ ସେ ପାଣିର ଭିତରକୁ ଚାଲିଯାଇଥିଲେ। କୌଣସି ସୂତ୍ରରୁ ଖବର ପାଇ ଗାଁ ଲୋକେ ପାଣିରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବୋଲଗଡ଼ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।ତେବେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପରେ ଥାନା କେସନଂ-୧୭/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

**O-864** E.Mail – rw_rourkela@yahoo.co.in

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II,SUNDARGARH

**TENDER CALL NOTICE**
**BID IDENTIFICATION NO. ONLINE-EERKL-22 of 2024-25**

1. Name of the Work :- Building Works
2. Total No. of works :- 09(Nine) Nos.
3. Estimated cost :- Rs .3.73 to 8.39 Lakhs
4. Class of contractor :- "D" & "C" Class
5. Period of completion :- 01 (One),02 (Two) Calendar Months
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding: From | Availability of Tender On-line for bidding: To | Last Date & Time of seeking tender clarification | Date & Time of Opening of Tender |
|---|---|---|---|---|---|
| 1 | 2 | 3 | 4 | 5 | 7 |
| Executive Engineer, Rural Works Division-II, Sundargarh | Online - EERKL-22 of 2024-25 | 21.12.2024 from 11.00 AM | 31.12.2024 upto 05.00 PM | 30.01.2024 upto 1.00 PM | 02.01.2025 at 11.00 AM |

Further details can be seen from the website www.tendersorissa.gov.in & for more information please visit the office.

Sd/-Additional Chief Engineer
RW Division-II,Sundargarh

OIPR 25193/11/0038/2425

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଜଙ୍ଗଲ ହେଉଛି...

ଠିକ୍‌ଭାବେ କାର୍ଯ୍ୟକାରୀ ଓ ବନ୍ୟଜନ୍ତୁ ଓ ମଣିଷ ଭିତରେ ସଂଘର୍ଷକୁ ହ୍ରାସ କରିବା ଆଦି ଦିଗରେ ସରକାରଙ୍କ ଉଦ୍ୟମ ଅବ୍ୟାହତ ରହିବା ଆବଶ୍ୟକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ୨୦୭୦ ସୁଦ୍ଧା ଭାରତକୁ କାର୍ବନ ଏମିଶନ କ୍ଷେତ୍ରରେ ଜିରୋ କରିବାର ସଂକଳ୍ପ ଆମେ ନେଇଛୁ ଏବଂ ମିଶନ ଲାଇଭ୍‌ର ପରିକଳ୍ପନା ସାଙ୍ଗକୁ ପ୍ରଧାନମନ୍ତ୍ରୀ ମୋଦୀ ଦେଶରେ ଏକ ପେଡ୍ ମା କେ ନାମ୍ ଅଭିଯାନର ଶୁଭାରମ୍ଭ ମଧ୍ୟ କରିଛନ୍ତି ବୋଲି ସେ କହିଥିଲେ। ଜାତୀୟ ଶିକ୍ଷାନୀତିକୁ ରାଜ୍ୟରେ ବିଧିବଦ୍ଧ ଭାବେ ଲାଗୁ କରିବା ପାଇଁ ଓଡ଼ିଶା ସରକାର ନିଷ୍ପତ୍ତି ନେଇଥିବା ସୂଚନା ଦେଇ ଶ୍ରୀ ପ୍ରଧାନ କହିଥିଲେ, ଏହି ଶିକ୍ଷାନୀତି ଅନୁଯାୟୀ ଯେଉଁ ନୂଆ ପାଠ୍ୟକ୍ରମ ପ୍ରସ୍ତୁତ ହେବ ସେଥିରେ ଓଡ଼ିଶାର ଜଙ୍ଗଲ କୈନ୍ଦ୍ରିକ ସଂସ୍କୃତି, ଇତିହାସ ଓ ସମ୍ଭାବନା ବିଷୟରେ ଶିକ୍ଷା ଦିଆଯିବ ବୋଲି ସେ କହିଥିଲେ। କେବଳ ରାଜଧାନୀର ବିକାଶ ହେଲେ ଓଡ଼ିଶାର ବିକାଶ ହେବ ନାହିଁ। ବିକାଶର ସୁଫଳ ରାଜ୍ୟର ସମସ୍ତ ଅଞ୍ଚଳରେ ପହଞ୍ଚିବା ଦରକାର ବୋଲି ସେ କହିଥିଲେ।

### ଶପଥ ନେଲେ...

ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀଶ, ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଅଜିତ ପାୱାରଙ୍କ ଉପସ୍ଥିତିରେ ରାଜ୍ୟପାଳ ସିପି ରାଧାକ୍ରିଷ୍ଣନ ମନ୍ତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ। ଛତ୍ରପତି ଶିବାଜୀ ମହାରାଜଙ୍କ ବଂଶଧର ଶିବେନ୍ଦ୍ର ରାଜେ ଭୋସେଁଲଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଛି। ସେହିପରି ପୂର୍ବତନ ବିଜେପି ନେତା ଗୋପୀନାଥ ମୁଣ୍ଡେଙ୍କ ଝିଅ ପଙ୍କଜା ମୁଣ୍ଡେ ମଧ୍ୟ ଶପଥ ନେଇଛନ୍ତି । ବିଜେପିର ଗଣେଶ ନାୟକ, ଶିବସେନାର ଦାଦାଜୀ ଓ ସଞ୍ଜୟ ରାଠୋର ଶପଥ ନେଇଥିବା ସୂଚନା ମିଳିଛି। ତେବେ ମନ୍ତ୍ରୀପଦ ନ ମିଳିବାକୁ ନେଇ କେତେକ ସଦସ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି । ଶିବସେନା ବିଧାୟକ ନରେନ୍ଦ୍ର ଭୋଣ୍ଡେକର ଇସ୍ତଫା ଦେବା ସହ ବିଧାନସଭା ଉପନେତା ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି । ଏହାସହ ସେ ଶିବସେନାର ବିଦର୍ଭ ସହସଂଯୋଜକ ପଦରୁ ମଧ୍ୟ ଇସ୍ତଫା ଦେଇଥିବା ସୂଚନା ମିଳିଛି।

### ୧୧ମାସ ପରେ...

ହାତରେ କେବେ ଫେରେ ନାହିଁ । ହାଟ ଫେରିଲା, ଦୀର୍ଘଦିନର ଦାବି ମଧ୍ୟ ପୂରଣ ହେଲା ବୋଲି କହିଛନ୍ତି ବ୍ୟବସାୟୀ। ସୁରକ୍ଷା ଦୃଷ୍ଟିରୁ ୨ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଅରଏମ୍‌ସି ସଂପାଦକ କହିଛନ୍ତି ଯେ ହାଟପାଇଁ ସମସ୍ତ ବ୍ୟବସ୍ଥା ଖୁବ୍‌ଶୀଘ୍ର ଯୋଗାଇ ଦିଆଯିବ ।

# ୫୦୦ ଦିବ୍ୟାଙ୍ଗ ଜନଙ୍କୁ ଏମ୍‌ସିଏଲ ପକ୍ଷରୁ ଇ-ରିକ୍ସା ପ୍ରଦାନ



ସମ୍ବଲପୁର(ଭାସ୍କର ନ୍ୟୁଜ): ଓଡ଼ିଶାର ୩୦ ଜିଲ୍ଲାର ୫୦୦ ଦିବ୍ୟାଙ୍ଗ ଜନଙ୍କୁ ଏମସିଏଲ ପକ୍ଷରୁ ସିଏସଆର କାର୍ଯ୍ୟକ୍ରମ ଅନୁଯାୟୀ ଇ-ରିକ୍ସା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିରରେ ଯୋଗଦେଇ ଏହି ରିକ୍ସା ପ୍ରଦାନ କରିଥିବା ସୂଚନା ଦିଆଯାଇଛି। ଏମସିଏଲର ସିଏମ୍‌ଡି ଅନନ୍ତ କାୱ୍ଲେ ଏବଂ ନିର୍ଦ୍ଦେଶକ (ପର୍ସନାଲ) କେଶବ ରାଓ ଏହି ଅବସରରେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ସାମାଜିକ ସଶକ୍ତିକରଣ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସହ ଏମସିଏଲର ଏଥିପାଇଁ ଏକ ଚୁକ୍ତିନାମା ହୋଇଥିଲା। ଏମସିଏଲ ଏ ବାବଦରେ ୭.୫ କୋଟି ଟଙ୍କା ସିଏସଆର ପାଣ୍ଠିରୁ ବିନିଯୋଗ କରିଥିବା ଜଣାପଡ଼ିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଓଡ଼ିଶା ସରକାର ଦିବ୍ୟାଙ୍ଗମାନଙ୍କ ସଶକ୍ତିକରଣ ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ଅବସରରେ ଏମସିଏଲର ସିଏମ୍‌ଡି ଅନନ୍ତ କାୱ୍ଲେ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଧନ୍ୟବାଦ ଜଣାଇଥିଲେ। ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଏହି ଅବସରରେ ଉପସ୍ଥିତ ରହିଥିଲେ। ଏମସିଏଲ ସିଏମ୍‌ଡି କହିଥିଲେ ଯେ ସିଏସଆର ଅଧୀନରେ ସକ୍ଷମ ଯୋଜନା କାର୍ଯ୍ୟକାରୀ କରାଯାଇ ରାଜ୍ୟର ଦିବ୍ୟାଙ୍ଗମାନଙ୍କୁ ସହାୟତା ପ୍ରଦାନ କରାଯିବ।

**GIC HOUSING FINANCE LTD.**
गृहे सौख्यमू विराजते
Bhubaneswar Branch Office: Plot No.: 501, 2nd floor, Narula Market, Near Sriya Takies Square, Kharavel Nagar, Janapath, Bhubaneswar- 751001, Tel:0674-2380650 Email: bhubaneshwar@gichfindia.com
CORPORATE/ HEAD OFFICE : GICHFL, National Insurance Building, 6th Floor, J.T. Road, Next to Astoria Hotel, Churchgate, Mumbai - 400020, Tel.: (022) 22851765/66/67, Email: corporate@gichf.com, Website: www.gichfindia.com

ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୮ର ସବ୍ ରୁଲ୍ (୧) ଅନୁଯାୟୀ **ସାଙ୍କେତିକ ଦଖଲ** ନୋଟିସ

ନିମ୍ନସ୍ୱାକ୍ଷରକାରୀ **ଜିଆଇସିଏଚ୍‌ଏଫଏଲ୍‌ର ଭୁବନେଶ୍ୱର ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁସାରେ ନିମ୍ନଦର୍ଶିତ ଋଣଗ୍ରହୀତାମାନଙ୍କୁ ନିମ୍ନଦର୍ଶିତ ତାରିଖରେ ଡ଼ିମାଣ୍ଡ ନୋଟିସ୍‌ମାନ ଜାରି କରି ସମ୍ପୃକ୍ତ ନୋଟିସ୍‌ପ୍ରାପ୍ତି ତାରିଖର ୬୦ଦିନ ମଧ୍ୟରେ ବକେୟା ରାଶି ପୈଠ କରିବାକୁ କହିଥିଲେ। ଆପଣ ନିମ୍ନଦର୍ଶିତ ଋଣଗ୍ରହୀତାମାନେ ଧାର୍ଯ୍ୟ ସମୟସୀମା ମଧ୍ୟରେ କଥିତ ବକେୟା ରାଶି ପୈଠ କରିବାରେ ବିଫଳ ହେବାରୁ **ଜିଆଇସିଏଚ୍‌ଏଫଏଲ୍** ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩ର ଉପଧାରା ୪ ଅନୁଯାୟୀ କ୍ଷମତା ପ୍ରୟୋଗକରି ସେମାନଙ୍କର ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ **ସାଙ୍କେତିକ ଦଖଲରେ** ନେଇଛନ୍ତି।

| କ୍ର.ନଂ. | ଋଣ ଆକାଉଣ୍ଟ ନଂ./ଋଣଗ୍ରହୀତା/ ସହ-ଋଣଗ୍ରହୀତାମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ବକେୟା ରାଶି (ଆଇନଗତ ଦେୟ ବ୍ୟତିତ) | ଡ଼ିମାଣ୍ଡ ନୋଟିସ ତାରିଖ | ଦଖଲର ତାରିଖ |
|---|---|---|---|---|---|
| ୧. | ଶ୍ରୀ ଅରକ୍ଷିତ ବେହେରା (ଆପ୍ଲିକାଣ୍ଟ) ଶ୍ରୀମତୀ ପ୍ରତିମା ବେହେରା(୧ମ କୋ-ଆପ୍ଲିକାଣ୍ଟ) ଶ୍ରୀ ମନୋରଞ୍ଜନ ବେହେରା (୨ୟ କୋ-ଆପ୍ଲିକାଣ୍ଟ) ଫାଇଲ୍ ନଂ.: ଓଆର୍‌୦୩୦୦୬୧୦୦୦୧୫୮୯ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୬, କ୍ଷେତ୍ର: ଏକର୦.୨୬୫ଡିସିମିଲି (ଘରବାରୀ), **ସମୁଦାୟ ଜମିର କ୍ଷେତ୍ର: ଏକର୦.୨୬୫ ଡିସିମିଲି,** ଖାତା ନଂ.: ୩୮/୧୨, ସେଠାରେ ଥିବା ତଳମହଲା ସହିତ ସୁପର ଷ୍ଟ୍ରକଚର, ମୌଜା: ପୁରୁଷୋତ୍ତମପୁର ପାଟଣା, ଥାନା: ଜଙ୍କିଆ ନଂ.: ୧୪୯, ତହସିଲ: ଟାଙ୍ଗୀ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୨୦, ଓଳସିଂହ ହାଇସ୍କୁଲ ନିକଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ମାଗୁଣୀ ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ବିକ୍ରେତା, ପଶ୍ଚିମ: ରତ୍ନାକର ସାହୁ | ୩୦.୦୪.୨୦୨୪ ସୁଦ୍ଧା ଟ.୨୫,୧୮,୫୭୬/- | ୧୪.୦୫.୨୦୨୪ | ୧୦.୧୨.୨୦୨୪ |
| ୨. | ଶ୍ରୀ ପ୍ରଦିପ୍ତ କୁମାର ପଟ୍ଟନାୟକ (ଆପ୍ଲିକାଣ୍ଟ) ଶ୍ରୀମତୀ ବିନି ପଟ୍ଟନାୟକ (୧ମ କୋ-ଆପ୍ଲିକାଣ୍ଟ) ଶ୍ରୀମତୀ ସୂର୍ଯ୍ୟକାନ୍ତି ଭୂୟାଁ (୨ୟ କୋ-ଆପ୍ଲିକାଣ୍ଟ) ଶ୍ରୀମତୀ ଲକ୍ଷ୍ମୀପ୍ରିୟା ମହାନ୍ତି (୩ୟ କୋ-ଆପ୍ଲିକାଣ୍ଟ) ଫାଇଲ୍ ନଂ.: ଓଆର୍‌୦୩୦୦୬୧୦୦୦୧୬୪୧ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୨୯, କ୍ଷେତ୍ର: ଏକର୦.୧୪୦ଡିସିମିଲି (ଘରବାରୀ), **ସମୁଦାୟ ଜମିର କ୍ଷେତ୍ର: ଏକର୦.୧୪୦ ଡିସିମିଲି,** ଖାତା ନଂ.: ୩୩୧/୫୭, ସେଠାରେ ଥିବା ତଳମହଲା ସହିତ ସୁପର ଷ୍ଟ୍ରକଚର, ମୌଜା: ମେଲନ୍ଧା, ଥାନା: ଇଟାମାଟି, ତହସିଲ: ନୟାଗଡ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୮, ଏହାର ଚାରିପାର୍ଶ୍ୱରେ ଉତ୍ତର: କେନାଲ, ଦକ୍ଷିଣ: ରାସ୍ତା, ପୂର୍ବ: ନିଜସ୍ୱ, ପଶ୍ଚିମ: ଭାଗିରଥୀ ପ୍ରଧାନ | ୩୧.୦୮.୨୦୨୪ ସୁଦ୍ଧା ଟ.୧୨,୮୧,୭୩୮/- | ୧୧.୦୯.୨୦୨୪ | ୧୦.୧୨.୨୦୨୪ |
| ୩. | ଶ୍ରୀ ମନୋରଞ୍ଜ ସାହୁ (ଆପ୍ଲିକାଣ୍ଟ) ଶ୍ରୀମତୀ ମମତା ମଞ୍ଜରୀ ସାହୁ (କୋ-ଆପ୍ଲିକାଣ୍ଟ) ଫାଇଲ୍ ନଂ.: ଓଆର୍‌୦୩୦୦୬୧୦୦୦୧୪୧୮ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୬୨/୮୩୯, କ୍ଷେତ୍ର: ଏକର୦.୦୫୦ଡିସିମିଲି (ଘରବାରୀ), **ସମୁଦାୟ ଜମିର କ୍ଷେତ୍ର: ଏକର୦.୦୫୦ ଡିସିମିଲି,** ଖାତା ନଂ.: ୧୭୦/୨୮୧, ସହିତ ସେଠାରେ ଥିବା ତଳମହଲା ସହିତ ସୁପର ଷ୍ଟ୍ରକଚର, ମୌଜା: ଜୟପୁର, ଥାନା: ନୟାଗଡ ନଂ.: ୪୩, ତହସିଲ: ନୟାଗଡ, ଜିଲ୍ଲା: ନୟାଗଡ, ଓଡିଶା, ପିନ୍-୭୫୨୦୭୦, ହାଉସିଂବୋର୍ଡ କଲୋନୀ ନିକଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପୁରନ୍ଦର ମହାରଣା, ଦକ୍ଷିଣ: ପ୍ରସ୍ତାବିତ ରାସ୍ତା, ପୂର୍ବ: ଦୀପକ ସାହୁ, ପଶ୍ଚିମ: ଜୟକୃଷ୍ଣ ପ୍ରଧାନ | ୩୧.୦୮.୨୦୨୪ ସୁଦ୍ଧା ଟ.୨୦,୦୨,୩୦୨/- | ୧୧.୦୯.୨୦୨୪ | ୧୦.୧୨.୨୦୨୪ |

ପୁନଶ୍ଚ ଏହି ନୋଟିସ ମାଧ୍ୟମରେ ଉପରୋକ୍ତ ଋଣଗ୍ରହୀତାଙ୍କୁ ଜଣାଇଦିଆଯାଉଛି କି, ସେମାନେ ଏହି ନୋଟିସ ତାରିଖ ଠାରୁ **୭ ଦିନ** ମଧ୍ୟରେ ଜିଆଇସିଏଚଏଫଏଲକୁ ସେମାନଙ୍କର ସମ୍ପତ୍ତିଗୁଡିକୁ ଶାନ୍ତିପୂର୍ଣ୍ଣଭାବେ ଦଖଲ ହସ୍ତାନ୍ତର କରନ୍ତୁ, ଅନ୍ୟଥା ନିମ୍ନସ୍ୱାକ୍ଷରକାରୀ ଉପରୋକ୍ତ ସମ୍ପତ୍ତିଗୁଡିକୁ ଭୌତିକ ଦଖଲ ନେବାପାଇଁ ବାଧ୍ୟ ହେବେ ଏବଂ/କିମ୍ବା ଉକ୍ତସମ୍ପତ୍ତିଗୁଡିକୁ ସରଫେଶୀ ଆକ୍ଟ ୨୦୦୨ ଏବଂ ସେଥିରେ ଥିବା ପଦ୍ଧତି ଅନୁସାରେ ୩୦ଦିନ ସମୟ ସୀମା ପରେ ବିକ୍ରୟ ପ୍ରକ୍ରିୟା ଆରମ୍ଭ କରିବେ।
ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସମୂହ ଭାବେ ସତର୍କ କରାଇଦିଆଯାଉଅଛିକି ଉପରଦର୍ଶିତ ସମ୍ପତ୍ତି ସହିତ କୌଣସି କାରବାର କରିବେ ନାହିଁ, ଯଦି କୌଣସି କାରବାର କରନ୍ତି ତେବେ ସମ୍ପୃକ୍ତ ସମ୍ପତ୍ତି ପାଇଁଯେଉଁ ବକେୟା ଅର୍ଥରାଶି ଦର୍ଶାଯାଇଛି ତତ୍‌ସହିତ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତି ସୁଧ ନିମନ୍ତେ ଜିଆଇସିଏଚ୍‌ଏଫ୍‌ଏଲ୍ ନିକଟରେ ଉତ୍ତରଦାୟୀ ରହିବେ।
**ଋଣଗ୍ରହୀତାଙ୍କର ଦୃଷ୍ଟିଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

ତାରିଖ : ୧୬.୧୨.୨୦୨୪, ସ୍ଥାନ : ଭୁବନେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଜିଆଇସି ହାଉସିଂ ଫାଇନାନ୍ସ ଲିଃ



ଶ୍ରୀନଗର: ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ରବିବାର କଂଗ୍ରେସ ଦଳକୁ ଏକ ବଡ଼ ପରାମର୍ଶ ଦେଇଛନ୍ତି। ଅବଦୁଲ୍ଲା କଂଗ୍ରେସ ଦଳକୁ ଇଭିଏମ ବିଷୟରେ ବାରମ୍ବାର ଅଭିଯୋଗ କରିବା ବନ୍ଦ କରିବାକୁ ଏବଂ ନିର୍ବାଚନ ଫଳାଫଳକୁ ଗ୍ରହଣ କରିବାକୁ କହିଛନ୍ତି। ସୂଚନାଯୋଗ୍ୟ, ନିକଟରେ ଅନୁଷ୍ଠିତ ଅନେକ ରାଜ୍ୟର ନିର୍ବାଚନରେ ପରାଜୟର ସମ୍ମୁଖୀନ ହେବା ପରେ କଂଗ୍ରେସ ଦଳ ଇଭିଏମ୍ ରେ ତ୍ରୁଟି ହୋଇଥିବା ଦାବି କରିଛି। ପରିବାରବାଦ ଅଭିଯୋଗ ସମେତ ଅନେକ ପ୍ରସଙ୍ଗରେ ଓମାର ଅବଦୁଲ୍ଲା ମଧ୍ୟ ମତ ରଖିଛନ୍ତି। ଓମାର ଅବଦୁଲ୍ଲା ବିଜେପିର ବଂଶବାଦ ରାଜନୀତି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏହି ପ୍ରସଙ୍ଗରେ ସେ କହିଛନ୍ତି ଯେ ରାଜନୈତିକ ପରିବାର ସହ ଜଡ଼ିତ ହେବା ଜୀବନବ୍ୟାପୀ ସଫଳତାର ଚାବିକାଠି ନୁହେଁ। ଓମାର ଅବଦୁଲ୍ଲା ମଧ୍ୟ ତାଙ୍କ ପୁଅମାନଙ୍କ ରାଜନୀତି ପ୍ରବେଶ ଉପରେ ପ୍ରତିକ୍ରିୟା ରଖିଛନ୍ତି।

### ଦିଲ୍ଲୀ ବିଧାନସଭା ନିର୍ବାଚନ ନେଇ ଆପ୍‌ର ଚତୁର୍ଥ ପ୍ରାର୍ଥୀ ତାଲିକା ଘୋଷଣା

# କାଳକାଜିରୁ ଆତିଶୀ ଓ ନୂଆଦିଲ୍ଲୀରୁ କେଜ୍ରିୱାଲ୍



ଆସନ୍ତା ବର୍ଷ ଦିଲ୍ଲୀ ବିଧାନସଭା ନିର୍ବାଚନ ନେଇ ଜୋରଦାର ପ୍ରସ୍ତୁତି ଚାଲିଛି। ନୂଆ ଦିଲ୍ଲୀରୁ ନିର୍ବାଚନ ଲଢ଼ିବେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟିର ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ। ସେହିପରି କାଳକାଜିରୁ ମୈଦାନକୁ ଓହ୍ଲାଇଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ। ଆପ୍ ଜାରି କରିଥିବା ତା'ର ଚତୁର୍ଥ ପ୍ରାର୍ଥୀ ତାଲିକାରୁ ଏହା ଜଣାପଡିଛି। ଏଥିରେ ୩୮ ଜଣ ପ୍ରାର୍ଥୀଙ୍କ ନାଁ ରହିଛି। ଅରବିନ୍ଦ କେଜ୍ରିୱାଲ ନୂଆଦିଲ୍ଲୀରୁ ନିର୍ବାଚନ ଲଢ଼ିବେ। ସେହିପରି ମୁଖ୍ୟମନ୍ତ୍ରୀ ଆତିଶୀ ପୁଣି ଥରେ କାଳକାଜୀରୁ ନିର୍ବାଚନ ଲଢ଼ିବେ। ସେହିଭଳି ସୌରଭ ଭରଦ୍ୱାଜ ଗ୍ରେଟର କୈଳାଶରୁ ଆମ୍ ଆଦମୀ ପାର୍ଟିର ପ୍ରାର୍ଥୀ ହେବେ। ବର୍ତ୍ତମାନ ଏହି ଆସନରୁ ସେ ବିଧାୟକ ଅଛନ୍ତି। ତେବେ ଦଳ ଆମ୍ ଆଦମୀ ପାର୍ଟିର ବର୍ତ୍ତମାନର ବିଧାୟକ ମଦନ ଲାଲଙ୍କ ଟିକେଟ୍ କାଟିଛି। ତାଙ୍କ ବଦଳରେ କସ୍ତୁରବା ନାଗରରୁ ରମେଶ ପେହଲୱାନଙ୍କୁ ମୈଦାନକୁ ଓହ୍ଲାଇଛି ଦଳ। ରମେଶ ପେହଲୱାନ ଏବଂ ତାଙ୍କ କାଉନସିଲର ପତ୍ନୀ କୁସୁମ ଲତା ଆଜି ହିଁ ବିଜେପି ଛାଡି ଆପ୍‌ରେ ଯୋଗ ଦେଇଥିଲେ। ସେହିପରି ବାବରପୁରରୁ ମନ୍ତ୍ରୀ ଗୋପାଳ ରାୟ ଓ ତିଲକ ନଗରରୁ ଜରନୈଲ ସିଂହ ନିର୍ବାଚନ ଲଢ଼ିବେ। ଏହାବ୍ୟତୀତ ସତ୍ୟେନ୍ଦ୍ର କୁମାର ଜୈନ ଶକୁର ବସ୍ତିରୁ, ଓଖଲାରୁ ଅମାନତୁଲ୍ଲା ଖାନ୍, ମୁକେଶ କୁମାର ଅହଲାବାତ ସୁଲତାନପୁର ମାଜରାରୁ, ରଘୁବିନ୍ଦର ସୌକିନ ନାଙ୍ଗଲୋଇ ଜାଟରୁ, ସୋମ ଦତ୍ତ ସଦର ବାଜାରରୁ ଓ ଇମ୍ରାନ ହୁସେନ ବଲ୍ଲିମାରାନରୁ ନିର୍ବାଚନ ଲଢ଼ିବେ। ଏହି ପ୍ରାର୍ଥୀ ତାଲିକା ଘୋଷଣା ହେବା ପରେ ସୋଶିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟ ସେୟାର କରି ଅରବିନ୍ଦ କେଜ୍ରିୱାଲ ବିଜେପିକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, 'ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆପ୍ ସମସ୍ତ ୭୦ଟି ଯାକ ଆସନ ଲାଗି ନିଜ ପ୍ରାର୍ଥୀ ଘୋଷଣା କରିସାରିଛି।

## ନକଲି ପାସ୍‌ପୋର୍ଟ ଏଜେଣ୍ଟ୍ ଗିରଫ

ନୂଆଦିଲ୍ଲୀ: ବେଆଇନ ଏଜେଣ୍ଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦିଲ୍ଲୀର ଆଇଜିଆଇ ବିମାନବନ୍ଦର ପୁଲିସକୁ ଏକ ବଡ଼ ସଫଳତା ହାସଲ କରିଛି। ପ୍ରକାଶ ଥାଉ କି ଯେ, ଆଇଜି ବିମାନବନ୍ଦର ପୁଲିସ ହରିୟାଣାର ଜଣେ ଏଜେଣ୍ଟ ଅବତାର ସିଂଙ୍କୁ ଗିରଫ କରିଛି ଯିଏ ବେଆଇନ ଭାବେ ଲୋକଙ୍କୁ ବିଦେଶ ପଠାଉଥିଲା। ଜଣେ ବ୍ୟକ୍ତିଙ୍କୁ ପାନାମାକୁ ପଠାଇବା ପାଇଁ ଅଭିଯୁକ୍ତ ଏଜେଣ୍ଟ ଅନ୍ୟ କାହାର ପାସପୋର୍ଟ ପ୍ରସ୍ତୁତ କରିଥିଲେ। ଡିସିପି ଉଷା ରଙ୍ଗାନାନୀଙ୍କ ଅନୁଯାୟୀ, ନଭେମ୍ବର ୨୦, ୨୦୨୪ରେ ଜଣେ ବ୍ୟକ୍ତି ବିକ୍ରମଜିତ ମାଲ୍ଟାନୀଙ୍କ ନାମରେ ପାସପୋର୍ଟ ନେଇ ପାନାମାରୁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରରେ ପହଞ୍ଚିଥିଲେ। ଇମିଗ୍ରେସନ କ୍ଲିୟରାନ୍ସ ସମୟରେ ତାଙ୍କ ପରିଚୟ ସନ୍ଦେହଜନକ ବୋଲି ଜଣାପଡିଥିଲା । ଯେତେବେଳେ ତାଙ୍କର ପାସପୋର୍ଟ ଏବଂ ଅନ୍ୟାନ୍ୟ ଦଲିଲ ଯାଞ୍ଚ କରାଯାଇଥିଲା, ସେତେବେଳେ ଜଣାପଡ଼ିଲା ଯେ ତାଙ୍କର ପ୍ରକୃତ ନାମ ହେଉଛି ଗୁରୁବିନ୍ଦର ପାଲ ସିଂ। ତାଙ୍କର ଭ୍ରମଣ ଦଲିଲଗୁଡ଼ିକର ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାପଡିଥିଲା ଯେ ସେ ଅନ୍ୟର ପାସପୋର୍ଟରେ ଫ୍ରାନ୍ସ ଯାଉଛନ୍ତି। ପ୍ରାଥମିକ ଅନୁସନ୍ଧାନ ପରେ ଗୁରୁବିନ୍ଦର ପାଲ ସିଂଙ୍କୁ ଆଇଜି ବିମାନବନ୍ଦର ପୁଲିସକୁ ହସ୍ତାନ୍ତର କରାଯାଇଥିଲା। ଭାରତୀୟ ଇମିଗ୍ରେସନକୁ ଠକିଥିବା ଅଭିଯୋଗରେ ପୁଲିସ ତାଙ୍କ ବିରୋଧରେ ମାମଲା ରୁଜୁ କରି ଗିରଫ କରିଥିଲା। ଆଇଜି ପୋଲିସର ପଚରାଉଚରା ବେଳେ ଅଭିଯୁକ୍ତ ଗୁରୁବିନ୍ଦର ପାଲ ସିଂ କହିଥିଲେ ଯେ ତାଙ୍କର ଅନେକ ସମ୍ପର୍କୀୟ ଏବଂ ବନ୍ଧୁ ବିଦେଶରେ ରହି ଭଲ ରୋଜଗାର କରୁଛନ୍ତି। ଉନ୍ନତ ଜୀବନଯାପନ କରିବାକୁ ଚାହୁଁଥିବା ବେଳେ ସେ ବିଦେଶ ଯିବାକୁ ଯୋଜନା କରିଥିଲେ ଏବଂ ଏଜେଣ୍ଟ ଅବତାର ସିଂଙ୍କ ସହ ଯୋଗାଯୋଗ କରିଥିଲେ। ଯିଏ ତାଙ୍କୁ ୨୫ ଲକ୍ଷ ଟଙ୍କାରେ ବେଆଇନ ଭାବେ ବିଦେଶ ପଠାଇବାକୁ ପ୍ରତିଶୃତି ଦେଇଥିଲା।

## ବୋମା ବିସ୍ଫୋରଣ: ୩ ମୃତ, ୩୯ ଆହତ

ନୂଆଦିଲ୍ଲୀ : ଥାଇଲାଣ୍ଡର ଟାକ ଅଞ୍ଚଳରେ ଏକ ବାର୍ଷିକ ଉତ୍ସବ ଚାଲିଥିବା ବେଳେ ଭୟଙ୍କର ବୋମା ବିସ୍ଫୋରଣ ହୋଇଥିଲେ। ଏଥିରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୯ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେପଟେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପୌତଙ୍ଗଟାର୍ଣ୍ଣ ଶିନବାତ୍ରା ସୋଶିଆଲ ମିଡିଆରେ ଏକ ପୋଷ୍ଟରେ ବିସ୍ଫୋରଣରେ ପ୍ରାଣ ହରାଇଥିବା ଏବଂ ଆହତଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ସେ ଘଟଣାର ଶୀଘ୍ର ତଦନ୍ତ, ଅପରାଧୀଙ୍କୁ ଗିରଫ କରିବାକୁ ପୁଲିସ ଏବଂ ସୁରକ୍ଷା ଏଜେନ୍ସିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଆଗାମୀ ସମସ୍ତ ପର୍ବରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାପୂର୍ବରୁ ଚଳିତ ବର୍ଷ ଆରମ୍ଭରେ ଥାଇଲ୍ୟାଣ୍ଡର ଦକ୍ଷିଣ ପ୍ରଦେଶର ସୋଙ୍ଗଖଲାର ଏକ ପାର୍କ ନିକଟ ରାସ୍ତା କଡ଼ରେ ବିସ୍ଫୋରଣ ହୋଇଥିଲା। ଏଥିରେ ଦୁଇ ସ୍କୁଲ ପିଲାଙ୍କ ସମେତ ୮ ଜଣ ଆହତ ହୋଇଥିଲେ। ଆହତମାନଙ୍କ ମଧ୍ୟରେ ଜିଲ୍ଲା ସହାୟକ ମୁଖ୍ୟ, ପ୍ରତିରକ୍ଷା ସ୍ୱେଚ୍ଛାସେବୀ ଏବଂ ଗ୍ରାମବାସୀ ମଧ୍ୟ ସାମିଲ ଥିଲେ। ଏହି ବିସ୍ଫୋରଣ ଥାଇ ସେନା ଓ ବିଦ୍ରୋହୀଙ୍କ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ପରେ ଘଟିଥିଲା। ଏହା ପରେ ସୁରକ୍ଷା ବାହିନୀ ନରଥୀୱାଟ ପ୍ରଦେଶର ଏକ ପର୍ବତ ଉପରେ ୫ ସନ୍ଦିଗ୍ଧ ବିଦ୍ରୋହୀଙ୍କୁ ହତ୍ୟା କରିଥିଲେ।

## ୫ ନକ୍ସଲଙ୍କ ଆତ୍ମସମର୍ପଣ: ୯ ମାଓବାଦୀ ଗିରଫ



ମାଲକାନଗିରି: ସୀମାନ୍ତ ଛତିଶଗଡ଼ ସୁକମା ପୁଲିସକୁ ମିଳିଛି ପୁଣି ଏକ ବଡ ସଫଳତା। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଆଗମନ ପୂର୍ବରୁ ୫ ଜଣ ଦୁର୍ଦ୍ଦାନ୍ତ ନକ୍ସଲଙ୍କ ଆତ୍ମସମର୍ପଣ ଏକ ବଡ଼ ସଫଳତା ବୋଲି ପୁଲିସ କହିଛି। ସୁକମା ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ୫ ଜଣ ନକ୍ସଲ ଏସ୍‌ପି କିରଣ ଚୌହାନଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ନାମରେ ୮ ଲକ୍ଷ ରେଖାଏଁ ପୁରସ୍କାର ରହିଥିବା ବେଳେ ଜଣକ ନାମରେ ୫ ଲକ୍ଷ ଏବଂ ଅନ୍ୟ ଦୁଇ ଜଣଙ୍କ ନାମରେ ୨ ଲକ୍ଷ ଲେଖାଏଁ ପୁରସ୍କାର ରହିଥିଲା। ଏମାନଙ୍କ ମୁଣ୍ଡରେ ମୋଟ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଆଗମନ ପୂର୍ବରୁ ୫ ଜଣ ଦୁର୍ଦ୍ଦାନ୍ତ ନକ୍ସଲଙ୍କ ଆତ୍ମସମର୍ପଣ ଏକ ବଡ଼ ସଫଳତା ବୋଲି ପୁଲିସ କହିଛି। ଲଗାତାର ପୁଲିସର ଚଢ଼ାଉ ଏବଂ ସରକାରଙ୍କ ଆତ୍ମନିର୍ଭରଶୀଳ ନୀତିରେ ପ୍ରଭାବିତ ହୋଇ ଏମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି।ଆତ୍ମସମର୍ପଣ କରିଥିବା ସମସ୍ତ ନକ୍ସଲଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏଥିସହ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଯିବ ବୋଲି ପୁଲିସ କହିଛି। ସମସ୍ତ ନକ୍ସଲଙ୍କୁ ପୁଲିସ ଅନୁରୋଧ କରିଛି ଯେ ମରିବା ପୂର୍ବରୁ ନିଜ ପରିବାର କଥା ଚିନ୍ତା କରନ୍ତୁ। ଆତ୍ମସମର୍ପଣ କରି ନିଜର ବାକି ଜୀବନ ଖୁସିରେ କଟାନ୍ତୁ ବୋଲି କୁହାଯାଇଛି। ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାର ଜଗରଗୁଣ୍ଡା ଥାନା ଅଂଚଳରୁ ୯ ଜଣ ନକ୍ସଲଙ୍କୁ ଗିରଫ କରିବାରେ ଡିଆରଜି, ସିଆରପିଏଫ ଏବଂ କୋବ୍ରା ଯବାନ ସଫଳ ହୋଇଛନ୍ତି। ସୁରକ୍ଷାକର୍ମୀ ଜଗରଗୁଣ୍ଡା ଥାନା ଅଂଚଳର ପୁର୍ବର୍ତ୍ତୀ ଏବଂ ଟେକଲଗୁଡା ଅଂଚଳରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଂଗଲରେ କିଛି ସନ୍ଦିଗ୍ଧ ଯବାନଙ୍କୁ ଦେଖି ଦୌଡି ପଳାଇବାକୁ ଚେଷ୍ଟା କରିଥିଲେ। ତୁରନ୍ତ ଯବାନ ଘେରାବନ୍ଦୀ କରି ସମସ୍ତଙ୍କୁ ଗିରଫ କରିବା ସହ ସେମାନଙ୍କୁ ଧରି ପଚରାଉଚରା କରିବା ପରେ ସମସ୍ତେ ନକ୍ସଲ ସଂଗଠନରେ କାମ କରୁଥିବା ସ୍ୱୀକାର କରିଥିଲେ। ଏମାନେ ଧରିଥିବା ବ୍ୟାଗରୁ ବିସ୍ଫୋରକ ସମେତ ଜିଲୋଟିନ ଇତ୍ୟାଦି ଜବତ କରାଯାଇଛି। ସମସ୍ତ ନକ୍ସଲଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଗାନ୍ଧୀ ପରିବାର ମୋ କ୍ୟାରିୟର ନଷ୍ଟ କରିଦେଲେ: ମଣିଶଙ୍କର



ନୂଆଦିଲ୍ଲୀ: କଂଗ୍ରେସର ବରିଷ୍ଠ ନେତା ମଣିଶଙ୍କର ଆୟାର ନିଜ ବୟାନକୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ଅନେକ ସମୟରେ ବିଜେପି ଉପରେ ଆକ୍ରମଣ କରୁଥିବା ମଣିଶଙ୍କର ଆୟାର ଏବେ ଗାନ୍ଧି ପରିବାରକୁ ନେଇ ବଡ଼ କଥା କହିଛନ୍ତି। ସୋନିଆ ଗାନ୍ଧି ଏବଂ ରାହୁଲ ଗାନ୍ଧିଙ୍କ ସହ ତାଙ୍କ ସମ୍ପର୍କକୁ ନେଇ ମଣିଶଙ୍କର ଆୟାର ଏକ ବଡ ଖୁଲାସା କରିଛନ୍ତି । ମଣିଶଙ୍କର ଆୟାର ତାଙ୍କ ରାଜନୈତିକ ଯାତ୍ରାକୁ ପରସ୍ପର ବିରୋଧୀ ବୋଲି ବର୍ଣ୍ଣନା କରି କହିଛନ୍ତି ଯେ ଗାନ୍ଧି ପରିବାର ତାଙ୍କ କ୍ୟାରିୟର ତିଆରି କରିଥିଲେ, ନଷ୍ଟ ମଧ୍ୟ କରିଥିଲେ। ଗଣମାଧ୍ୟମକୁ ସାକ୍ଷାତକାର ଦେଇ ସେ କହିଛନ୍ତି, ୧୦ ବର୍ଷ ଧରି ମୋତେ ସୋନିଆ ଗାନ୍ଧିଙ୍କୁ ଏକାକୀ ଭେଟିବାର ସୁଯୋଗ ଦିଆଯାଇନଥିଲା। ଥରେ ବ୍ୟତୀତ ମୋତେ ରାହୁଲ ଗାନ୍ଧିଙ୍କ ସହ କଥାବାର୍ତ୍ତା କିମ୍ବା ସାକ୍ଷାତ କରିବାର ସୁଯୋଗ ମିଳିନଥିଲା । ପ୍ରିୟଙ୍କାଙ୍କ ସହ ଥରେ ବି ନୁହେଁ।

## ଛତିଶଗଡ଼ରେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ୫୦ଲକ୍ଷ ମେଟ୍ରିକ୍ ଟନ ଧାନ କ୍ରୟ




ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ମାର୍ଗଦର୍ଶନରେ ରାଜ୍ୟରେ କୃଷକମାନେ କ୍ୱିଣ୍ଟାଲ ପିଛା ୩୧ଶହ ଟଙ୍କା ମୂଲ୍ୟରେ ୫୦ଲକ୍ଷ ମେଟ୍ରିକ୍ ଟନ୍ ଧାନ ବିକ୍ରୟ କରିଥିବା ସୂଚନା ମିଳିଛି । ରାୟପୁର ସମ୍ଭାଗରେ ୧୪.୫୨ଲକ୍ଷ ମେଟ୍ରିକ୍ ଟନ୍, ବିଳାସପୁର ସମ୍ଭାଗରେ ୯.୭୬ ମେଟ୍ରିକ୍, ଦୁର୍ଗ ସମ୍ଭାଗରେ ୧୭.୭୯ ମେଟ୍ରିକ୍, ବସ୍ତର ସମ୍ଭାଗରେ ୪.୧୩ଲକ୍ଷ ମେଟ୍ରିକ୍ ଟନ୍ ଏବଂ ସରଗୁଜା ସମ୍ଭାଗରେ ୩.୮୦ଲକ୍ଷ ମେଟ୍ରିକ୍ ଟନ୍ ଧାନ ସରକାର କ୍ରୟ କରିଥିବା ସୂଚନା ମିଳିଛି । ରାଜ୍ୟରେ ୨୭.୭୮ଲକ୍ଷ ପଞ୍ଜିକୃତ କୃଷକ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୦.୬୬ଲକ୍ଷ କୃଷକ ସମର୍ଥନ ମୂଲ୍ୟରେ ଧାନ ବିକ୍ରୟ କରିଛନ୍ତି । ଏଥିରେ ସୀମାନ୍ତର ୬.୨୬ ଲକ୍ଷ କୃଷକ ମଧ୍ୟ ସାମିଲ୍ ରହିଛନ୍ତି । ବର୍ତ୍ତମାନ ସୁଦ୍ଧା ବିପଣନ ସଂଘ ପକ୍ଷରୁ ୧୦.୭୭୦ କୋଟି ଟଙ୍କା ବ୍ୟାଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି । ଏଗୁଡ଼ିକ କୃଷକଙ୍କ ବ୍ୟାଙ୍କଖାତାକୁ ସ୍ଥାନାନ୍ତର କରାଯାଇଛି ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । କୃଷକମାନଙ୍କ ସୁବିଧା ପାଇଁ ଉପାର୍ଜନ କେନ୍ଦ୍ରଗୁଡ଼ିକରେ ମାଇକ୍ରୋ ଏଟିଏମ୍ ବ୍ୟବସ୍ଥା କରାଯାଇଛି । ଜିଲ୍ଲା ସହକାରୀ କେନ୍ଦ୍ରୀୟ ବ୍ୟାଙ୍କ ପର୍ଯ୍ୟାପ୍ତ ଟଙ୍କା ଉପଲବ୍ଧ କରାଇବା ପାଇଁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି । ରାଜ୍ୟରେ ଧାନ ଉତ୍ପାଦନ କିପରି ଅଧିକ ହେବ ସେ ନେଇ ସରକାରଙ୍କ ପକ୍ଷରୁ ବିଶେଷ ଧ୍ୟାନ ଦିଆଯାଉଛି । ଭାରତ ସରକାରଙ୍କ ନିୟମ ଅନୁଯାୟୀ କେନ୍ଦ୍ର ଓ ରାଜ୍ୟ ୫୦.୫୦ ଅନୁପାତରେ ଧାନ ସଂଗ୍ରହ କରୁଛନ୍ତି । ଯେଉଁ ଧାନଗୁଡ଼ିକ କ୍ରୟ କରାଯାଉଛି ସେଗୁଡ଼ିକୁ ଭଣ୍ଡାର ଘରେ ସୂଚାରୁ ରୂପେ ରଖାଯାଇଛି । ଚଳିତବର୍ଷ ଭଣ୍ଡାର ଘରର କ୍ଷମତା ୩୭.୨୫ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରାଯାଇଛି ।

# ବାଣିଜ୍ୟ




ମୁମ୍ବାଇ: ରିଲାଏନ୍ସ ଜିଓ ଗ୍ରାହକଙ୍କ ନିମନ୍ତେ ଆଣିଛି ନୂଆ ବର୍ଷ ୨୦୨୫ ପାଇଁ ସ୍ୱତନ୍ତ୍ର ରିହାତି । ଯାହାର ନାଁ ରହିଛି ନୂଆ ବର୍ଷ ୱେଲକମ ପ୍ଲାନ ୨୦୨୫। ଏହି ସ୍ୱତନ୍ତ୍ର ପ୍ଲାନରେ ଗ୍ରାହକଙ୍କୁ ୨୦୨୫ ଟଙ୍କା ରିଚାର୍ଜରେ ୨୦୦ ଦିନର ଭାଲିଡିଟି ମିଳିବ। ଏହା ସହ ଅସୀମିତ ୫ଜି, ୫୦୦ ଜିବିର ୪ଜି ହାଇ-ସ୍ପିଡ ଡାଟା (ଦୈନିକ ୨.୫ ଜିବି), ଅସୀମିତ କଲ୍ ଏବଂ ଏସଏମଏସ ମିଳିବ। ଏହି ପ୍ଲାନ ସହିତ ଗ୍ରାହକମାନେ ସମାନ ସୁବିଧା ମିଳୁଥିବା ମାସିକ ୩୪୯ ଟଙ୍କାର ରିଚାର୍ଜ ତୁଳନାର ୪୬୮ ଟଙ୍କା ସଞ୍ଚୟ କରିପାରିବେ। ଏହି ପ୍ଲାନ ସହିତ ୨୧୫୦ ଟଙ୍କା ମୂଲ୍ୟର ପାର୍ଟନର କୁପନ ମଧ୍ୟ ଗ୍ରାହକଙ୍କୁ ଦିଆଯାଉଛି । ଏଥିରେ ୫୦୦ ଟଙ୍କା ମୂଲ୍ୟ ଆଜିଓ (ଇଔଓଙ୍ଗ) ରିହାତି କୁପନ (ସର୍ବନିମ୍ନ ୨୫୦୦ ଟଙ୍କା କ୍ରୟ ଉପରେ), ସ୍ୱିଗିରେ ୧୫୦ ଟଙ୍କା (୪୯୯ ଟଙ୍କାରୁ ଅଧିକ ଅର୍ଡର ଉପରେ) ଏବଂ ଇଜ୍ ମାଇଁ ଟ୍ରିପ୍ ମାଧ୍ୟମରେ ଫ୍ଲାଇଟ୍ ବୁକିଂରେ ୧୫୦୦ ଟଙ୍କା ରିହାତି ଅନ୍ତର୍ଭୁକ୍ତ। ଏହି ଅଫର ୨୦୨୫ ଡିସେମ୍ବର ୧୧ରୁ ୨୦୨୫ ଜାନୁଆରୀ ୧୧ ପର୍ଯ୍ୟନ୍ତ ଉପଲବ୍ଧ ରହିବ ବୋଲି ଜଣାପଡିଛି ।

## ଆର୍‌ଏସ୍‌ପିରେ ଭିଜିଲାନ୍ସ ବିଭାଗର ଲିଓ କର୍ମଶାଳା ଆରମ୍ଭ



ରାଉରକେଲା(ଭାସ୍କର ନ୍ୟୁଜ୍): ରାଉରକେଲା ଇସ୍ପାତ କାରଖାନାର ଭିଜିଲାନ୍ସ ବିଭାଗ ଆନୁକୂଲ୍ୟରେ ପରସ୍ପରଠାରୁ ଶିକ୍ଷାଲାଭ (ଲର୍ଣ୍ଣିଂ ଫ୍ରମ ଇଚ ଅଦର) ଲିଓ କର୍ମଶାଳା ଇଣ୍ଡୋ-ଜର୍ମାନ କ୍ଲବର ସ୍ପେକ୍ଟ୍ରମ୍ ହଲ୍ ଠାରେ ଆରମ୍ଭ ହୋଇଛି। ଲିଓ କର୍ମଶାଳାର ଉଦ୍‌ଘାଟନୀ ଅଧିବେଶନରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ, ସେଲ ର ମୁଖ୍ୟ ଭିଜିଲାନ୍ସ ଅଫିସର (ସିଭିଓ) ଏସ୍ ଏନ୍ ଗୁପ୍ତା, ମହାନାଦୀ କୋଲଫିଲ୍ଡସ ଲିମିଟେଡର ସିଭିଓ ପି କେ ପଟେଲ, ସେଲର ଭିଜିଲାନ୍ସ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ କେ ପାଣ୍ଡେ, ଆର୍‌ଏସ୍‌ପି ଭିଜିଲାନ୍ସ ବିଭାଗର ସିଜିଏମ ତଥା ଏସିଭିଓ ଏସ୍ ପ୍ରହରାଜ, ମଞ୍ଚାସୀନ ଥିଲେ । ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ କେ ବେହୁରିଆ, ସାମଗ୍ରୀ ପରିଚାଳନା ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ ତଥା ଭିଜିଲାନ୍ସ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେଲର ବିଭିନ୍ନ ୟୁନିଟରୁ ୩୦ରୁ ଅଧିକ ଅଂଶଗ୍ରହଣକାରୀ କର୍ମଶାଳାରେ ଯୋଗ ଦେଉଛନ୍ତି । ଏହି ଦୁଇ ଦିନିଆ କର୍ମଶାଳା 'ଚାର୍ଜ ସିଟ୍ ପ୍ରସ୍ତୁତି' ବିଷୟ ଉପରେ କେନ୍ଦ୍ରିତ ରହିଛି ଏବଂ ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଅଂଶଗ୍ରହଣକାରୀଙ୍କ ଜ୍ଞାନ ଏବଂ ଦକ୍ଷତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି।

## ଓଡ଼ିଶାରେ ପିଏନ୍‌ବି ମେଟ୍ ଲାଇଫ୍‌ର ନୂତନ ଶାଖା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତର ଅନ୍ୟତମ ଅଗ୍ରଣୀ ଜୀବନ ବୀମା କମ୍ପାନୀ ପିଏନ୍‌ବି ମେଟ୍ ଲାଇଫ୍ ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନି ଲିମିଟେଡ୍ ୪ଟି ନୂଆ ଶାଖା ଉଦ୍‌ଘାଟନ କରି ନିଜର ଜାତୀୟ ପାଦ ସୁଦୃଢ଼ କରିଛି। ବିହାରର ଲଖିସରାଇ, ଗୁଜୁରାଟର ସୁରେନ୍ଦ୍ରନଗର, ଓଡ଼ିଶାର ଜଗତସିଂହପୁର ଏବଂ ଉତ୍ତରପ୍ରଦେଶର ଲକ୍ଷ୍ନୌ-ଅଲିଗର ଶାଖାଗୁଡ଼ିକ ଗ୍ରାହକଙ୍କୁ ସେମାନଙ୍କ ଆବଶ୍ୟକତା ପୂରଣ କରୁଥିବା ବୀମା ସମାଧାନ ସହଜରେ ଉପଲବ୍ଧ କରାଇଥାଏ ଏବଂ ଉଚ୍ଚ ସମ୍ଭାବ୍ୟ ବଜାରରେ ଏହାର ଉପସ୍ଥିତି ବିସ୍ତାର କରିବା ପାଇଁ ପିଏନବି ମେଟ୍ ଲାଇଫ୍ ରଣନୈତିକ ପ୍ରୟାସର ଏକ ଅଂଶ ଅଟେ। ପିଏନବି ମେଟ୍ ଲାଇଫର ନେଟୱାର୍କ ବର୍ତ୍ତମାନ ଦେଶବ୍ୟାପୀ ୧୫୫ଟି ସ୍ଥାନରେ ବ୍ୟାପିଛି । ଜଗତସିଂହପୁରରେ ନୂଆ ଶାଖା ଖୋଲିବା ସହ ପିଏନ୍‌ବି ମେଟ୍ ଲାଇଫ୍ ସ୍ଥାନୀୟ ସମୁଦାୟ ପାଇଁ ସୁବିଧାଜନକ ଓ ନିରବଚ୍ଛିନ୍ନ ସେବା ସୁନିଶ୍ଚିତ କରୁଛି। ଓଡ଼ିଶାରେ ନିଜର ୮ଟି ଶାଖା ବ୍ୟତୀତ ପିଏନ୍‌ବି ମେଟ୍ ଲାଇଫ୍ ରାଜ୍ୟର ୩୭୨ଟି ବ୍ୟାଙ୍କଆସ୍ୟୁରାନ୍ସ ପାର୍ଟନର ଶାଖା ମାଧ୍ୟମରେ ମଧ୍ୟ ଉପଲବ୍ଧ ହେଉଛି। ପିଏନବି ମେଟ୍ ଲାଇଫ୍‌ର ମୁଖ୍ୟ ବିତରଣ ଅଧିକାରୀ-ମାଲିକାନା ଏବଂ ପିଏନବି ସୁଦୀପ ପିବି କହିଛନ୍ତି, ଆମେ ଆମର ଗ୍ରାହକମାନଙ୍କୁ ସେମାନଙ୍କ ସ୍ୱପ୍ନ ପୂରଣ କରିବାକୁ ସମର୍ଥନ କରିବା ଉପରେ ଧ୍ୟାନ ଦେଉଛୁ, ଏବଂ ଏହାର ଅର୍ଥ ହେଉଛି ବ୍ୟାପକ ବୀମା ସମାଧାନ, ସୁବିଧା ଏବଂ ଦକ୍ଷ ସେବା ଆଣିବା ଯାହା ସେମାନେ ଯେଉଁଠାରେ ଥାଆନ୍ତି । ଗ୍ରାହକମାନଙ୍କୁ ଆମର ନୂତନ ଶାଖାରେ ସ୍ୱାଗତ କରିବାକୁ ଆମେ ଉତ୍ସାହିତ ଏବଂ ଭାରତରେ ଅନେକ ସମ୍ପ୍ରଦାୟର ନିକଟତର ବୀମା ଆଣିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ।

## ଦେଶ ପାଇଁ ସ୍ୱର୍ଣ୍ଣ ଆଣିଥିବା ଆଇଜେଏସ୍‌ଓ ଚାମ୍ପିଅନ୍‌ଙ୍କୁ ଆଲେନ୍‌ର ସ୍ୱାଗତ




ALLEN CAREER INSTITUTE path to success


କୋଟା: ଏକବିଂଶତମ ଆନ୍ତର୍ଜାତୀୟ ଜୁନିଅର ସାଇନ୍ସ ଅଲମ୍ପିଆଡରେ ଦେଶକୁ ଲାଲ ଆଣିଥିବା ଛାତ୍ରମାନେ ସେମାନଙ୍କ ପିତା୦ମାତାଙ୍କ ସହ କୋଟାରେ ପହଞ୍ଚିଥିଲେ । ଏଠାରେ ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍ ନିର୍ଦ୍ଦେଶକ ଡ. ବ୍ରିଜେଶ ମହେଶ୍ୱରୀ ଦଳର ସମସ୍ତ ଛାତ୍ର ଏବଂ ସେମାନଙ୍କ ପିତା-ମାତାଙ୍କୁ ସ୍ୱାଗତ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତୀୟ ଦଳର ସମସ୍ତ ଛାତ୍ର ଆଇଜେଏସ୍‌ଓରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି, ସେଥିମଧ୍ୟରୁ ୪ ଜଣ ଆଲେନ୍‌ର ଛାତ୍ର ଅଟନ୍ତି । ଏହି ସଫଳତା ହେତୁ ଭାରତକୁ ଦେଶ ବିଜେତା ଘୋଷିତ କରାଯାଇଛି ଅର୍ଥାତ୍ ୫୭ଟି ଦେଶ ମଧ୍ୟରେ ବିଶ୍ୱ ଟପ୍ପର । ଭାରତୀୟ ଛାତ୍ରମାନଙ୍କ ସ୍ୱର୍ଣ୍ଣ ପଦକ ଜିତିବାର କାହାଣୀରେ ସାହସ ମଧ୍ୟ ଅନ୍ତର୍ଭୁକ୍ତ । କୋଟାକୁ ଆସିଥିବା ସ୍ୱର୍ଣ୍ଣ ପଦକ ବିଜେତା ପ୍ରଣୀତ ମଥୁର ଏବଂ ହର୍ଷିତ ସିଙ୍ଗଲା କହିଛନ୍ତି ଯେ ପରିବେଶରେ ପରିବର୍ତ୍ତନ ହେତୁ ଗତ ତିନି ଦିନ ମଧ୍ୟରେ ସେମାନଙ୍କର ଜ୍ୱର ଅଧିକ ଥିଲା। ଜ୍ୱର ପ୍ରାୟ ୧୦୨ ଡିଗ୍ରୀ ଥିଲା । ଆଇଜେଏସ୍‌ଓ ପ୍ରୋଟୋକଲ୍ ଅନୁଯାୟୀ, ଛାତ୍ରମାନଙ୍କ ସହିତ କାହା ସହିତ ଯୋଗାଯୋଗ କରିବାକୁ ମୋବାଇଲ୍ ଫୋନ୍ ମଧ୍ୟ ନାହିଁ । ଗୋଟିଏ କୋଠରୀରେ ଦୁଇଜଣ ଛାତ୍ର ରହିଛନ୍ତି। ଯଦି ଛାତ୍ରମାନେ କୌଣସି ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତେବେ ଭାରତରୁ ଏକ ଦେଶ ସଂଯୋଜକ ଅଛନ୍ତି । ଦୁହେଁ ଅସୁସ୍ଥ ଥିବା ଦେଖି ସଂଯୋଜକ ବଝାଇଥିଲେ ଯେ ଯଦି ସେମାନେ ଅସୁସ୍ଥ ଅଛନ୍ତି, ତେବେ ସେମାନେ ଆସନ୍ତାକାଲି ପାଇଁ ଦେଖାଯିବା ଉଚିତ୍ ନୁହେଁ । ଉଭୟ ଛାତ୍ର ନିଜ ମଧ୍ୟରେ ଆଲୋଚନା କରି ସଂଯୋଜକଙ୍କୁ କହିଥିଲେ ଯେ 'ଆମ ଦେଶ ଆମଠାରୁ ବହୁତ ଆଶା କରୁଛି' । ଯଦି ସାମାନ୍ୟ ଜ୍ୱର ହେତୁ ଆମେ ସାହସ ହରାଇଥାଉ, ତେବେ ଆମେ ସର୍ବଦା ଅନୁତାପ କରିବୁ ଯେ, ଆମେ ଦେଶ ପାଇଁ କିଛି କରିପାରିଲୁ ନାହିଁ । ଏହା ପରେ ଦୁହେଁ ଟାବଲେଟ୍ ନେଇଥିଲେ, ପରସ୍ପରକୁ ଉତ୍ସାହିତ କରିଥିଲେ ଏବଂ ସ୍ୱର୍ଣ୍ଣ ପଦକ ଜିତି ଦେଶ ପାଇଁ ଗୌରବ ଆଣିଥିଲେ । ଡିସେମ୍ବର ୨ରୁ ୧୧ ଡିସେମ୍ବର ପର୍ଯ୍ୟନ୍ତ ରୋମାନିଆର ବୁଖାରେଷ୍ଟରେ ଆୟୋଜିତ ଆଇଜେଏସ୍‌ଓରେ ଆଲେନ୍ ଛାତ୍ର ହର୍ଷିତ ସିଙ୍ଗଲା, ଜିନ୍ନାଶ ଜିଗ୍ନେଶ ଶାହା, ମାନସ ଗୋୟଲ, ପ୍ରଣୀତ ମଥୁର ଭାରତର ପ୍ରତିନିଧିତ୍ୱ କରିଥିଲେ ଏବଂ ସ୍ୱର୍ଣ୍ଣ ପଦକ ଜିତି ଦେଶ ପାଇଁ ଗର୍ବ ଆଣିଥିଲେ। ଆଲେନ୍ ନିର୍ଦ୍ଦେଶକ ଡକ୍ଟର ବ୍ରିଜେଶ ମହେଶ୍ୱରୀ କହିଛନ୍ତି ଯେ, ଏହି ସଫଳତା ଗର୍ବର ବିଷୟ ଏବଂ ଏହା ଦେଶର ବିଭିନ୍ନ ସ୍ଥାନରୁ ଛାତ୍ରମାନଙ୍କୁ ଉତ୍ସାହିତ କରିବ। ଅଲମ୍ପିଆଡରେ ବିଶ୍ୱର ୫୭ଟି ଦେଶର ଛାତ୍ର ଅଂଶଗ୍ରହଣ କରିଥିଲେ ଏବଂ ସେମାନଙ୍କ ମଧ୍ୟରେ ଶ୍ରେଷ୍ଠତା ପ୍ରମାଣ କରିବା ଆଲେନ୍‌ଙ୍କ ଗୁଣାତ୍ମକ ଶିକ୍ଷା ଉପରେ ଏକ ଷ୍ଟାମ୍ପ୍ । ଆଲେନେ ଛାତ୍ରମାନଙ୍କ ପ୍ରତିଭାକୁ ବୃଦ୍ଧି କରିବା ପାଇଁ ସମସ୍ତ ସମ୍ଭାବ୍ୟ ପ୍ରୟାସ କରାଯାଉଛି ।

# ଇଲେକ୍ଟ୍ରିକ୍ ବସ୍ ଇଆଇଭି୧୨ ଓ ଇ୧ର ଶୁଭାରମ୍ଭ




ମୁମ୍ବାଇ: ହିନ୍ଦୁଜା ଗ୍ରୁପ୍‌ର ଅଂଶ ଅଶୋକ ଲେଲ୍ୟାଣ୍ଡର ସହାୟକ ସଂସ୍ଥା ସ୍ୱିଚ୍ ମୋବିଲିଟି ଲିମିଟେଡ୍ ପକ୍ଷରୁ ଦୁଇଟି ଲୋ ଫ୍ଲୋର୍ ଇଲେକ୍ଟ୍ରିକ୍ ବସ୍ ସ୍ୱିଚ୍ ଇଆଇଭି୧୨କୁ ଉନ୍ମୋଚନ କରାଯାଇଛି। ଏହା ହେଉଛି ଭାରତର ପ୍ରଥମ ଲୋ ଫ୍ଲୋର୍ ସିଟି ବସ୍ ଯେଉଁଥିରେ ଚେଚିସ୍ ମାଉଂଟେଡ୍ ବ୍ୟାଟେରି ରହିଛି ଯାହାକୁ ୪୦୦ରୁ ଅଧିକ କେଡବ୍ଲୁଏଚ୍ ପର୍ଯ୍ୟନ୍ତ ବ୍ୟାପକ କରାଯାଇପାରିବ। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତୀନ ଗଡ଼କରୀ ଏହାକୁ ଉନ୍ମୋଚନ କରିଥିବା ବେଳେ ହିନ୍ଦୁଜା ଗ୍ରୁପର ଅଧ୍ୟକ୍ଷ ଅଶୋକ ପି ହିନ୍ଦୁଜା ଓ ଶିଳ୍ପର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୟୁରୋପ ବଜାର ଲାଗି ପ୍ରସ୍ତୁତ କରାଯାଇଥିବା ସ୍ୱିଚ୍ ଇ୧କୁ ଆଭାସୀ ମାଧ୍ୟମରେ ଉନ୍ମୋଚନ କରାଯାଇଛି। ଉଭୟ ଇଆଇଭି୧୨ ଓ ଇ୧ର ଡିଜାଇନ୍ ଦର୍ଶନ ଓ ଢାଞ୍ଚା ସମାନ ରହିଛି। ଏହି ଅବସରରେ ହିନ୍ଦୁଜା ଗ୍ରୁପ୍ ଅଫ୍ କମ୍ପାନିଜ୍‌ର ଅଧ୍ୟକ୍ଷ ଏ ପି ହିନ୍ଦୁଜା କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ମେକ୍ ଇନ୍ ଇଣ୍ଡିଆ ଲକ୍ଷ୍ୟ-ଭାରତ ଓ ଦୁନିଆ ପାଇଁ ଭାରତରେ ପ୍ରସ୍ତୁତ ପ୍ରତି ଏହି ବସ୍‌ଗୁଡ଼ିକ ହେଉଛି ସମ୍ମାନ। ଉନ୍ନତ ମାନର ପ୍ରଯୁକ୍ତି ଓ ଶୂନ କାର୍ବନ ନିର୍ଗମନ ସୁବିଧାସୁଯୋଗ ଥିବା ଏହି ବସ୍‌ଗୁଡ଼ିକୁ ଭାରତରେ ଆସିବାକୁ ଯାଉଥିବା ଚମତ୍କାର ସଡ଼କ ଭିତିଭୂମିକୁ ନଜରରେ ରଖି ଉନ୍ମୋଚନ କରିବାକୁ ଅନୁପ୍ରାଣିତ ହୋଇଛି ଯାହାକୁ ମୋଦୀଙ୍କ ଭଳି ଦୂରଦ୍ରଷ୍ଟା ପରିକଳ୍ପନା କରିଥିବା ବେଳେ ଗଡ଼କରୀ ମହାଶୟ କାର୍ଯ୍ୟକାରୀ କରିଛନ୍ତି। ସ୍ୱିଚ୍ ମୋବିଲିଟିର ଅଧ୍ୟକ୍ଷ ଧୀରଜ ହିନ୍ଦୁଜା କହିଛନ୍ତି ଯେ, ସ୍ୱିଚ୍ ଇଆଇଭି୧୨ର ଶୁଭାରମ୍ଭ ଏବଂ ସ୍ପେନ୍ ପାଇଁ ସ୍ୱିଚ୍ ଇ-୧ର ଶୁଭାରମ୍ଭ ହିନ୍ଦୁଜା ଗ୍ରୁପ୍ ଏବଂ ଅଶୋକ ଲେଲ୍ୟାଣ୍ଡ ପାଇଁ ଏକ ଗୌରବର ମାଇଲଖୁଣ୍ଟ। ଇଆଇଭି୧୨ ଏବଂ ଇ୧ ବ୍ୟତୀତ, ସ୍ୱିଚ୍ ଆମର ବିଶ୍ୱସ୍ତରୀୟ ଅଫରକୁ ବିସ୍ତାର କରିବା ପାଇଁ ଅନେକ ନୂତନ ଉତ୍ପାଦ ବିକଶିତ କରୁଛି। ସ୍ୱିଚ୍ ମୋବିଲିଟିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମହେଶବାବୁ କହିଛନ୍ତି ଯେ, ସ୍ୱିଚ୍ ମୋବିଲିଟିରେ ଆମେ ଭାରତ ଏବଂ ୟୁରୋପ ପାଇଁ ଦୁଇଟି ନୂଆ ଉତ୍ପାଦ ଉନ୍ମୋଚନ କରି ଉତ୍ସାହିତ ଯାହା ଉଭୟ ଆମର ବିଶ୍ୱ ଇଭି ଢାଞ୍ଚା ଉପରେ ନିର୍ମିତ ।

## ୨୦୨୫ରେ ସୁନା ଦର ସ୍ଥିର ରହିବ



ନୂଆଦିଲ୍ଲୀ: ନୂଆବର୍ଷ ୨୦୨୫ରେ ସୁନା ମୂଲ୍ୟ ସ୍ଥିର ରହିବ ବୋଲି ଜଣାପଡିଛି। ୱାର୍ଲଡ ଗୋଲ୍ଡ କାଉନସିଲ ଏଭଳି ଦାବି କରିଛନ୍ତି। ତେବେ ବୈଶ୍ୱିକ ଜିଡିପି, ଇନଫ୍ଲେସନ ରେଟ୍ ଓ ଅନ୍ୟ କାରଣ ଯୋଗୁ ଏକ୍ସପର୍ଟମାନେ ମଧ୍ୟ ଏହି ରାୟ ଦେଇଛନ୍ତି। ଆଗାମୀ ବର୍ଷ ସୁନା ମୂଲ୍ୟାରେ ୨୦୨୪ ଭଳି ବୃଦ୍ଧି ନ ହୋଇପାରେ। ସୂଚନା ଅନୁସାରେ ସୁନା ମୂଲ୍ୟର ବର୍ତ୍ତମାନ ଚାର୍ଟ ଦେଖିଲେ ଏମ୍‌ସିଏକ୍ସରେ ୭୬,୦୦୦ରୁ ୭୮,୦୦୦ ମଧ୍ୟରେ ଟ୍ରେଡିଂ କରିବାର ସଂକେତ ମିଳୁଛି। ଏକ୍ସପର୍ଟଙ୍କ ଅନୁସାରେ ସୁନା ମୂଲ୍ୟକୁ ନେଇ ସର୍ବଦା ରିସ୍କ ରହୁଛି, ୨୦୨୫ରେ ମଧ୍ୟ ଏହା କାୟମ ରହିବ। ଆମେରିକା ଆର୍ଥିକ ତଥ୍ୟରୁ ମିଳୁଥିବା ମିଶ୍ରିତ ସଂକେତ ପରେ ଏବେ ପ୍ରଫିଟ ବୁକିଂ ଆରମ୍ଭ ହୋଇଗଲାଣି, ଏଣୁ ସୁନା ବିକ୍ରିରେ ବୃଦ୍ଧି ଦେଖା ଦେଇଛି। କମେକ୍ସରେ ସୁନା ଦର ଏବେ ପ୍ରତି ଆଉନ୍ସ ୨,୭୧୦ ରୁ ୨,୬୭୦ ଡଲାରକୁ ଖସିଛି। କାଉନସିଲ ଅନୁସାରେ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ସମ୍ଭାବିତ ବ୍ୟାପାର ଯୁଦ୍ଧ ଓ ଜଟିଳ ସୁଧହାର ଦୃଷ୍ଟିକୋଣରୁ ଆର୍ଥିକ ବିକାଶକୁ ହ୍ରାସ କରିପାରେ।



ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା ସ୍କୁଲ ଠାରେ ହକିର ହାଇଫରମାନ୍ସ ସେଣ୍ଟର ଟାଟା ଓଡିଶା ନାଭାଲ ଟାଟା ହକି ପକ୍ଷରୁ ଖୋଲାଯାଇଛି । ଆଭାସୀ ମାଧ୍ୟମରେ ଏହି ସେଣ୍ଟରର ଉଦଘାଟନ ହୋଇଯାଇଛି । ତୃଣମୂଳ ସ୍ତରରୁ ଦକ୍ଷତା ସମ୍ପର୍ଣ୍ଣ କ୍ରୀଡା ପ୍ରତିଭାଙ୍କୁ ଚିହ୍ନଟ କରି ସେମାନଙ୍କ ବିକାଶ କରାଇବା ଲକ୍ଷ୍ୟରେ ଏହି କେନ୍ଦ୍ର କାର୍ଯ୍ୟ କରୁଛି । ପ୍ରଥମ ମ୍ୟାଚ ଢେଙ୍କାନାଳର ବାଳକ ଓ ବାଳିକା ହକି ଦଳ ସହ ପୁରୀ ବାଳକ ଓ ବାଳିକା ଦଳର ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ବାଳିକା ବର୍ଗରେ ଢେଙ୍କାନାଳ ଓ ବାଳକ ବର୍ଗରେ ପୁରୀ ଦଳ ଚମ୍ପିୟାନ ହୋଇଥିଲେ । ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଯୋଗଦେଇ ଆଜିର ସମୟରେ ସବୁ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ଓ ସଫଳତାର ମାର୍ଗ ରହିଛି । ତେଣୁ ନିଜର ଲକ୍ଷ୍ୟ ସ୍ଥିର କରି ଆଗେଇବାର ଆବଶ୍ୟକତା ରହିଛି । ପିଲାମାନେ କଠିନ ପରିଶ୍ରମ କରିବା ସହ ନିଜର କର୍ତ୍ତବ୍ୟ ପ୍ରତି ଯତ୍ନବାନ ହେଲେ ଜୀବନରେ ସଫଳ ହୋଇପାରିବେ ବୋଲି କହିଥିଲେ । ପରେ ଚମ୍ପିୟାନ ଓ ରନର୍ସ ଅପ ଦଳକୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ବରିଷ୍ଠ ହକି କୋଚ ଶେଖର ଚନ୍ଦ୍ର ବେହେରା, ଅବସର ପ୍ରାପ୍ତ କ୍ରୀଡା ଶିକ୍ଷକ ଗୋପାଳ ପରିଡା, ଜିଲ୍ଲା ସ୍କୁଲ ପିଇଟି ରଞ୍ଜନ କୁମାର ରେଡି ପ୍ରମୁଖ ଯୋଗ ଦେଇ କ୍ରୀଡାବିତଙ୍କୁ ଉତ୍ସାହିତ କରିଥିଲେ ।

## ବର୍ଡର-ଗାଭାସ୍କର ଟ୍ରଫି

# ଅଷ୍ଟ୍ରେଲିଆ ୪୦୫/୭



ବ୍ରିସବେନ: ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ବ୍ରିସବେନର ଗାବା ଷ୍ଟାଡିୟମରେ ଖେଳା ଯାଉଛି । ଭାରତୀୟ ଅଧିନାୟକ ରୋହିତ ଶର୍ମା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ଶନିବାର ଦିନ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ତୃତୀୟ ଟେଷ୍ଟ ମ୍ୟାଚର ପ୍ରଥମ ଦିନ ବର୍ଷା ଯୋଗୁ ବ୍ୟାହତ ହୋଇଥିଲା । କେବଳ ୧୩.୨ ଓଭର ଖେଳାଯାଇପାରିଥିଲା । ମ୍ୟାଚ୍‌ର ଦ୍ୱିତୀୟ ଦିନ ରବିବାର ଅନୁଷ୍ଠିତ ହୋଇଥିଲା । ପ୍ରଥମ ବ୍ୟାଟିଂରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ସାତ ୱିକେଟ୍ ହରାଇ ପରେ ୪୦୫ ରନ୍ ସଂଗ୍ରହ କରିଛି । ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ମିଚେଲ ଷ୍ଟାର୍କ ୭ ରନ୍‌ରେ ଅପରାଜିତ ଥିବାବେଳେ ଆଲେକ୍ସ କେରି ୪୫ ରନ୍‌ରେ ଅପରାଜିତ ରହିଛନ୍ତି । ଟ୍ରାଭିସ୍ ହେଡ୍ ୧୫୨ ରନ୍ ଏବଂ ଷ୍ଟିଭ୍ ସ୍ମିଥ୍ ୧୦୧ ରନ୍ ସଂଗ୍ରହ କରିଛନ୍ତି । ଜସପ୍ରୀତ ବୁମ୍‌ରା ଭାରତ ପାଇଁ ୫ ୱିକେଟ୍ ନେଇଥିଲେ । ପ୍ରଥମ ଦିନରୁ ଷ୍ଟ୍ରାଇକରେ ଥିବା ଦୁଇ ବ୍ୟାଟର ଆଜି ବେଶୀ ସମୟ ତିଷ୍ଠି ପାରିନଥିଲେ । ଉସମାନ ଖାଓ୍ୱଜା କେବଳ ୨୧ ରନ କରି ବୁମ୍‌ରାଙ୍କ ପ୍ରଥମ ଶିକାର ପାଲଟିଥିଲେ । ଏହାପରେ ନାଥନ ମ୍ୟାକ୍ସୱିନୀ (୯) ବୁମ୍‌ରାଙ୍କ ଦ୍ୱିତୀୟ ଶିକାର ପାଲଟିଥିଲେ । ମାର୍ନୁସ ଲାବୁସେନ (୧୨)ଙ୍କୁ ନୀତୀଶ ରେଡ୍ଡୀ ପାଭିଲିୟନ ଫେରାଇବା ପରେ ଆରମ୍ଭ ହୋଇଥିଲା ଷ୍ଟିଭ୍ ସ୍ମିଥ୍ ଓ ଟ୍ରାଭିସ ହେଡ୍ ଶୋ । ବିସ୍ଫୋରକ ବ୍ୟାଟିଂ କରି କେବଳ ୧୬୦ ବଲରୁ ୧୫୨ ରନର ପାଳି ଖେଳିଥିଲେ ହେଡ୍ । ଅନ୍ୟପଟେ ଦୀର୍ଘ ଦିନ ହେବ ଲୟ ଖୋଜୁଥିବା ସ୍ମିଥ ମଧ୍ୟ ଶତକ ହାସଲ କରିଥିଲେ । ସେ ୧୯୦ ବଲରୁ ୧୦୧ ରନ ଖେଳିଥିଲେ । ତେବେ ସମୟକ୍ରମେ ବୁମ୍‌ରା ଉଭୟଙ୍କୁ ପାଭିଲିୟନର ରାସ୍ତା ଦେଖାଇଥିଲେ । ମିଚେଲ୍ ମାର୍ଶ କେବଳ ୫ ରନ କରି ଆଉଟ ହୋଇଥିବାବେଳେ ଅଧିନାୟକ ପ୍ୟାଟ୍ କମିନ୍ସ ୨୦ ରନ କରି ସିରାଜଙ୍କ ବଲରେ ଆଉଟ ହୋଇଥିଲେ । ଆଜିର ଖେଳ ଶେଷ ବେଳକୁ ଆଲେକ୍ସ କ୍ୟାରୀ ୪୫ ଓ ମିଚେଲ୍ ଷ୍ଟାର୍କ ୭ ରନ କରି କ୍ରିଜରେ ମହଜୁଦ ଅଛନ୍ତି । ଅନ୍ୟପଟେ ଭାରତ ପକ୍ଷରୁ ଜସପ୍ରୀତ ବୁମ୍‌ରାସର୍ବାଧିକ ୫ ୱିକେଟ ସଫଳତା ହାସଲ କରିଥିବାବେଳେ ଅନ୍ୟ କୌଣସି ବୋଲର ନିଜର ଆଖିଦୃଶିଆ ପ୍ରଦର୍ଶନ ଦେଇପାରିନଥିଲେ । ସିରାଜ ଓ ନୀତୀଶ କୁମାର ରେଡ୍ଡୀ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ଆକାଶ ଦୀପ ଓ ରବୀନ୍ଦ୍ର ଜାଡେଜାଙ୍କୁ କୌଣସି ସଫଳତା ମିଳିନଥିଲା ।

## ଇତିହାସ ରଚିଲେ ବୁମ୍‌ରା



ବ୍ରିସବେନ: ଜସପ୍ରୀତ ବୁମ୍‌ରାଙ୍କ ଜଲୱା ଗାବାରେ ଖେଳାଯାଉଥିବା ତୃତୀୟ ଟେଷ୍ଟ ମ୍ୟାଚରେ ଦେଖିବାକୁ ମିଳିଛି । ଦ୍ୱିତୀୟ ଦିନରେ ଚମତ୍କାର ବୋଲିଂ କରି ବୁମ୍‌ରା ମ୍ୟାଚ୍‌ରେ ଟିମ୍ ଇଣ୍ଡିଆର ପ୍ରତ୍ୟାବର୍ତ୍ତନ କରିଥିଲେ । ଗାବା ଟେଷ୍ଟର ଦ୍ୱିତୀୟ ଦିନରେ ଜସପ୍ରୀତ ବୁମ୍‌ରା ଭାରତ ପାଇଁ ସର୍ବାଧିକ ୱିକେଟ୍ ନେଇଥିଲେ । ଏହା ସହ ବୁମ୍‌ରା ଦ୍ୱିତୀୟ ଦିନରେ ୫ୱିକେଟ୍ ନେଇ ଏକ ବିଶେଷ ସଫଳତା ହାସଲ କରିଛନ୍ତି । ଟିମ୍ ଇଣ୍ଡିଆର ପୂର୍ବତନ କିମ୍ବଦନ୍ତୀ ଅଧିନାୟକ କପିଲ ଦେବଙ୍କ ସହ ବୁମ୍‌ରା ବର୍ତ୍ତମାନ ଏକ ସ୍ୱତନ୍ତ୍ର ତାଲିକାରେ ଯୋଗ ଦେଇଛନ୍ତି । ଗାବା ଟେଷ୍ଟର ଦ୍ୱିତୀୟ ଦିନରେ ଜସପ୍ରୀତ ବୁମ୍‌ରା ତୃତୀୟ ଅଧିବେଶନରେ ୫ ୱିକେଟ୍ ପୂରଣ କରିଥିଲେ । ବୁମରା ସ୍ମିଥ୍, ହେଡ୍, ଖାଓ୍ୱାଜା, ନାଥାନ୍ ଏବଂ ମାର୍ଶଙ୍କ ଭଳି ବ୍ୟାଟ୍ସମ୍ୟାନଙ୍କୁ ପାଭିଲିୟନକୁ ଫେରାଇଥିଲେ । ଟେଷ୍ଟ କ୍ରିକେଟରେ ୧୨ ଥର ପାଇଁ ବୁମ୍‌ରା ଗୋଟିଏ ଇନିଂସରେ ୫ ୱିକେଟ୍ ନେଇ ସଫଳତା ହାସଲ କରିଛନ୍ତି । ଟେଷ୍ଟ କ୍ରିକେଟରେ ସର୍ବାଧିକ ୫ ୱିକେଟ୍ ନେଇଥିବା ବୁମ୍‌ରା ଭାରତର ଦ୍ୱିତୀୟ ଦ୍ରୁତ ବୋଲର ହୋଇଛନ୍ତି । ଏହି ତାଲିକାରେ ପ୍ରଥମ ସ୍ଥାନରେ ପୂର୍ବତନ କ୍ରିକେଟ୍ କିମ୍ବଦନ୍ତୀ କପିଲ ଦେବ ରହିଛନ୍ତି । କପିଲ ଦେବ ୨୩ ଥର ୫ ୱିକେଟ୍ ନେଇ ରେକର୍ଡ କରିଛନ୍ତି ।

# ହକି ଇଣ୍ଡିଆ ଲିଗ୍ : ନିର୍ଦ୍ଧାରଣ ହୋଇପାରୁନି ଟିକେଟ ମୂଲ୍ୟ

ରାଉରକେଲା (ଭାସ୍କର ନ୍ୟୁଜ୍) : ଆଉ ମାତ୍ର କିଛିଦିନ ପରେ ହକି ଇଣ୍ଡିଆ ଲିଗ୍‌ର ଷଷ୍ଠ ସଂସ୍କରଣ ଆରମ୍ଭ ହେବ । ଡିସେମ୍ବର ୨୮ ତାରିଖରୁ ଫେବୃଆରି ୧ ତାରିଖ ପର୍ଯ୍ୟନ୍ତ, ମୋଟ୍ ୪୬ଟି ମ୍ୟାଚ୍ ଖେଳାଯିବ । ଏଥିମଧ୍ୟରୁ ୪୨ଟି ମ୍ୟାଚ୍ ରାଉରକେଲାରେ ଓ ୪ଟି ମ୍ୟାଚ୍ ରାଞ୍ଚିରେ ଖେଳାଯିବ । ଗତ ମାର୍ଚ୍ଚରେ ଅନୁଷ୍ଠିତ ହକି ପ୍ରୋ-ଲିଗ୍ ପରେ, ସହରବାସୀ ପୁଣି ଅନ୍ତର୍ଜାତୀୟ ମାନର ହକି ମ୍ୟାଚ୍ ଦେଖିବାର ସୁଯୋଗ ପାଇବେ । ତେବେ ଏହି ପ୍ରତିଯୋଗିତା ପାଇଁ ଟିକଟ ବିକ୍ରି ହେବ ନା ଦର୍ଶକ ନିଃଶୁଳ୍କ ଉପଭୋଗ କରିବେ, ତାହା ସ୍ପଷ୍ଟ ହୋଇନି । ଏପର୍ଯ୍ୟନ୍ତ ଟିକଟ୍ ଦର ଧାର୍ଯ୍ୟ ହୋଇନଥିବାରୁ ଏନେଇ କଳ୍ପନାଜଳ୍ପନା ଲାଗିରହିଛି । ଉଲ୍ଲେଖଯୋଗ୍ୟ, ପୂର୍ବର ସମସ୍ତ ୫ଟି ସଂସ୍କରଣରେ ଟିକଟ ବିକ୍ରି କରାଯାଇଥିଲା । ଭିନ୍ନ ଭିନ୍ନ ଷ୍ଟାଣ୍ଡ ଅନୁଯାୟୀ ଟିକଟ୍ ଦର ୫୦ ଟଙ୍କାରୁ ୩ ଶହ ଟଙ୍କା ପର୍ଯ୍ୟନ୍ତ ରହିଥିଲା । ପ୍ରାୟ ୭ ବର୍ଷ ପରେ ପୁଣି ଏହି ଲିଗ୍ ଫେରିଥିବାବେଳେ ଏଥର ଟିକଟ୍ ବିକ୍ରି ହେବ ନା ନାହିଁ, ତା' ଉପରୁ ପରଦା ଉଠିପାରିନି । ଗତ ୮ ତାରିଖରେ ହକି ଇଣ୍ଡିଆର ଯୁଗ୍ମ ନିର୍ଦ୍ଦେଶକ ବି.ଏନ. ଭୂଷଣଙ୍କ ନେତୃତ୍ୱରେ ହକି ଇଣ୍ଡିଆର ବୈଷୟିକ ବିଭାଗ, ପ୍ରସାରଣ ବିଭାଗର ଏକ ପ୍ରତିନିଧି ରାଉରକେଲାସ୍ଥ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ପରିଦର୍ଶନ କରିଥିଲେ । ପ୍ରତିନିଧି ଦଳ ଷ୍ଟାଡିୟମର ସ୍ଥିତି ପରଖିବାସହ ସମୀକ୍ଷା କରିଥିଲେ । ଉକ୍ତ ସମୀକ୍ଷା ବୈଠକରେ ମଧ୍ୟ ଟିକଟ୍ ନେଇ ଚର୍ଚ୍ଚା କରାଯାଇଥିଲା । ତେବେ ବରିଷ୍ଠ କର୍ତ୍ତୃପକ୍ଷ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ । ବିଶ୍ୱସ୍ତସୂତ୍ରରୁ ମିଳିଥିବା ସୂଚନାଅନୁସାରେ, ଏଥର ମଧ୍ୟ ଟିକଟ୍ ବିକ୍ରି କରାଯିବ । ତେବେ ତା'ର ଦର ନିର୍ଦ୍ଧାରିତ ହୋଇପାରୁନି । ପୂର୍ବ ବର୍ଷ ତୁଳନାରେ ଏଥର ଦର ଅପେକ୍ଷାକୃତ କମ୍ ରଖିବାନେଇ ଶୀର୍ଷ କର୍ତ୍ତୃପକ୍ଷ ବିଚାର କରୁଥିବା ଜଣାପଡ଼ିଛି । ତେବେ ଆଜିସୁଦ୍ଧା ଆନୁଷ୍ଠାନିଭାବେ ହକି ଇଣ୍ଡିଆ ପକ୍ଷରୁ ଏନେଇ ଘୋଷଣା କରାଯାଇନାହିଁ ।

## ସର୍ବଭାରତୀୟ 'ଟାଙ୍ଗୀ କପ୍' ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସେମିରେ ବିହାର ଏକାଦଶ



ଟାଙ୍ଗୀ (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବା ସର୍ବ ଭାରତୀୟ ଟାଙ୍ଗୀ କପ୍ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ରାୟପୁର (ଛତିଶଗଡ଼) ଏକାଦଶ କୁ ୩-୦ ଗୋଲ ରେ ହରାଇ ରାୟପୁର ( ଛତିଶଗଡ଼ ) ଏକାଦଶ ସେମି ଫାଇନାଲରେ ଏଣ୍ଟ୍ରି କରିଛି । ଅତିଥି ଭାବରେ ଆୟୋଜକ କମିଟିର ସଭାପତି ତପନ ମହାନ୍ତି, ସମାଜସେବୀ ତଥା ଯୁବ ସଂଗଠକ ଓ ଯୁବନେତା ଗଦାଧର ପାତ୍ର, ସମାଜସେବୀ ତଥା କ୍ରୀଡ଼ାବିତ୍ ସୋନାଲି ସାହୁ , ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ (ଖୋର୍ଦ୍ଧା) ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କମିଟିର ସମ୍ପାଦକ ନିରଞ୍ଜନ ନାୟକ, ବ୍ରଜବନ୍ଧୁ ଦାସ, ଆଇନଜୀବୀ ବିଶ୍ୱଜିତ ରାଉତରାୟ, ସମାଜସେବୀ ତଥା ସଂଗଠକ ବୁଲୁ ବଳିଆରସିଂଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଖେଳି ପରିଚାଳନା କରିଥିଲେ ରୀନା ତିର୍କୀ, ବୀଣାପାଣି ବିରୁଆ, ବାଳମତି ଓରାମ, ଦୁର୍ଗା ମାଧବ ନାଏକ ।

## ଜାନକୀ ପାଢ଼ୀ ସ୍ମାରକୀ ଦିବାରାତ୍ର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ୍

# ଭଞ୍ଜନଗର ଓ ଆଠମଲ୍ଲିକ ବିଜୟୀ

ବୋଲଗଡ଼ (ଭାସ୍କର ନ୍ୟୁଜ୍) : ବୋଲଗଡ଼ ମହୋତ୍ସବ ପ୍ରତିଷ୍ଠାତା ସ୍ୱର୍ଗତଃ ଜାନକୀବଲ୍ଲଭ ପାଢ଼ୀଙ୍କ ସ୍ମୃତିରେ ସ୍ଥାନୀୟ ଫ୍ରେଣ୍ଡସ କ୍ଲବ ଆୟୋଜନରେ ଜାନକୀ ପାଢ଼ୀ ସ୍ମାରକୀ ରାଜ୍ୟ ସ୍ତରୀୟ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ଦୁଇଟି ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅପରାହ୍ନରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚରେ ଭଞ୍ଜନଗରର ମରାଠା ଏକାଦଶ ୩-୧ ଗୋଲ ବ୍ୟବଧାନରେ ଯାଜପୁରର ଡିଏଫଏ ଦଳକୁ ହରାଇଥିବା ବେଳେ ଦ୍ୱିତୀୟ ସେମିଫାଇନାଲରେ ଆୟୋଜକ ଫ୍ରେଣ୍ଡସ କ୍ଲବକୁ ୧-୦ ଗୋଲରେ ଅନୁଗୁଳ ଆଠମଲ୍ଲିକର ଏକେ କ୍ଲବ ହରାଇଛି ।ଏହି ବିଜୟ ଫଳରେ ଉଭୟ ବିଜେତା ଦଳ ଫାଇନାଲ ପ୍ରବେଶ କରି ରବିବାର ଚମ୍ପିୟାନ ପାଇଁ ଲଢେଇରେ ଅବତୀର୍ଣ୍ଣ ହେବେ । ଅପରାହ୍ନରେ ଅନୁଷ୍ଠିତ ପ୍ରଥମ ମ୍ୟାଚର ପ୍ରଥମାର୍ଦ୍ଧରେ ଭଞ୍ଜନଗର ଦଳ ୨-୧ ରେ ଅଗ୍ରଣୀ ଥିବାବେଳେ ଦ୍ୱିତୀୟାର୍ଦ୍ଧରେ ଆଉ ଗୋଟିଏ ଗୋଲ ଦେଇଥିଲା । ସେହିପରି ସନ୍ଧ୍ୟାରେ ଫ୍ଲଡଲାଇଟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଆୟୋଜକ ଫ୍ରେଣ୍ଡସ କ୍ଲବକୁ ପ୍ରଥମାର୍ଦ୍ଧରେ ସ୍କୋର କରିଥିବା ଏକ ମାତ୍ର ଗୋଲ ବଳରେ ଆଠମଲ୍ଲିକର ଏକେ କ୍ଲବ ହରାଇଥିଲା । ଏହି ମ୍ୟାଚ ୨ଟିରେ ଅତିଥି ଭାବେ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସୁବାସ



ରାୟଗୁରୁ, ସାମାଜିକ କର୍ମୀ ମାନସ କୁମାର ବେହେରା, ସନ୍ତୋଷ ବେହେରା, ସୁଶାନ୍ତ ପାଇକରାୟ, ଶରତ କୁମାର ଦଳେଇ ଓ ମହୋତ୍ସବ କମିଟି ସମ୍ପାଦକ ବୀରକିଶୋର ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।ମ୍ୟାଚ ଦୁଇଟିକୁ ରେଫରି ଭାବେ ଭଞ୍ଜକିଶୋର ଯତି, ସରୋଜ ମହାରଣା, ସଞ୍ଜୟ କୁମାର ଫତେସିଂ ଓ ଲକ୍ଷ୍ମୀଧର ଚୌଧୁରୀ ପରିଚାଳନା କରିଥିଲେ । ଲଲାଟେନ୍ଦୁ କେଶରୀ ସିଂ, ଅଶ୍ୱିନୀ ପଟ୍ଟନାୟକ, ରାକେଶ ମହାପାତ୍ର, ଜିତେନ୍ଦ୍ର ମାର୍ଥା ପ୍ରମୁଖଙ୍କ ସମେତ ଫ୍ରେଣ୍ଡସ କ୍ଲବ ସଦସ୍ୟ ମାନେ ସହଯୋଗ କରିଥିଲେ ।

# ୧୭ରୁ ସବ୍-ଜୁନିୟର ବାଳକ ବାଳିକା ହ୍ୟାଣ୍ଡବଲ୍




କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଚଳିତ ବର୍ଷ କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମରେ ୧୭ ଓ ୧୮ ତାରିଖରେ ଅନୁଷ୍ଠିତ ହେବ ୨୧ ତମ ସବ - ଜୁନିୟର ବାଳକ ବାଳିକା ହ୍ୟାଣ୍ଡବଲ ଚମ୍ପିଆନସିପ ।ଏହି ପ୍ରତିଯୋଗିତା ପରିପ୍ରେକ୍ଷୀରେ ଏକ ସାମ୍ବାଦିକ ସମ୍ମିଳନୀ ଆଜି ପୂର୍ବାହ୍ନରେ ହ୍ୟାଣ୍ଡବଲ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ରାଜ୍ୟର ୧୫ଟି ଜିଲ୍ଲାରୁ ୨୪ ଟି ଟିମ ଯୋଗଦାନ କରିବାକୁ ସହମତି ପ୍ରଦାନ କରିଛନ୍ତି । ଏଥିରେ ୩୫୦ ଜଣ ଖେଳାଳି, ୧୦୦ ଜଣ ଷ୍ଟେଟ ଅଫିସିଆଲ, ରେଫରି ଓ ସ୍ୱେଚ୍ଛାସେବୀ ଯୋଗଦାନ କରିବେ । ଏଥିରେ ଖେଳାଳିମାନଙ୍କୁ ରହିବା ପାଇଁ ମ୍ୟୁନିସିପାଲଟି କଲ୍ୟାଣ ମଣ୍ଡପ ଓ ଗୁଜୁରାଟି ସମାଜରେ ବ୍ୟବସ୍ଥା ହୋଇଛି । କେନ୍ଦୁଝର ଶୀତକୁ ଆଖି ଆଗରେ ରଖି ଖେଳାଳି ମାନଙ୍କପାଇଁ ଗଦି ଓ କମ୍ବଳର ବ୍ୟବସ୍ଥା କରାଯାଇଛି । ସଂଧ୍ୟା ବେଳେ କେନ୍ଦୁଝର ଖେଳାଳୀଙ୍କ ଖେଳକୁ ଦେଖି କେନ୍ଦୁଝରର ଜଣେ ସହୃଦୟ ବ୍ୟକ୍ତି ସୁଭେନ୍ଦୁ କୁମାର ସାମଲ ସମସ୍ତ ବାଳକ ଓ ବାଳିକା ଖେଳାଳୀଙ୍କୁ ଜର୍ସି ପ୍ରଦାନ କରିଛନ୍ତି । ଯାହାକୁ ନେଇ ଖେଳାଳୀମାନେ ବେସ ଉତ୍ସାହିତ ହୋଇଛନ୍ତି । ଏହି ଜର୍ସିକୁ ଖେଳାଳୀ ମାନଙ୍କ ସମ୍ମୁଖ ରେ ଉନ୍ମୋଚନ କରିଥିଲେ ଆୟୋଜକ । ଏହି ପ୍ରତିଯୋଗିତାର ପ୍ରଦର୍ଶନକୁ ଭିତ୍ତି କରି ଆଗାମୀ ଜାତୀୟ ପ୍ରତିଯୋଗିତା ପାଇଁ ରାଜ୍ୟ ଦଳ ଚୟନ କରାଯିବ ବୋଲି ଜିଲ୍ଲା ହ୍ୟାଣ୍ଡବଲ ସଂଘର ସମ୍ପାଦକ ରୀତିକ ଋତ୍ୱିକ ଅଧିକାରୀଙ୍କ ଠାରୁ ପ୍ରକାଶ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଜିଲା ସଂଘର ସଭାପତି ଇଂ ବସନ୍ତ କୁମାର ଦାନୀ, ସମ୍ପାଦକ ଋତ୍ୱିକ ଅଧିକାରୀ, ଯୁଗ୍ମସଂପାଦକ ପରେଶ ପ୍ରଧାନ ଦଳର କୋଚ ରିବିନ୍ଦ୍ର ବାରିକ ଓ ଶୁକଦେବ ମହାକୁଡ ଉପସ୍ଥିତ ଥିଲେ । ଏଥିରେ ସମ୍ପାଦକ କେନ୍ଦୁଝର ଦଳ ଘୋଷଣା କରିଥିଲେ । ବାଳିକା ଦଳ - ଶ୍ରେୟାନସି ସୁନୟନା ପାଣି, ଶ୍ରେୟାଶ୍ରୀ ସୁଜେୟା, ସଂଭବି ଦାସ, ସୋନାକ୍ଷୀ ରଥ, ଅନୁଷ୍କା ପ୍ରୀୟ ଦର୍ଶନୀ ଜେନା, ସ୍ନେହା ସୋନାକ୍ଷି ସାହୁ, ପ୍ରତ୍ୟୋସା ପଣ୍ଡା, ସ୍ୱାଗତିକା ମହାନାୟକ, ପ୍ରତ୍ୟୁଷା ପଲ୍ଲବୀ, ଲିପ୍ସା ମୟୀ ମାଝୀ, ପ୍ରେରଣା ନାଏକ, ଲକ୍ଷ୍ମୀପ୍ରୀୟା ଜେନା, ନିକିତା ପ୍ରୀୟଦର୍ଶନୀ ମହାନ୍ତ, ଦିବ୍ୟ ଦର୍ଶନୀ ନାଏକ । ବାଳକ ଦଳ - ଅଭିଷେକ ମହାନ୍ତୀ, ବବୁଲ ନାଏକ, ସୁଚିତ ଦାସ, ସମୀର ମାଝୀ, ଜୋତି ପ୍ରକାଶ ମହାନ୍ତ, ଶୁବେନ୍ଦୁ କୁମାର ବେହେରା, ଧରଣୀଧର ଗୋପ, ଅମୀତ କୁମାର ଦଳେଇ, ଜ୍ୟୋରାଦିତ୍ୟ ବାନରା, ସୌରଭ କୁମାର ଜେନା, ଅଶୁଂମାନ ମହାନ୍ତ, ଗିରିଜା ନନ୍ଦନ ସାହୁ, ରାହୁଲ ନାଏକ, ସମିର ନାଏକ ।

# 'ସୁସ୍ଥ ଶରୀର ଗଠନ ସହ ମନୋବଳ ଦୃଢ କରିଥାଏ କ୍ରୀଡା'



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଶିକ୍ଷା ବିକାଶ ସମିତିର ପୂର୍ବ ସଂଭାଗ ପୁରୀ ଜିଲ୍ଲା ଅନ୍ତର୍ଗତ ଅସ୍ତରଙ୍ଗ ସଂକୁଳ ସ୍ତରୀୟ ବାର୍ଷିକ କ୍ରୀଡାପ୍ରତିଯୋଗୀତା ଶନିବାର ଦିନ ଅସ୍ତରଙ୍ଗ ବ୍ଲକ କୁଅଁରପୁର ନିକଟସ୍ଥ ଭଣ୍ଡରପଦା ପଡିଆରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ସଭାପତି ରମାନାଥ ପରିଡା, ସଂମାନୀତ ଅତିଥି ସଂକୁଳ ସଂଯୋଜକ ତନ୍ମୟ ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଶିକ୍ଷାବିତି ବିଜୟ କୁମାର ଭଟ୍ଟ, ଉପସଭାପତି ବିପିନି ବିହାରୀ ମହାନ୍ତି ପ୍ରମୁଖ ଯୋଗଦେଇ କ୍ରୀଡା ସୁସ୍ଥ ଶରୀର ଗଠନ ସହିତ ଦୃଢ ମନୋବଳ ବିକାଶ କରିବା ସହିତ ଜୀବନ ଜୀବିକାର ମଧ୍ୟ ସହାୟକ ହୋଇଥାଏ ବୋଲି କହିଥିଲେ । ଏହି ସଂକୁଳ ସ୍ତରୀୟ ବାର୍ଷିକ କ୍ରୀଡାରେ ୬ଟି ବିଦ୍ୟାଳୟ ଯଥା ଅସ୍ତରଙ୍ଗ ସରସ୍ୱତୀ ଶିଶୁମନ୍ଦିର, କାକଟପୁର ସରସ୍ୱତୀ ଶିଶୁମନ୍ଦିର, ଯୋଗେଶ୍ୱରପୁର ସରସ୍ୱତୀ ଶିଶୁମନ୍ଦିର, ବାଲିଦୋକାନ ସରସ୍ୱତୀ ଶିଶୁମନ୍ଦିର, ଆମପଡା ସରସ୍ୱତୀ ଶିଶୁମନ୍ଦିର ଓ ଓଥକା ସରସ୍ୱତୀ ଶିଶୁମନ୍ଦିର ର ପ୍ରତିଯୋଗୀ ମାନେ ଭାଗ ନେଇଥିଲେ । ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କୁ ନେଇ ସିନିୟର ଓ ଜୁନିୟର ସ୍ତରରେ ହାଇଜମ୍ପ, ଲଙ୍ଗଜମ୍ପ, ଦୌଡ଼, ସଟପୁଟ ଥ୍ରୋ, ଡ଼ିସକସ ଥ୍ରୋ ଖେଳ ହୋଇଥିଲା ।ଏହି କ୍ରୀଡାରେ ୩ବିଭାଗ ର ୫୨ଟି ଇଭେଣ୍ଟ ରେ ବିଭିନ୍ନ ବିଦ୍ୟାଳୟର ୧୪୨ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଆଚାର୍ଯ୍ୟ ଦିବାକର ପ୍ରଧାନ, ଯୋଗେନ୍ଦ୍ର ସ୍ୱାଇଁ, ସନ୍ତୋଷ ଜେନା, ରବୀନ୍ଦ୍ର ସେନାପତି, ଗୀତା ଗୁରୁମା, ମମତା ଗୁରୁମା କ୍ରୀଡା ପରିଚାଳନା କରିଥିଲେ । ଶେଷରେ ଉଦ୍‌ଯାପନୀ ସମାରୋହ ରେ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଦୁଷ୍ମନ୍ତ କୁମାର ପରିଡା ଯୋଗ ଦେଇ କହିଥିଲେ କ୍ରୀଡା ଯୋଗୁଁ ପିଲାଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଘଟିଥାଏ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ସମାଜସେବୀ ଦୁଷ୍ମନ୍ତ ପରିଡା, ଅସ୍ତରଙ୍ଗ ସରସ୍ୱତୀ ଶିଶୁମନ୍ଦିର ପ୍ରଧାନଆଚାର୍ଯ୍ୟ ଅଶୋକ ପରିଡା ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ ।ଶେଷରେ ଆଚାର୍ଯ୍ୟ ପ୍ରଦୀପ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ମହାସମାରୋହରେ କ୍ରୀଡା ଉତ୍ସବ ଅନୁଷ୍ଠିତ



ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ଶନିବାର ଓ ରବିବାର ଦୁଇ ଦିନ ଧରି ସରସ୍ୱତୀ ଶିଶୁ ବିଦ୍ୟା ଭବନର ବାର୍ଷିକ କ୍ରୀଡା ଉତ୍ସବ ମହାସମାରୋହରେ ଉଦଘାଟନ ହୋଇଯାଇଛି । ଏହାକୁ ବିଶିଷ୍ଟ ସମାଜ ସେବି ତଥା ଅବସରପ୍ରାପ୍ତ ବନ କର୍ମଚାରୀ ଶୁଳପାଣି ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସେନା କର୍ମଚାରୀ କ୍ୟାପ୍‌ଟେନ ମହେନ୍ଦ୍ର କୁମାର ସ୍ୱାଇଁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରୀ ଛାତ୍ରଙ୍କ ସକାଶେ କ୍ରୀଡାର ଆବଶ୍ୟକତା ଏବଂ ଶିକ୍ଷା ସହିତ ଯୋଗ, ଖେଳ ଇତ୍ୟାଦିର ଯେପରି ସଂଯୋଗ ରହିଛି ବୁଝାଇ ଥିଲେ । ଅନୁଷ୍ଠାନର ମୁଖ୍ୟ ସୂର୍ଯ୍ୟ ନାରାୟଣ ପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ କ୍ରୀଡା ଉତ୍ସବ ଉକ୍ତ ଆନୁଷ୍ଠାନରେ ପ୍ରାୟ ଅଠେଇଶି ବର୍ଷହେଲା ଅନୁଷ୍ଠିତ ହୋଇଥିବା କଥା ପ୍ରକାଶ କରିଥିଲେ । ବ୍ଲକ ନିକଟସ୍ଥ ସୁନ୍ଦର ଖେଳ ପଡିଆରେ କ୍ରୀଡା କାର୍ଯ୍ୟକ୍ରମକୁ ଛାତ୍ର, ଛାତ୍ରୀ ହୃଦୟର ସହିତ ଉପଭୋଗ କରିଥିଲେ । ଶିକ୍ଷା ଅନୁଷ୍ଠାନର ପ୍ରଧାନ ଗୁରୁଜୀଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା ଏବଂ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

# କେସିଏସ୍ଏ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ନେଇ ସାମ୍ବାଦିକ ସମ୍ମିଳନୀ




ଖଡ଼ିଆଳ (ଭାସ୍କର ନ୍ୟୁଜ୍) : ନୂଆପଡ଼ା ଜିଲ୍ଲା ଖଡ଼ିଆଳ ରାଜା ଅର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ପ୍ରତିବର୍ଷ ଭଳି ହୋଇ ଆସୁଥିବା (କେସିଏସଏ) କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ନେଇ ସାମ୍ବାଦିକ ସମ୍ମିଳନୀ କେସିଏସଏ ସଭାପତି ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଡିସେମ୍ବର ମାସ ୨୪ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୨୮ତାରିଖ ଶେଷ ହେବ ବୋଲି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ ସମ୍ପାଦକ ସନ୍ତୋଷ ପଟନାୟକ ।ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପୂର୍ବରୁ ସର୍ବ ଭାରତୀୟ ସ୍ତରର ଦଳ ଭାଗ ନେଇ ଖେଳ ହେଉଥିବା ବେଳେ ଚଳିତବର୍ଷ ବିଶେଷ କରି ପଶ୍ଚିମ ଓଡିଶାର ଦଳ ଭାଗ ନେଇ ଖେଳ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଥିଲେ । ଏହି ଅବସରରେ ଗ୍ରାମାଞ୍ଚଳରେ ତଥା ସହରାଞ୍ଚଳରେ କ୍ରିକେଟ ଖେଳୁଥିବା ଯୁବକମାନଙ୍କୁ ଟେନିସ ବଲରେ କ୍ରିକେଟ ନଖେଳି ଡିଉଜ ବଲରେ ଖେଳିବାକୁ ନିବେଦନ କରିଥିଲେ । କାରଣ ଟେନିସ ବଲରେ କ୍ରିକେଟ ଖେଳିଲେ ଭବିଷ୍ୟତ ନାହିଁ ବୋଲି ପ୍ରକାଶ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଏନଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ଖାଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ଉପ ସଭାପତି ବିଶ୍ୱଜିତ ପାଢ଼ୀ, ଉପସଭାପତି ଫିରୋଜ ଖାନ, ସମ୍ପାଦକ ସନ୍ତୋଷ ପଟ୍ଟନାୟକ, ଗିରିଧାରୀ ବିଭାର, ବିନୋଦ ପାଢ଼ୀ, ସୁଶାନ୍ତ ତାଣ୍ଡି, ଗୋବର୍ଦ୍ଧନ ସୁନା, ଘନଶ୍ୟାମ ପାଣିଗ୍ରାହୀ, ଅଶ୍ୱିନୀ ପାଢ଼ୀ, ରାଜୁ ଛବଡା, ଆଦିତ୍ୟ ମହାପାତ୍ର, ତନ୍ମୟ ବାଗ, ଅମିତାଭ ପଟେଲ, ଛବି ସାଗର, ବିନୋଦ ଦୁରିଆ, ବାବୁ ପଟ୍ଟନାୟକ, ମିଳନ ଯାଦବ, ରାଜା ଛତ୍ରିଆ, ରୁପଶେ ଛତ୍ରିଆ, ସୁରେଶ ଯାଦବ, ଶିବ ଅଗ୍ରୱା,ସୀତାରାମ ସାହୁ, ଟିଟୁ ପାଣ୍ଡେ, ଧଞ୍ଜୟ ଭୋଇ, ସୁରଜ ଜଗତ,ସମେତ କେସିଏସଏ ବହୁ ସଦସ୍ୟ ଯୋଗ ଦେଇଥିଲେ ।

# ଅବଦୁଲ କରିମ ଖାନ୍ ମେମୋରିଆଲ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ : ଭାଗ ଦେବେ ୮ ଦଳ




କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡା ସହରର ଫକିରାବାଦ୍ ସ୍ଥିତ ଲକି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ପଞ୍ଚମ ବାର୍ଷିକ ଜାତୀୟ ସ୍ତରୀୟ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି-୨୦୨୪ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ମାଧପୁର ଅମରଉଦ୍ୟାନ ପରିସରରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡାର ବିଶିଷ୍ଟ ଫୁଟବଲ ଖେଳାଳୀ ସ୍ୱର୍ଗତ ଅବଦୁଲ କରିମ୍ ଖାନ୍‌ଙ୍କ ସ୍ମୃତିରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ କ୍ଲବର ସଭାପତି ସଲିମ ଖାନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଆଗାମୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ବିଷଦ ଭାବେ ଆଲୋଚନା କରାଯାଇଥିଲା । ବୈଠକରେ ପ୍ରଥମେ ବାର୍ଷିକ ବିବରଣୀ ଉପସ୍ଥାପନ କରାଯାଇଥିଲା । ଆସନ୍ତା ଜାନୁଆରୀ ମାସରେ କେନ୍ଦ୍ରାପଡା ହାଇସ୍କୁଲ ଖେଳ ପଡିଆରେ ପ୍ରତିବର୍ଷ ଭଳି ୭ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଜାତୀୟ ସ୍ତରର ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଓଡିଶା ସମେତ ବିଭିନ୍ନ ରାଜ୍ୟର ବଛା ବଛା ୮ଟି ଟିମ ଅଂଶଗ୍ରହଣ କରିବେ । ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟର ଚମ୍ପିୟନ ଦଳକୁ ୩୧ହଜାର ନଗଦ ଅର୍ଥରାଶି ସହିତ ଟ୍ରଫି ଓ ରନର୍ସଅପ ଦଳକୁ ୨୧ହଜାର ନଗଦ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯିବ ବୋଲି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୪ଟି କ୍ୱାଟର ଫାଇନାଲ, ୨ଟି ସେମିଫାଇନାଲ ସହ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ଏହାପରେ ସର୍ବସମ୍ମତିକ୍ରମେ କ୍ଲବର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ମହମ୍ମଦ ସଲିମ ଖାନ୍‌ଙ୍କ ଉପରେ ଆସ୍ଥା ପ୍ରକଟ କରାଯାଇ ତାଙ୍କୁ ପୁନର୍ବାର କ୍ଲବର ସଭାପତି ଭାବେ ନିର୍ବାଚିତ କରାଯାଇଥିଲା । କାର୍ଯ୍ୟକାରୀ ସଭାପତି ଭାବେ ମହମ୍ମଦ ନିଆଜ୍(ମତୁ), ସାଧାରଣ ସମ୍ପାଦକ ଭାବେ ସେକ ସାହାବୁଲ୍ଲା, ଉପସଭାପତି ଭାବେ ସେକ ସଫାତୁଲ୍ଲା, ମହମ୍ମଦ ଇବ୍ରାହିମ ଖାନ୍, ଆଇନଜୀବୀ ଅକିଲ ଅହେମଦ୍, ସେକ ଫରିଦ୍, ସମିଉଲ୍ଲା ଖାନ୍ ଓ ବୁରାନ ଅଲ୍ଲୀ, ସମ୍ପାଦକ ଭାବେ ମୀର ଜରାର୍, ମୀର ଆବୁସୋମା, ଅୟାଜ ମହମ୍ମଦ୍, ମୀର ଆସିର, ମୀର ସଲିମ୍, କଲିମ ଖାନ୍‌ଙ୍କୁ ଓ କୋଷାଧ୍ୟକ୍ଷ ଭାବେ ସେକ ମୁସ୍ତାକ୍ ଏବଂ ମହମ୍ମଦ ଆଝାରୁଦ୍ଦିନଙ୍କୁ ନିର୍ବାଚିତ କରାଯାଇଥିଲା । ଏହି ପ୍ରସ୍ତୁତି ବୈଠକରେ କ୍ଲବର ଉପଦେଷ୍ଟା ସେକ ଲିୟାକତ ଅଲ୍ଲୀ, ମୀର ଫାରୁକ, ମୀର ବକାଉଲ୍ଲା, ଜାହିଦ୍ ଖାନ୍, ସେକ କମିରୁଦ୍ଦିନ୍, ମହମ୍ମଦ ଆଝାର, ଇସମାଇଲ ଖାନ୍, ମାସୁମ ଖାନ୍, ଅହେମଦ ଅଲ୍ଲୀ, ସୟଦ ଅକମଲ ଅଲ୍ଲୀ, ସଦସ୍ୟ ମୀର ମହମ୍ମଦ ଅମୀର, ସେକ ଆଦିଲ, ମୋତି ଖାନ୍, ସେକ ଇମ୍ରାନ, ସେକ ଖଲିଲ, ମୀର ସଲାମତ୍, ଜମିଲ ଅହେମଦ୍, ସେକ ରମଜାନୀ, ମୁନା ଖାନ୍, ସେକ ରିୟାଜତ ଅଲ୍ଲୀ, ସେକ ଫାହାନ,ସେକ କୁତବୁଦ୍ଦିନ, ଟୁକୁ, ସମସୁର ଅଲ୍ଲୀଖାନ୍ ଓ ସେକ ଆରିଫ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ସେକ ସଫାତୁଲ୍ଲା ଧନ୍ୟବାଦ ଅର୍ପଣ କରିଥିଲେ ।



କିଡନୀ ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏଥିରେ ଥିବା କୌଣସି ତ୍ରୁଟି ଆପଣଙ୍କୁ ଗୁରୁତର ଅସୁସ୍ଥ କରିପାରେ । ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବା ପାଇଁ କିଡନୀ ମୁଖ୍ୟ ଭୂମିକା ଗ୍ରହଣ କରେ । କିଡନୀକୁ ସୁସ୍ଥ ରଖିବା ଅତ୍ୟନ୍ତ ଜରୁରୀ, କିନ୍ତୁ ବର୍ତ୍ତମାନ ସମୟରେ ଭୁଲ ଖାଇବା ଅଭ୍ୟାସ ଏବଂ ଖରାପ ଅଭ୍ୟାସ ହେତୁ ଏହାର ନକାରାତ୍ମକ ପ୍ରଭାବ ପଡିଥାଏ । କିଡନୀ ଫେଲ୍ ହେଉଛି ଏକ ଗୁରୁତର କିଡନୀ ରୋଗ ଯେଉଁଥିରେ କିଡନୀ ନଷ୍ଟ ହୋଇଯାଏ । ତଥାପି, ଯେତେବେଳେ ବି ଏପରି ଗମ୍ଭୀର ରୋଗ ଆରମ୍ଭ ହୁଏ, ଶରୀର ପୂର୍ବରୁ ସଙ୍କେତ ଦେବା ଆରମ୍ଭ କରିଦିଏ । ଆମେ ଆପଣଙ୍କୁ କିଛି ଲକ୍ଷଣ ବିଷୟରେ ମଧ୍ୟ କହିବୁ, ଯାହା ପରିସ୍ରା ସହିତ ଜଡିତ ହୋଇପାରେ । ଯଦି ଆପଣ ଅଧିକ କିମ୍ବା ଅଳ୍ପ ପରିସ୍ରା କରୁଛନ୍ତି, ତେବେ ଏହା ମଧ୍ୟ ଏକ ସଙ୍କେତ ଅଟେ ଯେ ଆପଣଙ୍କର କିଡନୀ ନଷ୍ଟ ହୋଇଯାଉଛି । ବାରମ୍ବାର ପରିସ୍ରା କରିବାର ଲକ୍ଷଣ କିଡନୀ ଫେଲ୍ ସହିତ ମଧ୍ୟ ଜଡିତ ହୋଇପାରେ । ଯଦି ପରିସ୍ରାର ରଙ୍ଗ ବଦଳୁଛି ପୂର୍ବ ଅପେକ୍ଷା ଗାଢ ରଙ୍ଗର ପରିସ୍ରା କିମ୍ବା ପରିସ୍ରାରେ ମଇଳାର ଉପସ୍ଥିତି ମଧ୍ୟ ଆପଣଙ୍କର କିଡନୀ ନଷ୍ଟ ହୋଇଯିବାର ଲକ୍ଷଣ ଅଟେ ।



## ମା' ହେଲେ ରାଧିକା ଆପ୍ଟେ



ବଲିଉଡ ଅଭିନେତ୍ରୀ ରାଧିକା ଆପ୍ଟେ ମା' ହୋଇଛନ୍ତି। ତାଙ୍କ ନବଜାତ ଶିଶୁ ସହିତ ସୋସିଆଲ ମିଡିଆରେ ଏକ ଫଟୋ ସେୟାର କରିଛନ୍ତି। ରାଧିକା ନିଜ ବ୍ୟକ୍ତିଗତ ଜୀବନକୁ ସର୍ବଦା ଲାଇମଲାଇଟ୍ ଠାରୁ ଦୂରେଇ ରଖିଛନ୍ତି, ସେଥିପାଇଁ ତାଙ୍କ ସନ୍ତାନର ଜନ୍ମ ବିଷୟରେ କେହି ଜାଣି ନଥିଲେ । ଅଭିନେତ୍ରୀ ନିଜେ ଏବେ ସମସ୍ତଙ୍କୁ ଜଣାଇଛନ୍ତି । ରାଧିକା ଏକ ସପ୍ତାହ ପରେ ନବଜାତ ଶିଶୁର ଫଟୋ ଦେଖାଇଛନ୍ତି । ଅକ୍ଟୋବରରେ ସେ ଗର୍ଭବତୀ ଥିବାର ଫ୍ୟାନ୍ସମାନଙ୍କୁ ଜଣାଇଥିଲେ। ରାଧିକା ଏବଂ ବେନେଡିକ୍ଟ ଗତ ସପ୍ତାହରେ ସେମାନଙ୍କର ପ୍ରଥମ ସନ୍ତାନର ସ୍ୱାଗତ କରିଛନ୍ତି ଏବଂ ବର୍ତ୍ତମାନ ଏକ ସପ୍ତାହ ପରେ ଅଭିନେତ୍ରୀ ସୋସିଆଲ ମିଡିଆରେ ଏହି ଖବର ସେୟାର କରିଛନ୍ତି। ସୋସିଆଲ ମିଡିଆରେ ନିଜର ଝିଅ ସହ ଫଟୋ ସେୟାର କରିଛନ୍ତି । ଡିସେମ୍ବର ୧୩ରେ, ରାଧିକା ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଫଟୋ ସେୟାର କରିଛନ୍ତି ଓ ସେ କ୍ୟାପସନ୍ ଲେଖିଥିଲେ, 'ମୋ ପିଲା ଜନ୍ମ ହେବାର ଏକ ସପ୍ତାହ ପରେ ପ୍ରଥମ ୱାର୍କ ମିଟିଂ'। ଫ୍ୟାନ୍ସମାନେ ତାଙ୍କୁ ସ୍ନେହପୂର୍ଣ୍ଣ ଶୁଭେଚ୍ଛା ଦେଇଥିବାର ପୋଷ୍ଟରେ ଦେଖିବାକୁ ମିଳିଛି । ରାଧିକା ଆପ୍ଟେ ବେନେଡିକ୍ଟଙ୍କୁ ୨୦୧୨ରେ ବିବାହ କରିଥିଲେ। ସେମାନଙ୍କର ପ୍ରଥମ ସାକ୍ଷାତ ୨୦୧୧ ରେ ହୋଇଥିଲା ।

## 'ଅପୂର୍ବା'ର ରିଲିଜ୍ ସମୟର କଥାକୁ ମନ ପକାଇଲେ ତାରା



ପରଦାରେ ଗମ୍ଭୀର ଭୂମିକା ପାଇଁ ବେଶ ଜଣାଶୁଣା ତାରା ସୁତାରିଆ । ଏକ ସାକ୍ଷାତକାରରେ ସେ ବଲିଉଡ୍‌ରେ ପ୍ରତିଯୋଗିତା ବିଷୟରେ ଆଲୋଚନା କରିଛନ୍ତି। ଗତ ବର୍ଷ ଶେଷରେ ତାଙ୍କର ଫିଲ୍ମ 'ଅପୂର୍ବା'ର ରିଲିଜ୍ ସମୟ କଥା ସେ ମନେପକାଇଛନ୍ତି । ସେତେବେଳେ ସୁହାନା ଖାନ୍, ଖୁସି କପୁର ଓ ଆହୁରି ଅନେକ ନୂଆ ମୁହଁ ଚର୍ଚ୍ଚାର ଶିଖରରେ ଥିଲେ । ଏଭଳି ଏକ ସମୟରେ ତାରା ସେମାନଙ୍କୁ ନିଜ ପ୍ରତିଯୋଗୀ ଭାବେ ଦେଖୁଥିଲେ କି ବୋଲି ପ୍ରଶ୍ନ କରାଯାଇଥିଲା । ଉତ୍ତରରେ ତାରା କହିଲେ, ପ୍ରତ୍ୟେକ କଳାକାର ନିଜକୁ କିଭଳି ଉପସ୍ଥାପନ କରନ୍ତି ଏବଂ କେଉଁ ପ୍ରକାର ଫିଲ୍ମ ଚୟନ କରନ୍ତି, ସେଥିରେ ପାର୍ଥକ୍ୟ ରହିଛି । କିନ୍ତୁ ତାଙ୍କ ପାଇଁ ଏହା ପ୍ରତିଯୋଗିତା ନ ଥିଲା । ସେ ନିଜର ପ୍ରଥମ ଫିଲ୍ମ 'ଷ୍ଟୁଡେଣ୍ଟ୍ ଅଫ୍ ଇୟର-୨'ରେ ଅନନ୍ୟା ପାଣ୍ଡେଙ୍କ ଅପୋଜିଟ୍‌ରେ ସ୍କ୍ରିନ୍ ଶେୟାର କରିଥିଲେ । ଦୁହେଁ ୨୦୧୯ ମସିହାରେ ଏହି ଫିଲ୍ମ ଜରିଆରେ ବଲିଉଡ୍ ?ରେ ଡେବ୍ୟୁ କରିଥିଲେ । କିନ୍ତୁ ତାଙ୍କ ମନରେ ପ୍ରତିଯୋଗିତାର ବିଚାର କଦାପି ଆସିନାହିଁ । ଯାହା ଜୀବନରେ ଘଟିବାର ଅଛି, ତାହା ହିଁ ହେଉଛି ବୋଲି ତାଙ୍କର ବିଶ୍ୱାସ । ଜଣେ ଆଉଟ୍‌ସାଇଡର ଭାବେ ବଲିଉଡ୍‌ରେ ଏଣ୍ଟ୍ରି କରିବା ଯେତିକି ନିଆରା ସେତିକି ଚାଲେଞ୍ଜିଂ ଥିଲା ବୋଲି ତାରା କହିଛନ୍ତି । ଏଠି ଏକ ବିଶାଳ ସମୂହରେ ରେସ୍ ଉପରେ ଫୋକସ୍ ନ କରି ସେ ନିଜର ସ୍ୱତନ୍ତ୍ର ସ୍ଥାନ ପ୍ରସ୍ତୁତ କରିଛନ୍ତି । ତାରା 'ଏକ୍ ଭିଲେନ୍ ରିଟର୍ନସ୍', 'ହିରୋପନ୍ତି-୨', 'ତଡ଼ପ୍' ଓ 'ମରଜାୱାଁ' ଭଳି ଫିଲ୍ମରେ ନଜର ଆସିଛନ୍ତି । ପ୍ରତ୍ୟେକ ଫିଲ୍ମରେ ସେ ଜଣେ ବହୁମୁଖୀ ଓ ପ୍ରତିଭାସମ୍ପନ୍ନ କଳାକାର ବୋଲି ପ୍ରମାଣ ଦେଇଛନ୍ତି । ବିଭିନ୍ନ ପ୍ରକାର ଫିଲ୍ମରେ ନିଜର ଭିନ୍ନ ଚରିତ୍ର ମାଧ୍ୟମରେ ସେ ପ୍ରଶଂସା ସାଉଁଟିଛନ୍ତି ।

## ଖୁବ୍‌ଶୀଘ୍ର ତିନି ଭାଷାରେ ଆସିବ 'ପରବ'



ଓଡ଼ିଆ, ହିନ୍ଦୀ ଓ ତେଲୁଗୁ - ଏ ତିନି ଭାଷାରେ ପ୍ରେକ୍ଷାଳୟକୁ ଆସିବ ଓଡ଼ିଆ ସିନେମା 'ପରବ' । ହଲ୍ ରିଲିଜ ପରେ ଏହା ଓଟିଟିରେ ମଧ୍ୟ ଆସିବ, ଯାହାକୁ ନେଇ ଜଣାଶୁଣା ପାନ-ଇଣ୍ଡିଆ ଷ୍ଟୁଡିଓ ପାନୋରମା ଷ୍ଟୁଡ଼ିଓ ସହ ହାତ ମିଳାଇଛନ୍ତି ନିର୍ମାତା ଦୀପେନ୍ଦ୍ର ସାମଲ। ସାରା ଦେଶରେ ୨୦୦ ସ୍କ୍ରିନରେ ଫିଲ୍ମ ରିଲିଜ ହେବ ବୋଲି କହିଛନ୍ତି ସେ । ଏହା ଦ୍ୱାରା ବର୍ତ୍ତମାନ ପାନ ଇଣ୍ଡିଆରେ ଓଡ଼ିଆ ଚଳଚ୍ଚିତ୍ରକୁ ସ୍ୱୀକୃତି ମିଳିବା ନେଇ ଆଶାବ୍ୟକ୍ତ କରିଛନ୍ତି ନିର୍ମାତା । ସେ କହିଛନ୍ତି, 'ଆମର ଯାହା ଯୋଜନା ଥିଲା ଯେ 'ପରବ'କୁ ଆମେ ସେହି ସ୍ତରରେ ପହଞ୍ଚାଇବୁ । ସେ ନେଇ ଆମେ ଗୋଟିଏ ପାଦ ଆଗେଇଛୁ । ଆମେ ଚାହୁଁଛୁ ଡିସେମ୍ବର ୨୦ରେ 'ପରବ'କୁ ଓଡ଼ିଆ ଏବଂ ହିନ୍ଦୀ ଭାଷାରେ ଏକାସାଙ୍ଗେ ରିଲିଜ କରିବୁ ।' ଫିଲ୍ମର ମୁଖ୍ୟ ଭୂମିକାରେ ନଜର ଆସିବେ ସିଦ୍ଧାନ୍ତ ମହାପାତ୍ର ଏବଂ ଅନୁ ଚୌଧୁରୀ । ଏ ଦୁଇ କଳାକାରଙ୍କ ସହିତ ଦୀପନ୍ୱିତ, ସୂର୍ଯ୍ୟମୟୀ, ଚୌଧୁରୀ ଜୟପ୍ରକାଶ ଦାସ ପ୍ରମୁଖ ଅନ୍ୟାନ୍ୟ ଚରିତ୍ରରେ ଅଭିନୟ କରିଛନ୍ତି । ଜେପି ମୋସନ ପିକ୍ ?ଚର୍ସ ବ୍ୟାନରରେ ନିର୍ମାଣାଧୀନ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଚିନ୍ମୟ ଦାସ । ଏହାର ପ୍ରଚାର ପ୍ରସାର ସହ କ୍ରିଏଟିଭ୍ ହେଡ୍ ଅଛନ୍ତି ପ୍ରଣୟ ଜେଠୀ । 'ପରବ' ଓଡ଼ିଶାର ସୀମା ବିବାଦ ଓ ସମ୍ବେଦନଶୀଳ ବିଷୟକୁ ଆଧାର କରି ନିର୍ମିତ ହୋଇଛି ।

## ଘରେ ପାରା ଅଣ୍ଡା ଦେବା ଶୁଭ ନା ଅଶୁଭ !



ପାରାଙ୍କୁ ସୁଖଶାନ୍ତିର ପ୍ରତୀକ ବୋଲି କୁହାଯାଏ। ସକାଳେ ସନ୍ଧ୍ୟାରେ ସେମାନଙ୍କୁ ଖାଇବାକୁ ଦେଲେ ଘରେ ସମୃଦ୍ଧି ବଢ଼େ ବୋଲି ବିଶ୍ୱାସ କରାଯାଏ। ଆଉ ବେଳେବେଳେ ଦେଖାଯାଏ, ଘରର ବାଲକୋନିରେ ହେଉ କି ପୋର୍ଟିକୋରେ ପାରା ଆସି ବସା ବାନ୍ଧିଥାନ୍ତି ଏବଂ ସେଠାରେ ଅଣ୍ଡା ବି ଦେଇଥାନ୍ତି। ଏହା ମଧ୍ୟ ଅନେକ ଶୁଭ ସୂଚନା ଦେଇଥାଏ ବୋଲି ଜ୍ୟୋତିଷଶାସ୍ତ୍ରରେ କୁହାଯାଇଛି। ଯେମିତି କି, ଆଗକୁ ଘରେ କାହାର ବାହାଘର ହେବାକୁ ଯାଉଛି ଅଥବା କାହାର ପିଲାପିଲି ହେବାର ଅଛି କିମ୍ବା ଅନ୍ୟ କୌଣସି ଶୁଭଖବର ଆସିବାର ଅଛି। ସେହିପରି ଘରର ବାଲକୋନିରେ ପାରା ଆସି ଅଣ୍ଡା ଦେଲେ, ପରିବାର ସଦସ୍ୟଙ୍କର ଯଦି କାହାର କିଛି ମନୋସ୍କାମନା ରହିଥାଏ, ତାହା ଖୁବ୍ ଶୀଘ୍ର ପୂରଣ ହେବାକୁ ଯାଉଛି ବୋଲି ଏହା ସଙ୍କେତ ଦେଇଥାଏ। କହିବାକୁ ଗଲେ ଗୃହସ୍ଥଙ୍କ ଘରେ ପାରା ଅଣ୍ଡା ଦେବା ସର୍ବଦା ସକାରାତ୍ମକ ସୂଚନା ପ୍ରଦାନ କରିଥାଏ। କିନ୍ତୁ କୌଣସି କାରଣ ବଶତଃ ଯଦି ପାରା ଦେଇଥିବା ଅଣ୍ଡା ଫାଟିଯାଏ, ତା'ହେଲେ ଏହା ଘର ପାଇଁ ବିପଦ ଆସୁଥିବାର ସଙ୍କେତ ଦେଇଥାଏ ବୋଲି ବିଶ୍ୱାସ କରାଯାଏ।





## କୋଲେଷ୍ଟ୍ରଲ ସମସ୍ୟା ଦୂର କରେ ଚିଆ ସିଡ୍ସ ଓ ଲେମ୍ବୁ

*ଚିଆ ସିଡ୍ସ ଓ ଲେମ୍ବୁ ରସ ଖୁବ୍ ଉପକାରୀ। ଓଜନ ହ୍ରାସ କ୍ଷେତ୍ରରେ ଉଭୟଙ୍କ ଅବଦାନ ଅତୁଳନୀୟ। ଚିଆ ସିଡ୍ସ ଏବଂ ଲେମ୍ବୁ ମିଶ୍ରଣ ଶରୀର ପାଇଁ ଏକ ସୁପରଫୁଡ୍ ଭାବରେ କାର୍ଯ୍ୟ କରେ। ଏହି ଦୁଇଟି ସାମଗ୍ରୀକୁ ଏକାଠି ପିଇବା ଦ୍ୱାରା ଏହାର ପୋଷକ ତତ୍ତ୍ୱ ବହୁଗୁଣିତ ହୋଇଯାଏ। ଓଜନ ହ୍ରାସ ସହ ଆଉ କି କି ଫାଇଦା ମିଳେ, ଜାଣନ୍ତୁ...*

### କୋଲେଷ୍ଟ୍ରଲ ହ୍ରାସ କରେ

ଚିଆ ସିଡ୍ସରୁ ଓମେଗା-୩ ଫ୍ୟାଟି ଏସିଡ୍ ମିଳିଥାଏ, ଯାହା ହୃଦୟକୁ ସୁସ୍ଥ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ଚିଆ ସିଡ୍ସ ଖାଇବା ଦ୍ୱାରା ଖରାପ କୋଲେଷ୍ଟ୍ରଲ (ଖଡଖ) ହ୍ରାସ ପାଇଥାଏ ଏବଂ ଭଲ କୋଲେଷ୍ଟ୍ରଲ (ଐଡଖ) ବୃଦ୍ଧିରେ ସାହାଯ୍ୟ ହୋଇଥାଏ। ଏହା ଦ୍ୱାରା ହୃଦରୋଗ ହେବାର ଆଶଙ୍କା ମଧ୍ୟ କମିଯାଏ। ଏହା ବ୍ୟାତୀତ ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସିରେ ଭରପୂର ଲେମ୍ବୁ ଅକ୍ସିଡେଟିଭ୍ ଚାପକୁ ହ୍ରାସ କରିଥାଏ। ରକ୍ତଚାପ ଉନ୍ନତ ହୁଏ ଏବଂ ହୃଦୟର ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିଥାଏ।

### ହଜମ ପ୍ରକ୍ରିୟାରେ ଉନ୍ନତି

ଲେମ୍ବୁ ସହିତ ଚିଆ ସିଡ୍ସ ପାଣି ପିଇବାର ଆଉ ଏକ ଉପକାର ହେଉଛି ହଜମ ପ୍ରକ୍ରିୟାରେ ଉନ୍ନତି। ଚିଆ ସିଡ୍ସ ପାଣି ପିଇବା ଦ୍ୱାରା ଅଧିକ ସମୟ ପର୍ଯ୍ୟନ୍ତ ପୂରା ପୂରା ଲାଗିଥାଏ, ବିଶେଷ ଭୋକ ହୋଇନଥାଏ। ଫଳରେ ଅତ୍ୟଧିକ ଖାଦ୍ୟ ଖାଇବାକୁ ପଡ଼ିନଥାଏ। ଏହା ବ୍ୟତୀତ ଚିଆ ସିଡ୍ସ ପ୍ରଚୁର ପରିମାଣରେ ଫାଇବର ଥାଏ, ଯାହା ପେଟକୁ ସଫା ରଖିଥାଏ। କୋଷ୍ଠକାଠିନ୍ୟ ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ। ଲେମ୍ବୁ ରସ ଶରୀରରେ ପିତ୍ତ ଉତ୍ପାଦନକୁ ମଧ୍ୟ ବଢାଇଥାଏ, ଯାହା ଚର୍ବି ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଚିଆ ଏବଂ ଲେମ୍ବୁକୁ ମିଶାଇ ପିଇବା ଦ୍ୱାରା ହଜମ ପ୍ରକ୍ରିୟା ସୁସ୍ଥ ରହିଥାଏ।

### ଓଜନ ହ୍ରାସ

ଓଜନ ହ୍ରାସ ପାଇଁ ଚିଆ ସିଡ୍ସ ଏବଂ ଲେମ୍ବୁ ଖୁବ୍ ଉପକାରୀ। ଲେମ୍ବୁ କ୍ୟାଲୋରୀ ବୃଦ୍ଧି କରିବାକୁ ଦେଉ ନ ଥିବାବେଳେ ଚିଆ ସିଡ୍ସ ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟକୁ ପୂର୍ଣ୍ଣ ରଖିଥାଏ। ଫଳରେ ଅତ୍ୟଧିକ ଖାଦ୍ୟ ଖାଇବାକୁ ପଡ଼ିନଥାଏ। ଅଧିକ ଖାଦ୍ୟ ନ ଖାଇବା ଦ୍ୱାରା ଓଜନ ବୃଦ୍ଧି ପାଇନଥାଏ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
**ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

## ଜିଲ୍ଲାସ୍ତରୀୟ ଯୁବ ଉତ୍ସବ

# 'ଦେଶର ବିକାଶ ଦିଗରେ ଯୁବ ସମାଜର ରହିଛି ବଡ଼ ଭୂମିକା'

ଭବାନୀପାଟଣା (ଭାସ୍କର ନ୍ୟୁଜ୍): କାହାଣ୍ଡି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସ୍ଥାନୀୟ ଟାଉନ ହଲ ଠାରେ ୧୪ ତାରିଖ ଶନିବାର ଦିନ ଏକ ମନୋଜ୍ଞ ପରିବେଶ ମଧ୍ୟରେ କଳାହାଣ୍ଡି ଜିଲାସ୍ତରୀୟ ଯୁବଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ ଯୋଗଦେଇ ଦେଶର ଭବିଷ୍ୟତ ଓ ସମାଜର ବିକାଶ ଦିଗରେ ଯୁବ ସମାଜର ବଡ ଭୂମିକା ରହିଛି ବୋଲି ପ୍ରକାଶ କରିବା ସହ ଏକ ବିକଶିତ ରାଷ୍ଟ୍ର ଗଠନ ପାଇଁ ଯୁବସମାଜର




ନିରନ୍ତର ପ୍ରଚେଷ୍ଟା ରହିବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ ପରିଡା, ମା ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ କୁଳସଚିବ ପିତାମ୍ବର ଭୋଇ, ଉପକୁଳସଚିବ ଡ. ଜୟଦେବ ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ,ଡିସିପି ସୁରକ୍ଷା ଅଧିକାରୀ (ଆନୁଷ୍ଠାନିକ ଯନ୍ତ୍ର) ଅଂଶୁମାନ ବାବୁ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ଉମେଶ ଚନ୍ଦ୍ର ଶତପଥୀ ମଞ୍ଚ ପରିଚାଳନା କରିଥିଲେ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଲଧର ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଯୁବ ଉତ୍ସବ ଅବସରରେ ଛାତ୍ରଛାତ୍ରୀ ଓ ଯୁବକ ଯୁବତୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଭୟ ମହିଳା ଓ ପୁରୁଷ ବର୍ଗରେ ଦଳଗତ ଲୋକନୃତ୍ୟ, ଦଳଗତ ସଙ୍ଗୀତ, ଏକକ ଲୋକନୃତ୍ୟ, ଏକକ ଲୋକ ସଙ୍ଗୀତ, ହିନ୍ଦୀ ଓ ଇଂରାଜୀ ଭାଷାରେ କବିତା ଓ ଗଳ୍ପ ଲିଖନ, ଚିତ୍ରକଳା ଓ ଔପଚାରିକା ବକ୍ତୃତା ଆଦି ପ୍ରତିଯୋଗୀତାରେ ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳରୁ ଶତାଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ,କଳାହାଣ୍ଡି ମାଇଁ ଭାରତ ନେହେରୁ ଯୁବକେନ୍ଦ୍ରର ଅଧିକାରୀ ପ୍ରସନ୍ନ ମେହେର,ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନେ ଆସନ୍ତା ୧୮ ତାରିଖ ଠାରୁ ଭୁବନେଶ୍ୱର ଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଯୁବ ଉତ୍ସବ ଉପଲକ୍ଷେ ହେବାକୁ ଥିବା ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବେ। ପୁରସ୍କାର ବିତରଣୀ ଉତ୍ସବ ପରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ଉମେଶ ଶତପଥି ପରିଚାଳନା କରିଥିଲେ। ଏଥିରେ ଜିଲ୍ଲା ସଂସ୍କୃତି ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଭାଗ ନେବା ଓ ଯୁବ କଳାକାର ମାନଙ୍କ ନୃତ୍ୟଗୀତ ଦେଖିବା ନିମନ୍ତେ ଯୁବ ସମାଜ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା।

# ଘରର ବକେୟା ଟିକସ ସଂଗ୍ରହ



କେସିଙ୍ଗା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍ଏ ସିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ ନିଜେ ଏକ ଟିମ୍ ଧରି ଘର ଘର ବୁଲି ବକେୟା ଥିବା ଘର ଟ୍ୟାକ୍ସ ସଂଗ୍ରହ କରୁଥିବା ଦେଖାଯାଉଛି। ଦୁଇ ଦିନ ତଳେ ବିଭିନ୍ନ ଖବର କାଗଜ ମାନଙ୍କରେ କେସିଙ୍ଗା ଏନ୍ଏସି ପେନସନ ଭୋଗୀମାନେ ଦୁଇ ମାସ ହେବ ପେନସନ ପାଇନଥିବା ଖବର ପ୍ରସାରିତ ହୋଇଥିବା ବେଳେ କେସିଙ୍ଗା ଏନ୍ ଏ ସି ରେ ପେନସନ ଦେବାପାଇଁ ଫଣ୍ଡ ନାହିଁ ବୋଲି ଖବର ମିଳିଥିଲା। ସେ ଯାହା ହେଉ ନା କାହିଁକି ନିଜେ କାର୍ଯ୍ୟନିର୍ବାହୀ ଘର ଘର ବୁଲି ବକେୟା ଟ୍ୟାକ୍ସ ସଂଗ୍ରହକୁ ବୁଦ୍ଧିଜିବୀ ମହଲରେ ପ୍ରଶଂସା କରାଯାଉଛି । ଏହି କାର୍ଯ୍ୟରେ ଅନ୍ୟମାନଙ୍କ ମଧ୍ୟରେ ଆକୁଳ ନାଏକ,ମୋହନ ,ଶ୍ରୀନିବାସ ଶ୍ରିନୁ, ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ପାଇଁ ଗୌରବ ଆଣିଲେ ଛାତ୍ର ପ୍ରୟାଗରାଜ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଟାଟା ଷ୍ଟିଲ ପକ୍ଷରୁ ଆୟୋଜିତ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାରେ ଭାଗ ନେଇଥିବା ୬୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କଳାହାଣ୍ଡି ଜିଲା କୋକସରା ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ପ୍ରୟାଗରାଜ ପଣ୍ଡା ରାଜ୍ୟସ୍ତରରେ କୃତିତ୍ୱ ଅର୍ଜନ କରିଛନ୍ତି। ଗ୍ରାଣ୍ଡ ଫାଇନାଲରେ କଳାହାଣ୍ଡି ଜିଲା ପାଇଁ ସେ ଜଣେ ମାତ୍ର ଛାତ୍ର ଭାବେ ମନୋନୀତ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି । ଶୁକ୍ରବାର ଭୁବନେଶ୍ୱର ପଠାଣି ସାମନ୍ତ




ପ୍ଲାନେଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହାତରୁ ମାନପତ୍ର ସହ ଟ୍ରଫି ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲର ଅଧିକାରୀ ଓ ପ୍ଲାନେଟୋରିୟମର ଅଧିକାରୀ ଉପସ୍ଥିତ ଥିଲେ। ଗମ୍ଭାରୀଗୁଡା ପଞ୍ଚାୟତ ଓଲମା ଗ୍ରାମର ଆଶିଷ କୁମାର ପଣ୍ଡାଙ୍କ ପୁଅ ହେଉଛନ୍ତି ପ୍ରୟାଗରାଜ।

# ଦିଲ୍ଲୀ କର୍ତ୍ତବ୍ୟ ପଥ ପରେଡରେ ଭାଗ ନେବେ ଛାତ୍ରୀ ଶିବାନୀ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟର ତୃତୀୟ ବର୍ଷର ଛାତ୍ରୀ ତଥା ଏନ୍.ଏସ୍.ଏସ୍ ସ୍ୱେଚ୍ଛାସେବୀ ଶିବାନୀ ବାଗ ସମଗ୍ର କଳାହାଣ୍ଡି ଜିଲ୍ଲାକୁ ସଫଳତା ଆଣି ଦେଇଛନ୍ତି। ସେ ଆସନ୍ତା ଜାନୁଆରୀ ୨୬ ତାରିଖ ଦିନ ଦିଲ୍ଲୀର କର୍ତ୍ତବ୍ୟ ପଥରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ହେବାକୁ ଯାଉଥିବା ଜାତୀୟ ପରେଡ଼ରେ ଭାଗନେଇ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଭବାନୀପାଟଣାକୁ ପ୍ରତିନିଧିତ୍ୱ କରିବେ। ସୂଚନାଯୋଗ୍ୟ ଯେ ସେ ପ୍ରଥମେ ମହାବିଦ୍ୟାଳୟ ସ୍ତରୀୟ,



ତାପରେ ବିଶ୍ୱବିଦ୍ୟାଳୟ ସ୍ତରରେ ଚୟନ ହୋଇ ରାଉରକେଲା ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଚୟନ ଶିବିରରେ ଯୋଗଦେଇଥିଲେ । ଶିବାନୀ ବାଗ ୨୦୦ ଜଣ ଛାତ୍ରୀ ଛାତ୍ରଙ୍କ ମଧ୍ୟରୁ ମାତ୍ର ୫୨ ଜଣ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ଚୟନ ହୋଇ ଅସାମର ଗୋହାଟୀ ଠାରେ ଅନୁଷ୍ଠିତ ପୂର୍ବାଞ୍ଚଳ ଚୟନ ଶିବିରରେ ଅଂଶଗ୍ରହଣ କରିଥିଲେ ଏବଂ ସେଠାରୁ ସେ ଅନ୍ତିମ ଚୟନ ପାଇଁ ମନୋନୀତ ହୋଇଥିଲେ। ଶିବାନୀକୁ ମିଶାଇ ମୋଟ ଆଠଜଣ ବିଭିନ୍ନ ବିଶ୍ୱବିଦ୍ୟାଳୟର ଏନ୍.ଏସ୍.ଏସ୍ ସ୍ୱେଚ୍ଛାସେବୀ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବାପାଇଁ ଆସନ୍ତା ଜାନୁଆରୀ ୧ ତାରିଖରୁ ଦିଲ୍ଲୀରେ ଆରମ୍ଭ ହେବାକୁ ଥିବା ଅଭ୍ୟାସ ପ୍ରକ୍ରିୟାରେ ଯୋଗଦେବେ । ଏହି ଶିବିରରେ ମୋଟ ୨୦୦ ଜଣ ସର୍ବଭାରତୀୟ ସ୍ତରୀୟ ଏନ୍.ଏସ୍.ଏସ୍ ସ୍ୱେଚ୍ଛାସେବୀ ଯୋଗଦେଇ ଅଭ୍ୟାସ କାର୍ଯ୍ୟ କରିବା ସହିତ ଆସନ୍ତା ଜାନୁଆରୀ ୨୬ ତାରିଖରେ କର୍ତ୍ତବ୍ୟ ପଥ ପରେଡ଼ରେ ଭାଗ ନେବେ । ଏହି ସଫଳତା ପାଇଁ ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ତ୍ରିଲୋଚନ ଜେନା, ଏନ୍.ଏସ୍.ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ଼.ରାଧାରାଣୀ ନାୟକ, ଏନ୍.ଏସ୍.ଏସ୍ ବ୍ୟୁରୋ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ଡ଼. ଚିତ୍ତରଞ୍ଜନ ଖୁଣ୍ଟିଆ ଏବଂ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଶୁଭେଚ୍ଛା ଜଣାଇଛନ୍ତି ।

# ପୂଜ୍ୟପାଦ ଆଚାର୍ଯ୍ୟ ଦେବଙ୍କ ଜୁନାଗଡ଼ ସତସଙ୍ଗ କେନ୍ଦ୍ର ପରିଦର୍ଶନ

ଜୁନାଗଡ଼,(ଭାସ୍କର ନ୍ୟୁଜ): ବିଶ୍ୱ ସତସଙ୍ଗର ପରମ ପୂଜ୍ୟ ପାଦ ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବ ତାଙ୍କର ଭାରତ ପରିକ୍ରମା କ୍ରମରେ ଜୁନାଗଡ ସତସଙ୍ଗ କେନ୍ଦ୍ର ନିକଟରେ ପହଞ୍ଚି ଉପସ୍ଥିତ ଗୁରୁ ଭ୍ରାତା ଓ ମା'ମାନଙ୍କ ଶୁଭାଶୁଭ ଖବର ନେଇଥିଲେ। ଏହି ଅବସରରେ ଆଚାର୍ଯ୍ୟ ଦେବ ସମସ୍ତଙ୍କୁ ଇଷ୍ଟ ପଥରେ ଚାଲି ନିଜେ ସୁଖ ଶାନ୍ତି ଆନନ୍ଦ ମୟ ଜୀବନ ଯାପନ କରିବା ସଙ୍ଗେ ସୁସ୍ଥ ପରିବେଶରେ ସମସ୍ତଙ୍କୁ ମଧ୍ୟ ସତ୍ ପଥରେ ଚାଲିବା ପାଇଁ ଉଦବୁଦ୍ଧ କରି ତୋଳିବା ପାଇଁ ଉଦବୋଧନ ଦେଇଥିଲେ। ଏହି ଅବସରରେ ପରମ ପୂଜ୍ୟ ପାଦ ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବଙ୍କୁ ସ୍ୱାଗତ ଜଣାଇବା ପାଇଁ ଜୁନାଗଡ଼ ବ୍ଲକର ବହୁ ଗୁରୁ ଭାଇ ଓ ମା' ଉପସ୍ଥିତ ରହି ଥିଲେ। ପରମ ପୂଜ୍ୟ ପାଦ ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବ ଅତ୍ୟନ୍ତ ପ୍ରୀତ ହୋଇ ଉପସ୍ଥିତ ସମସ୍ତ ଭକ୍ତ ଶ୍ରଦ୍ଧାଳୁମାନଙ୍କୁ ଆଶୀର୍ବାଦ କରିଥିଲେ। ଉପସ୍ଥିତି ଗୁରୁ ଭ୍ରାତା ଓ ମା ମାନ ମଧ୍ୟରେ ସତସଙ୍ଗ କେନ୍ଦ୍ରର ସଭାପତି ରମେଶ ଚନ୍ଦ୍ର ନାୟକ ( ସ ପ୍ର ର), ସମ୍ପାଦକ ଜଗନ ଚନ୍ଦାନୀ, ପୂର୍ବତନ ଜୁନାଗଡ ବ୍ଲକ ଅଧ୍ୟକ୍ଷ ରଶ୍ମି ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଲୋକ ଅଦାଲତ; ୬୮ ହଜାର ୯୭ ଟଙ୍କା ଆଦାୟ

କେସିଙ୍ଗା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ତାଲୁକ୍ ଆଇନ ସେବା ସମିତିର ଅଧ୍ୟକ୍ଷ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଧନଞ୍ଜୟ ନାୟକଙ୍କ ଅଧ୍ୟକ୍ଷତାରେ ଅଦାଲତ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ୧୯ଟି ଫାଇନାଲ କେସ୍ ବିଚାର କରାଯାଇଥିଲା। ଏତଦ୍‌ବ୍ୟତୀତ ୨ଟି ଚେକ୍‌ବାଉନ୍ସ ମାମଲା ବିଚାର କରାଯାଇ ୩ ଲକ୍ଷ ୩୫ହଜାର ଆଦାୟ କରାଯାଇଥିଲା। ଏହା ସହିତ ୫୬ଟି ପ୍ରାକ୍ ବ୍ୟାଙ୍କ ଜନିତ ମୋକଦ୍ଦମା ବାବଦକୁ ୧୨ ଲକ୍ଷ ୫୮ହଜାର ୮୪ଟଙ୍କା ଋଣ ଖିଲାପି ରାଶି ଆଦାୟ କରାଯାଇଥିଲା। ସେହିପରି ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ଲୋକ ଅଦାଲତରେ ୫୪ଟି ରାଜସ୍ୱ ମାମଲା ବାବଦକୁ ୬୮ ହଜାର ୯୭ଟଙ୍କା ରାଜସ୍ୱ ଆଦାୟ କରାଯାଇଥିଲା। କେସିଙ୍ଗାର ବିଭିନ୍ନ ବ୍ୟବସାୟିକ ବ୍ୟାଙ୍କ ଯୋଗ ଦେଇଥିଲେ। ଏଥିରେ ସରକାରୀ ଓକିଲ ପ୍ରକାଶ କୁମାର ଦାଶଙ୍କ ସମେତ ଓକିଲ ସଂଘର ଆଇନଜୀବୀ ବୃନ୍ଦ ଉପସ୍ଥିତ ଥିଲେ। ଏଥିରେ ଅଦାଲତର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଲୋକ ଅଦାଲତକୁ ପରିଚାଳନା ଓ ସହାୟତା କରିଥିଲେ।

# ବ୍ଲକ୍‌ସ୍ତରୀୟ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ-ଶିକ୍ଷୟିତ୍ରୀଙ୍କ ମାସିକ ଆଲୋଚନାଚକ୍ର




କେସିଙ୍ଗା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେସିଙ୍ଗା ପରିସରରେ ଦ୍ୱାଦଶତମ ବ୍ଲକ ସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ମାସିକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଏହି କାର୍ଯ୍ୟକ୍ରମର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶା ସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଫଳାଫଳ ବୃଦ୍ଧି କରିବାରେ ନିଶ୍ଚିତ ରୂପେ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ସରକାରୀ ଉଚ୍ଚ ବିଦ୍ୟାଳୟ ତୁର୍ଲାଖମନରୁ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ନରସିଂହ ପ୍ରଧାନ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ଏହି ଅବସରରେ କେସିଙ୍ଗା ବ୍ଲକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ପରିବାରର ତରଫରୁ ଶ୍ରୀ ପ୍ରଧାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା । ସରକାରୀ ଉଚ୍ଚବିଦ୍ୟାଳୟ ତୁର୍ଲାଖମନର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ଜେନା ଗତ ବୈଠକରେ ଆଲୋଚିତ ହୋଇଥିବା ବିଷୟବସ୍ତୁ ଉପରେ ନିଜର ବିବରଣୀ ପାଠ କରିଥିଲେ । ଏହାପରେ ଉପସ୍ଥିତ ସମସ୍ତ ପ୍ରଧାନ ଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟାଳୟର ସୃଜନୀ, କୌଶଳୀ, କ୍ରୀଡାଙ୍ଗନ ଓ ଜିଜ୍ଞାସା ଆଦି ବିଭିନ୍ନ କ୍ଲବର ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ପ୍ରକଳ୍ପ ଓ ପ୍ରଦର୍ଶନୀ ବୁଲି ଦେଖିବା ସହ ପାରସ୍ପରିକ ଭାବ ବିନିମୟ କରିଥିଲେ । ଏହି ଆଲୋଚନା ଅଧିବେଶନକୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେସିଙ୍ଗାର ପ୍ରଧାନ ଶିକ୍ଷକ ଶ୍ରୀ ସମୀର କୁମାର ବେହେରା ସଭାପତିତ୍ୱ କରିଥିଲେ । ଆୟୋଜକ ବିଦ୍ୟାଳୟ ଏହି କାର୍ଯ୍ୟକ୍ରମକୁ ଚିତ୍ତାକର୍ଷକ ଓ ସଫଳତାର ସହିତ ଆୟୋଜନ କରିଥିବାରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଆନନ୍ଦ କୁମାର ବେହେରା ଭୂୟସୀ ପ୍ରଶଂସା କରିଥିଲେ। ଆଲୋଚନା ପ୍ରସଙ୍ଗ ଅନୁଯାୟୀ ଉତ୍କର୍ଷ, ଆକାଂକ୍ଷୀ, ଖାନ୍ ଏକାଡେମୀ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୪ , ଏସ୍.ଆଇ.ଓ.ଏସ୍. ଓ ଆସନ୍ତା ଦଶମ ବୋର୍ଡ଼ ପରୀକ୍ଷା ବିଷୟରେ ଆଲୋଚନା କରାଯାଇଥିଲା । ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ଓ ଶିକ୍ଷୟିତ୍ରୀ ମୋନାଲିସା ନାୟକ ଚଳିତ ଶିକ୍ଷା ବର୍ଷ -୨୦୨୪-୨୫ର ବିଦ୍ୟାଳୟ ପ୍ରଗତି ଓ ସଫଳତାର ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଜି. କ୍ରିଷ୍ଣା ରେଡ୍ଡୀ ପରିଚାଳନା କରିଥିଲେ ।

# ଡୁମେରବାହାଲ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ୍ ଦାଦପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡୁମେରବାହାଲ ସରକାରୀ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ଗ୍ରାମର ଧରଣୀ ପୀଠ ଠାରୁ କ୍ରୀଡା ଉତ୍ସବ ନିମନ୍ତେ ଏକ ଚିତ୍ତାକର୍ଷକ ମଶାଲ ଶୋଭାଯାତ୍ରା ବାହାରି କରି ଗ୍ରାମ ପରିକ୍ରମା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହୃଷିକେଶ ନାଏକ, ସମ୍ମାନିତ ଅତିଥି ଭାବେ ସାନ ଗୁଣ୍ଡରୀ ପି ଏସ୍ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ନିର୍ମଳ ଚନ୍ଦ୍ର ଭୋଇ, ବିଦ୍ୟାଳୟ କମିଟିର ସଭାପତି ଉମାକାନ୍ତ ମାଝୀ, ଯୁବଜ୍ୟୋତି କ୍ଲବର ସଭାପତି ଝସକେତନ ଗଉଡ, ସମ୍ପାଦକ ଡମ୍ବରୁଧର ବେମାଲ ପ୍ରମୁଖ ଉପସ୍ଥିତ ଥିବାବେଳେ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଜୟଶ୍ରୀ ବହିଦାର ଅଧ୍ୟକ୍ଷତା କରିଥିଲେ । ଅତିଥିମାନେ ତାଙ୍କ ବକ୍ତବ୍ୟରେ ଶିକ୍ଷା ଲାଭ ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଛାତ୍ରଛାତ୍ରୀମାନଙ୍କ ପକ୍ଷରେ କ୍ରୀଡ଼ାର ଆବଶ୍ୟକତା ଅପରିହାର୍ଯ୍ୟ ବୋଲି ପ୍ରକାଶ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ମେଡାଲ ସହ ସାର୍ଟିଫିକେଟ ଅତିଥିମାନେ ପ୍ରଦାନ କରିଥିଲେ। ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟର ସହ ଶିକ୍ଷକ ବିନୋଦ ବିଶି, ଲୋଟସ୍ ତ୍ରିପାଠୀ, ଅସୀମ ଭୋଇ,ଶୁଭଶ୍ରୀ ମାଝୀ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଓ ବହୁ ନିମନ୍ତ୍ରିତ ଅତିଥି ଉପସ୍ଥିତ ଥିବା ଦେଖବାକୁ ମିଳିଥିଲା।

# ରାଶିଫଳ


**ସୋମବାର, ୧୬ ଡିସେମ୍ବର ୨୦୨୪**



**ମେଷ:** ବ୍ୟବସାୟରେ ସଫଳତା ହାସଲ କରିବାର ସମ୍ଭାବନା ଅଧିକ। ଆୟ ବୃଦ୍ଧି ପାଇବ। ମଜା ଏବଂ ମଜାଦାର ଧାରା ଦିନସାରା ଜାରି ରହିବ। ଆଜି ଆପଣ ଘର ସାଜସଜ୍ଜାରେ ନୂତନତା ଆଣିବେ। ଆଜି ଘର ସଜାଇବା ପାଇଁ ବ୍ୟବସ୍ଥା ମଧ୍ୟ ପରିବର୍ତ୍ତନ ହେବ। ସାମାଜିକ ପ୍ରସଙ୍ଗରେ ବାହାରକୁ ଯିବାର ସମ୍ଭାବନା ରହିବ।




**ବୃଷ:** ଆଜି ଆପଣ ବ୍ୟବସାୟର ବିକାଶ ପାଇଁ ଅଧିକ ଧ୍ୟାନ ଦେବେ। ନୂତନ ଯୋଜନା ଏବଂ ଚିନ୍ତାଧାରାର ନୂତନତ୍ୱ ସହିତ ବ୍ୟବସାୟ ପ୍ରଗତି ଆଡକୁ ଗତି କରିବ। ତଥାପି ସଫଳତା ବିଳମ୍ବ ହୋଇପାରେ ।



**ମିଥୁନ:** ମନରୁ ନକରାତ୍ମକ ଚିନ୍ତାଧାରାକୁ ହଟାଇ ଆପଣ ନିରାଶାରୁ ବାହାରି ଆସିବେ। ଅନୈତିକ କାର୍ଯ୍ୟଗୁଡ଼ିକ ଚିନ୍ତାର କାରଣ ହୋଇପାରେ । ତେଣୁ ଯଦି ସମ୍ଭବ ସେସବୁରୁ ଦୂରରେ ରୁହନ୍ତୁ ।




**କର୍କଟ:** ମନ ଆନନ୍ଦିତ ରହିବ। ସାଙ୍ଗମାନଙ୍କ ସହ ମନୋରଂଜନର ଉପଭୋଗକୁ ଦ୍ୱିଗୁଣିତ କରିବ। ମଧ୍ୟାହ୍ନ ଭୋଜନ ପରେ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଗାଡି ଚଳାଇବା ସମୟରେ ଯତ୍ନ ନିଅନ୍ତୁ ଏବଂ ଆପଣଙ୍କ କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ।ଏକ ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଆଜି ଭଲ ଦିନ ନୁହେଁ।




**ସିଂହ:** ଆପଣଙ୍କର ଅଧକ୍ଷତାରେ ବୃତ୍ତିଗତ ଲୋକମାନେ ବୃତ୍ତିଗତ ଭାବରେ ଉପକୃତ ହେବେ। ଧନ ପାଇବା ପାଇଁ ଦୃଢ ସମ୍ଭାବନା ଅଛି । ଆୟ ହେତୁ ଆର୍ଥିକ ଦୃଷ୍ଟିରୁ ସୁଧ ଫେରସ୍ତ ହେବ। ସେୟାର ଇତ୍ୟାଦି ମାଧ୍ୟମରେ ଆୟ ବୃଦ୍ଧି ହେବାର ସମ୍ଭାବନା ଅଛି।




**କନ୍ୟା:**ପୋଷାକ ସପିଂ ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ଉପଭୋଗ୍ୟ ହେବ । କଳା ପ୍ରତି ତୁମର ଆଗ୍ରହ ବିଶେଷ ହେବ। ବ୍ୟବସାୟରେ ବିକାଶ ହେତୁ, ମନରେ ସୁଖ ରହିବ । ବ୍ୟବସାୟରେ ସମୟ ଅନୁକୂଳ ହେବ। ପ୍ରତିଯୋଗୀମାନେ ଜିତିବେ ।



**ତୁଳା:** ଆଜି ଆପଣଙ୍କ ପାଇଁ ମଧ୍ୟମ ଫଳପ୍ରଦ ହେବ । ପ୍ରକୃତ ସମ୍ପତ୍ତି ଦଲିଲଗୁଡ଼ିକର ଯତ୍ନ ନିଅନ୍ତୁ । ମା'ଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ । ଧ୍ୟାନ ଦିଅନ୍ତୁ ଯେ ପରିବାରରେ କୈଣସି ବିବାଦ ହେବ ନାହିଁ ।



**ବିଛା:** ଘରୋଇ ଜୀବନରେ ଜଟିଳ ପ୍ରଶ୍ନର ସମାଧାନ ହେବ । ଏହା ସହିତ ଆପଣ ପ୍ରକୃତ ସମ୍ପତ୍ତି ସହିତ ଜଡିତ କାର୍ଯ୍ୟ ସହିତ ମୁକାବିଲା କରିବାକୁ ପାଇବେ । ଭାଇଭଉଣୀଙ୍କ ସହିତ ସମ୍ପର୍କରେ ରହିବ । ମଧ୍ୟାହ୍ନ ଭୋଜନ ପରେ କାର୍ଯ୍ୟରେ ଅସୁବିଧା ବୃଦ୍ଧି ପାଇବ। ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତା ଅନୁଭବ କରିବେ। ସାମାଜିକ କ୍ଷେତ୍ରରେ ପର୍ଯ୍ୟାପ୍ତ ପରିମାଣରେ ମିଳିବ ।




**ଧନୁ:** ଆଜି ମନ ଆଧ୍ୟାତ୍ମିକ ଚିନ୍ତାଧାରା ଏବଂ ପ୍ରବୃତ୍ତିରେ ନିୟୋଜିତ ହେବ । ତଥାପି ଛାତ୍ରମାନେ ପଢିବା ଏବଂ ଲେଖିବାରେ ଏକାଗ୍ରତା ବଜାୟ ରଖିବା ଆବଶ୍ୟକ । ମଧ୍ୟାହ୍ନ ଭୋଜନ ପରେ ଚିନ୍ତା କମାଇବା ପାଇଁ ସମାଧାନ ଖୋଜି ମାନସିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବ । ପ୍ରତିଯୋଗୀଙ୍କ ଇଚ୍ଛା ସଫଳ ହେବ ନାହିଁ।



**ମକର:** ଆଜି ପ୍ରତ୍ୟେକ କାର୍ଯ୍ୟ ବିନା ବାଧାରେ ସଂପୂର୍ଣ୍ଣ ହେବ। ଆପଣ ଆଧ୍ୟାତ୍ମିକ ପ୍ରବୃତ୍ତି ପାଇଁ ଆଗ୍ରହୀ ହେବେ। ମଧ୍ୟାହ୍ନ ପରେ ଆପଣଙ୍କ ମନରେ ନକାରାତ୍ମକ ଚିନ୍ତାଧାରାର ଆକ୍ରମଣ ହେତୁ, ନିରାଶାର ମେଘ ଦେଖାଯିବ ।



**କୁମ୍ଭ:** କୋର୍ଟ କାର୍ଯ୍ୟରେ ସଫଳତା ମିଳିବ। ପରୋପକାରୀ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ହେବ। ଭଗବାନଙ୍କୁ ଉପାସନା କରିବା ଆପଣଙ୍କ ମନରେ ଶାନ୍ତି ଆଣିବ । ମଧ୍ୟାହ୍ନ ପରେ ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସହଜରେ ସମାପ୍ତ ହେବ। ପାରିବାରିକ ଜୀବନରେ ସମନ୍ୱୟ ରହିବ ।



**ମୀନ:** ବିବାହ ଯୋଗ ଫିଟିବ। ବାଣିଜ୍ୟିକ କ୍ଷେତ୍ରରେ ମଧ୍ୟ ଲାଭ ହେବ । ପାରିବାରିକ ଜୀବନରେ ସୁଖ ଏବଂ ଶାନ୍ତି ରହିବ । ହୁଏତ କିଛି ସୁନ୍ଦର ସ୍ଥାନରେ ରହିବାକୁ ପଡିପାରେ। ସାଙ୍ଗମାନେ ମଧ ଉପକୃତ ହେବେ । ମଧ୍ୟାହ୍ନ ଭୋଜନ ପରେ ଆପଣ କୈଣସି କାରଣରୁ ମାନସିକ ସ୍ତରରେ ଚିନ୍ତିତ ହେବେ। ଧାର୍ମିକ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ଅଧିକ ରହିବ।




ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯